


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 43 •ISSUE-99 •SUNDAY •5 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୯୯ •ରବିବାର •୫ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


**ପୁଲିସ ଚାକିରି ବେପାର**

## ୧୧୮ ଗିରଫ; ତେର ଖୋଜୁଛି କ୍ରାଇମ୍‌ବ୍ରାଞ୍ଚ୍

# ବଡ଼ବଡ଼ିଆଙ୍କୁ ହାତ ପାଉନି

- ସମସ୍ତ ୯୩୩ ପଦ ବିକ୍ରି ପାଇଁ କରାଯାଇଥିଲା ଯୋଜନା
- ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସପ୍ଟ ମଧ୍ୟରେ ତଦନ୍ତ ସୀମିତ
- ବାରମ୍ବାର ପରୀକ୍ଷା ପରିଚାଳନା ସବ୍‌ଲେଟ୍ ସନ୍ଦେହଘେରରେ
- କିଏ ଦେଇଥିଲା ପରୀକ୍ଷା ପରିଚାଳନା ସଂସ୍ଥା ପରିବର୍ତ୍ତନ ଅନୁମତି
- ଆସନ୍ତା ୬ ତାରିଖରେ ପ୍ରତିବାଦ ଶୋଭାଯାତ୍ରା କରିବ ବିଜେଡି

■ **ଭୁବନେଶ୍ୱର/ବ୍ରହ୍ମପୁର, ୪।୧୦ (ସମିସ):** ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ମିଶାଇ ମୋଟ ୧୧୮ ଜଣ ଗିରଫ ହୋଇଛନ୍ତି। ମାତ୍ର ଘଟଣାକୁ ୫ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପୁଲିସ୍ ପହଞ୍ଚି ପାରିନାହିଁ। ପରୀକ୍ଷା ପରିଚାଳନା କରିବା ପାଇଁ ଟେଣ୍ଡର ପାଇଥିବା କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଜେରା କରାଯାଇ ନାହିଁ। ସେହି କମ୍ପାନୀଠାରୁ ସବ୍ ଟେଣ୍ଡର ପାଇଥିବା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିଲିକନ୍‌ଠାରୁ ସବ୍ ଟେଣ୍ଡର ନେଇଥିବା ପଞ୍ଚସପ୍ଟ ଟେକ୍ନୋଲୋଜି ମଧ୍ୟରେ ହିଁ ତଦନ୍ତ ସୀମିତ ରହିଛି।

ଅପରପକ୍ଷରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଜେଲ୍ ବିଭାଗର ଡିଜି ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କର ସମ୍ପୃକ୍ତିକୁ ନେଇ ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ▶ପୃଷ୍ଠା-୭

## ବାରଙ୍ଗରୁ ଆଉ ଜଣେ ଦଲାଲ ଗିରଫ


ବିଶ୍ୱରଞ୍ଜନ ବେହେରା

**ମୁନ୍ନା ମହାନ୍ତି, ଶଙ୍କର ପୃଷ୍ଟି ନିଖୋଜ**

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିର ବିକ୍ରି ରାକେଟ୍‌ର ଦୁଇ ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟିଙ୍କ ପତ୍ତା ପାଉନାହିଁ ପୁଲିସ। ଦୁହିଁଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଥିଲେ ବି ସେମାନେ ଫେରାର ଅଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ବାରଙ୍ଗ ଅଞ୍ଚଳରୁ ଅନ୍ୟ ଜଣେ ଦଲାଲକୁ ଗିରଫ କରିଛି। ଗିରଫ ଦଲାଲ ହେଲେ ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା। ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟ୍‌ର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହିତ ନିୟମିତ ଯୋଗାଯୋଗ କରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍‌ର ଅନ୍ୟ ଜଣେ ସଦସ୍ୟଙ୍କୁ ସେ ହସ୍ତାନ୍ତର କରିଥିଲେ ।

## ମୁଖ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ସବଇନ୍ସପେକ୍ଟର ପରୀକ୍ଷା କେଲେଙ୍କାରୀକୁ ନେଇ ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଓପିଆରବି (ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ) ଅଧ୍ୟକ୍ଷ ସୁଶାନ୍ତ ନାଥ, ଓପିଆରବି ସଦସ୍ୟ ଆଇପିଏସ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।ସୂଚନା ଅନୁଯାୟୀ ବୈଠକରେ ମୁଖ୍ୟ ସଚିବ ଏସଆଇ କେଲେଙ୍କାରୀ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଛନ୍ତି। ଏପରି ଦୁର୍ନୀତି କିପରି ହେଲା, ଦୁର୍ନୀତିର ମୂଳ ଖିଅ ଖୋଜିବା ପାଇଁ ତଦନ୍ତ କେତେବାଟ ଯାଇଛି, ପରୀକ୍ଷା ପରିଚାଳନାରେ ମୂଳ ତ୍ରୁଟି କେଉଁଠି ରହିବା ସେନେଇ ବୈଠକରେ ବ୍ୟାପକ ବିଚାର ବିମର୍ଶ କରାଯାଇଛି। ସେହିପରି ଏପର୍ଯ୍ୟନ୍ତ ହୋଇଥି ତଦନ୍ତ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିବା ନେଇ ମଧ୍ୟ ସୂଚନା ହସ୍ତଗତ ହୋଇଛି। ଏ ସମ୍ପର୍କରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ କହିଛନ୍ତି, ଯାହା ଘଟଣା ଘଟିଛି କ୍ରାଇମ୍‌ବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିଆଯିବ। ସଠିକ୍ ସମୟରେ ସ୍ୱଚ୍ଛ ଭାବେ ପରୀକ୍ଷା ହେବ ବୋଲି ଶ୍ରୀ ନାଥ କହିଛନ୍ତି।

## ପଞ୍ଚସପ୍ଟର ୩ଟି ଅଫିସ ସିଲ୍

ଚାକିରି ବେପାର ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ଚଳାଇଥିବାବେଳେ ଏସ୍‌ପି ଅନୀଲ ବେହୁରିଆ ଏହାର ତତ୍ତ୍ୱାବଧାନ କରୁଛନ୍ତି। ତେବେ ଏହାର ତଦନ୍ତ ଦାୟିତ୍ୱ ଡିଏସ୍‌ପି ରତ୍ନପ୍ରଭା ଶପଥୀଙ୍କୁ ପ୍ରଦାନ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓପିଆରବିଠୁ କାମ ନେଇଥିବା ସଂସ୍ଥା ସିଲିକନ୍ ମାଲିକ ସମେତ ୫ଜଣକୁ ପଚରାଉଚରା କରିଛି ଆଜି କ୍ରାଇମ୍‌ବ୍ରାଞ୍ଚ ଜେରା କରିଛି। ଏହା ସହ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ଥିବା ପଞ୍ଚସପ୍ଟ ସହ ଅନ୍ୟ ୩ ଅଫିସ ସିଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଫେରାର ଥିବା ଶଙ୍କର ପୃଷ୍ଟି ବ୍ରହ୍ମପୁରସ୍ଥିତ ପଞ୍ଚସପ୍ଟ ସଂସ୍ଥାର ମୁଖ୍ୟ ବୋଲି କୁହାଯାଉଛି। ଶଙ୍କର ଘର ଗଞ୍ଜାମ ଶେରଗଡ଼ ଅଞ୍ଚଳରେ ବୋଲି ସୂଚନା ମିଳିଛି।

## ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ଓପିଆର୍‌ବି ଅଧ୍ୟକ୍ଷ

■ **ଭୁବନେଶ୍ୱର, ୪।୧୦ (ସମିସ):** ଏସ୍‌ଆଇ ପରୀକ୍ଷା ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିବା ଗନ୍ଧ ବାରିଥିଲେ ପୂର୍ବତନ ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ। ୨୦୨୪ରେ ପୁଲିସ ଏସଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବା ପରେ ପ୍ରକ୍ରିୟାର ଦାୟିତ୍ୱ ନେଇଥିଲା ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ବା ଓପିଆରବି। ସେତେବେଳେ ଓପିଆରବିର ଅଧ୍ୟକ୍ଷ ଥିଲେ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ। ପରୀକ୍ଷା ପରିଚାଳନା ପାଇଁ ଓପିଆରବି ଦାୟିତ୍ୱ ଦେଇଥିଲା କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜୁରାଟର ଆଇଟିଆଇ ସଂସ୍ଥାକୁ। ଆଇଟିଆଇ ଗୁଜୁରାଟର ଆଉ ଏକ ସଂସ୍ଥା ରିଚ୍ ମାଇନସ ଡ଼ିଜିଟାଲକୁ ଏହି ଦାୟିତ୍ୱ ଦେଲା। ଏଥିରେ ଦୁର୍ନୀତି ଆଶଙ୍କା କରି ନିଜଆଡୁ ସେ ଗତ ଏପ୍ରିଲ ମାସରେ ଇସ୍ତଫା ଦେଇଥିଲେ। ଓପିଆରବି ଅଧ୍ୟକ୍ଷ ପଦରୁ ସନ୍ତୋଷ ଉପାଧ୍ୟାୟ ଇସ୍ତଫା ଦେବା ପରେ ସୁଶାନ୍ତ ନାଥ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ। ଏହା ପରେ ବଦଳିଗଲା ଓପିଆରବି ଅଧୀନରେ ପୁଲିସ ଏସ୍‌ଆଇ ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା।

## ସିଲିକନ୍ ଟେକ୍‌ଲାବ୍‌ରେ ୧୬ ଅଂଶୀଦାର

### ୩ ଜଣଙ୍କ ନିକଟରେ ୭୭.୩୧ ପ୍ରତିଶତ ଅଂଶ

■ **ଭୁବନେଶ୍ୱର, ୪।୧୦ (ସମିସ):** ଚାକରି ବେପାର ଘଟଣାରେ ବିବାଦୀୟ ସିଲିକନ୍ ଟେକ୍‌ଲାବ୍ ସମ୍ପର୍କରେ ଯେତେ ଖୋଳତାଡ଼ ହେଉଛି, ସେତିକି ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ପରୀକ୍ଷା ପରିଚାଳନାର ସାମାନ୍ୟ ଅଭିଜ୍ଞତା ନ ଥିବା ଏହି ସଂସ୍ଥା ଓପିଆର୍‌ବିଠାରୁ ଦାୟିତ୍ୱ ପାଇଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇଠାରୁ ଏସ୍‌ଆଇ ପରୀକ୍ଷା ପରିଚାଳନା ଭାର ଗ୍ରହଣ କରିଥିଲା ଓଡିଶାରେ ପୁଲିସ ଏସଆଇ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ ଉଦ୍ୟୋଗ ଆଇଟିଆଇର ପ୍ରଥମ ସହଯୋଗୀ ସଂସ୍ଥା ଥିଲା ଗୁଜୁରାଟର ଘରୋଇ ସଂସ୍ଥା ରିଚ୍ ମାଇଣ୍ଡସ। ସେତେବେଳେ ବି ଅନୁରୂପ ଅନିୟମିତା ଅଭିଯୋଗ ହୋଇଥିଲା ଓ ଏହି ସଂସ୍ଥାକୁ ପରୀକ୍ଷା ପରିଚାଳନାରୁ ଅବ୍ୟାହତି ଦିଆଯାଇଥିଲା। ଏହାପରେ ଓଡ଼ିଶାର ଘରୋଇ ସଂସ୍ଥା ସିଲିକନ୍ ଟେକଲାବ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା। ସେତେବେଳେ ସିଲିକନ୍ ସଂସ୍ଥାର ଅଭିଜ୍ଞତା ଓ ବିଶ୍ୱସନୀୟତାକୁ କିଏ ଯାଞ୍ଚ କରିଥିଲା ତାର କୌଣସି ତଥ୍ୟ ନାହିଁ।

STL see the unseen
Silicon Techlab Pvt. Ltd

ପୁନଶ୍ଚ ଏହି ସଂସ୍ଥା ପୁଣି ପଞ୍ଚସପ୍ଟ ଟେକନୋଲୋଜିକୁ ସହଯୋଗୀ ସଂସ୍ଥା ଭାବେ ପରୀକ୍ଷା ପରିଚାଳନା ପାଇଁ ବାଛିବା ପଛରେ କାହାର ହାତ ଥିଲା ତାହା ଏବେ ମଧ୍ୟ ସନ୍ଦେହରେ। କମ୍ପାନୀ ରେକର୍ଡ ଅନୁସାରେ ଏହି ସଂସ୍ଥାରେ ୧୬ଜଣ ଅଂଶୀଦାର ଥିଲେ ହେଁ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ସମୀର ରଥ, ଶାଶ୍ୱତୀ ମିଶ୍ର ଏବଂ ଏସ ଭି ଏରାଙ୍କି ପ୍ରମୁଖ ୫ ଜଣ ନିର୍ଦ୍ଦେଶକ ରହିଥିଲେ। ମାତ୍ର କୌତୂହଳର କଥା ହେଉଛି ଏହାର ୧୬ ଅଂଶୀଦାରଙ୍କ ନିକଟରେ ମାତ୍ର ୨୨.୬୯% ଅଂଶ ରହିଥିବାବେଳେ ୩ଜଣଙ୍କ ନିକଟରେ ଥିଲା ୭୭.୩୧ ଅଂଶ। ନିର୍ଦ୍ଦେଶକ ସୁରେଶ ନାୟକଙ୍କ ନିକଟରେ ୩୦.୭%, ସଞ୍ଜୀବ ନାୟକଙ୍କ ନିକଟରେ ୨୧.୩୬% ଓ ଏସ୍‌ଟିପିଏଲ୍ ନାମକ ଏକ ସଂସ୍ଥା ନିକଟରେ ୨୫.୨୫% ଅଂଶ ଥିବା ସୂଚନା ମିଳିଛି। ତେଣୁ ଚାକିରି ବେପାରରେ ଅନ୍ୟ ଅଂଶୀଦାରଙ୍କ ଭୂମିକା କ'ଣ ରହିଛି ତାହାର ଅନୁସନ୍ଧାନ ହେବାର ଆବଶ୍ୟକ ରହିଛି ବୋଲି ଦାବି ହୋଇଛି।

## ଅଧିନାୟକ ପଦରୁ ବିଦାହେଲେ ରୋହିତ

# ଗିଲ୍‌ଙ୍କୁ ଦିନିକିଆ ନେତୃତ୍ୱ




■ **ମୁମ୍ବାଇ, ୪।୧୦ (ଏଜେନ୍ସି):** ଭାରତୀୟ ଦିନିକିଆ ଦଳର ଅଧିନାୟକ ପଦରୁ ରୋହିତ ଶର୍ମାଙ୍କୁ ହଟାଇ ଦିଆଯାଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ତାଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଦଳର ନେତୃତ୍ୱ ଦିଆଯାଇଛି। ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ରୋହିତଙ୍କ ସ୍ଥାନରେ ମଧ୍ୟ ଗିଲ୍‌ଙ୍କୁ ନେତୃତ୍ୱ ନେବା ଲାଗି ଚୟନ କରାଯାଇଥିଲା। ଅଷ୍ଟ୍ରେଲିଆରେ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଲାଗି ଟେଷ୍ଟ ଓ ଟି-୨୦ କ୍ରିକେଟରୁ ଅବସର ନେଇଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଶ୍ରେୟସ ଆୟରଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଥିଲା ବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍ ଲାଗି ବିଶ୍ରାମ ଦିଆଯାଇଛି। (ବିବରଣୀ: ଖେଳ ପୃଷ୍ଠାରେ...)

**ଭାଇଚାରାର ସହରରେ ରକ୍ତର ଛିଟା**

# ଭସାଣିରେ ଗୋଷ୍ଠୀ ସଂଘର୍ଷ: ୬ ଗୁରୁତର, ଆଇସିୟୁରେ ୨

■ **କଟକ, ୪।୧୦ (ସମିସ):** ଭାଇଚାରାରେ ରକ୍ତଛିଟା। ଐତିହାସିକ କଟକ ଦୁର୍ଗାପୂଜା ଭସାଣିରେ ଗତକାଲି ବିଳମ୍ବିତ ରାତିରେ କଟକ ଦରଘାବଜାର ଥାନା ଅଞ୍ଚଳରେ ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ ଘଟିଛି। ୨ ଗୋଷ୍ଠୀ ମଧ୍ୟରେ ଢେଲା ଓ କାଚ ବୋତଲ ମାଡ଼ ହୋଇଥିବା ବେଳେ ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୬ ଆକ୍ରମଣକାରୀଙ୍କୁ

**ଡିସିପିଙ୍କ ସମେତ ୩ ପୁଲିସ କନେଷ୍ଟବଳ ଆହତ**

**ସୋମବାର ଭିଏଚ୍‌ପିର 'କଟକ ବନ୍ଦ' ଡାକରା**

ଦରଘାବଜାର ପୁଲିସ ଗିରଫ କରିଛି। ଅନ୍ୟପଟେ ସିସି କ୍ୟାମେରା, ନିୟୋଜିତ ଡ୍ରୋନ୍ ଫୁଟେଜ୍ ଏବଂ ପୁଲିସ ପକ୍ଷରୁ ସୁଟିଂ ହୋଇଥିବା ଭିଡିଓ ଫୁଟେଜ୍‌ରୁ ଆକ୍ରମଣକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି। ସର୍ଚ୍ଚ ଅପରେସନ୍‌କୁ ମଧ୍ୟ ପୁଲିସ ଜୋରଦାର୍ କରିଛି।

ଗତକାଲି ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ଗଣ୍ଡଗୋଳ ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପରେ ଉଭୟ ଗୋଷ୍ଠୀ ଢେଲା ଓ କାଚ ବୋତଲ ମାଡ଼ କରିଥିଲେ। ଏଥିରେ ଡିସିପି ଖିଲାରି ରଷିକେଶ ଦ୍ୟାନଦେଓ ମଧ୍ୟ ଆହତ ହୋଇଛନ୍ତି। ପଥର ମାଡ଼ରେ ତାଙ୍କ ଆଖିପତା ଫାଟି ଯାଇଛି। ସେହିପରି ▶ପୃଷ୍ଠା-୭

## ନିନ୍ଦାକଲେ ନବୀନ

**ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ**

**ଆଇନଶୃଙ୍ଖଳାକୁ ବିଗାଡ଼ିଦେଉଛି ପୁଲିସ ଉପରେ ଚାପ**



■ **ଭୁବନେଶ୍ୱର, ୪।୧୦ (ସମିସ):** ଦୁର୍ଗାପୂଜା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏ ସଂପର୍କରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ୍ ଚିନ୍ତାଜନକ। ଭସାଣି ସମୟରେ ଢେଲା-ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ବିଜେପି ସରକାରରେ ପୁଲିସ ଉପରେ ରହୁଥିବା ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଉଛି। ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେଉ। ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

# ବିମାନବନ୍ଦରରୁ ପୁଣି ଜବତ ହେଲା ୩ କୋଟିର ମାରିଜୁଆନା

■ **ଭୁବନେଶ୍ୱର, ୪।୧୦ (ସମିସ):** ନିଶା ଚାଲାଣର ସହଜ ବାଟପାଲଟିଛି ବିଜୁ ପଟ୍ଟନାୟକ ବିମାନ ବନ୍ଦର। ଏଠାରେ ଯାଞ୍ଚ କଡ଼ାକଡ଼ି ନଥିବାରୁ ନିଶା ମାଫିଆଙ୍କ ଆଖି ଏହି ବିମାନ ବନ୍ଦର ଉପରେ। ଗତ କିଛି ମାସ ହେବ ନିୟମିତ ଭାବେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଦେଇ ନିଶା ଚାଲାଣ ହେଉଛି। ଯେତେ ଧରାପଡୁଥିଲେ ମଧ୍ୟ ନିଶା ଚାଲାଣ ଥମୁନି। ଦେଢ଼ମାସ ପୂରିନି ପୁଣି ଥରେ ଜବତ ହୋଇଛି ମାରିଜୁଆନା। ବିମାନବନ୍ଦରରୁ ୩ କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ମାରିଜୁଆନା ଆଣିଥିବା କେରଳର ଯାତ୍ରୀଙ୍କୁ କଷ୍ଟମ ବିଭାଗ ଅଟକ ରଖି ପଚରାଉଚରା କରୁଛି। ଏହି ଯାତ୍ରୀ ଜଣକ ହେଉଛନ୍ତି ମହମ୍ମଦ। ବ୍ୟାଙ୍କକରୁ ମାରିଜୁଆନା ଆଣି ଏୟାରଇଣ୍ଡିଆ ବିମାନରେ ଭୁବନେଶ୍ୱର ଆସିଥିଲେ। ଏହି ଯାତ୍ରୀଙ୍କ ଚାଲିଚଳନରେ ସନ୍ଦେହ ହେବାରୁ ବିମାନ ବନ୍ଦରରେ ଅଟକାଇ ଲଗେଜ ବ୍ୟାଗର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୩.୨ କିଲୋ ମାରିଜୁଆନ ମିଳିଥିଲା।



**ବ୍ୟାଙ୍କକରୁ ଆସୁଥିଲା, ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା**

**ଭୁବନେଶ୍ୱରକୁ ନିଶା ହବ୍ କରିବାକୁ ଅନ୍ତର୍ଜାତୀୟ ଚକ୍ରାନ୍ତ**

ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ଦେଇ ବିଦେଶରୁ ବ୍ୟାପକ ପରିମାଣରେ ▶ପୃଷ୍ଠା-୭

**ସିନେଟ୍‌ରେ ଅଟକିଛି ଅର୍ଥ ବିଲ୍**

# ୪ ଦିନ ହେଲା ଆମେରିକା ସଟ୍‌ଡାଉନ୍

### ନାସା ବି ବନ୍ଦ ■ ଛୁଟିରେ ଗଲେ ୭ ଲକ୍ଷ ୫୦ ହଜାର କର୍ମଚାରୀ

■ **ୱାଶିଂଟନ, ୪।୧୦ (ଏଜେନ୍ସି):** ସିନେଟ୍‌ରେ ଅର୍ଥ ବିଲ୍ ଅନୁମୋଦନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାରୁ ଗତ ୪ ଦିନ ଧରି ଆମେରିକା ଅଚଳ (ସଟ୍‌ଡାଉନ୍) ହୋଇଯାଇଛି। କେବଳ କିଛି ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସେବା ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏପରିକି ଆମେରିକାର ମହାକାଶ ସଂସ୍ଥା 'ନାସା' ମଧ୍ୟ ବନ୍ଦ ହୋଇଯାଇଛି। ଦେଶର ସାଢ଼େ ସାତ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟତ ଏବେ ବିପଦ ମୁହଁକୁ ଠେଲି ହୋଇଯାଇଛି। ସାତ ଲକ୍ଷ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଛଟେଇ ହେବାର ଆଶଙ୍କା ରହିଛି। ଏହାଛଡ଼ା ଅନେକ କର୍ମଚାରୀଙ୍କୁ ଏବେ ବିନା ବେତନରେ କାମ କରିବାକୁ ପଡ଼ିବ। ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ଆମେରିକାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯାଇଛି।

**ଜିଦ୍‌ରେ ଅଟଳ ଡେମୋକ୍ରାଟ୍ ସଦସ୍ୟ; ଅଡୁଆରେ ଟ୍ରମ୍ପ**

ନିୟମ ଅନୁଯାୟୀ ଆମେରିକାର ବିଭିନ୍ନ ବିଭାଗ ପାଇଁ ସଂସଦ ପ୍ରତିବର୍ଷ ଅକଟୋବର ପହିଲା ତାରିଖ ସୁଦ୍ଧା ଅର୍ଥ ମଞ୍ଜୁର କରିଥାଏ। ମଞ୍ଜୁରୀ ମିଳିବା ପରେ ୧ ତାରିଖରୁ ବିଭାଗଗୁଡ଼ିକ ବଜେଟ ଖର୍ଚ୍ଚ ଆବଣ୍ଟନ କରାଯାଏ। କିନ୍ତୁ ଏଥର ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏବଂ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ମଧ୍ୟରେ ମତଭେଦ ଯୋଗୁଁ



ଏହା ସମ୍ଭବ ହୋଇପାରି ନାହିଁ। ସ୍ୱାସ୍ଥ୍ୟ ସେବାକୁ ମିଳୁଥିବା ସବସିଡିକୁ କାଟିବା ଲାଗି ଟ୍ରମ୍ପ ପ୍ରଶାସନ ଜିଦ୍ ଧରିଥିବା ବେଳେ ଡେମୋକ୍ରାଟିକ ପାର୍ଟି ଏହାର ବିରୋଧ କରୁଛି। ଯେଉଁ ପର୍ଯ୍ୟନ୍ତ ଏହି ସବସିଡି ବ୍ୟବସ୍ଥା ଅବ୍ୟାହତ ରଖାନଯାଇଛି, ସେପର୍ଯ୍ୟନ୍ତ ଡେମୋକ୍ରାଟ୍ ସାଂସଦ ଅର୍ଥ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆମେରିକା ସଂସଦ ବା କଂଗ୍ରେସର ନିମ୍ନ ସଦନ (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍) ରେ ଟ୍ରମ୍ପଙ୍କ ପାର୍ଟିର ସଂଖ୍ୟାଗରିଷ୍ଠତା ଥିବା ବେଳେ ଉଚ୍ଚ ସଦନ (ସିନେଟ୍)ରେ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିର ଅଧିକ ସାଂସଦ ରହିଛନ୍ତି। ତେଣୁ ସିନେଟରେ ବିଲ୍ ପାସ୍ କରିବାକୁ ହେଲେ ଡେମୋକ୍ରାଟ୍ ପାର୍ଟିର ସମର୍ଥନ ଜରୁରୀ। ଫଳାରେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଅର୍ଥ ମଞ୍ଜୁର ହୋଇନଥିବାରୁ ଜାତୀୟ ଅର୍ଥନୀତି ▶ପୃଷ୍ଠା-୭

# ଅନାସ୍ଥା ଭୋଟ୍‌ରେ ହାରିଲେ ବ୍ଲକ୍ ଅଧକ୍ଷା ରାଜେଶ୍ୱରୀ

କୁନ୍ଦୁରା, ୪।୧୦(ସମିସ): ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୋଧରେ ହୋଇଥିବା ଅନାସ୍ଥା ଭୋଟ୍ ହୋଇଛି । ଗତ ଦୁଇ ମାସ ହେବ ବ୍ଲକ ଅଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗର ଶନିବାର ଭୋଟ୍ ପ୍ରକ୍ରିୟା ଶେଷ ହୋଇଛି । ଗତ ସେପ୍ଟେମ୍ବର ୧୯ ତାରିଖ ଜୟପୁର ଉପଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା -୭୮୫୭/୨୫ ଅନୁସାରେ ତହସିଲ୍‌ଦାର ତଥା ମାଜିଷ୍ଟ୍ରେଟ୍ ବିନୋଦ କୁମାର ନାଏକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସମିତି ବୈଠକ ଓ ଅନାସ୍ଥା ପ୍ରସ୍ତାବ ଭୋଟ୍ ହୋଇଥିଲା । ଦିନ ୧୧ଟାରେ ଆରମ୍ଭ ହୋଇ ସାଢ଼େ ୧୨ଟାରେ ସରିଥିଲା ପ୍ରକ୍ରିୟା । ବିପକ୍ଷରେ ଗୋଟିଏ ହେଲେ ଭୋଟ୍ ପଡ଼ି ନ ଥିବାବେଳେ ସପକ୍ଷରେ ଯାଇଥିଲା ୨୮ ଭୋଟ୍ । ନିୟମ ଅନୁସାରେ ପ୍ରତିନିଧିଙ୍କ ସମ୍ମୁଖରେ ଗଣତି କରାଯାଇ ଭୋଟ୍ ବାକ୍ସ ସିଲ୍ କରାଯାଇଥିଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭୋଟ୍ ପ୍ରକ୍ରିୟା ଲିପିବଦ୍ଧ କରି ପାଠ କରାଯାଇଥିଲା ଓ ସମସ୍ତଙ୍କ ଦସ୍ତଖତ ନିଆଯାଇଥିଲା । ଅନାସ୍ଥା ପ୍ରସ୍ତାବ ଆଣିବା ପରେ ଦସ୍ତଖତ ପ୍ରାମାଣିକ ଯାଞ୍ଚ ସମୟରେ ସମୁଦାୟ ୨୬ ଜଣ ଜନ ପ୍ରତିନିଧି ଦସ୍ତଖତ ଦେଇଥିଲେ କିନ୍ତୁ ଶନିବାର ଆଉ ଦୁଇ ଜଣ ସମିତି ସଭ୍ୟା ସାମିଲ୍ ହୋଇଥିଲେ । କୁନ୍ଦୁରା ଜିପିଡିଓ ଜଗତସିଂହ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ ପୁଲିସ୍ ଟିମ୍ ସହ ରହି ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ । ଅଧକ୍ଷାଙ୍କ ଇସ୍ତଫା ଦେବା ପରେ ଅନାସ୍ଥା ଭୋଟ୍ ହେବା ନେଇ ବିଭିନ୍ନ ମହଲରେ ଦ୍ୱନ୍ଦ ଲାଗିରହିଥିଲା । କିନ୍ତୁ ତାହା ଆଜି ଦୂର ହୋଇଛି । ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା । ଶେଷ ମୁହୂର୍ତ୍ତରେ ଅଧକ୍ଷା ଇସ୍ତଫା ଦେଲେ ତାହା ଜିଲ୍ଲାପାଳଙ୍କ ଦ୍ୱାରା ଗ୍ରହଣ ହୋଇଥିଲେ ଭୋଟ୍ ହୋଇ ନ ଥା'ନ୍ତା । ସମୟସାପେକ୍ଷ ହେତୁ ଗ୍ରହଣ ପ୍ରକ୍ରିୟା ଶେଷ ହୋଇପାରିଲା ନାହିଁ । ଏଣୁ ଶନିବାର ଭୋଟ୍ ହେଲା । ନୂତନ ଅଧକ୍ଷ, ଅଧକ୍ଷା ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଉପାଧକ୍ଷ ତରୁଣୀସେନ ବିଶୋୟୀ ଦାୟିତ୍ୱରେ ରହିବାକୁ ନିୟମ ରହିଛି ବୋଲି କହିଛନ୍ତି ତହସିଲ୍‌ଦାର ଶ୍ରୀ ନାଏକ । ଏନେଇ ବିଡିଓ ପି.ମନସ୍ୱିତାଙ୍କୁ ପଚାରିବାରୁ ଅଧକ୍ଷାଙ୍କ ଇସ୍ତଫା ପରେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ । ନିୟମ ପ୍ରକାରେ ଉପାଧକ୍ଷ ଦାୟିତ୍ୱରେ ରହିବେ ବୋଲି କହିଛନ୍ତି । କାର୍ଯ୍ୟକ୍ରମ ସରିବା ପରେ ସମସ୍ତ ପ୍ରତିନିଧି ଓ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା । ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ, ଜିଲ୍ଲା ପରିଷଦ ଉପାଧକ୍ଷ ରାଧାବିନୋଦ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଳିକ, ଯୁବ ସଭପତି ବିକ୍ରମ କୁମାର ବେହେରା, ବରିଷ୍ଠ ନେତା ନରେନ୍ଦ୍ର ପ୍ରଧାନ, ଜୟପୁର ନିର୍ବାଚନମଣ୍ଡଳୀ ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର (କୁନି) ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ୭ ବର୍ଷର ରେକର୍ଡ ଭାଙ୍ଗିଲା ଇନ୍ଦ୍ରାବତୀ ଜଳଭଣ୍ଡାର

- କ୍ରମାଗତ ବୃଦ୍ଧି ପାଉଛି ଜଳ ପତନ
- ୭ ବର୍ଷ ବ୍ୟବଧାନରେ ଫାଟକ ଖୋଲିବାକୁ ପ୍ରଶାସନ ପକ୍ଷରୁ ଘୋଷଣା

ତେନ୍ତୁଲିଖୁଣ୍ଟି, ୪।୧୦(ସମିସ)



ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତନ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାର ଜଳପତନ ୬୪୦.୭୫ ମିଟରରେ ପହଞ୍ଚିଛି । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ହୋଇଥିବାବେଳେ ଅବବାହିକା ଅଞ୍ଚଳରେ ଯଦି ଲଗାଣ ବର୍ଷା ଜାରି ରହେ ତେବେ ଜଳପତନ ୬୪୧ ମିଟର ଅତିକ୍ରମ କରିବା ପରେ ଯେକୌଣସି ସମୟରେ ଫାଟକ ଖୋଲିବାକୁ ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଛି ।

ଜଳଭଣ୍ଡାର ଜଳପତନ ୬୪୧ ମିଟର ଅତିକ୍ରମ କରିବା ପରେ ୨୦୧୭ ଅଗଷ୍ଟ ୧୫ରେ ଶେଷଥର ପାଇଁ ଏହାର ୭ଟି ଫାଟକ ମଧ୍ୟରୁ ୨ଟି ଫାଟକ ଅଧ ମିଟର ଲେଖାଏଁ ୨ ଦିନ ପାଇଁ ଖୋଲାଯାଇଥିଲା । ଏହା ପରେ ୭ ବର୍ଷ ଧରି ଜଳଭଣ୍ଡାର ପୂର୍ଣ୍ଣ ହେଉ ନ ଥିବାରୁ ଫାଟକ ଖୋଲିବା ଆବଶ୍ୟକତା ପଡ଼ି ନ ଥିବା ସୂଚନା ମିଳିଛି । ବୃହତ୍ ଇନ୍ଦ୍ରାବତୀ ଜଳଭଣ୍ଡାର କପୁର, ମୁରାନ, ପୋଡ଼ାଗଡ଼ ଓ ଇନ୍ଦ୍ରାବତୀ ଭଳି ୪ଟି ଚିରସ୍ରୋତା ନଦୀକୁ ନେଇ ଗଠିତ । ଜଳଭଣ୍ଡାର ପରିସୀମା କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ, କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ, ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଓ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଓ ନନ୍ଦହାଣ୍ଡି ବ୍ଲକକୁ ସ୍ପର୍ଶ କରିଛି । ୨୬୩୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳର ବର୍ଷାଜଳ ୧୧୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଜଳଭଣ୍ଡାରରେ ଗଚ୍ଛିତ ରହେ । ଚଳିତ ବର୍ଷ ବଙ୍ଗୋପ ସାଗରରେ ଏକାଦଶତମ ଲଘୁଚାପ ସକ୍ରିୟ ଥିବା ସହ ଜଳଭଣ୍ଡାର ଅବବାହିକା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାର ପୂର୍ଣ୍ଣ ହେବା ନେଇ ଆଶା ସୃଷ୍ଟି ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩୯୩.୮୯୫ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ମୁଖିଗୁଡ଼ାସ୍ଥିତ ୧୫୦ ମେଗାୱାଟ୍ ଶକ୍ତି ସମ୍ପନ୍ନ ୪ଟି ଟର୍‌ବାଇନ୍ ମାଧ୍ୟମରେ ୩୬୪୧ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ପରେ ସେକେଣ୍ଡ ପ୍ରତି ୮୪.୮୭୫ ଘନମିଟର ଜଳ ପାୱାର ଚ୍ୟାନେଲ ମାଧ୍ୟମରେ ମଙ୍ଗଳପୁର ବ୍ୟାରେଜ୍‌ରେ ଗଚ୍ଛିତ ରହି ହାତୀ ନଦୀ, ତେଲ ନଦୀରେ ପ୍ରବାହିତ ହେବା ପରେ ମହାନଦୀରେ ସମିଶ୍ରଣ ହୋଇ ବଙ୍ଗୋପ ସାଗରରେ ମିଶିଥାଏ । ମୁଖିଗୁଡ଼ାସ୍ଥିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ନରେଶ ଚନ୍ଦ୍ର ପାତ୍ର ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଇନ୍ଦ୍ରାବତୀ ମୁଖ୍ୟ ଜଳଭଣ୍ଡାର ନିକଟରେ ପୋଡ଼ାଗଡ଼ ଓ ମୁରାନ୍ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ନେଲ୍‌ସନ୍ ତାଡିଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରଜତ କୁମାର ପାତ୍ର, ଯାନ୍ତ୍ରିକ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶ୍ରୀକାନ୍ତ କୁମାର ସାହୁ, ପୋଡ଼ାଗଡ଼ ବନ୍ଧ ବିଭାଗ ବରିଷ୍ଠ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସରୋଜକାନ୍ତ ଦାସ, କନିଷ୍ଠ ଯନ୍ତ୍ରୀ ଇଂ. ଏସ୍ ଚିଦାନନ୍ଦ, ଇଂ. ଅମର ପ୍ରସାଦ ସେଠୀ ତଦାରଖ କରିଥିବାବେଳେ ମୁରାନ୍ ବନ୍ଧ ନିକଟରେ ଇଂ. ସିଏଚ୍ ଭବାନୀ ଶଙ୍କର, ଇଂ. ଅରବିନ୍ଦ ପ୍ରଧାନ, ଇଂ. ଚିନ୍ମୟ କୁମାର ରାଉତରାୟ, ବରିଷ୍ଠ ଉପଦେଷ୍ଟା ବୈଷ୍ଣବ ଚରଣ ସାହୁ ପ୍ରମୁଖ ଅନୁଧ୍ୟାନ କରିଥିବା ବେଳେ ମୁଖିଗୁଡ଼ା ମହୁଲପାଟନା ଟନେଲ ଇନ୍ ଟେକ୍ ଦାୟିତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବୁଧୁରାଇ ସୋରେନ ଅନୁଧ୍ୟାନ କରିଛନ୍ତି । ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଦପ୍ତର ଖାତିଗୁଡ଼ାସ୍ଥିତ ଜଳସମ୍ପଦ ବିଭାଗ ତରଫରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଜଳଭଣ୍ଡାର ଜଳପତନ ଓ ଅବବାହିକା ଅଞ୍ଚଳରେ ବର୍ଷା ସମ୍ପର୍କରେ ପ୍ରତି ଘଣ୍ଟାରେ ରିପୋର୍ଟ ପ୍ରଦାନ କରିବାକୁ ଜୟପୁରରେ ଅବସ୍ଥାପିତ ଉପର କୋଲାବ ଓ ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ ଇଂ ଯୁଗଳ କିଶୋର ଖଟୁଆ ନିର୍ଦ୍ଦେଶ ଦେଇଛନ୍ତି ।

## ମାଟି ଘର ଭୁଶୁଡ଼ି ଶିଶୁ ମୃତ

ଉମରକୋଟ, ୪।୧୦(ସମିସ): ମାଟି ଘର ଭୁଶୁଡ଼ି ତଳେ ଚାପିହୋଇ ଜଣେ ୭ ବର୍ଷ ଶିଶୁର ମୃତ୍ୟୁ ଘଟିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ଥାନା ଅଞ୍ଚଳ ପଞ୍ଚାୟତ ପଇଁରିଚଚରା ଗାଁରେ । ମୃତ ଶିଶୁ ହେଲା ପୀତବାସ ସାନ୍ତାଙ୍କ ଝିଅ ଭୂମିକା ସାନ୍ତା(୭) । ଗତ ୧ ତାରିଖରେ ସନାଧର ସାନ୍ତାଙ୍କ ୨ ଝିଅ ସୁତି (୪), ଏଲିସା(୨) ଏବଂ ପୀତବାସଙ୍କ ଝିଅ ଭୂମିକା ତିନିଜଣ ମିଶି ସନାଧରଙ୍କ ପୁରୁଣା ମାଟିଘର ପାଖରେ ଖେଳୁଥିଲେ । ସେହି ସମୟରେ ହଠାତ୍ ପୁରୁଣା ମାଟି ଘରଟି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଯାଇଥିଲା । ଘଟଣାସ୍ଥଳରେ ଭୂମିକାଙ୍କ ମୃତ୍ୟୁ ହୋଇଥିଲା । ଗୁରୁତର ଅବସ୍ଥାରେ ସୁତି ଓ ଏଲିସାଙ୍କୁ ପରିବାର ଲୋକେ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଉଭୟ ଶିଶୁଙ୍କ ମୁଣ୍ଡ, ଛାତି ଓ ମୁହଁରେ ଗଭୀର ଆଘାତ ଲାଗିଛି । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ବାଇକ୍ ଧକ୍କାରେ ମହିଳା ମୃତ

ନବରଙ୍ଗପୁର, ୪।୧୦(ସମିସ): ଶୁକ୍ରବାର ମଧ୍ୟାହ୍ନ ସମୟରେ ନବରଙ୍ଗପୁର ଥାନା ଅନ୍ତର୍ଗତ ନବରଙ୍ଗପୁର ପାପଡ଼ାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥ ମୁଖ୍ୟ ରାସ୍ତା ତାରାଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଉକ୍ତ ସ୍ଥାନରେ ତିନି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଗୁରୁତର ଆହତଙ୍କୁ ପୁଲିସ ଗାଡ଼ିରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଛି । ନବରଙ୍ଗପୁର ପୌରପାଳିକାର ସଫେଇ କର୍ମଚାରୀ ମୁକୁନ୍ଦ ଜାନୀ, ପତ୍ନୀ ନଦେଇ ଜାନୀ, ପୁଅ ଚିଣ୍ଟୁ, ଝିଅ ରୋଷଣି ଗୋଟିଏ ବାଇକ୍‌ରେ ପାପଡ଼ାହାଣ୍ଡି ଦୁର୍ଗାପୂଜା ଦେଖିବା ପାଇଁ ଯାଉଥିଲେ । ତେବେ ରାସ୍ତାରେ ପଛପଟୁ ଗୋଟିଏ ପଲ୍‌ସର ବାଇକ୍ ଆସି ଧକ୍କା ଦେଇଥିଲା । ଫଳରେ ମୁକୁନ୍ଦ ଜାନୀଙ୍କ ବାଇକ୍ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ବାଇକ୍‌କୁ ପିଟି ଦେଇଥିଲା । ଦୁର୍ଘଟଣା ଏତେ ଜୋର୍‌ରେ ହୋଇଥିଲା ଯେ ଦୁଇଟି ବାଇକ୍‌ର ୬ ଜଣ ଯାକ କିଛି ଦୂରକୁ ଛିଟିକି ପଡ଼ିଥିଲେ । ଦୁର୍ଘଟଣାରେ ମୁକୁନ୍ଦ ଓ ତାଙ୍କ ପତ୍ନୀ ନଦେଇଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ୧୦୮ ଆମ୍ବୁଲାନ୍ସରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନଦେଇଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ମହୁମାଛି ଆକ୍ରମଣରେ ମହିଳା ମୃତ

ନବରଙ୍ଗପୁର/ନନ୍ଦାହାଣ୍ଡି, ୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମର ନୀଳା ପାତ୍ର (୫୬) ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି । ଲୀଳା ତାଙ୍କ ପୁଅ ସାଙ୍ଗରେ ନିକଟ ସରୁଗୁଡ଼ା ଗ୍ରାମର ସିଏସ୍‌ସିକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ । ଅଟୋ ଯୋଗେ ଫେରିବା ସମୟରେ ଜଙ୍ଗଲରୁ ଦାନ୍ତକାଠି ଓ ପତ୍ର ସଂଗ୍ରହ କରିବା ଉଦ୍ଦେଶ୍ୟରେ ଓହ୍ଲାଇଥିଲେ । ଆର୍‌ଏମ୍‌ସି ଗୋଦାମ ନିକଟ ବିହନ ଯାତ୍ରା ପଡ଼ିଆର ବଟ ଗଛରେ ରହିଥିବା ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ । କିଛି ସମୟ ପରେ ଉମାଶଙ୍କର ସବୁଜ ଦୁନିଆ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନାୟକ ଓ କିଛି ଲୋକଙ୍କ ସହାୟତାରେ ଉଦ୍ଧାର କରି ତାଙ୍କ ଘରକୁ ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

● ପ୍ରବଳ ବର୍ଷା ସତ୍ତ୍ୱେ ପରମ୍ପରା ବଜାୟ ରହିଲା

# ରାତିରେ ଦେବୀଙ୍କ ପଟୁଆରରେ ଲୋକଙ୍କ ଭିଡ଼

ଜୟପୁର, ୪।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ପୁରୁଣା ପରମ୍ପରା ଓ ଐତିହାସିକ ଦଶହରା ମହୋତ୍ସବ ଗତ ଗୁରୁବାର ଭୋର୍‌ରୁ ଅପରାଜିତା ପୂଜା ଏବଂ ଭସାଣିରେ ସମାପ୍ତ ହୋଇଛି । ଗତ ଗୁରୁବାର ଭୋର୍‌ରୁ ପ୍ରବଳ ବର୍ଷା ସତ୍ତ୍ୱେ ଦେବୀମାନଙ୍କ ପଟୁଆର ବାହାରିବା ସହ ରୀତିନୀତିରେ ପୂଜାର୍ଚ୍ଚନା ପରମ୍ପରା ବଜାୟ ରହିବା ସହିତ ଚଳିତ ବର୍ଷର ଦେବୀଙ୍କ ଦଶହରା ଉତ୍ସବ ସମାପ୍ତ ହୋଇଛି । ଦଶମୀ ତିଥିରେ ଭୋର୍‌ରୁ ସାରା ଦିନ ପ୍ରବଳ ବର୍ଷା ଯୋଗୁଁ ସନ୍ଧ୍ୟାର ରହିଥିବା ରାବଣପୋଡ଼ି, ଦେବୀପୀଠ ଆସିଥିବା ଲାଠିଧାରୀଙ୍କୁ ସମ୍ମାନିତ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ୍ କରାଯାଇଥିଲା । ବର୍ଷା ଛାଡ଼ିବା ପରେ ଜୟପୁର ଐତିହାସିକ ଦଶହରା ପରମ୍ପରା ଓ ରୀତିନୀତି ଅନୁଯାୟୀ ରାତି ସାଢ଼େ ୧୨ଟା ଭଗବତୀ ଦେବୀ ପୀଠରୁ ଦେବୀ ଭଗବତୀ, ଦେବୀ କାଳୀଙ୍କ ପ୍ରତିମୂର୍ତ୍ତି ବିମାନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନ୍ୟାନ୍ୟ ଦେବୀ ପୀଠରୁ ଆସିଥିବା ପ୍ରତୀକ ସ୍ୱରୂପ ଲାଠି, ଖଡ଼୍‌ଗ, ଗାଦିଗୁଡ଼ିକ ପଟୁଆରେ ବାହାରିଥିଲେ । ଏହିପରି ରଥପଡ଼ିଆ ଛକଠାରେ ଦେବୀ କନକ ଦୁର୍ଗାଙ୍କ ବିମାନ ଏବଂ ମହିଷାସୁର ମର୍ଦ୍ଦିନୀଙ୍କ ମୃଣ୍ମୟୀ ମୂର୍ତ୍ତି ଯୋଗଦେଇଥିଲେ । ବିଳମ୍ବିତ ରାତି ୩ଟା ସମୟରେ ୪ଟି ଦେବୀପୀଠର ଦେବୀଙ୍କ ପ୍ରତମୂର୍ତ୍ତି ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀପୀଠର ପ୍ରତୀକ ଦଶହରା ପଡ଼ିଆରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ଅପରାଜିତା ପୂଜା ଭୋର୍ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏହି ପଟୁଆରରେ ଜୟପୁର ଦଶହରା ମହୋତ୍ସବ ପୂଜା କମିଟିର ଅଧକ୍ଷ ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସାମିଲ୍ ହୋଇଥିଲେ । ଜୟପୁର ରାଜ ପରିବାର ରାଜକୁମାର ବିଶ୍ୱେଶର ଚନ୍ଦ୍ରଚୂଡ଼ ଦେଓ ଏବଂ ମାତାରାଣୀ ଶାରିକା ଦେବୀଙ୍କ ଉପସ୍ଥିତିରେ ରାଜମହଲ ଭିତରେ ଏବଂ ବାହାରେ ଦେବୀମାନଙ୍କ ବିମାନ ଏବଂ ଦେବୀ ପୀଠର ଲାଠିମାନଙ୍କ ପୂଜାର୍ଚ୍ଚନା ଏବଂ ଆଳତି କରିଥିଲେ । ଚଳିତ ବର୍ଷ ବର୍ଷା ଯୋଗୁଁ ସ୍ଥାନୀୟ ସୌରା ସାହିର ପାଇକ ଆଖଡ଼ା ବନ୍ଦ ରହିଥିଲା । କିନ୍ତୁ ସ୍ଥାନୀୟ ପାରମ୍ପରିକ ବାଜାବାଜଣା ସହିତ ଆଦିବାସୀଙ୍କ ଦୁରୁଆ, ଢେମ୍‌ସା, କିନ୍ନରଙ୍କ ସମେତ ବିଭିନ୍ନ ପୌରାଣିକ ଦେବଦେବୀ ଓ ଅସୁର ବେଶଧାରୀ ନୃତ୍ୟ ପରିବେଷଣ କରିଥିଲେ ।

# ବର୍ଷାରେ ଭିଜି ଭିଜି ମା' ଭଣ୍ଡାର ଘରଣୀଙ୍କ ବିଜୟ ଯାତ୍ରା



ନବରଙ୍ଗପୁର, ୪।୧୦(ସମିସ): ଭୀଷଣ ବର୍ଷାରେ ଭିଜି ଭିଜି ସମ୍ପନ୍ନ ହେଲା ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ପୀଠରେ ନବରାତ୍ରି ପୂଜାବିଧି ନୀତିକାନ୍ତି, ବିଜୟ ଯାତ୍ରା ଏବଂ ଲାଖବିନ୍ଧା ନୀତି । ମା' ଭଣ୍ଡାର ଘରଣୀଙ୍କ ମନ୍ଦିର ଭିତରର ଦଶହରା ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ହେବା ପରେ ଅପରାହ୍ଣରେ ପୂର୍ଣ୍ଣାହୁତି କରାଯାଇଥିଲା । ପରେ ବିଜୟା ଦଶମୀ ତଥା ଦଶହରା ଗୁରୁବାର ଦିନ ନବରଙ୍ଗପୁର ନିକଟବର୍ତ୍ତୀ ତଥା ଜିଲ୍ଲାର ବିଭିନ୍ନ ସ୍ଥାନର ଦେବୀ ପୀଠରୁ ଆସିଥିବା ପ୍ରତିକ ଲାଠି, ମା'ଙ୍କ ଚୌକି ଆଦି ମା' ଭଣ୍ଡାର ଘରଣୀଙ୍କ ପୀଠରୁ ବାହାରି ଦଶହରା ପଦା ଅଭିମୁଖେ ଭୀଷଣ ବର୍ଷାରେ ମହାପଟୁଆରରେ ବିଜୟ ଯାତ୍ରାରେ ବାହାରିଥିଲେ ମା' । ମା'ଙ୍କ ଏହି ବିଜୟ ଯାତ୍ରା ସହିତ ନବରଙ୍ଗପୁର ସହରର କେଉଟ ସାହି, ଗୌଡ଼ ସାହି, ସୌରାସାହି ଆଦିର ଆଖଡ଼ା, ବିଭିନ୍ନ ଲୋକନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ବାଜାବାଜଣା ସହ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦଶହରା ପଡ଼ିଆକୁ ସନ୍ଧ୍ୟାରେ ପହଞ୍ଚିଥିଲା । ପରେ ଆରମ୍ଭ ହୋଇଥିଲା ମା'ଙ୍କ ପୂଜାର୍ଚ୍ଚନା । ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ହେବା ପରେ ଆରମ୍ଭ ହେଲା ଲାଖବିନ୍ଧା ନୀତି । ସେଠାରେ ପୂଜାର୍ଚ୍ଚନା ହୋମ ଆଦି ସମ୍ପୂର୍ଣ୍ଣ ହେବା ପରେ ଏକ ବିରାଟକାୟ ଲମ୍ବା ବାଉଁଶ ଲାଠିରେ ବନ୍ଧା ଯାଇଥିବା ପେଣ୍ଡୁକୁ ଧନୁଶର ମାଧ୍ୟମରେ ଲାଖବିନ୍ଧା କରାଯାଇଥିଲା । ଜନଶୃତି ଅନୁସାରେ ସେହି ସମୟର ରାଜାଙ୍କ ଦ୍ୱାରା ଲାଖବିନ୍ଧା ପ୍ରତିଯୋଗିତା ଦଶହରା ସମୟରେ କରାଯାଉଥିଲା । ଏବେବି ତାହାର ପରମ୍ପରା ନବରଙ୍ଗପୁରଠାରେ ବଜାୟ ରହିଛି ଏବଂ ଦଶମୀ ଦିନ ତାହାକୁ ପାଳନ କରାଯାଉଛି । ମା'ଙ୍କର ଏହି ରୀତିନୀତି ନବରଙ୍ଗପୁର ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ପୂଜକ ମୃତ୍ୟୁଞ୍ଜୟ ରଥ, ରାଜୀବ ପୂଜାରୀ, ବାବୁନା ପୂଜାରୀ, ପୂଜକ ମନୋଜ, ପଙ୍କଜ, କୁଞ୍ଜ ରଥ, ପ୍ରସନ୍ନ ରଥ ପ୍ରମୁଖ ସମସ୍ତ ପୂଜାକାର୍ଯ୍ୟ ତୁଲାଇଥିଲେ ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ

କୋରାପୁଟ, ୪।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିବର୍ଷ ଭଳି ଦଳ ଚଳିତ ବର୍ଷ ମଧ୍ୟ ଜନ ସମ୍ପର୍କ ପଦଯାତ୍ରା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଉକ୍ତ ଦିନ ଦଶହରା ପଡୁଥିବା କାରଣରୁ ଚଳିତ ବର୍ଷ ଅକ୍ଟୋବର ୯ ଗୋପବନ୍ଧୁ ଜୟନ୍ତୀରୁ ନଭେମ୍ବର ୯ ତାରିଖ ଯାଏ ଚାଲିବ ବୋଲି ଜଣାପଡ଼ିଛି । ଏହି କାରଣରୁ ଜିଲ୍ଲା ବିଜେଡି ପକ୍ଷରୁ ୨ ତାରିଖରେ ପ୍ରତୀକାତ୍ମକ ପଦଯାତ୍ରା ଆରମ୍ଭ କରି ଜନସମ୍ପର୍କ ନିମନ୍ତେ ଦଳୀୟ ନେତା ଓ କର୍ମୀ ସଂକଳ୍ପ ନେଇଛନ୍ତି । ଜିଲ୍ଲା ବିଜେଡି ସଭାପତି ଝୀନ ହିକକା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରିତମ୍ ପାଢ଼ି, ପ୍ରଭୁ ଜାନି, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ପୂର୍ବତନ ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ପ୍ରସାଦ ବିଡିକା, ରଘୁ ଜାନି, ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ବିଜେଡି ନେତା ତ୍ରିନାଥ ପାତ୍ରଙ୍କ ସହ ଅନ୍ୟାନ୍ୟ ନେତା ଓ କର୍ମୀ କୋରାପୁଟ ଗାନ୍ଧୀ ପାର୍କରେ ଉପସ୍ଥିତ ରହି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହା ପରେ ସଭାପତିଙ୍କ ଦ୍ୱାରା ଜନସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନିଆଯାଇଛି ।



# ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ଜୟପୁର, ୪।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଆମ୍ବାଗୁଡ଼ା ଗ୍ରାମପଞ୍ଚାୟତର ସଦର ଗ୍ରାମଠାରେ ବିଜୁ ଜନତା ଦଳ ପକ୍ଷରୁ ଗତ ଗୁରୁବାର ଗାନ୍ଧୀ ଜୟନ୍ତୀ ଅବସରରେ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଛି । ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଆମ୍ବାଗୁଡ଼ା ମାର୍କେଟ କମ୍ପ୍ଲେକ୍ସଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏହି ପଦଯାତ୍ରା ଶୁଭାରମ୍ଭ ହୋଇ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ବିଜେପି ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତାକୁ ନେଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟ ଉନ୍ନତୀପଥରେ ଆଗେଇ ଯାଇଥିଲା । କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାର ନୂତନ ଯୋଜନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହିପରି ରାଜ୍ୟରେ ନାରୀ ନିର୍ଯ୍ୟାତନା, ଦୁର୍ନୀତି ବ୍ୟାପକ ଭାବେ ବୃଦ୍ଧି ପାଇଛି । ତେଣୁ ସାଧାରଣ ଲୋକ ଏନେଇ ସଚେତନ ହେବା ସହ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ନାଗୁ ଦୋରା, ବାଲିଙ୍ଗି ରାଓ, ଶିବ ପଟ୍ଟନାୟକ, ଲିଙ୍ଗରାଜ ପାତ୍ର, ରାଜେନ୍ଦ୍ର ରଥ, ସତ୍ୟାନନ୍ଦ ମହାନନ୍ଦିଆଙ୍କ ସମେତ ଅନ୍ୟାନ୍ୟ କର୍ମୀ ଯୋଗଦେଇଥିଲେ ।



## ବର୍ଷା ଆସିଲେ ମାଡ଼ିଆସୁଛି ଭୟ

# ରେଳପଥ ଓ ସଡ଼କପଥ ଯୋଗାଯୋଗରୁ ବିଚ୍ଛିନ୍ନ

କୋରାପୁଟ/ପୋଡ଼ାଗଡ଼, ୪।୧୦(ସମିସ)



ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଜନଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବିଭିନ୍ନ ସ୍ଥାନରେ ରାସ୍ତା ଜଳବନ୍ଦୀ ହୋଇଥିବାବେଳେ କେଉଁଠି ଘର ଭାଙ୍ଗିଥିଲା, ମାଟି ଅତଡ଼ା ଧସିଥିଲା ଏବଂ ଧୋଇ ନେଇଥିଲା ପୋଲ ପାଖ ରାସ୍ତା । ଅବିଶ୍ରାନ୍ତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବାବେଳେ ଦୁଃଖ ଦେଇଥିଲା ଜାତୀୟ ରାଜପଥ ୨୬ ଓ ୩୨୬ । କୋରାପୁଟ ବ୍ଲକ ଅନ୍ତର୍ଗତ ବଙ୍ଗଳାଗୁଡ଼ା ଅସ୍ଥାୟୀ ପୋଲ ଉପରେ ୨୦ ଫୁଟ୍ ପାଣି ପ୍ରବାହିତ କରୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ଜାତୀୟ ରାଜପଥ ୩୨୬ରେ ବଙ୍ଗଳାଗୁଡ଼ା ନିକଟରେ ୩ ବର୍ଷ ତଳେ ଭୁଶୁଡ଼ି ପଡ଼ିଥିବା ପୋଲକୁ ବିଭାଗ ଆଜିପର୍ଯ୍ୟନ୍ତ ନୂଆ ପୋଲ କରିପାରିନାହିଁ । ୮ କୋଟି ଟଙ୍କା ବ୍ୟୟ ଅନୁଦାନରେ କାମ ଚାଲୁଛି ଯେ କେବେ ସରିବ ଜଣାପଡୁନାହିଁ । ଅଳ୍ପ ବର୍ଷା ହେଲେ କୋରାପୁଟରୁ ରାୟଗଡ଼ା ଯାତାୟାତ ଠପ୍ ହୋଇଯାଉଛି । ସେହିପରି ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଲିଘାଟ ବିଷୋୟୀ ସାହିକୁ ସଂଯୋଗ କରୁଥିବା ରାସ୍ତା ବିଚ୍ଛିନ୍ନ ହୋଇଥିଲା । କୋରାପୁଟ ବ୍ଲକ ଅନ୍ତର୍ଗତ ମୋହନପଡ଼ା ନିକଟରେ ଅସ୍ଥାୟୀ ରାସ୍ତା ଉପରେ ପାଣି ଯାଉଥିବାରୁ ଦୀର୍ଘସମୟ ପର୍ଯ୍ୟନ୍ତ ଯାତାୟାତ ବାଧା ସୃଷ୍ଟି ହୋଇଥିଲା । ଉଭୟ ରାସ୍ତାରେ ଯିବାଆସିବା କରୁଥିବା ଛୋଟ ବଡ଼ ଯାତ୍ରୀବାହୀ ଗାଡ଼ି ସହ ଲୋକେ ଦହଗଞ୍ଜ ହେଉଛନ୍ତି । ସେହିପରି ଶୁଙ୍ଗି ଘାଟି ରାସ୍ତାରେ ବିରାଟ ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା । ବ୍ଲକ ପ୍ରଶାସନ ସହାୟତାରେ ଗଛକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ନିର୍ଦ୍ଧୁମ ବର୍ଷାରେ କୋରାପୁଟ-ରାୟଗଡ଼ା ରେଳପଥରେ କେଉଁଠି ପଥର ପାହାଡ଼ ଉପରୁ ଖସି ଆସିଥିଲା ତ ଆଉ କେଉଁଠି ରେଳଧାରଣା ଉପରେ ମାଟି ଅତଡ଼ା ଖସିବା ସହ ରେଳଧାରଣା ଦବିବା, ଏପରିକି ଗଛ ସହ ଟ୍ରାକ୍ ଉପରେ ଲହଡ଼ି ମାରିଥିଲା ପାଣି । ଯୁଦ୍ଧକାଳୀନ ଭିତ୍ତିରେ ରେଳ ବିଭାଗ ସଜାଡ଼ିଥିଲେ ବି ୧୨ ଘଣ୍ଟା ବିଳମ୍ବରେ ସ୍ୱାଭାବିକ ହେଲା ଟ୍ରାକ୍ । ଟ୍ରେନ୍‌ରେ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାୟଗଡ଼ାରୁ କୋରାପୁଟ ଆସିବାକୁ ୧୨ ଘଣ୍ଟା ଲାଗିଥିଲା ।

ବଙ୍ଗଳାଗୁଡ଼ା ରାସ୍ତାକୁ ବର୍ତ୍ତମାନ ପାଇଁ ବନ୍ଦ୍ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ ନାୟକ କହିଛନ୍ତି । ୨ ଜାତୀୟ ରାଜପଥ ପୋଲକୁ ଖୁବ୍‌ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି । ଗତିପଥ ପରିବର୍ତ୍ତନ କରାଯାଇ ପୋଡ଼ାଗଡ଼ରୁ ମହାଦେଇପୁଟ, ମସ୍ତିପୁଟ ଦେଇ କୋରାପୁଟ ଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଲଘୁଚାପଜନିତ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାର ସମସ୍ତ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।

● ବ୍ୟକ୍ତିଗତ ସ୍ଥାନରେ କରାଯାଉଛି ସରକାରଙ୍କ ଉନ୍ନୟନ କାର୍ଯ୍ୟ

# ଗ୍ରାମରେ ତୀବ୍ର ଅସନ୍ତୋଷ, ବିଡିଓଙ୍କୁ ଦାବିପତ୍ର

ଚନ୍ଦାହାଣ୍ଡି, ୪।୧୦(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ବିକାଶ ତଥା ଗ୍ରାମାଞ୍ଚଳରେ ଆବଶ୍ୟକୀୟ ଅନୁଯାୟୀ ପ୍ରକଳ୍ପର ଉନ୍ନତିକରଣ ତଥା ନିର୍ମାଣ ଉଦ୍ଦେଶ୍ୟ ନେଇ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଭଳି ବିକାଶମୂଳକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତେବେ ଏହି ଯୋଜନାର ନିର୍ମାଣ କାର୍ଯ୍ୟ ଗ୍ରାମରେ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସାମୂହିକ ସ୍ଥାନରେ ନ ହୋଇ ବ୍ୟକ୍ତିଗତ ସ୍ଥାନରେ ନିଜ ସ୍ୱାର୍ଥ ହାସଲ ପାଇଁ କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଏହାର ତଦାରଖ କରି ପଦକ୍ଷେପ ନେବାକୁ ଶତାଧିକ ଗ୍ରାମବାସୀ ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଯାଇ ବିଡିଓ ଚଇନୁ ଗଣ୍ଡଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ ଧୋବିପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗ୍ରାମର ଶିବ ମନ୍ଦିର ପରିସରରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ତଥା ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଭୋଗ ମଣ୍ଡପ ନିର୍ମାଣ ସକାଶେ ପଞ୍ଚାୟତ ମାଧ୍ୟମରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲା । ତେବେ ବର୍ତ୍ତମାନ ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଗ୍ରାମକୁ ଏକ ଭୋଗ ମଣ୍ଡପ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଏହାକୁ କିଛି ବ୍ୟକ୍ତି ନିଜର ସ୍ୱାର୍ଥସାଧନା ପାଇଁ ନିଜ ବ୍ୟକ୍ତିଗତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇ ଆବଶ୍ୟକୀୟ ସାମୂହିକ ସ୍ଥାନରେ ଏହାକୁ ନିର୍ମାଣ କରିବାକୁ ଦାବି ହୋଇଛି । ବ୍ଲକ ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ବିଡିଓ ଶ୍ରୀ ଗଣ୍ଡ ଗ୍ରାମକୁ ଯାଇ ଏ ସମ୍ପର୍କରେ ତଦାରଖ ପରେ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଦାବିପତ୍ର ଦେବା ସମୟରେ ସରପଞ୍ଚ ଦୁଲ୍ଲବ ପୂଜାରୀ, ବଳରାମ ପଟ୍ଟନାୟକ, ସୀମାଞ୍ଚଳ ଗଣ୍ଡା, ସଂଗ୍ରାମ କେଶରୀ ସାହୁ, ଲକ୍ଷ୍ମୀଧର ବାଘ, ଶିଶିର ମାଝୀ, ଥବିର ସେଠୀ, ପାରେଶ୍ୱର ଦାସ, ପ୍ରସାଦ ସେଠୀ, ମନୋଜ ମାଝୀ, ମୀନକେତନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# କଟକ ସିଟି





# ମା'ଙ୍କୁ ମେଲାଣି

## ୧୩୯ ମେଢ଼ ବିସର୍ଜିତ





**କଟକ,୪।୧୦(ସମିସ):** ଚଳିତ ବର୍ଷ ମା'ଙ୍କୁ ମେଲାଣି ଦିଆଯାଇଛି ସତ କିନ୍ତୁ ଗୋଷ୍ଠୀ ସଂଘର୍ଷ ଫଳରେ ଫିକା ପଡ଼ିଛି ଶୋଭାଯାତ୍ରା। ଗତକାଲି ବିଳମ୍ବିତ ରାତି ସୁଦ୍ଧା ୧୦୯ଟି ମେଢ ଦେବିଗଡାରେ ବିସର୍ଜନ ହୋଇଥିଲା। ହେଲେ ଏଭଳି ବିଶୃଙ୍ଖଳା ଯୋଗୁଁ ୧୨ରୁ ଅଧିକ ମେଢ଼ ଦେବିଗଡା ନ ଆସି ଅନ୍ୟାନ୍ୟ ସ୍ଥାନରେ ବିସର୍ଜନ କରାଯାଇଥିଲା। ସେହିପରି ପୁଲିସର କଡ଼ା ସୁରକ୍ଷା ବଳୟରେ ଆଜି ଆଉ ୨୦ଟି ମେଢ଼ ଦେବିଗଡାରେ ବିସର୍ଜନ କରାଯାଇଥିବା ଜଣାପଡ଼ିଛି। ୧୬ଦିନ ହେବ ଚଳଚଞ୍ଚଳ ରହିଥିବା ଦେବୀପୀଠ ଏବେ ବିଶ୍ରାମରେ। ମଣ୍ଡପର ତମାମ କୋଳାହଳ ଏବେ ସ୍ତବ୍ଧ। ପିଣ୍ଡି ଛାଡ଼ି ମା' ନେଇଛନ୍ତି ମେଲାଣି। ମା'ଙ୍କୁ ବିଦାୟ ବେଳାରେ ଐତିହାସିକ ଦେବୀଗଡ଼ାରେ ଗୋଟିଏ ପରେ ଗୋଟିଏ ମୃଣ୍ମୟୀ ମୂର୍ତ୍ତି ଜଳରେ ଲୀନ ହୋଇଛନ୍ତି। ଗଣ୍ଡଗୋଳରେ କଟକର ଦଶହରା ଭସାଣୀ ସମାପନ ହୋଇଛି। ଷଷ୍ଠୀର ବିଲ୍ୱବରଣ, ସପ୍ତମୀର ନବପତ୍ରିକା, ଅଷ୍ଟମୀର ସନ୍ଧିପୂଜା, ନବମୀର ନବଦିନାତ୍ମକ ପୂଜା ଓ ଦଶମୀ ପୂଜା ସାରି ଏକାଦଶୀ ତିଥିରେ ବିସର୍ଜନ ହୋଇ ଦେବୀଗଡ଼ା ଅଭିମୁଖେ ବାହାରିଥିଲେ ମା'ଦଶଭୂଜା। ଶଙ୍ଖ, ଘଣ୍ଟ, ମାଦଳ, ଢ଼ୋଲ ଭଳି ପାରମ୍ପରିକ ବାଦ୍ୟରେ ମା' ନେଇଥିଲେ ମେଲାଣୀ। ଭାବଭକ୍ତିରେ ଭିଜି ଶ୍ରଦ୍ଧାଳୁମାନେ ଦେଇଥିଲେ। ମହାମାୟୀଙ୍କୁ ବିଦାୟ। ଏହି ଭସାଣି ଶାନ୍ତିଶୃଙ୍ଖଳାର ସହିତ ଚାଲିଥିବା ବେଳେ ହଠାତ୍ ଗତକାଲି ବିଳମ୍ବିତ ରାତିରେ ଜେଲ ରୋଡ ଛକରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଢେଲା, ପଥର ମାଡରେ କଟକ ଡିସିପିଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ସ୍ଥିତି ସମ୍ଭାଳିବାକୁ ଯାଇ ପୁଲିସ ଲାଠିଚାଳନା କରିଥିଲା। ଭୟଙ୍କର ଉତ୍ତେଜନା ଯୋଗୁଁ ତିନିକୋଣିଆ ବଗିଚା ପଟୁ ଆସୁଥିବା ଏକାଧିକ ମେଢ ଅଧା ରାସ୍ତାରେ ଅଟକି ରହିଥିଲା। ଆଜି ସକାଳେ ବ୍ୟାପକ ଫୋର୍ସ ଉପସ୍ଥିତିରେ ସମସ୍ତ ମେଢ ଦେବୀଗଡା ଅଭିମୁଖେ ଗଡିଥିଲା। ସମ୍ଭାବ୍ୟ ଉତ୍ତେଜନାକୁ ଦୃଷ୍ଟିରେ ରଖି ସମଗ୍ର ଅଞ୍ଚଳରେ ୨କମ୍ପାନୀ ଫୋର୍ସ ମୁତୟନ କରାଯାଇଛି।



**ଗୋଷ୍ଠୀ ସଂଘର୍ଷରେ ଫିକା ପଡ଼ିଲା ଭସାଣି: ଦେବୀଗଡ଼ାକୁ ନ ଆସି ଫେରିଗଲେ ୩୦ ମେଢ଼**

**ଶୋଭାଯାତ୍ରାରେ ୭୦ପ୍ଲାଟୁନ୍ ଫୋର୍ସ: ଗଣ୍ଡଗୋଳସ୍ଥଳୀରେ ୨କମ୍ପାନୀ ଫୋର୍ସ ମୁତୟନ**

**କାମ ଦେଲାନି କମିଶନରେଟ୍ ପୁଲିସର 'ସିଟିସି-୬୦'ସ୍କ୍ୱାଡ୍**

**ଭସାଣି ପରିଚାଳନାରେ ପୁଲିସର ବିଫଳତାକୁ ନେଇ ଚର୍ଚ୍ଚା**

ସୂଚନା ଅନୁସାରେ, ରାତି ପ୍ରାୟ ୧ଟା ବେଳେ ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟିର ଶୋଭାଯାତ୍ରା ହାତୀପୋଖରୀ ରାସ୍ତା ଦେଇ ଜେଲ ରୋଡ ଆଡକୁ ଆସୁଥିଲା। ଏହି ସମୟରେ କୌଣସି ଏକ କଥାକୁ ନେଇ ସ୍ଥାନୀୟ ଲୋକଙ୍କ ସହ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ୨ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ସହ ଛାତ ଉପରୁ ଅତର୍କିତ ଢେଲା ପଥର ମାଡ ହୋଇଥିଲା। ଫଳରେ ଉତ୍ତେଜନା ଆହୁରି ବଢିଯାଇଥିଲା। ସଂଖ୍ୟାଧିକ ଶୋଭାଯାତ୍ରାକାରୀ ସେହିଠାରେ ରୁଣ୍ଡ ହୋଇଯିବାରୁ ଅପ୍ରିତିକରପରିସ୍ଥିତିସୃଷ୍ଟିହୋଇଥିଲା।ଡିସିପିଖିଲାରୀ ରିଶିକେଷ ଦ୍ୟାନଦେଓଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି ବୁଝାସୁଝା କରୁଥିଲା ବେଳେ ଜୋରଦାର ପଥର ମାଡ ହୋଇଥିଲା। ଏଥିରେ ଡିସିପିଙ୍କ ସମେତ ଶୋଭାଯାତ୍ରାରେ ଥିବା କେତେକ ଯୁବକଙ୍କ ମୁଣ୍ଡ ଫାଟି ଯାଇଥିଲା। ଠିକ ଏହି ସମୟରେ ହାତୀପୋଖରୀ ଛକରେ ଥିବା ରାଉସପାଟଣା ପୂଜା କମିଟିର ଶୋଭାଯାତ୍ରା ଉପରେ ମଧ୍ୟ ଅତର୍କିତ ଆକ୍ରମଣ ହୋଇଥିଲା। କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ୨ ଜଣ ଯୁବକ ଗୁରୁତର ହୋଇ ଏସସିବି ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଗଣ୍ଡଗୋଳ ଭିତରେ ଆମ୍ବୁଲାନ୍ସରେ ଆହତମାନଙ୍କୁ ଉଦ୍ଧାର କରି ଏସସିବି ମେଡିକାଲ ପଠାଇଥିଲା। ଘଟଣା ପରେ ଶୋଭାଯାତ୍ରାକାରୀମାନେ ଉତ୍ତେଜିତ ହୋଇପଡିଥିଲେ। ଜେଲ ରୋଡ ଛକରେ ମେଢ ଅଟକାଇ ପ୍ରତିବାଦ କରିଥିଲେ। ଏହା ଭିତରେ ଅନ୍ୟ କମିଟିର ଯୁବଗୋଷ୍ଠୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସ୍ଥିତି ବିଗୁଡୁଥିବା ଦେଖି ପୁଲିସ ସେଠାରେ ଏକାଧିକ ଥର ଲାଠି ଚାଳନା କରିଥିଲା। ହାତୀପୋଖରୀ ଛକ ଏବଂ ଜେଲ ରୋଡ ଛକରେ ଦୁଇ କମିଟିର ଶୋଭାଯାତ୍ରା ଅଟକି ରହିଥିଲା। ଏଥିଯୋଗୁଁ ବକ୍ସିବଜାର ଛକ ଦେଇ ଆସୁଥିବା ପ୍ରାୟ ୩୦ ପୂଜା କମିଟିର ମେଢ ଅଟକି ରହିଥିଲା। ଆଜି ଉକ୍ତ ମେଢ଼କୁ ଦେବୀଗଡ଼ା ନିଆଯାଇଥିଲା।





ଭସାଣ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁସହରରେ ୭୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲ। ଏଥିରେ ଓଏସଏପି, ଏସଓଜି, କୁଇକ ଆକ୍ସନ ଫୋର୍ସ ସାମିଲ ହୋଇଥିଲେ। ସେହିପରି ୪୦ ଜଣ ଡିଏସପି, ୫୫ ଜଣ ଇନ୍ସପେକ୍ଟର, ୩୦୦ ଜଣ ଏସଆଇ ଓ ଏଏସଆଇ ର୍ୟାଙ୍କର ଅଫିସରଙ୍କ ସମେତ ୮୪ ହାବିଲଦାର, ୬୦୦ କନେଷ୍ଟବଳ, ୭୦୦ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିଥିଲେ। ପୂଜା ମଣ୍ଡପ ଓ ସହରର ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନାରେ ସହଯୋଗ କରିବା ପାଇଁ ୭୦୦ ପୁଲିସ ଭଲ୍ୟୁଣ୍ଟିଅର(ସ୍ୱେଚ୍ଛାସେବୀ)ଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟି ସ୍ପେଶିଆଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିଥିଲା। ଏହାସହ କ୍ୟୁଆରଟି, କ୍ୟୁଏଟି, ବମସ୍କ୍ୱାଡ ଓ ସ୍ପେଶାଲ ସ୍କ୍ୱାଡ ଟିମ ମଧ୍ୟ ୨୪ ଘଣ୍ଟା ସଜାଗ ରଖାଯାଇଥିଲା। ସେହିଭଳି ଗଣ୍ଡଗୋଳକାରୀଙ୍କ ଉପରେ ନଜର ରଖିବାକୁ ନୂଆକରି ସିଟିସି-୬୦ ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଏସବୁ ବ୍ୟବସ୍ଥା କରାଯାଇଥିଲେ ମଧ ଭସାଣୀ ଶୋଭାଯାତ୍ରା ପରିଚାଳନା ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା।











### କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦାବି

## ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତୁ

**କଟକ,୪।୧୦(ସମିସ):** ଦୁର୍ଗାପୂଜା ଭଷାଣି ଉତ୍ସବ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ସହିତ ଚାଲିଥିବା ବେଳେ ହାତୀ ପୋଖରୀ ନିକଟରେ କେତେକ ଖଳ ପ୍ରକୃତିର ବ୍ୟକ୍ତି ଙ୍କ ଅଶୋଭନୀୟ କାଣ୍ଡ ପାଇଁ ମେଢ଼ ଶୋଭାଯାତ୍ରାକାରୀଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ପାଇ ଚିକିତ୍ସିତ ହେଉଛନ୍ତି। ଏପରିକି ପୁଲିସ ଉପ ଆୟୁକ୍ତ ମଧ୍ୟ ଆଘାତ ପାଇଛନ୍ତି। ଏହିଭଳି ଅଶୋଭନୀୟ କାଣ୍ଡକୁ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ତରଫରୁ ଦୃଢ ନିନ୍ଦା କରାଯାଇଛି। ଦୋଷୀକୁ କଠୋର ଦଣ୍ଡ ଦେବା ପାଇଁ ଦୃଢ ଦାବି ହୋଇଛି। କଟକ ଜିଲ୍ଲାପାଳ ରେଡ଼କ୍ରସ ଫଣ୍ଡରୁ ୨୫ ହଜାର ଟଙ୍କା ଲେଖା ଉଭୟ ଗୁରୁତର ଆହାତ ବ୍ୟକ୍ତିଙ୍କୁ ସହାୟତା ରାଶି ପ୍ରଦାନ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଶାନ୍ତି କମିଟିର କର୍ମକର୍ତ୍ତାମାନେ କୃତଜ୍ଞତା ଜଣାଇଛନ୍ତି। ଆହତ ଶୋଭାଯାତ୍ରାକାରୀଙ୍କୁ ସମସ୍ତ ଚିକିତ୍ସା ଖର୍ଚ୍ଚ ସମ୍ପୂର୍ଣ୍ଣ ରୂପେ ସରକାର ବହନ କରିବାକୁ ଦାବି କରାଯାଇଛି। ଭବିଷ୍ୟତରେ ଯେପରି ଏହି ଭଳି କୁତ୍ସିତ କାଣ୍ଡର ପୁନରାବୃତ୍ତି ନ ଘଟେ, ସେଥିପ୍ରତି ରାଜ୍ୟସରକାର, ପୁଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ପୂର୍ଣ୍ଣ ସଜାଗ ରହିବାକୁ ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ,ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୋଷାଧକ୍ଷ ଉମେଶ ଚନ୍ଦ୍ର ସାହୁ ନିବେଦନ କରିଛନ୍ତି।

## ଭାଇଚାରା ଅକ୍ଷୁଣ୍ଣ ରଖିବାକୁ ସିପିଏମ୍ର ଦୃଢ଼ ଦାବି

**କଟକ,୪।୧୦(ସମିସ):** କଟକ ସହରର ଐତିହାସିକ ଶାରଦୀୟ ଉତ୍ସବରେ ଯେଉଁ ଭଳି ଘଟଣା ଘଟିଲା ଏଥିରେ ଆହତ ମାନଙ୍କ ପ୍ରତି ସିପିଆଇ(ଏମ୍) କଟକ ଜିଲ୍ଲା କମିଟି ତରଫରୁ ସମବେଦନା ଜଣାଇବା ସହ ଆସୁ ଆରୋଗ୍ୟ କାମନା କରିଛି। ଭାଇଚାରା ରେ ପୃଥିବୀ ବିଖ୍ୟାତ କଟକ ସହରରେ ପୂଜା ଓ ଭସାଣି ସୁଯୋଗରେ ଉତ୍ତେଜନା ସୃଷ୍ଟିକାରୀ ସ୍ଥାନ ଓ ବ୍ୟକ୍ତିମାନଙ୍କ ପ୍ରତି କଟକ ସହର ବାସୀ ସଚେତନ ରହିବା ପାଇଁ ଅନୁରୋଧ କରିବା ସହ ପୁଲିସ ପ୍ରଶାସନ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲା କମିଟି ତରଫରୁ ବଦ୍ରି ନାରାୟଣ ଦାଶ, ମୋହନ ପତି, ରବି ନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଚନ୍ଦ୍ର କାନ୍ତ ବେହେରା, ଅଭୟ ସ୍ୱାଇଁ, ବୁଲି ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି।

## ଆହତଙ୍କୁ ଭେଟିଲେ ମେୟର

**କଟକ,୪।୧୦(ସମିସ):** ଗତକାଲି ବିଳମ୍ବିତ ରାତିରେ ମେୟର ସୁବାସ ସିଂହ ମେଢ ଶୋଭାଯାତ୍ରା ଉପରେ ଆକ୍ରମଣରେ ଗୁରୁତ୍ୱର ଚିକିତ୍ସାଧୀନ ଥିବା ଶଙ୍କର ବିଶ୍ୱାଳଙ୍କୁ ବଡ ଡ଼ାକ୍ତରଖାନାରେ ଭେଟି ଥିଲେ। କଟକ ସହରରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ମଧ୍ୟରେ ସମସ୍ତ ଉତ୍ସବ ପାଳନ କରାଯାଇଥାଏ। ଗତକାଲିର ଘଟଣା ଦୁର୍ଭାଗ୍ୟ ଜନକଥିଲା। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଏହି ଘଟଣାକୁ ଦୃଢତାର ସହିତ ମୁକାବିଲା କରିବାକୁ ମେୟର ଶ୍ରୀ ସିଂହ ଅନୁରୋଧ କରିଥିଲେ। ଆଗାମୀ ଦିନରେ କଟକରେ ଭାଇଚାରାର ଗୌରବ ପାଇଁ ସବୁ ମହଲରୁ ସହଯୋଗ ପ୍ରଦାନ କରିବା ସଂଗେ ଶାନ୍ତି ଫେରାଇ ଆଣିବାକୁ ମେୟର ନିବେଦନ କରିଥିଲେ।

## ଗୋଷ୍ଠୀ ସଂଘର୍ଷ ରୋକିବାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ: ବିଜେଡି

**କଟକ,୪।୧୦(ସମିସ):** ଗତକାଲି ଭାଇଚାରାର ସହର କଟକରେ ମା ଦୁର୍ଗା ଙ୍କ ଭସାଣି ଯାତ୍ରା ସମୟରେ ହାତୀ ପୋଖରୀ, ଦରଘା ବଜାର ଠାରେ ଘଟିଥିବା ଗୋଷ୍ଠୀ ସଂଘର୍ଷ କୁ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ ଏକ ଲିଖିତ ବିବୃତ୍ତିରେ ଦୃଢ଼ ନିନ୍ଦା କରିବା ସହ ଷଡଯନ୍ତ୍ରକାରୀଙ୍କୁ ଚିହ୍ନଟ କରି ସଂଘର୍ଷକୁ ରୋକିବାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରତି ବର୍ଷ ଦରଘା ବଜାର କଦମ ରସୁଲ ଅଞ୍ଚଳ ଠାରେ ଭସାଣି ଉତ୍ସବ ବେଳେ ଉତ୍ତେଜନା ଦେଖାଯାଇଥାଏ। କିଛି ବର୍ଷ ତଳେ ଭସାଣି ଉତ୍ସବ ସମୟରେ କଦମ୍ ରସୁଲ ଠାରେ ହିଁ ତୁମୁଳ କାଣ୍ଡ ଘଟି ସାରା କଟକକୁ ସାମ୍ପ୍ରଦାୟିକ ହିଂସା ବ୍ୟାପି ଯାଇଥିଲା, ଅତିତ ର ଘଟଣା ଗୁଡିକ ରୁ ପ୍ରଶାସନ କୌଣସି ଶିକ୍ଷା ଲାଭ କଲା ନାହିଁ କିମ୍ବା ସତର୍କତା ଅବଲମ୍ବନ ନ କରିବାରୁ କାଲି ଭଳି ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି ହେଲା । ଏଭଳି ଘଟଣାକୁ ଏଡାଇ ଦିଆଯାଇ ପାରିଥାନ୍ତା କିନ୍ତୁ ବଡ଼ ଦୁଃଖ ଏବଂ ପରିତାପର ବିଷୟ ହେଉଛି, ଏଭଳି ସମ୍ବେଦନଶୀଳ ଘଟଣା କୁ ଜିଲ୍ଲାପାଳ ସାମାନ୍ୟ ଘଟଣା କହିବା ତାଙ୍କର ଅପାରଗତାକୁ ପଦାରେ ପକାଉଛି। କଟକ ଭାଇଚାରାର ସହର କଟକରେ ଏଭଳି ଅପ୍ରୀତିକର ସ୍ଥିତି ବେଶ ଚିନ୍ତାଜନକ। ଭସାଣି ସମୟରେ ଢେଲା ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏ ଭଳି ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୁଲିସ ପ୍ରଶାସନ ଯେପରି ସମ୍ପୂର୍ଣ୍ଣ ଅସହାୟମନେ ହେଉଛି। ବିଜେପି ସରକାରରେ ପୁଲିସ ଉପରେ ରହୁଥିବା ଦଳୀୟ ଭିତ୍ତିକ ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଇଛି। ସବୁ ସମ୍ପ୍ରଦାୟ ପରସ୍ପର ମଧ୍ୟରେ ସୌହାର୍ଦ୍ଦ ଓ ସଦଭାବନା ବଜାୟ ରଖିବା ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେବା ଉଚିତ। ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ବୋଲି ଶ୍ରୀ ସିଂହ ତାଙ୍କ ବିବୃତ୍ତିରେ ନିବେଦନ କରିଛନ୍ତି।

## ଭାଇଚାରା ଅକ୍ଷୁଣ୍ଣ ରହୁ

**କଟକ,୪।୧୦(ସମିସ):** କଟକ ସହରରେ ଦୂର୍ଗାପୂଜାର ଶେଷ ପର୍ବ ଭଷାଣ ଉତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ଶାନ୍ତିଶୃଙ୍ଖଳା ସହ ଚାଲିଥିବା ବେଳେ କୌଣସି ଏକ କାରଣ କୁ ନେଇ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇ ଗୋଷ୍ଠୀ ସଂଘର୍ଷ ରେ ପରିଣତ ହୋଇଥିଲା। ଏହାକୁ ସାଂପ୍ରଦାୟିକତାର ରଙ୍ଗ ଦେଇ କଟକ ସହରର ଭାଇଚାରା ପରମ୍ପରାକୁ ନଷ୍ଟ କରିବା ପାଇଁ ଉଦ୍ୟମ କରାଯାଉଥିବାରୁ ଓଡ଼ିଶା ବୋଡର୍ ଅଫ ୱାକଫ୍ ର ପ୍ରାକ୍ତନ ଚେୟାରମେନ ସୈୟଦ୍ ଏକ୍ରାମ ହୁସେନ ଦୃଢ଼ ନିନ୍ଦା କରିଛନ୍ତି। ଅପରାଧ ଘଟାଇଥିବା ଦୃର୍ବୃତ୍ତମାନଙ୍କୁ ସଂପ୍ରଦାୟ ଭିତ୍ତିକ ବିବେଚନା କରିବା ଉଚିତ ନୁହେଁ। ଅପରାଧୀମାନଙ୍କୁ ତାଙ୍କର ଅପରାଧ ପାଇଁ ଦଣ୍ଡିତ କରାଯାଉ। ତେଣିକି ସେ ଯେଉଁ ସଂପ୍ରଦାୟର ହୁଅନ୍ତୁ ନା କାହିଁକି ତାଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛି। ଭାଇଚାରା ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ କଟକ ସହରବାସୀଙ୍କୁ ଶ୍ରୀ ହୁସେନ ଅନୁରୋଧ କରିଛନ୍ତି।

# ବିପୁଳ ପରିମାଣର ବାଣ ଜବତ; ୨ ଗିରଫ




**ରାଉରକେଲା, ୪।୧୦(ସମିସ)**

ରାଜ୍ୟରେ ବେଆଇନ୍ ଭାବେ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଯୋଗୁଁ ଜୀବନ ହାନି ସହ ଧନ ସମ୍ପତ୍ତି ନଷ୍ଟ ହେଉଥିବା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଅପରେସନ ଅଗ୍ନି। ରାଉରକେଲାରେ ପ୍ରାୟ ପ୍ରତିଦିନ ବେଆଇନ୍ ଗଚ୍ଛିତ ବାଣ ଜବତ ହେଉଥିବାବେଳେ ଗତକାଲି ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ସୂଚନା ମୁତାବକ ସ୍ଥାନୀୟ ସେକ୍ଟର-୧୫ ଥାନା ପୁଲିସ ସେକ୍ଟର-୧୮ ଇସ୍ପାତ ମାର୍କେଟରୁ ବିପୁଳ ପରିମାଣର ବାଣ ଜବତ କରିଥିବା ଜଣାପଡ଼ିଛି। ସେକ୍ଟର-୧୬ ବି/୨୭୭ କ୍ୱାର୍ଟର୍ସରେ ବାସ କରୁଥିବା ପ୍ରଫୁଲ କୁମାର ନାଥ ନାମକ ଜଣେ ବ୍ୟକ୍ତି ବିପୁଳ ବାଣ ନେଇ ବିକ୍ରି ଉଦ୍ଦେଶ୍ୟରେ ରାଉରକେଲା ମାର୍କେଟ ଆଡ଼କୁ ଯାଉଥିବା ସମ୍ପର୍କରେ ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ସେକ୍ଟର-୧୫ ଥାନା ଅଧିକାରୀ ସିନ୍ମୟ କୁମାର ବଳ, ସବ୍‌ଇନିସପେକ୍ଟର ସୁନୀଲ ରଞ୍ଜନ ଦାଶ ସେକ୍ଟର-୧୮ ଇସ୍ପାତ ମାର୍କେଟ ନିକଟରେ ଚଢ଼ଉ କରି ଏହି ବାଣକୁ ଜବତ କରିଥିଲେ। ୨୦ଟି କାର୍ଟୁନରେ ବିଭିନ୍ନ ପ୍ରକାରର ବାଣ ପ୍ୟାକିଂ ହୋଇ ରହିଥିବା ବେଳେ ପୁଲିସ ଜବତ କରିଥିଲା। ଜବତ ବାଣର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ କୁମାର ନାଥକୁ ଅଟକ ରଖି ପଚରାଉଚରା କରାଯାଇଛି।

ସେହିପରି ରଘୁନାଥପାଲି ଥାନା ପୁଲିସ ପାନପୋଷ ବସ୍ତିରୁ ମଧ୍ୟ ବିପୁଳ ପରିମାଣର ବାଣ ଜବତ କରିଥିବା ଜଣାପଡ଼ିଛି। ପାନପୋଷ ବସ୍ତିରେ ପବନ କୁମାର ଚୌରାସିଆ (୪୨) ନାମକ ଜଣେ ବ୍ୟକ୍ତି ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖି ଆଗାମୀ ଦିପାବଳୀ ଉପଲକ୍ଷେ ବିକ୍ରି କରିବାକୁ ଯୋଜନା କରିଥିବା ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ, ସବ୍‌ଇନିସପେକ୍ଟର ଏଚ. ପ୍ରଧାନ ସଦଳବଳ ଚଢ଼ଉ କରି ଉକ୍ତ ବାଣକୁ ଜବତ କରିଥିଲେ। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ପବନ କୁମାର ଚୌରାସିଆକୁ ଧରିଛି ପୁଲିସ।

## ଭିଡିଓ ଭାଇରାଲ ନେଇ ସ୍କୁଲ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାମଲା

# ନିଜଆଡୁ ମାମଲା ରୁଜୁକଲା ପୁଲିସ; ୩ ଗିରଫ

**ରାଉରକେଲା, ୪।୧୦(ସମିସ):** ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ ହୋଇଥିବା ଏକ ଭିଡିଓ ଭାଇରାଲ୍ ଘଟଣାକୁ ନେଇ ରାଉରକେଲାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଜଣେ ନାବାଳକ ଛାତ୍ରକୁ ଅପହରଣ କରି ୭ ରୁ ୮ ଜଣ ଯୁବକ ନିସ୍ତୁକ ମାଡ଼ ମାରିବା ଏବଂ ଏହାର ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟିଂ କରିବା ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ପି ନିତେଶ ୱାଧୱାନୀଙ୍କ ହସ୍ତକ୍ଷେପ ପରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ ମାଡ଼ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସହ ୩ ଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖ ଦିନ ସେକ୍ଟର-୫ ଦୀପିକା ଇଂଲିଶ ମିଡିୟମ ସ୍କୁଲ ସମ୍ମୁଖରେ ଜଣେ ଛାତ୍ରଙ୍କୁ ୮ରୁ ୧୦ ଜଣ ଯୁବକ ଜୋରଜବରଦସ୍ତ ଅପହରଣ କରି ସେକ୍ଟର-୧୫ ମସ୍‌ଜିଦ ପଛ ପଟକୁ ନେଇ ଯାଇଥିଲେ। ସେମାନଙ୍କ ମଧ୍ୟରେ ଛାତ୍ରଙ୍କର ଜଣେ ସହପାଠୀ ବି ଥିଲା। ସେଠାରେ ସେମାନେ ମୋବାଇଲ ଫୋନ୍‌ରେ ଏକ ଆପତ୍ତିଜନକ ପୋଷ୍ଟିଂ ଛାତ୍ରକୁ ଦେଖାଇ ସେ କାହିଁକି ଏହାକୁ ପୋଷ୍ଟିଂ କରିଥିଲା ବୋଲି କହି ତାକୁ ନିସ୍ତୁକ ମାଡ଼ ମାରିଥିଲେ। ଏତଦ୍‌ବ୍ୟତୀତ ସେମାନେ ଏହି ଛାତ୍ରକୁ ମାଡ଼ ମାରିବାର ଭିଡିଓକୁ ମୋବାଇଲରେ ସୁଟିଂ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରି ଦେଇଥିଲେ। ଏହାପରେ ଏହାକୁ ବଜରଙ୍ଗ ଦଳ ପକ୍ଷରୁ ବିରୋଧ କରାଯାଇ ସୋସିଆଲ୍ ମିଡିଆରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ରାଉରକେଲା ନାମକ ଏକ ଆକାଉଣ୍ଟରେ ଏହା ପୋଷ୍ଟ କରାଯାଇଥିଲା। ଯଦିଓ ସମ୍ପୃକ୍ତ ଛାତ୍ରକୁ ମାଡ଼ ନେଇ ତା'ର ପରିବାର ପକ୍ଷରୁ କୌଣସି ଏତାଲା ଦିଆ ଯାଇନଥିଲା, ତେବେ ଏହି ମାଡ଼ ଘଟଣା ଭାଇରାଲ୍ ହେବା ପରେ ଉତ୍ତେଜନା ଆଶଙ୍କା କରି ଏସ୍‌ପି ନିତେଶ ୱାଧୱାନୀ ଘଟଣାର ତଦନ୍ତ ପାଇଁ ସେକ୍ଟର-୭ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରି ଏହି ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଥିବା ସୂଚନା ମିଳିଛି। ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ୩ ଜଣ ହେଲେ ମହମ୍ମଦ ସମିମ୍(୧୯), ମହମ୍ମଦ କଶିଫ୍(୨୧), ଶେଖ୍ ସାଇଦୁଲ(୩୦)। ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ନାବାଳକଙ୍କୁ ମଧ୍ୟ ଗିରଫ କରି ବାଳ ସୁଧର ଗୃହକୁ ପଠାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଛାତ୍ରଙ୍କୁ ମାଡ଼ପିଟ୍ କରୁଥିବା ସମସ୍ତ ଅଭିଯୁକ୍ତ ସେକ୍ଟର-୧୫ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

**୩ ନାବାଳକ ଗଲେ ବାଳ ସୁଧାର ଗୃହ**

# ମହିଳା ଠିକା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଉରକେଲା, ୪।୧୦(ସମିସ):** କାର୍ଯ୍ୟସ୍ଥଳରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ଠିକା ମହିଳା ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ମୃତ ଯୁବତୀଙ୍କ ପରିବାର ପକ୍ଷରୁ ରଘୁନାଥପାଲି ଥାନାରେ ହତ୍ୟା ଅଭିଯୋଗ କରାଯାଇଛି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

ପାନପୋଷ ଠାରେ ନିର୍ମାଣାଧୀନ ରାଉରକେଲା ୱାନ୍ ଠାରେ ବାଲୁଘାଟ ବସ୍ତିର ଜଣେ ଯୁବତୀ କାମ କରୁଥିଲେ। ଶୁକ୍ରବାର ସକାଳେ କାମ ପାଇଁ ଘରୁ ବାହାରି ଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଫେରି ନଥିଲେ। ଏହାରି ମଧ୍ୟରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଯୁବତୀ ଭର୍ତ୍ତି ହୋଇଥିବା ପରିବାର ଲୋକେ ସୂଚନା ପାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ତେବେ କାର୍ଯ୍ୟସ୍ଥଳରେ କେଉଁ କାରଣରୁ ଅସୁସ୍ଥ ହେଲେ, କେଉଁ ପରିସ୍ଥିତିରେ ଯୁବତୀଙ୍କ ମୃତ୍ୟୁ ହେଲା ଏଭଳି ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି ପରିବାର ଲୋକେ।

ସୂଚନାଯୋଗ୍ୟ ଯେ ମୃତା ଠିକା ଶ୍ରମିକ ହେଉଛି ଜଣେ ନାବାଳିକା। ତାଙ୍କର ବୟସ ୧୫ ବର୍ଷ ମଧ୍ୟରେ ହେବ। ସେ ଗତ ଏକ ବର୍ଷ ହେବ ସେଠାରେ ଠିକା କାର୍ଯ୍ୟ କରି ଆସୁଥିଲେ। ଏଠାରେ ପ୍ରଶ୍ନ ଉଠିଛି ଯେ ରାଉରକେଲା ୱାନ୍ ପରି ଏକ ସରକାରୀ ପ୍ରକଳ୍ପରେ ଜଣେ ନାବାଳିକାକୁ କିପରି ଠିକା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା।

# ବୃଦ୍ଧାଙ୍କ ପେଟରୁ ବାହାରିଲା ଟୁଥ୍‌ବ୍ରସ୍

**ରାଉରକେଲା, ୪।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତରମାନେ ଏଣ୍ଡୋସ୍କୋପିକ୍ ପ୍ରକ୍ରିୟା ମାଧ୍ୟମରେ ଜଣେ ୬୯ ବର୍ଷୀୟ ବୃଦ୍ଧାଙ୍କ ପେଟରୁ ସଫଳତାର ସହ ଏକ ଟୁଥ୍‌ବ୍ରସ୍ ବାହାର କରିଛନ୍ତି।

ନୂଆଗାଁ ବ୍ଲକ ବାଗଡ଼େଗା ଗ୍ରାମର ଏହି ମହିଳା ଜଣଙ୍କ ଦୁଇଦିନ ପୂର୍ବରୁ ଏକ ଟୁଥ୍‌ବ୍ରସ୍‌କୁ ଭୁଲବଶତଃ ଗିଳିଦେଇ ଗୁରୁତର ଭାବେ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ଅକ୍ଟୋବର ୩ ତାରିଖ ସକାଳେ ନିକଟବର୍ତ୍ତୀ ହସ୍ପିଟାଲରୁ ଅଧିକ ଚିକିତ୍ସା ପାଇଁ ରେଫର ହୋଇ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ତୁରନ୍ତ ପରୀକ୍ଷା ନିରୀକ୍ଷା ପରେ, ଟୁଥବ୍ରସ୍‌ଟି ତାଙ୍କ ପେଟରେ ରହିଥିବା ଜଣାପଡ଼ିଥିଲା। ଡକ୍ଟର ପି. କେ. ମହାପାତ୍ରଙ୍କ ସମେତ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଏଣ୍ଡୋସ୍କୋପି ଟେକ୍ନିସିଆନ୍ ଚିନ୍ତାମଣିଙ୍କ ସହଯୋଗରେ ଏଣ୍ଡୋସ୍କୋପି ପ୍ରକ୍ରିୟା ସମ୍ପାଦନ କରିଥିଲେ। ଅତିରିକ୍ତ ସିଏମ୍‌ଓ (ମେଡିକାଲ୍) ଡକ୍ଟର ମନୋରଞ୍ଜନ ସାମନ୍ତରାୟ ନିଶ୍ଚେତକ ସହାୟତା କରିଥିଲେ। ୩୦ ମିନିଟ୍‌ର ଅପରେସନ ପରେ ଟୁଥ୍‌ବ୍ରଶ୍‌ଟିକୁ ବୃଦ୍ଧାଙ୍କ ପେଟ ଭିତରୁ ବାହାର କରିଥିଲେ। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିଲା। ଏହି ସଫଳତା ପାଇଁ ଡକ୍ଟର ପି କେ ମହାପାତ୍ରଙ୍କ ରୋଗୀଙ୍କ ପରିବାର ଶ୍ରେୟ ଦେବା ସହ ତାଙ୍କ ଭୂମିକାକୁ ପ୍ରଶଂସା କରାଯାଇଛି। ଉଲ୍ଲେଖନୀୟ ଯେ ଆଇଜିଏଚ୍‌ରେ ପୂର୍ବରୁ ଅନେକ କ୍ଷେତ୍ରରେ ଛୋଟପିଲା ଏବଂ ବୟସ୍କଙ୍କ ଦ୍ୱାରା ମୁଦ୍ରା, ପିନ୍, ମାର୍ବଲ ଓ ବୋତାମ ଭଳି ବାହ୍ୟ ଜିନିଷ ଦୁର୍ଘଟଣାକ୍ରମେ ଗିଳିବା ଯୋଗୁଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସଫଳ ଚିକିତ୍ସା ସମ୍ପାଦିତ ହୋଇଛି। କିନ୍ତୁ ଟୁଥ୍‌ବ୍ରଶ୍ ଗିଳିବା ସହ ଜଡ଼ିତ ଏହି ଚିକିତ୍ସା ଆଇଜିଏଚ୍ ପାଇଁ ପ୍ରଥମ ଘଟଣା।



# ଦ୍ୱିମାସିକ କୁଇଜ୍ କାର୍ଯ୍ୟକ୍ରମ 'ଆର୍‌ଏସ୍‌ପି ଜ୍ଞାନମଞ୍ଚ' ଶୁଭାରମ୍ଭ

**ରାଉରକେଲା, ୪।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଶିକ୍ଷା ଏବଂ ଜ୍ଞାନ ବିତରଣ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଦ୍ୱିମାସିକ କୁଇଜ୍ କାର୍ଯ୍ୟକ୍ରମ 'ଆର୍‌ଏସ୍‌ପି ଜ୍ଞାନମଞ୍ଚ' ଆରମ୍ଭ କରିଛି। ଏହି ନୂତନ କାର୍ଯ୍ୟକ୍ରମର ଉଦ୍‌ଘାଟନୀ କୁଇଜ୍ ପ୍ରତିଯୋଗିତାଟି ଜ୍ଞାନାର୍ଜନ ଓ ବିକାଶ (ଏଲ୍‌ଆଣ୍ଡଡି) ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପି. କେ. ସାହୁ ଯୋଗଦେଇ ବିଜେତା ଏବଂ ରନର୍ସଅପ୍ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପ୍ରତ୍ୟେକ ଦଳରେ କାରଖାନାର ଦୁଇ ଜଣ ସଦସ୍ୟ ବିଶିଷ୍ଟ ୬୫ଟି ଦଳ ଅଂଶଗ୍ରହଣ କରିଥିଲେ। ସିପିପି-୧ ବିଭାଗର ସିନିୟର ମ୍ୟାନେଜର ଧନଞ୍ଜୟ ଯାଦବ ଏବଂ ଅଭିଷେକ ଆନନ୍ଦଙ୍କ ଦଳ ବିଜେତା ହୋଇଥିଲା ବେଳେ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ଜୁନିୟର ଇଞ୍ଜିନିୟର ଆସୋସିଏଟ୍ ସନ୍ତୋଷ କୁମାର ଦାସ ଓ ଜଗନ୍ନାଥ ଜେନା ରନର୍ସ ଅପ୍ ହୋଇଥିଲେ। ପ୍ରତ୍ୟକ ବିଜେତାଙ୍କୁ ୧୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିବାବେଳେ ଉପବିଜେତାଙ୍କୁ ୧ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଏହା ସହିତ, ବିଜେତା ଏବଂ ଉପବିଜେତା ଉଭୟଙ୍କୁ ନଗଦ ପୁରସ୍କାର ସହିତ ୨୫୦ ଟଙ୍କା ମୂଲ୍ୟର ପୁସ୍ତକ ସେଟ୍ ପ୍ରଦାନ କରାଯାଇଥିଲା। ଏହି କୁଇଜ୍ ପ୍ରତିଯୋଗିତାକୁ କୋକ୍ ଓଭେନ ବିଭାଗର ଏଜିଏମ୍ ସମ୍ପଦ ମିଶ୍ର, କୁଇଜ୍ ମାଷ୍ଟର ଭାବରେ ପରିଚାଳନା କରିଥିଲାବେଳେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଡିଜିଏମ୍ କେ. କେ. ଜୟସ୍ୱାଲ ସଂଯୋଜନା କରିଥିଲେ। 'ଆର୍‌ଏସ୍‌ପି ଜ୍ଞାନ ମଞ୍ଚ' ଶିକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ବୈଷୟିକ, ପରିଚାଳନାଗତ ଏବଂ ବିଶ୍ୱସ୍ତରୀୟ କ୍ଷେତ୍ରଗୁଡ଼ିକ ଉପରେ ସଚେତନତା ବୃଦ୍ଧି କରିବା ସହ ଦଳଗତ କାର୍ଯ୍ୟ, ପ୍ରତିଯୋଗିତାମୂଳକ ମନୋଭାବ, ଆନ୍ତଃବିଭାଗୀୟ ବନ୍ଧନ ଏବଂ କ୍ରସ୍-ଫଙ୍କସନ ଜ୍ଞାନ ବିତରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଛି। ଏହି କୁଇଜ୍ ପ୍ରତିଯୋଗିତାଟି ଏସ୍ -୧ ରୁ ଇ ୭ ଗ୍ରେଡ୍ ପର୍ଯ୍ୟନ୍ତ କାର୍ମିକଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଯେ କୌଣସି ବିଭାଗର ୨ କାର୍ମିକ ଏକ ଦଳ ଭାବରେ ଅଂଶଗ୍ରହଣ କରିପାରିବେ। ସୂଚନାଯୋଗ୍ୟ ଯେ କୁଇଜ ବିଷୟଗୁଡ଼ିକ ସେଲ୍ ଏବଂ ଆର୍‌ଏସ୍‌ପି, ଇସ୍ପାତ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ, ସୁରକ୍ଷା, ପରିବେଶ ଏବଂ ସ୍ଥିରତା, ଗୁଣବତ୍ତା ପରିଚାଳନା ପ୍ରଣାଳୀ, ପରିଚାଳନା ନୀତି ଏବଂ ଅଭ୍ୟାସ, ଏବଂ ବ୍ୟବସାୟ ଏବଂ ପ୍ରଯୁକ୍ତିବିଦ୍ୟାରେ ସାମ୍ପ୍ରତିକ ଘଟଣାବଳୀ ସମେତ ବିଭିନ୍ନ ବିଷୟକୁ ନେଇ ପର୍ଯ୍ୟବସିତ।



# ରାଉରକେଲାରେ ରାବଣ ପୋଡ଼ି ଉତ୍ସବ ସମ୍ପନ୍ନ



**ରାଉରକେଲା, ୪।୧୦(ସମିସ):** ମା'ଙ୍କ ବିଜୟା ଦଶମୀରେ ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ସେକ୍ଟର-୧୩ ମେଳଣ ପଡ଼ିଆଠାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ସମ୍ମାନିତ ଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ, ଏସ୍‌ପି ନିତେଶ ୱାଧୱାନୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ୬୦ ବର୍ଷ ଧରି ରାଉରକେଲାରେ ରାବଣ ଓ କୁମ୍ଭକର୍ଣ୍ଣ ଦହନ କରାଯାଉଛି। ଯାହାକି ଓଡ଼ିଶାରେ ପ୍ରଥମ କରି ରାଉରକେଲାରେ ଆରମ୍ଭ କରାଯାଇଛି ବୋଲି କୁହାଯାଇଥିଲା। ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପୂର୍ବତନ ସଭାପତି ଲଳିତ କେଜରିୱାଲ୍, ସଂଯୋଜକ ସୁରେଶ କେଜରିୱାଲ, ସଭାପତି ରାହୁଲ ଅଗ୍ରୱାଲ, ବିବେକ ପୋଦ୍ଦାର, ଦର୍ଶିତ ଠକ୍କର, ଗୌରବ ଅଗ୍ରୱାଲ୍, ପ୍ରତୀକ ଅଗ୍ରୱାଲ୍, କିଷାନ୍ ଅଗ୍ରୱାଲ୍, ଦେବାଂଶ ଅଗ୍ରୱାଲ୍, ଭବାନୀ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଣାଇଁ

ବଣାଇଁ ଗଡ଼ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆଠାରେ ୧୨ ତମ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ସତ୍ୟନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସଙ୍ଘର ସଭାପତି ଯୁଧିଷ୍ଠିର ବେହେରା, ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, କୋଷାଧକ୍ଷ ଚନ୍ଦ୍ର ଶେଖର ଆଚାର୍ଯ୍ୟ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଦୁର୍ଗାପୂଜା ମଣ୍ଡପରୁ ଆଜ୍ଞାମାଳ ଆଣି ଟେଣ୍ଡରା ଗ୍ରାମର ସମ୍ପ୍ରଦା ବାଦକ ଦ୍ୱାରା ଏକ ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ପଡ଼ିଆ ମଧ୍ୟକୁ ଯାଇଥିଲା। ରାବଣ ପୋଡ଼ି ଉତ୍ସବରେ କୁନି କୁନି ପିଲାଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ବାବୁ ନୂଆଗାଁ ଖେଳପଡ଼ିଆଠାରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। ଏଠାରେ ମଧ୍ୟ ରାବଣପୋଡ଼ି ଦେଖିବାକୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା।



# ବିଜେଡିର ଜନସମ୍ପର୍କ ଅଭିଯାନ ଶୁଭାରମ୍ଭ



ରାଉରକେଲା, ୪।୧୦(ସମିସ): ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରେରଣା ଏବଂ ସମସ୍ତଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଗାନ୍ଧୀ ବିଚାରର ସଫଳ ପ୍ରୟୋଗ ନିମନ୍ତେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀ ଠାରୁ ଜନ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ପାନପୋଷ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ରାଉରକେଲା ବିଜୁ ଜନତା ଦଳର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ଅଭିଯାନର ଶୁଭାରମ୍ଭ ହୋଇଥିଲା। ପ୍ରଥମେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଶ୍ରୀ ନାୟକ ସମାଜର ସବୁ ଠାରୁ ଅବହେଳିତ ଭାବେ ରହୁଥିବା ବ୍ୟକ୍ତିଙ୍କ ଉତ୍‌ଥାନ ନିମନ୍ତେ ପ୍ରତ୍ୟେକ ଦିନ ସମସ୍ତେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏହା ହିଁ ହେବ ଗାନ୍ଧୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଦଳ କିପରି ଅଧିକରୁ ଅଧିକ ଶକ୍ତିଶାଳୀ ହେବ ସେ ବିଷୟରେ କହିଥିଲେ। ବରିଷ୍ଠନେତା ବୀରେନ ସେନାପତି, ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ବରିଷ୍ଠ ଆଇନଜୀବୀ ସନ୍ତୋଷ ନାୟକ, ପୂର୍ବତନ ପୌରାଧକ୍ଷା ରଶ୍ମୀବାଳା ମିଶ୍ର, ସନ୍ଧ୍ୟା ଲାକ୍ରା, ପ୍ରଶାନ୍ତ ସେଠୀ, ସତ୍ୟନାରାୟଣ ମହାପାତ୍ର, ଅଞ୍ଜନ ବାରିକ, ନାରାୟଣ ପ୍ରଧାନ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମୁଖପାତ୍ର ଜୟନ୍ତ କୁମାର ମିଶ୍ର ସଂକଳ୍ପ ପାଠ କରାଇଥିଲେ। ନଗର ସଭାପତି ଗଗନ ପଣ୍ଡା ଆଗାମୀ ଦିନର କାର୍ଯ୍ୟକ୍ରମ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

## ଶାନ୍ତି ଶୋଭାଯାତ୍ରା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ରାଉରକେଲା, ୪।୧୦(ସମିସ) :** ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ରାଉରକେଲା ମହାନଗର ପକ୍ଷରୁ ରାଉରକେଲାଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶାନ୍ତି ଶୋଭାଯାତ୍ରା ସହିତ ସ୍ୱଚ୍ଛତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ମ୍ୟୁନିସିପାଲ କଲେଜ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛସାଥୀମାନେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରି ପାନପୋଷ ଛକଠାରେ ପହଞ୍ଚିଥିଲା। ପାନପୋଷ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମ ସୁଶ୍ରୀ ଦୀନା ଦସ୍ତଗୀର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମର ଉପାୟୁକ୍ତ ଅନୀତା ନାଏକ, ଉପାୟୁକ୍ତ ତରୁଣ କାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା 'ରଘୁପତି ରାଘବ ରାଜା ରାମ ଏବଂ ବୈଷ୍ଣବ ଜନ ତୋ ତେନେ କହିଏ' ଭଜନ ଗାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସକାଳ ୫ ଘଟିକାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା।



## ସୁନ୍ଦରଗଡ଼

ସୁନ୍ଦରଗଡ଼ ଜିଲ୍ଲା ସଦର ମହକୁମାଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ସୁନ୍ଦରଗଡ଼ ସହରରେ ରାମଧୂନ୍ ପରିବେଷଣ ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିଭଳି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମଧ୍ୟ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଆର୍‌ଏସ୍‌ପି



ରାଉରକେଲା ସିଭିକ୍ ସେଣ୍ଟର୍ ଠାରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଭଜନ, ସର୍ବ ଧର୍ମ ସମନ୍ୱୟ ପାର୍ଥନା ଏବଂ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ସ୍ମୃତିଚାରଣ ସହ ପାଳିତ ହୋଇଥିଲା। " ରାଉରକେଲାର ବହୁ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଜୀଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପି କେ ବେହେରା, ଆରଏସପି ଅଧିକାରୀ ସଂଘ ଓ ଟ୍ରେଡ ୟୁନିଅନର ବହୁ କର୍ମକର୍ତ୍ତା ତଥା ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ରାଉରକେଲା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାରଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନତୋ...' ସଙ୍ଗୀତ ପରିବେଷଣ କରାଯାଇଥିଲା। ସର୍ବଧର୍ମ ସଦ୍‌ଭାବନା ସଭା ଉକ୍ତ ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା ବେଳେ ଏହି କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ସିଂହ ସଭାର ସଦସ୍ୟଙ୍କ ଦ୍ୱାରା ପବିତ୍ର ଗୁରୁ ଗ୍ରନ୍ଥ ସାହେବ, ସେକ୍ରେ ହାର୍ଟ କାଥେଡ୍ରାଲ ଚର୍ଚ୍ଚ ହମୀରପୁରର ସଦସ୍ୟଙ୍କ ଦ୍ୱାରା ପବିତ୍ର ବାଇବେଲ, ଇସ୍ପାତ ଅଞ୍ଜୁମନ, ସେକ୍ଟର -୧୫ ର ସଦସ୍ୟଙ୍କ ଦ୍ୱାରା ପବିତ୍ର କୋରାନ ଏବଂ ଚିନ୍ମୟ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ପବିତ୍ର ଭଗବତ ଗୀତାରୁ କିଛି ପଂକ୍ତିର ଆବୃତ୍ତି ଓ ବାପୁଙ୍କର ଅତି ପ୍ରିୟ 'ରାମଧୁନ' ଗାନ ମୁଖ୍ୟ ଆକର୍ଷଣ ଥିଲା। ସିଲିକନ ଷ୍ଟିଲ ମିଲ ବିଭାଗର ଜୁନିୟର ଇଞ୍ଜିନିୟର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ଡିଆଇସି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମହାତ୍ମା ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ସକାଳ
THE SAKALA



# ଶାନ୍ତିଶୃଙ୍ଖଳାରେ ସରିଲା ମା'ଙ୍କ ଭସାଣି ଉତ୍ସବ







**ପଟ୍ଟାମୁଣ୍ଡାଇ, ୪।୧୦(ସମିସ)**

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବ ଲଘୁଚାପଜନିତ ଲଗାଣବର୍ଷା ପାଇଁ ବିଶେଷ ଭାବେ ପ୍ରଭାବିତ ହୋଇଛି। ପ୍ରାୟ ୬୦/୭୦ ବର୍ଷର ପୁରୁଣା ଏହି ଶାରଦୀୟ ଦୁର୍ଗାପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲେ ମଧ୍ୟ ପୋଖରୀଆପଡ଼ା ଦୁର୍ଗା, ବଙ୍ଗାଳି ଦୁର୍ଗା, ନୀଳମାଧବ, ଦଶ ଅବତାର, ମହାବୀର ପ୍ରଭୃତି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଷଷ୍ଠି, ସପ୍ତମୀ, ଅଷ୍ଟମୀ ଭଲରେ କଟିଥିବାବେଳେ ନବମୀ ଦିନ ସାମାନ୍ୟ ବର୍ଷା ଓ ଦଶହରା ଦିନ ଲଗାଣ ବର୍ଷା ପୂଜା ଉତ୍ସବର ମାହୋଲକୁ ବିଗାଡି ଦେଇଥିଲା। ଲୋକେ ବର୍ଷାରେ ଭିଜି ଭିଜି ବିଭିନ୍ନ ମେଢ଼ ଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଧନେଶ୍ୱର ଦାସ, ସନାତନ ବିଶ୍ୱାଳ, ଅଭୟ ଜେନା, ଲକ୍ଷ୍ମୀଧର ବାରିକ ପ୍ରମୁଖ ତାଙ୍କ ସମର୍ଥକଙ୍କ ସହିତ ବିଭିନ୍ନ ମେଢ଼ ଦର୍ଶନ କରି ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, କାଉନସିଲର ପ୍ରଶାନ୍ତ ବାରିକ, ପୂର୍ବତନ କାଉନସିଲର ଶ୍ରୀକାନ୍ତ ରାଉତ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଯୁବନେତା ବାବନ ସାହୁ, ଦିଲ୍ଲୀପ ସେଠୀ, ଅଭିରାମ ସ୍ୱାଇଁ, ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଯୁବନେତା ମିଟୁ ମନୋଜ ନାୟକ, ସୁରେଶ ସାହୁ, କାଉନସିଲର ବିଦ୍ୟାଧର ସେଠୀ, ସୁଶାନ୍ତ ଦାସ, ପ୍ରମୋଦ ସାହୁ, ସଞ୍ଜୟ ସ୍ୱାଇଁ, ପୀତାମ୍ବର କର ଓ ଦେବାଶିଷ ମଲିକ, ଶିଶିର ମଲିକ ପ୍ରମୁଖ ନିଜ ସମର୍ଥକଙ୍କ ସହିତ ବିଭିନ୍ନ ମେଢ଼ ପରିଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ପୌର ପରିଷଦ କାଉନସିଲର ବିଭିନ୍ନ ମେଢ଼ ପରିଦର୍ଶନ କରିଥିଲେ।

ଦଶହରା ଦିନ ପୋଖରୀଆପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାବଣ ଶରୀରରେ ଅଗ୍ନି ସଂଯୋଗ କରିଥିଲେ। ଏହି ଉତ୍ସବକୁ ମିଟୁ ଦାଶ, ପ୍ରଦୀପ ତ୍ରିପାଠୀ ଓ ମିଟୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ବର୍ଷା ହେଲା ବାଧକ

ଗତକାଲି ଲଗାଣ ବର୍ଷା ସତ୍ତ୍ୱେ ସକାଳ ୯ଘଟିକାଠାରୁ ବିଭିନ୍ନ ଦେବା ଦେବୀଙ୍କ ମେଢ଼ ବିସର୍ଜନ ପାଇଁ ବିଭିନ୍ନ ବଜା ବାଣ, ଘଣ୍ଟ, ଆଧୁନିକ ବାଦ୍ୟ ଯନ୍ତ୍ରାଂଶ ସହିତ ଶୋଭାଯାତ୍ରାରେ ବିସର୍ଜନ ଘାଟକୁ ଯାଇଥିଲେ। ଲଗାଣ ବର୍ଷା ଯୋଗୁଁ ଭସାଣି ଉତ୍ସବ ପ୍ରଭାବିତ ହୋଇଥିଲା। ପ୍ରତ୍ୟେକ ଦେବା ଦେବୀଙ୍କ ମୂର୍ତ୍ତି ଜରିରେ ଘୋଡା ଯାଇଥିଲା। ଏଥିସହ ଅଳପୁଆ, ତରଡ଼ିପାଳ, ଅମୃତମଣୋହି, ଚୌଦକୁଲାଟ, ନୀଳକଣ୍ଠପୁର, ମାଳିପୁର, କଣ୍ଟାବଣ, ମଦନପୁର ଆଦି ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ସତ୍ତ୍ୱେ ଭସାଣି ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସହରର ଦୁର୍ଗାପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ସଶସ୍ତ୍ର ପୁଲିସ ବାହିନୀ ପଇଁତରା ମାରିବା ସହିତ ଆଇନଶୃଙ୍ଖଳା ରକ୍ଷା କରିଥିଲେ। ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମାଜିଷ୍ଟ୍ରେଟ୍ ଦାୟିତ୍ୱ ସମ୍ପାଦନ କରିଥିଲେ। ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀଙ୍କ ସମେତ ଶାନ୍ତି କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ସଦସ୍ୟ ପୂଜା ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ପ୍ରଶାସନକୁ ସହଯୋଗ କରିଥିଲେ।

# ହଂସୁଆରେ ଚାପ ଖେଳି ବିଦାୟ ନେଲେ ମା'



**ରାଜନଗର, ୪।୧୦(ସମିସ):** ରାଜନଗରର ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଉତ୍ସାହ ଉଦ୍ଦୀପନାର ସହ ଶେଷ ହୋଇଛି। ମା'ଙ୍କୁ ହଂସୁଆ ନଦୀରେ ମେଲାଣି ଦିଆଯାଇଛି। ପରମ୍ପରା ଅନୁଯାୟୀ ଗୋପାଳ ସମ୍ପ୍ରଦାୟର ଲୋକେ ମା'ଙ୍କୁ କାନ୍ଧରେ ବୋହି ରାଜନଗର ବଜାର ପରିକ୍ରମା କରି ହଂସୁଆ ନଦୀ କୂଳରେ ପହଞ୍ଚାଇଥିଲେ। ଘଣ୍ଟଘଣ୍ଟା ଓ ପାରମ୍ପରିକ ବାଦ୍ୟ ସହିତ ହରିବୋଲ ହୁଳହୁଳି ଧ୍ୱନୀରେ ମା'ଙ୍କୁ ମେଲାଣି ଦିଆଯାଇଛି। ହଂସୁଆ ନଦୀରେ ଥିବା ସୁସଜ୍ଜିତ ନୌକାରେ ମା' ବସି ସାତ ଘେରା ଚାପ ଖେଳିଥିଲେ। ଦୁଇଟି ନୌକାକୁ ଯୋଡାଯାଇ ତାକୁ ସୁସଜ୍ଜିତ କରାଯାଇ ମା'ଙ୍କୁ ବସାଇ ନଦୀରେ ସାତ ଘେରା ଚାପ ଖେଳିବା ପରେ ମେଲାଣି ନେଇଛନ୍ତି। ମା' ଦୁର୍ଗାଙ୍କ ସହିତ ଗଳିଦାଣ୍ଡର ବନଦୁର୍ଗା, ସାନବଡ଼ଗୋପାଳପୁରର ମା'ଶାରଳା, ମାଛ ମାର୍କେଟର ମା'ଗଙ୍ଗାମାତା ଓ ପୁରୁଣା ବଜାରର ହରଗୌରୀ, ଘାଟଗଳିର ସାଇବାବାଙ୍କ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ନୌକାରେ ଚାପଖେଳ ମାଧ୍ୟମରେ ମେଲାଣି ଦିଆଯାଇଛି। ସାରା ଓଡ଼ିଶାରେ ବିରଳ ଏହି ଜଳପଥରେ ଭସାଣି ଉତ୍ସବ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ନଦୀ ମଧ୍ୟରେ ଭଜନ କୀର୍ତ୍ତନ, ପାରମ୍ପାରିକ ବାଦ୍ୟ ସହିତ ମା' ଓ ଦେବାଦେବୀଙ୍କୁ ମେଲାଣି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଦୀର୍ଘ ୨ କିମି ବ୍ୟାପି ନଦୀ ମଧ୍ୟରେ ୭ ଘେରା ଚାପ ଖେଳିବା ପରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଶାରଦୀୟ କମିଟି ସ୍ଥାୟୀ ସଭାପତି ତଥା ରାଜନଗର ଆଇଆଇସି ନରେଶ ସାହୁ, ଶାନ୍ତି କମିଟି ସଭାପତି ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଶାରଦୀୟ ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରଭାତ ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ନାରାୟଣ ମାହନ୍ତ, ରମେଶ ଲାଲ, ଚିତ୍ତରଞ୍ଜନ ଦାସ, ବିଜୟ ଗୁପ୍ତା, ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଭସାଣିରେ ଦର୍ଶକଙ୍କ ମନମୋହିଲା ଅଘୋରୀ ନୃତ୍ୟ



**ଡେରାବିଶ, ୪।୧୦(ସମିସ):** ଡେରାବିଶ ବ୍ଲକର ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି, ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ପଲେଇ ପଞ୍ଚାୟତର ନାଲୁବାବା ମଠ, ସୁଦର୍ଶନ ବାବା ମଠ, ଜୟ ଭାରତୀ ସାଥୀ ସମାଜ, ଖମୋଳ ପଞ୍ଚାୟତର ଜହ୍ନିମୂଳ ବଟ, ବସପୁର ପଞ୍ଚାୟତର ଜହ୍ନିମୂଳ, ନରସିଂହପୁର ପଞ୍ଚାୟତର ତିଲଙ୍ଗ, କୁଶିଆପାଳ ପଞ୍ଚାୟତର ବାବୁରାମପାଟଣା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଚିଣା, ହରିଅଙ୍କ ପଞ୍ଚାୟତର ଭୋଳହାଟରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପଲେଇ ପଞ୍ଚାୟତର ନାଲୁବାବା ମଠରୁ ମା' ଦୁର୍ଗାଙ୍କ ମେଢ଼କୁ ବିରାଟ ପଟୁଆରେ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା ଅଘୋରୀ ନୃତ୍ୟ। ସେହିପରି କୁଶିଆପାଳ ପଞ୍ଚାୟତ ଭସାଣି ଉତ୍ସବରେ କାଳିକା ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା।

## ଜରିମୂଳରେ ରାବଣ ପୋଡ଼ି

**ରାଜନଗର, ୪।୧୦ (ସମିସ):** ଉପକୂଳ ଓଡ଼ିଶାର ଅନ୍ୟତମ ଶକ୍ତିପୀଠ ବାରଗାଁର ଜରିମୂଳଠାରେ ମା'ଦୁର୍ଗାଙ୍କ ପାର୍ବଣ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ବିଜୟାଦଶମୀରେ ଜୟ ମା'ମଙ୍ଗଳା ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ପୂଜା କମିଟିର ସଭାପତି ତଥା ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, କେନ୍ଦ୍ରାପଡ଼ା ଜିଲ୍ଲା ଓବିସି ସେଲ ସଭାପତି ବିଜୟ ନାୟକ, ସମିତିସଭ୍ୟା ସସ୍ମିତା ସ୍ୱାଇ ପ୍ରମୁଖ ଯୋଗ ଦେଇଥିଲେ।

## ଖଡ୍‌ଗ ପୂଜନ ଉତ୍ସବ

**ଡେରାବିଶ, ୪।୧୦(ସମିସ):** ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ଦୟାନନ୍ଦ ସେବାଶ୍ରମରେ ବିଜୟାଦଶମୀରେ ଜିଲ୍ଲା ଖଣ୍ଡାୟତ କ୍ଷେତ୍ରୀୟ ଚେତନା ବିକାଶ ପରିଷଦ ପକ୍ଷରୁ ଖଡ୍‌ଗ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମଦନ ମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦେବଯଜ୍ଞରେ ସଭାପତି ହରେକୃଷ୍ଣ ବରାଳ, ଜେନାମଣି ବଳ, କାର୍ତ୍ତିକ ନାୟକ ଘୃତାହୁତି ଓ ସାକଲ୍ୟ ପ୍ରଦାନ କରିଥିଲେ। ପରେ କରୁଣାକର ସ୍ୱାଇଁ, ମାନଗୋବିନ୍ଦ ସ୍ୱାଇଁ, ନାରାୟଣ ସ୍ୱାଇଁ, ସୁବାସ ବରାଳ, ନଗେନ୍ଦ୍ର ରାଉତ, ବସନ୍ତ ଜେନା, ଶମ୍ଭୁନାଥ ମାଇତି ପ୍ରମୁଖ ସାକଲ୍ୟ ପ୍ରଦାନ କରିଥିଲେ। ଯଜ୍ଞ ଶେଷ ପରେ ସମସ୍ତ ଖଣ୍ଡାୟତ କ୍ଷେତ୍ରୀୟ ମୁଣ୍ଡରେ ପଗଡ଼ି ପିନ୍ଧି ତରବାରୀ ଉତ୍ତୋଳିତ କରିଥିଲେ।



### ନଳକୂପରୁ ପାଇପ୍ କାଢ଼ିବାକୁ ନେଇ ବିବାଦ

## ଥାନା ଆଗରେ ବିଜେପି ନେତାଙ୍କ ଧାରଣା

ରାଜନଗର, ୪।୧୦(ସମିସ): ତାଳଚୁଆ ସାମୁଦ୍ରିକ ଥାନାରେ ଗତକାଲି ରାତିରୁ ହାଇଡ୍ରାମା ଲାଗି ରହିଛି। ନଷ୍ଟ ହୋଇଥିବା ନଳକୂପରୁ ପାଇପ କାଢ଼ିବାକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ଡାଙ୍ଗମାଳ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ଦାବି କରି ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ନେତା ଥାନା ଆଗରେ ଧାରଣାରେ ବସିଥିବାବେଳେ ବିଜେପି ନେତା ଓ ତାଙ୍କ ସମର୍ଥକ ଜାତି ନେଇ ଗାଳିଗୁଲଜ ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ପାଲଟା ଅଭିଯୋଗ କରିଛନ୍ତି।

ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁରେ ଏକ ଅଚଳ ନଳକୂପରୁ ପାଇପ କଢା ଯାଉଥିଲା। ସରକାରୀ ନଳକୂପରୁ ପାଇପ ଓ ଯନ୍ତ୍ରାଂଶ ଚୋରି କରାଯାଉଥିବା ନେଇ ଡାଙ୍ଗମାଳ ଗାଁର ମନୋଜ ବେହେରା, ଆଲୋକ ପ୍ରଧାନ, ପ୍ରଦୀପ କୁଣ୍ଡ, ଆଶୁତୋଷ ଜେନା ପ୍ରମୁଖ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ହଂସୁଆ ଗାଁର ସର୍ବେଶ୍ୱର ପ୍ରଧାନ, ଘଡିଆମାଳର ଗଣେଶ୍ୱର ମଲ୍ଲିକ ଓ ସରପଞ୍ଚଙ୍କ ସ୍ୱାମୀ ବିନୋଦ ସେଠୀ ସରକାରୀ ନଳକୂପରୁ ଯନ୍ତ୍ରାଂଶ ଚୋରି କରୁଥିବା ନେଇ ଅଭିଯୋଗ କରିଥିଲେ। ପୁଲିସ ସର୍ବେଶ୍ୱର ଓ ଗଣେଶ୍ୱରଙ୍କୁ ଥାନାକୁ ନେଇ ଛାଡି ଦେଇଥିଲା। ରାତିରେ ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ନେତା ଲଳିତ ବେହେରା ଥାନାରେ ପହଞ୍ଚିବା ପରେ ତାଙ୍କ ସମର୍ଥକ ପହଞ୍ଚିଥିଲେ। ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ଦାବିରେ ଥାନା ଆଗରେ ବିଜେପି ସମର୍ଥକ ବସିଥିଲେ। ଅନ୍ୟପକ୍ଷରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅଚଳ ନଳକୂପରୁ ଶ୍ରମିକ ଲଗାଇ ପାଇପ କଢୁଥିବାବେଳେ ବିଜେପି ନେତା ଲଳିତ ବେହେରା ସହିତ ମନୋଜ ବେହେରା, ପ୍ରଦୀପ କୁଣ୍ଡ ଓ ଅନ୍ୟମାନେ ଶ୍ରମିକଙ୍କୁ ମାରଧର ଓ ଗାଳିଗୁଲଜ କରିଥିଲେ। ଶ୍ରମିକଙ୍କ ଫୋନ ପାଇ ମୁଁ ଓ ମୋ ସ୍ୱାମୀ ସେଠାରେ ପହଞ୍ଚିବା ପରେ ସେଠାକାର ପରିସ୍ଥିତି ଦେଖି ଲୁଚି ଘରକୁ ପଳାଇ ଆସିଥିଲୁ। ଆମକୁ ଜାତି ନେଇ ଗାଳିଗୁଲଜ କରିଥିବା ସରପଞ୍ଚ ଦୌପ୍ରଦୀ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ବିମଳ କୁମାର ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି। ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀଙ୍କୁ ସରପଞ୍ଚ ନଳକୂପ ଯନ୍ତ୍ରାଶ ଖୋଲି ପାରିବେ କି ନାହିଁ ସ୍ପଷ୍ଟୀକରଣ ମଗାଯାଇଛି। ଏହା ମିଳିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**ବିଜେପି ନେତାଙ୍କ ନାଁରେ ସରପଞ୍ଚଙ୍କ ଅଭିଯୋଗ**

### ଚାଟରାଚକଡ଼ା, କୁରୁଜଙ୍ଗା ଓ ଛୋଟି ସମବାୟ ସମିତି କାର୍ଯ୍ୟକ୍ଷମ ନ ହେବା ପ୍ରତିବାଦ

## ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଡେରାବିଶ, ୪।୧୦(ସମିସ):** ଏଆରସିଏସ୍‌ଙ୍କ ଅସହଯୋଗ ପାଇଁ ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା, କୁରୁଜଙ୍ଗା ଓ ଛୋଟି ସମବାୟ ସମିତି କାର୍ଯ୍ୟକ୍ଷମ ନ ହେବା ଓ ଚାଷୀ ସେବା ନ ପାଇବା ପ୍ରତିବାଦରେ ଅଞ୍ଚଳର ଚାଷୀ ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସଂଘର ସମ୍ପାଦକ କୃତିବାସ ଦାସ, ଶରତ ମଲିକ, ରାଧାଶ୍ୟାମ ଦାସ, ଅଭିମନ୍ୟୁ ରାଉତ, କୃଷ୍ଣଚନ୍ଦ୍ର ଦାସ, ହରିଶ ଚନ୍ଦ୍ର ବାରିକ, ମାନସୀ ନାୟକ, ସରସ୍ୱତୀ ବେହେରା, ସ୍ୱର୍ଣ୍ଣଲତା ନାୟକ, ଶଶାଙ୍କ ଶେଖର ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଜିଲ୍ଲା ଚାଷୀ ଶ୍ରମିକ ସଂଘ ନେତୃତ୍ୱରେ ଧାରଣାରତ ଚାଷୀ ଦାବି କରିଛନ୍ତି ଯେ, ଡେରାବିଶ ବ୍ଲକ ୨୦୨୩ରେ ଗଠନ ହୋଇଥିବା ଚାଟରାଚକଡ଼ା, କୁରୁଜଙ୍ଗା, ଛୋଟି ସମବାୟ ସମିତିକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇ ଏ ଅଞ୍ଚଳର ଚାଷୀଙ୍କୁ ଋଣ, ସାର, ବିହନ, ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ଚାଷୀ ଓ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉ। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଚିଠି ଅନୁଯାୟୀ ମୂଳ ସମିତିରୁ ତୁରନ୍ତ ନୂତନ ସମିତିକୁ ଆସେଟ୍‌ସ୍ ଓ ଲିଆବିଲିଟିଜ୍ ହସ୍ତାନ୍ତର କରାଯାଉ। ଚଳିତ ଖରିଫ ଋତୁରେ ଚାଟରାଚକଡ଼ା, କୁରୁଜଙ୍ଗା, ଛୋଟି ସମିତି ମାଧ୍ୟମରେ ଚାଷୀଙ୍କଠାରୁ ଧାନକ୍ରୟ କରାଯାଉ। ଚାଟରାଚକଡ଼ା ପ୍ରାଥମିକ କୃଷି ସମବାୟ ସମିତିର ଦାୟିତ୍ୱରେ ଥିବା ସମ୍ପାଦକ ଭାବେ ଅବସ୍ଥାପିତ କରାଯାଇଥିବା କାଉପଡ଼ା ସମିତିର ସହସମ୍ପାଦକ ଚାଟରାଚକଡ଼ା ସମିତିର କାଗଜାତ କଟକ କେନ୍ଦ୍ର ସମବାୟ ସମିତିରେ ଦାଖଲ ନକରି ବିଳମ୍ବ କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆସନ୍ତା ସାତଦିନ ମଧ୍ୟରେ ଚାଟରାଚକଡ଼ା ସମବାୟ ସମିତି ଚାଷୀଙ୍କୁ କୃଷିଋଣ ପ୍ରଦାନ କରାଯାଉ। ତେବେ ଅପରାହ୍ନରେ କେନ୍ଦ୍ରାପଡ଼ା ଏଆରସିଏସ୍ ଧାରଣକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ତ ଦାବି ମାନିନେବା ସହିତ ତୁରନ୍ତ ଚାଟରାଚକଡ଼ା, କୁରୁଜଙ୍ଗା ଓ ଛୋଟି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେବାପରେ ଚାଷୀ ଓହରିଥିଲେ।

## ଘରୋଇ ବସ୍‌ରେ ଯାତ୍ରୀ ଶୋଷଣ ପ୍ରତିବାଦରେ ଧାରଣା ନିଷ୍ପତ୍ତି

**ରାଜକନିକା, ୪।୧୦(ସମିସ):** ରାଜକନିକାରୁ ଦୈନିକ ୩୦ରୁ ଅଧିକ ଘରୋଇ ବସ୍ କଟକ ଓ ଭୁବନେଶ୍ୱର ସହ ରାଉରକେଲା ଓ କୋଲକାତା ଯାଉଥିବାବେଳେ ଏସବୁ ଘରୋଇ ବସ୍‌ରେ ନିର୍ଦ୍ଧାରିତ ଭଡାଠାରୁ ଢେର ଅଧିକ ଭଡ଼ା ଆଦାୟ ହେବା ଓ କେତେକ କଣ୍ଡକ୍ଟର ଯାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଅତୀତରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓଁ ସଚେତନ ଲୋକେ ଏହାର ପ୍ରତିବାଦ କରି ଗଣଧାରଣା ଦେଇଥିଲେ। କନିକା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଏଭଳି ଶୋଷଣ ବନ୍ଦ ପାଇଁ ଦାବି ହୋଇଥିଲେ ବି ତାହାର କୌଣସି ସୁଫଳ ମିଳି ନ ଥିଲା। ଗତ ୧୫ ତାରିଖ ଦିନ ବଡ଼ାଗର ଗ୍ରାମର ଜଣେ ମହିଳା ଯାତ୍ରୀଙ୍କୁ ଜଣେ ବସ୍ କଣ୍ଡକ୍ଟର ଅଧିକ ଭଡା ମାଗିବା ସହ ତାଙ୍କୁ ଅସମ୍ମାନ କରିଥିବା ସେ ଅଭିଯୋଗ କରିଛନ୍ତି। ନିର୍ଦ୍ଧାରିତ ଭଡା ନେବା ସହ ଯାତ୍ରୀ ଶୋଷଣ ବନ୍ଦ କରି ଉତ୍ତମ ବ୍ୟବହାର ଦେବାକୁ ଦାବି ହେବା ସହ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ନବବଧୂର ସନ୍ଦେହଜନକ ମୃତ୍ୟୁ

**ରାଜନଗର, ୪।୧୦(ସମିସ):** ବିବାହର ୪ ମାସ ପୂରିନି। ପାଦରୁ ଅଳତା ଲିଭିନି। ତେବେ ନବବଧୂର ସ୍ୱପ୍ନ ଅଧୁରା ରହିଲା। ଆଜି ଶାଶୂଘରେ ନବବଧୂର ଶବ ଦେଖିଲା ଭଳି ଏକ ଅଭାବନୀୟ ଘଟଣା ସମଗ୍ର ରାଜନଗର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଖବର ପାଇ ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପାଇଁ ଆଳିକୁ ପଠାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ରାଜନଗର ଥାନାରେ ୨୭/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ କଣି ଗ୍ରାମର ଗୋବର୍ଦ୍ଧନ ପରିଡ଼ାଙ୍କ ଝିଅ ଗାୟତ୍ରୀ ପରିଡ଼ା(୨୪)ଙ୍କ ଚଳିତ ବର୍ଷ ଜୁନ ୧୮ ତାରିଖରେ ହାତିନା ପଞ୍ଚାୟତ ପ୍ରସନ୍ନପୁର ଗ୍ରାମର ଅଜୟ ପଲେଇଙ୍କ ପୁତ୍ର ଶିଶିରଙ୍କ ସହିତ ବିବାହ ହୋଇଥିଲା। ଆକସ୍ମିକ ଭାବେ ଗାୟତ୍ରୀ ରଶି ଲଗାଇ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ନବବଧୂର ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଶଙ୍କା ସୃଷ୍ଟି ହୋଇଛି। ଗାୟତ୍ରୀଙ୍କ ସ୍ୱାମୀ କିଛିଦିନ ତଳେ ଦୁବାଇରେ କାମ କରିବାକୁ ଯାଇଛନ୍ତି। ଗାୟତ୍ରୀଙ୍କ ବାପା ଗୋବର୍ଦ୍ଧନ ପରିଡ଼ା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମୋ ଝିଅର ଛାତିରେ ଯନ୍ତ୍ରଣା ଅସହ୍ୟ ହେବାରୁ ପଙ୍ଖାରେ ବେକରେ ଧୋତି(ଲୁଗା) ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ଆତ୍ମହତ୍ୟା ଘଟଣାକୁ ନେଇ ସୋସିଆଲ ମିଡିଆରେ ମୃତ ନବବଧୂର ବାପା ଦେଇଥିବା ବୟାନ ଏହି ଘଟଣାକୁ ଭିନ୍ନ ରୂପ ଦେଇଛି।

**ଶବ ଜବତ କଲେ ତହସିଲଦାର**

## ବେଲସରପୁରରେ ସିରିଜ ଚୋରି

**ଆଳି, ୪।୧୦(ସମିସ):** ଆଳି ଥାନା ବେଲସରପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତ୍ରିରେ ତିନୋଟି ସ୍ଥାନରୁ ଲୁଟ ହୋଇଥିବା ନେଇ ଥାନାରେ ଏତଲା ହୋଇଛି। ଅଜୟ ଧଳଙ୍କ ଏତଲା ଅନୁଯାୟୀ କିଛି ଦୁର୍ବୃତ୍ତ ସେ ଓ ତାଙ୍କ ପରିବାର ଲୋକ ଶୋଇଥିବା କୋଠରୀକୁ ବାହାର ପଟୁ କବାଟ ଦେଇ ଦେଇଥିଲେ। ଅନ୍ୟ କୋଠରୀ ଝରକା କାଟି ସୁନା ଚେନ, ମଙ୍ଗଳସୂତ୍ର, କାନଫୁଲ, ନାକଫୁଲ, ରୁପା ପାଉଁଜି ସହ ନଗଦ ୨୫ ହଜାର ଟଙ୍କା ଲୁଟି ନେଇଥିଲେ। ବନମାଳୀ ଦାଶଙ୍କ ଘରୁ ନଗଦ ୪୫ ହଜାର ଟଙ୍କା ଓ ସୁନା କାନଫୁଲ ସହ ୫ ଶହ ଗ୍ରାମର ସୁନା ଅଳଙ୍କାର ଲୁଟି ନେଇଥିବା ବନମାଳୀ ଆଳି ଥାନାରେ ଏତଲା ଦେଇଛନ୍ତି। ମନୋରଞ୍ଜନ ମିଶ୍ରଙ୍କ ଘରୁ ସୁନା ଚେନ ସହ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି।

## ଗାନ୍ଧୀ ଜୟନ୍ତୀରେ ବିଜେଡିର ସାମୂହିକ ସଂକଳ୍ପ ଉତ୍ସବ

**କେନ୍ଦ୍ରାପଡ଼ା, ୪।୧୦(ସମିସ):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ କେନ୍ଦ୍ରାପଡ଼ା ବିଜୁ ଜନତା ଦଳ ପକ୍ଷରୁ ଗରାପୁର ଗାନ୍ଧୀ ସ୍ମୃତି ପୀଠରେ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପୌରୋହିତ୍ୟ କରି ଗାନ୍ଧୀ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସମସ୍ତ ବିଜେଡି କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଓ କର୍ମୀଙ୍କୁ ଦଳ ପକ୍ଷରୁ ପ୍ରସ୍ତୁତ ୬ ଦଫା ସମ୍ବଳିତ ସଂକଳ୍ପ ପାଠ କରାଇଥିଲେ। ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉପସ୍ଥାପିତ ପ୍ରସଙ୍ଗ ଅହିଂସାକୁ ଭାରତ ସମ୍ବିଧାନରେ ମୁଖ୍ୟବନ୍ଧରେ ସାମିଲ କରିବାକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।



୧୯୩୪ରେ ମହାତ୍ମା ଗାନ୍ଧୀଙ୍କ ହରିଜନ ଯାତ୍ରା ସମୟରେ ତାଙ୍କ ରହଣୀ ସ୍ଥାନ ଗରାପୁର ଡାକବଙ୍ଗଳାରେ ପ୍ରତିଷ୍ଠିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ବିଜୁ ପରିବାର ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ମୁତାବକ ଆସନ୍ତା ୯ରୁ ନଭେମ୍ବର ୯ ପର୍ଯ୍ୟନ୍ତ ଜନସମ୍ପର୍କ ଅଭିଯାନ ଆୟୋଜନ କରାଯିବାର ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଶିବପ୍ରସାଦ ଭଳ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ବୃନ୍ଦ ସଭାପତି ଆଲୋକ ସାହୁ, ନଗର ସଭାପତି ଯଯାତି ମହାନ୍ତି, ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ସଂଖ୍ୟାଲଘୁ ସଭାପତି ସେକ୍ ଚନ୍ଦନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ମୋହନ ଆଚାର୍ଯ୍ୟ, ରାଜୁ କୁବେର, ଲୋହିତ ମହାନ୍ତି, ଅଜିତ ପରିଡ଼ା, ମଣ୍ଟୁ ମହାନ୍ତି, ମହମଦ ଇସାକ, ପ୍ରଶାନ୍ତ ବିଶ୍ୱାଳ, ଅଶ୍ୱିନୀ ପାତ୍ର, ହିବଜୁର ରେହେମାନ, ମାନସ ପରିଡ଼ା, ବାପି ନାୟକ, ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇ ଶପଥ ଗ୍ରହଣ କରିଥିଲେ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା, ୪।୧୦(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦକିଶୋର ପରିଡ଼ା ଓ ଡ. ବାସୁଦେବ ଦାସ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ସମ୍ପର୍କରେ ଅଭିଭାଷଣ ରଖିବା ସହିତ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ, କେନ୍ଦ୍ରାପଡ଼ାରେ ରହଣୀ, ଗାନ୍ଧିଜୀଙ୍କ ଦର୍ଶନ ଓ ଆଦର୍ଶକୁ ପାଥେଇ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ ଅବଗତ କରାଇଥିଲେ। ସର୍ବଧର୍ମ ପ୍ରାର୍ଥନାରେ ଧର୍ମଗୁରୁ ମାଧବ ଚରଣ ନନ୍ଦ, ମହମ୍ମଦ ଇନାଇତୁଲ୍ଲା ଓ ଧ୍ରୁବ ଚରଣ ନାୟକ ଯଥାକ୍ରମେ ଗୀତ, କୋରାନ ଓ ବାଇବେଲ ପାଠ କରିଥିଲେ। ପରେ ପୂର୍ବରୁ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ସଭା ପରିଚାଳନା କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶଙ୍କ ପୌରୋହିତ୍ୟ ଓ ଉପସଭାପତି ସୁରେଶ ନରେନ୍ଦ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସହସମ୍ପାଦକ ମନୋଜ ନାୟକ, ବରିଷ୍ଠ ଆଇନଜୀବୀ ହୃଦାନନ୍ଦ ମହାନ୍ତି, ଗୋପୀନାଥ ତ୍ରିପାଠୀ, ସତ୍ୟରଞ୍ଜନ ନାୟକ, ମୋନାଲିସା ପରିଡ଼ା, ସୁଶାନ୍ତ ସାମଲ, ଶିଶିର ମଲିକ, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେଇଥିଲେ। ଆଇନଜୀବୀ ଧୀରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

**ଡେରାବିଶ:** ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ରଘୁନାଥ ସାହୁ, ଯୁବ ରେଡ୍‌କ୍ରସର କନ୍‌ସେଲର ଡ. ଶଶିକାନ୍ତ ମଲ୍ଲିକାଙ୍କ ସମେତ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ରେବ ନଦୀରେ ମା' ଦୁର୍ଗାଙ୍କ ବିସର୍ଜନ ସମ୍ପନ୍ନ



**ବାରିକପୁର, ୪।୧୦(ସମିସ):** ୫ଦିନ ଧରା ପୃଷ୍ଠରେ ଖେଳାଲିଳା କରି ବାହୁଡ଼ି ଯାଇଛନ୍ତି ଜଗତଜନନୀ ମା' ଦୁର୍ଗା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଷଷ୍ଠୀ ବେଲ୍ୱବରଣୀଠାରୁ ଆରମ୍ଭ ହୋଇଥିବା ମା'ଙ୍କ ପୂଜା ଉତ୍ସବ ଦଶହରା ଉଦଯାପିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ବୈଦିକ ରୀତିନୀତି ଅନୁଯାୟୀ ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ଆୟୋଜନ ହୋଇଥିଲା। ମା'ଙ୍କୁ ଦଶହରା ମଣ୍ଡା ଅର୍ପଣ ପରେ ବିଭିନ୍ନ ପୁଷ୍କରିଣୀ ଓ ନଦୀରେ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ଦିଆଯାଇଛି। ବ୍ଲକର ରେ୍ୱ ନଦୀ କୂଳେ କୂଳେ ଥିବା ବିଭିନ୍ନ କମିଟି ପକ୍ଷରୁ ବେଶ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇଥିଲା। ବିଶେଷ କରି ନିର୍ଗୁଣ୍ଡି ସ୍ଥିତ ପ୍ରସିଦ୍ଧ ବଡଦାଣ୍ଡ ପୂଜା କମିଟି, କୁଣ୍ଡସାହି, ନାଗପାଳ, ହାଟସାହି କମିଟି ଦ୍ୱାରା ସିଂହବାହିନୀଙ୍କ ପୂଜା ଉଦ୍ଧୀପନାର ସହ ଶେଷ ହୋଇଛି। ସେହିଭଳି ନଗୁଆଁ, ପାଟୁଳି, ମଞ୍ଜୁରୀରୋଡ଼, ଧୂଳିଗଡ଼ିଆ, ସରସଦା, ବିମ୍ବଳବର ଓ ଭଣ୍ଡାରିପୋଖରୀ ବଜାରଠାରେ ମଧ୍ୟ ଦୁର୍ଗାଙ୍କ ପୂଜା ଉତ୍ସବ ସମ୍ପନ୍ନ ହୋଇଛି।

## ସାର୍ବଜନୀନ ବୈଷ୍ଣବୀ ବନଦୁର୍ଗା ପୂଜା ଓ ଭସାଣ ସମ୍ପନ୍ନ



**ଭଦ୍ରକ, ୪।୧୦(ସମିସ):** ଭଦ୍ରକ ସହର ମଠସାହି ରାଜଘାଟଠାରେ ସାର୍ବଜନୀନ ମା' ବୈଷ୍ଣବୀ ବନଦୁର୍ଗା ପୂଜା ଉତ୍ସବ ୬ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ଧରି ପୂଜା କମିଟି ପକ୍ଷରୁ ପାଳିତ ହୋଇଆସୁଥିବା ବେଳେ ଜିଲ୍ଲା ପ୍ରଶାସନ ପୁଲିସ ପକ୍ଷରୁ ଏଠାରେ ସହଯୋଗ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦେବୀ ବୈଷ୍ଣବୀ ବନଦୁର୍ଗା ପୂଜା ଷଷ୍ଠୀଠାରୁ ନୀତିକାନ୍ତି ସହ ପୂଜା ଅନୁଷ୍ଠିତ ହେବା ସହିତ ପ୍ରଥମ ଦିବସରେ ବେଲ ବରଣ ହୋଇ କଳସ ସ୍ଥାପନ, ହୋମ, ଚଣ୍ଡିପାଠ, ମା'ଙ୍କ ଜଣାଣ, ଆଳତୀ, ଭୋଗ ନୈବେଦ୍ୟ, ପୂର୍ଣ୍ଣାହୁତି, ବନ୍ଦାପନା ହୋଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ପ୍ରଭାତ ତ୍ରିପାଠୀ, ପଣ୍ଡିତ ମଦନ ମୋହନ ଆଚାର୍ଯ୍ୟ, ପଣ୍ଡିତ ମଟୁ ମହାପାତ୍ର ପୂଜାପାଠ କରିଥିଲେ। ପୂଜା କମିଟିର ସଭାପତି ସାମ୍ବାଦିକ ଅଶୋକ ନାୟକ, ଉପସଭାପତି ଅଶେଷ ନାୟକ, ସମ୍ପାଦକ ଉମାକାନ୍ତ ଅରଖ, କର୍ତ୍ତା ଅନ୍ନପୂର୍ଣ୍ଣା ଦେବୀ, ଆଲୋକ ବେହେରା, ଦୁର୍ଯ୍ୟୋଧନ ପତି, ସନ୍ଦିପ୍ ଦାସ, ବିଶ୍ୱଜିତ ନାୟକ, ଗୀତାରାଣୀ ଦାସ, ତୃପ୍ତିରେଖା ସାହା ପ୍ରମୁଖଙ୍କ ସମେତ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ। ପୂଜା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପୂର୍ବତନ କାଉନସିଲର ପ୍ରବୀର ଜେନା, ଘାଉଲି ଜେନାଙ୍କ ସମେତ ଗ୍ରାମବାସୀ, ଜନସାଧାରଣ, ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ। ଏଥିରେ ଶ୍ରଦ୍ଧାଳୁ ମହିଳାମାନେ ସିନ୍ଦୂର ମା'ଙ୍କୁ ଲାଗି କରିବା ସହିତ ନିଜେ ନିଜେ ମଧ୍ୟ ପିନ୍ଧି ମା'ଙ୍କ ଆଶିଷ କାମନା କରିଥିଲେ। ପରେ ଏହି ଭସାଣ ଯାତ୍ରା ମଠସାହି ରାଜଘାଟ ଛକରୁ ବାହାରି ନଗର ପରିକ୍ରମା କରି ସାଳନ୍ଦୀ ନଦୀ ରାଜଘାଟଠାରେ ବିସର୍ଜନ ହୋଇଥିଲା।

## ବିଧାୟକଙ୍କ ପୂଜା ମଣ୍ଡପ ପରିଦର୍ଶନ



**ବାରିକପୁର, ୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପକୁ ବିଧାୟକ ସଞ୍ଜୀବ ମଲ୍ଲିକ ପରିଦର୍ଶନ କରିଥିଲେ। ବ୍ଲକର ନିର୍ଗୁଣ୍ଡିଠାରେ ୫ଟି ମଣ୍ଡପ ଠାରେ ଆୟୋଜନ ହୋଇଥିବା ପୂଜା ଉତ୍ସବରେ ବିଧାୟକ ଯୋଗଦେଇ ସିଂହବାହିନୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାଛଡା ଉତ୍ସବ ଆୟୋଜନ ସମ୍ପର୍କରେ ପୂଜା କମିଟି ସହିତ ଆଲୋଚନା କରିଥିଲେ। ସେହିଭଳି ବିମ୍ବଳବର, ମଞ୍ଜୁରୀରୋଡ଼, ଭଣ୍ଡାରିପୋଖରୀ ବଜାର, ସରସଦା ଠାରେ ଆୟୋଜନ ହୋଇଥିବା ମା'ଙ୍କ ପୂଜାରେ ବିଧାୟକ ଯୋଗ ଦେଇଥିଲେ। ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ଯୁବନେତା ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ଅବିନାଶ ରାଉତ, ସରପଞ୍ଚ ସତ୍ୟବ୍ରତ ପାଲ, ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ମାଝୀ, ରାଜେନ୍ଦ୍ର ଖଣ୍ଡାଇ, ଜୟନ୍ତ ସାହୁ, ନାଗେଶ୍ୱର ବେହେରା, ମନୋରଞ୍ଜନ ସାହୁ, ସୁରେନ୍ଦ୍ର ପାଲ, ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମା'ଙ୍କୁ ଦର୍ଶନ କଲେ ମନ୍ତ୍ରୀ, ପୂର୍ବତନ ସାଂସଦ ଓ ବିଧାୟକ



**ଧାମନଗର, ୪।୧୦(ସମିସ):** ଧାମନଗର ବ୍ଲକ ଓ ଏନ୍ଏସି ଅଞ୍ଚଳ ତଥା ବିଭିନ୍ନ ପଞ୍ଚାୟତ, ସାହିବସ୍ତିରେ ସାର୍ବଜନୀନ ଦୁର୍ଗା ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତା ବିଭିନ୍ନ ପୂଜା ମଣ୍ଡପ ବୁଲି ମା' ଦୁର୍ଗାଙ୍କୁ ଦର୍ଶନ ସହ ଆଶୀର୍ବାଦ ଲାଭକରି ସମସ୍ତଙ୍କ ପାଇଁ ମଙ୍ଗଳ କାମନା କରିଛନ୍ତି। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ବ୍ଲକ ଓ ନଗର ପ୍ରତିନିଧି, ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ନଗର ସଭାପତି ବିଜୟ କେତନ ସାହୁ, ସମିତି ସଭ୍ୟ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ଦଳୀୟ କର୍ମୀ ମା' ଦୁର୍ଗାଙ୍କୁ ଦର୍ଶନ କରିଥିଲେ। ସେହିପରି ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ନଗର ସଭାପତି ମାଳସ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ହୃଦାନନ୍ଦ ସେଠୀ, ସଞ୍ଜୟ କୁମାର ମିଶ୍ର, ମାନସ ରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି ଦୁର୍ଗତି ନାସିନୀ 'ମା'ଦୁର୍ଗାଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ।

## ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କ ଶ୍ରାଦ୍ଧୋତ୍ସବ




**ଭଦ୍ରକ, ୪।୧୦(ସମିସ):** ପୂର୍ବତନ ଦିବଂଗତ ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ.ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରାଦ୍ଧ ସଭାରେ ପ୍ରଫେସର ଡ ବଳରାମ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସ୍ୱର୍ଗତ ଶ୍ରୀନିବାସ ଜେନାଙ୍କ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ଜୀବନ ସମ୍ପର୍କରେ ଅତିଥିମାନେ କହିଥିଲେ ଯେ, ସରକାରୀ ଚାକିରିରେ ସାଧୁତା ସଚୋଟତା ଓ କର୍ତ୍ତବ୍ୟନିଷ୍ଠାର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଶ୍ରୀନିବାସ ଜେନା ଏ କ୍ଷେତ୍ରରେ ଥିଲେ ଏକ ବିରଳ ପ୍ରତିଭା। ଦୁର୍ନୀତି, ଅସାଧୁତା ଓ କର୍ତବ୍ୟରେ ଅବହେଳା ତାଙ୍କୁ ସ୍ପର୍ଶ କରିପାରିନଥିଲା। ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀଙ୍କର ସେ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କୁ ରାଜସ୍ୱରବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ମୃତିସଂସଦ ଆନୁକୂଲ୍ୟରେ 'ସ୍ମୃତିରେ ଶ୍ରୀନିବାସ' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜିଲ୍ଲାପାଳଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ କୁମାର ବାଘ ଓ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡାଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରାଜସ୍ୱ ବିଭାଗର ସହକର୍ମୀ ଅବସରପ୍ରାପ୍ତ ରାଜସ୍ୱ ପରିଦର୍ଶକ ବାବାଜୀ ଚରଣ ନାୟକ, ଭାଗୀରଥୀ ଦାସ, ଶିବ ଚରଣ ଖାମୁରାଇ, କଳ୍ପତରୁ ଦାସ, ରାମ ନାରାୟଣ ପାଣିଗ୍ରାହୀ, ବୀର ନାରାୟଣ ଦାସ ଓ ତାଙ୍କ ଗମ୍ଭୁ ଗ୍ରାମର ପିଲାବେଳର ବନ୍ଧୁ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ତହସିଲରୁ ମିଳୁନି ପ୍ରମାଣପତ୍ର; ଆବେଦନକାରୀ ହନ୍ତସନ୍ତ

**ବାରିକପୁର, ୪।୧୦(ସମିସ):** ଏବେ ଲୋକଙ୍କ ସରକାର ବୋଲି ସବୁଆଡେ ପ୍ରଚାର ହେଉଥିବା ବେଳେ ପ୍ରକୃତ ପକ୍ଷେ ଜନସାଧାରଣ ମାନେ ସାମାନ୍ୟ ସେବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଯାହାର ନିଛକ ଉଦାହରଣ ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟ। ସୂଚନା ମୁତାବକ ଜନସାଧାରଣ ମାନେ ଘରେ ବସି ଅନଲାଇନ ମାଧ୍ୟମରେ ସମସ୍ତ ରାଜସ୍ୱ ସେବା ପାଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ବିଶେଷ କରି ଜନସେବା କେନ୍ଦ୍ର ଓ ନିଜସ୍ୱ ଆଇଡିରୁ ଯେଉଁମାନେ ବାସସ୍ଥଳୀ, ଆୟ ଓ ଜାତିଗତ ପ୍ରମାଣପତ୍ର ପାଇଁ ଆବେଦନ କରିବେ ସେମାନଙ୍କୁ ହାତ ପାହାନ୍ତରେ ସେବା ଯୋଗାଇ ଦିଆଯିବ। ସର୍ବାଧିକ ୧୫ଦିନ ମଧ୍ୟରେ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ସରକାରୀ ନିୟମ ରହିଥିଲେ ସୁଦ୍ଧା ତାହାର ବ୍ୟତିକ୍ରମ ତହସିଲ କାର୍ଯ୍ୟାଳୟ ଠାରେ ଦେଖିବାକୁ ମିଳିଛି। ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଶହ ଶହ ଆବେଦନ କାରି ଠିକ ସମୟରେ ପ୍ରମାଣପତ୍ର ପାଉନାହାନ୍ତି। ଏପରିକି ଆବେଦନକୁ ୧୫ଦିନ ବିତିଯାଇଥିଲେ ସୁଦ୍ଧା ଅନଲାଇନରେ ଏହାକୁ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ଅନୁମୋଦନ କରୁନାହାନ୍ତି। ତେଣୁ ଠିକ ସମୟରେ ପ୍ରମାଣପତ୍ର ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ସ୍କୁଲ, କଲେଜ ଓ ନିଯୁକ୍ତି କ୍ଷେତ୍ର ପାଇଁ ଯେଉଁ ଯୁବକ ଯୁବତୀ ମାନେ ପ୍ରମାଣପତ୍ର ସକାଶେ ଆବେଦନ କରୁଛନ୍ତି ସେମାନେ ଏହି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହେଉଛନ୍ତି। ଠିକ ସମୟରେ ପ୍ରମାଣପତ୍ର ନମିଳିବାରୁ ଲୋକେ ବିଭିନ୍ନ କ୍ଷେତ୍ରରେ ନିରାଶ ହେଉଛନ୍ତି। ଏପଟେ ଦିନେ ଦୁଇଦିନ ମଧ୍ୟରେ ମଧ୍ୟ କିଛି ଅନଲାଇନ ଆବେଦନକୁ ଅନୁମୋଦନ ମିଳୁଥିବା ଜଣାପଡ଼ିଛି। ତେଣୁ ତହସିଲ କାର୍ଯ୍ୟାଳୟର ସ୍ୱଚ୍ଛତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ଅନଲାଇନ ସେବା ଏବେ ଧୂଆଁବାଣ ସଦୃଶ ହୋଇଥିବାବେଳେ ଏହା କେବଳ ପ୍ରଚାର ପ୍ରସାରରେ ସୀମିତ ରହୁଥିବା ମତ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ମତ ମିଳିପାରିନାହିଁ।

## ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଜୟନ୍ତୀ ପାଳିତ




**ଭଦ୍ରକ, ୪।୧୦(ସମିସ):** ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲାବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ମହାତ୍ମା ଗାନ୍ଧୀ ବିଚାରମଞ୍ଚ ତରଫରୁ ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢେ ୮ଟାରେ ଗାନ୍ଧୀ ପଡ଼ିଆସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଶହୀଦ ସ୍ମୃତି ଭବନରେ ଗାନ୍ଧୀ ବିଚାର ମଞ୍ଚର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସ୍ମୃତି ସମାରୋହ ପାଳିତ ହୋଇଥିଲା। ସଂଗଠନ ସମ୍ପାଦକ ବାବୁଲାଲ ଦାସ ମଞ୍ଚ ଆମନ୍ତ୍ରଣ କରିଥିଲେ। ଗାନ୍ଧି ବାଳାଶ୍ରମର ଅନ୍ତେବାସୀମାନେ ଗାନ୍ଧିଭଜନ କରିବେଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର ଡଃ ନିରଞ୍ଜନ ବାରିକ୍ ଓ ମୁଖ୍ୟବକ୍ତା ଭାବେ ଡ. ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ବିଷ୍ଣୁ ସେଠୀ ସ୍ମୃତି ସମ୍ମାନ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକଙ୍କୁ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଦର୍ଶ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ବିଶ୍ୱାଳ ସ୍ମୃତି ସମ୍ମାନ ବିଶିଷ୍ଟ ଗାଳ୍ପିକ ଓ ଶିକ୍ଷାବିତ ପ୍ରଫେସର ଶୈଳେନ୍ଦ୍ର କୁମାର ମହାପାତ୍ର ଓ ଆଧ୍ୟାତ୍ମିକ କବିୟତ୍ରୀ କନକଲତା ରାଉତଙ୍କୁ ପ୍ରଦାନ କରାଯାଇଥିଲା। ଡଃ ଭାଗବତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଡା ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଧାକର ରାଉତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ତପସ୍ୱିନୀ ଦାସ, ମୁକ୍ତିକାନ୍ତ ମହାପାତ୍ର ଓ ଭାସ୍କର ଚନ୍ଦ୍ର ନାୟକ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ଭଦ୍ରକ ପୌରପାଳିକାର ସଫେଇ କର୍ମଚାରୀ ବିକାଶ ଘଡ଼େଇ ଓ ତୁଳସୀ ଦେଇଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଦିତ୍ୟ ନାୟକ, ଉର୍ମିଳା ପାଣିଗ୍ରାହୀ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ହରମୋହନ କୁଅଁର, ବୈଲୋଚନ ବେହୁରିଆ, ବିଚିତ୍ର ମହାନ୍ତି, ଡ଼. ଉତ୍ପଳା ନାୟକ, ପରମାନନ୍ଦ ସାହୁ, ଗୌରାଙ୍ଗ ବାରିକ, ରତିକାନ୍ତ ମହାନ୍ତି, ବିବେକ ମୁଖାର୍ଜୀ, ବସୁମିତ୍ରା ସାହୁ, ଶଶିକାନ୍ତ ପାଢ଼ୀ, ପ୍ରତାପ ଦଳେଇ, ଇନ୍ଦ୍ରମଣି ପଣ୍ଡା, ନିରୋଜ ରଥ, ଅଶୋକ ଦାସ, ଡଃ ରାଧାରାଣୀ ମହାପାତ୍ର, ପ୍ରଭାତ ନଳିନୀ ମହାପାତ୍ର, ରବିନାରାୟଣ ଦାସ, ପଦ୍ମନ କୁମାର ରାୟ, କୈଳାସ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପଦ୍ମନାଭ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ବାଲି ବୋଝେଇ ହାଇୱା ଜବତ



**ବାରିକପୁର, ୪।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ପକ୍ଷରୁ ତିନିଗୋଟି ବାଲି ବୋଝେଇ ଟ୍ରକ ଜବତ ହୋଇଛି। ଗାଡି ଗୁଡିକ ଯାଜପୁର ଓ ପାଣିକୋଇଲି ପଟୁ ବାଲି ବୋଝେଇ କରି ଆସୁଥିବା ବେଳେ ପୁଲିସ ସେଗୁଡିକୁ ଜବତ କରିଛି। ଏନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଏଠାରେ ସୂଚିତ କିଛିଦିନ ହେବ ବାଲି ସୈରାତ ନିଲାମ ପ୍ରକ୍ରିୟା ବନ୍ଦ ରହିଥିବା ବେଳେ ଅନେକ ସମୟରେ ବେଆଇନ ବାଲି ଚାଲାଣ ହେଉଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ଖଣି ବିଭାଗ ଓ ତହସିଲ ବିଭାଗ ବେଆଇନ ଚାଲାଣକୁ ରୋକିବାରେ ବିଫଳ ହୋଇଛି। କେବଳ ଥାନା ପକ୍ଷରୁ କେତେବେଳେ କେମିତି ବେଆଇନ ଚାଲାଣ ଉପରେ ଚଢ଼ଉ ହେଉଛି।

## ମଦ ଜବତ; ଜଣେ ଗିରଫ

**ବାରିକପୁର, ୪।୧୦(ସମିସ):** ଗାନ୍ଧୀ ଜୟନ୍ତୀ ଦିନ ସରକାରୀ ମଦ ଦୋକାନ ବନ୍ଦ ରହିଥିଲେ ସୁଦ୍ଧା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଚୋରା ମଦ ବିକ୍ରି ହୋଇଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ସୁଦ୍ଧା କେବଳ ଛତାବର ଟୋଲ ଗେଟ ନିକଟରୁ ବେଆଇନ ମଦ ଜବତ କରିବାରେ ସଫଳ ହୋଇଛି। ପୁଲିସ ଚଢ଼ଉ ବେଳେ ଏକ କେବିନରୁ ପ୍ରାୟ ୨୦ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିବା ସୂଚନା ମିଳିଛି। ମଦ ବିକ୍ରି ଅଭିଯୋଗରେ ଡାହାଲା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରିଛି ପୁଲିସ।

## ପଞ୍ଚାୟତ ସପୋର୍ଟ ଷ୍ଟାଫ୍ଙ୍କ ଆନ୍ଦୋଳନ ଜାରି



**ବାରିକପୁର, ୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ନିୟମିତ ଦରମା ଦାବିରେ ଶହ ଶହ ମହିଳା କର୍ମଚାରୀ ଛୁଟି ପୂର୍ବରୁ ବ୍ଲକ ପରିସରରେ ୫ଦିନ ଧରି ଧାରଣା ଦେଇଥିଲେ। ସରକାର କିମ୍ବା ପ୍ରଶାସନ ମହିଳାଙ୍କ ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଶେଷରେ ସେମାନେ ପୂର୍ବ ଭଳି କୌଣସି ସରକାରୀ କାର୍ଯ୍ୟ କରିବେ ନାହିଁ ବୋଲି ଶୁକ୍ରବାର ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। କର୍ମଚାରୀ ସଂଘ ସଭାନେତ୍ରୀ ମନ୍ଦାକିନୀ ସାମଲ ଓ ସମ୍ପାଦିକା ମମତା ସାମଲଙ୍କ ନେତୃତ୍ୱରେ ପ୍ରତିମା କୁଅଁର, ରିତାଞ୍ଜଳି ପୁହାଣ, ଶୁଭଲକ୍ଷ୍ମୀ ଭାରତୀ, ଅନିମା ମଲ୍ଲିକ, ତିଳୋତମା ମିଶ୍ର, ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ କର୍ମଚାରୀ ବିଡ଼ିଓ ଦେବଦତ ଦାସ ଓ ମିଶନ ଶକ୍ତି ଅଧିକାରୀ ଶ୍ରୀକାନ୍ତ ଜେନାଙ୍କୁ ସାକ୍ଷାତ କରିଥିଲେ। ନିୟମିତ ଦରମା ନ ମିଳିଲେ କୌଣସି ସରକାରୀ କାର୍ଯ୍ୟ କରିବେ ନାହିଁ ବୋଲି ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

## ସିମିଳିଆ-ମାଳିପଦୀ ରାସ୍ତା ନିର୍ମାଣ ଦାବି



**ବାରିକପୁର, ୪।୧୦ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଣଜିତ୍ ପଞ୍ଚାୟତ ଅନ୍ତର୍ଗତ ସିମିଳିଆ ମାଳିପଦୀ କେନାଲ ଉପରେ ନିର୍ମିତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନବ ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ସୂଚନା ମୁତାବକ ମଞ୍ଜୁରୀ ବଜାର ଶେଷ ଭାଗରେ ଥିବା ପୂର୍ତ୍ତ ରାସ୍ତାଠାରୁ ସିମିଳିଆ ମାଳୀପଦୀ ଦେଇ ନପଙ୍ଗ ଓ ମାଳଦା ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସିମିଳିଆ ମାଇନର କେନାଲ ବନ୍ଧ ଉପରେ କିଛି ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପିଚୁ ରାସ୍ତା ନିର୍ମାଣ କରିଥିଲା। ରାସ୍ତା ନିର୍ମାଣର କିଛି ମାସ ପରେ ଏହା ଧିରେ ଧିରେ ଦୁର୍ବଳ ହୋଇଥିଲା। ରାସ୍ତାରୁ କ୍ରମଶଃ ପିଚ ଉଠି ଡଷ୍ଟ ମେଟାଲ ମଧ୍ୟ ଉଠିଯାଇଛି। ଏପରିକି ରାସ୍ତାରେ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଥିଲା। ବିଶେଷ କରି ମାଳୀପଦୀ ଛକ ଠାରୁ ମଞ୍ଜୁରୀ ଯାଏଁ ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇଛି। ଫଳରେ ସିମିଳିଆ, ମାଳୀପଦୀ, ଜୋରାଗଡ଼ିଆ ପ୍ରମୁଖ ଗ୍ରାମର ଲୋକେ ହନ୍ତସନ୍ତ ହେଉଛନ୍ତି। ବିଭାଗ ଏବେ କେବଳ ଜଣେ ଠିକାଦାରଙ୍କୁ ଲଗାଇ ସିମିଳିଆ ତାରିଣୀ ମନ୍ଦିର ନିକଟରେ କିଛି ଡଷ୍ଟ ପକାଇଥିଲେ ମଧ୍ୟ ବାକି ଅଂଶରେ ଗମନାଗମନ ପାଇଁ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

## ଗାନ୍ଧୀ ଜୟନ୍ତୀରେ ଜିଲ୍ଲା କଂଗ୍ରେସର ପଦଯାତ୍ରା ଓ ଆଲୋଚନାଚକ୍ର

**ଭଦ୍ରକ, ୪।୧୦(ସମିସ)**




ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା, ନିରବ ପ୍ରାର୍ଥନା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ନଳିନୀ କାନ୍ତ ମହାନ୍ତି, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଶୁଭେନ୍ଦୁ ରାୟ ମହାପାତ୍ର, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ବରିଷ୍ଠ ନେତା ପୀତବାସ ଧଳ, କାଉନସିଲର ସାହିଲ କାଦ୍ରି, ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ରାଜ୍ୟ ସମ୍ପାଦକ ଶଶିକାନ୍ତ ଜେନା, ରଞ୍ଜନ ଜେନା, ଅନୁସୂଚିତ ଜାତି ବିଭାଗର ଜିଲ୍ଲା ସଭାପତି ବିଦ୍ୟାଧର ଜେନା, କାଉନସିଲର ପ୍ରତିନିଧି ଏନାମୁଲ୍ଲହକ, ଯୁବନେତା ପ୍ରକାଶ ଜ୍ୟୋତି ମହାକୁଡ଼, ଯୁବନେତା ଇଲିଆସ ଖାଁ, ଦେବବ୍ରତ ମହାନ୍ତି, ଯୁବନେତା ବଳରାମ ରାଉତଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ସଭାପତିତ୍ୱରେ 'ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଏବଂ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଜିଲ୍ଲା ସଭାପତି ତାଙ୍କ ବକ୍ତବ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତ୍ୟାଗ, ସଂଗ୍ରାମ, ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିବା ସହ ଗାନ୍ଧୀଙ୍କ ଅହିଂସା ପଥ କୁ ଅନୁସରଣ କରିବା ପାଇଁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଡ. ଅମୂଲ୍ୟ କୁମାର ନାୟକ ବକ୍ତବ୍ୟରେ ଭାରତ ବର୍ଷରୁ ଇଂରେଜଙ୍କୁ ହଟାଇବା ମହାତ୍ମା ଗାନ୍ଧୀ ଯେଉଁ ସଂଘର୍ଷ, ସଂଗ୍ରାମ ଏବଂ ଅହିଂସା ପଥ ଆପଣାଇଥିଲେ ତାହା ଅତୁଳନୀୟ ବୋଲି କହିଥିଲେ। ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଆଜି ସମଗ୍ର ବିଶ୍ୱରେ ତାଙ୍କୁ ଜଣେ ମହାମାନବ ଭାବେ ପରିଚିତ କରିଛି ବୋଲି ମୁଖ୍ୟ ଅତିଥି ଡ଼. ନାୟକ ବକ୍ତବ୍ୟ ଦେଇଥିଲେ। ନୂତନ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କୁ ବିଭିନ୍ନ ବ୍ଲକରୁ ଆସିଥିବା ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଶଳାକୁ ରଡ୍‌ରେ ପିଟି ମାରିଦେଲା ଭିଣୋଇ

ମନମୁଣ୍ଡା/ଶଗଡ଼ା,୪।୧୦(ସମିସ): ଚତୁରତା ସହ ଶଳାକୁ ହତ୍ୟା କରି ଘଟଣା ଚପାଇ ଦେବାକୁ ଉଦ୍ୟମ କରୁଥିବା ଭିଣୋଇ ଶେଷରେ ଜେଲ୍ ଯାଇଛି। ଏପରି ଏକ ଘଟଣା ଘଟିଛି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମହେଶ୍ୱରପିଣ୍ଡା ନିକଟରେ। ଦଶହରା ଦିନ ଏକ ନାଳରୁ ଜଣେ ଯୁବକର ମୃତ ଶରୀର ଉଦ୍ଧାର କରାଯାଇଥିଲା। ଯୁବକକୁ କେହି ହତ୍ୟା କରିଥିବା ମୃତକର ବଡ ଭଉଣୀ ବାଉଁଶୁଣି ଟିକିରିପଡ଼ାର ରଶ୍ମି ଜଗଦଳା ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲା। ମୃତକ ସମ୍ବଲପୁର ଜିଲ୍ଲା ଚିପିଲିମା ଥାନା ଗୋବିନ୍ଦପାଲି ଗ୍ରାମର ରାଜେନ୍ଦ୍ର ଜଗଦଳାଙ୍କ ପୁଅ ରଞ୍ଜିତ ଜଗଦଳା (୧୮)। ରଶ୍ମିଙ୍କ ଏତଲା ପ୍ରକାରେ ରଞ୍ଜିତ ତାଙ୍କ ଘରକୁ ଆସିଥିଲେ। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଭିଣୋଇ ତଥା ରଶ୍ମିଙ୍କ ସ୍ୱାମୀ ଦଶରଥ ତାଣ୍ଡିଆଙ୍କ ବାଇକ୍ (ନଂ ଓ ଡି ୨୭ ଡି ୮୩୧୩) ନେଇ ଘରକୁ ଯିବା ଲାଗି ବାହାରିଥିଲେ। ତେବେ ମହେଶ୍ୱରପିଣ୍ଡା ସାନନାଲିଆଠାରେ ରଞ୍ଜିତ ମରି ପଡ଼ିଥିବା ତାଙ୍କ ଭଉଣୀ ରଶ୍ମି ଗୁରୁବାର ସକାଳେ ଖବର ପାଇ ଘଟଣାସ୍ଥଳକୁ ଯାଇ ଦେଖିଥିଲେ। ରଞ୍ଜିତ ନାଳ ପାଣିରେ ମୁହଁ ମାଡ଼ି କ୍ଷତାକ୍ତ ଅବସ୍ଥାରେ ପଡିଥିବାବେଳେ ତାଙ୍କ ମୁଣ୍ଡ ଉପରେ ମାଟି ପକାଯାଇଥିବା ସେ ଦେଖିଥିଲେ। ବାଇକଟି ସେଇ ପାଖରେ ପଡ଼ି ରହିଥିଲା। କେହି ରଞ୍ଜିତକୁ ହତ୍ୟା କରିଥିବା ରଶ୍ମି ଗୁରୁବାର ଥାନାରେ ଏତଲା ଦେଇଥିଲେ। ଆଇଆଇସି ଅଞ୍ଜଳି ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ଶବ ଜବତ କରିଥିଲେ। ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତ ବେଳେ ପୁଲିସର ଭିଣୋଇ ଦଶରଥ ତାଣ୍ଡିଆ ପ୍ରତି ସନ୍ଦେହ ହୋଇଥିଲା। ତାକୁ ହିଁ ପୁଲିସ ଜେରା କରିଥିଲା। ପୂର୍ବ ଶତ୍ରୁତାକୁ ନେଇ ହତ୍ୟା କରିଥିବା ଦଶରଥ ପୁଲିସ ଆଗରେ ସ୍ୱୀକାର କରିଥିଲା। ପୂର୍ବ ଯୋଜନା ମୁତାବକ, ଅଭିଯୁକ୍ତ ଦଶରଥ ରଞ୍ଜିତକୁ ଘରକୁ ଡାକିଥିଲା। ଦୁହେଁ ମିଶି ଘଟଣା ସ୍ଥଳକୁ ଯାଇଥିଲେ। କେତେକ ପାରିବାରିକ କଥାକୁ ନେଇ ଭିଣୋଇ ଶଳା ପ୍ରତି ରାଗ ରଖିଥିଲା। ସେହି କାରଣକୁ ନେଇ ଏକ ଷ୍ଟିଲ ରଡ଼ରେ ଶଳାକୁ ମାଡ ମାରି ହତ୍ୟା କରିଥିଲା। ମନମୁଣ୍ଡା ଥାନାରେ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଲରେନ୍ ରାଉତରାୟ ଏହି ସୂଚନା ଦେଇଛନ୍ତି। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଷ୍ଟିଲ ରଡ଼କୁ ଅଭିଯୁକ୍ତ ନାଳ ପାଣିରେ ଫିଙ୍ଗି ଦେଇଥିଲା; ଯାହାକୁ ପୁଲିସ ଖୋଜି ଜବତ କରିଛି।

# ଦିବ୍ୟାଙ୍ଗ ସୁଧୀରଙ୍କ ଇଚ୍ଛା ପୂରଣ ହେଲା

- ଗୁହାରି ଶୁଣିବାର ୧୨ ଦିନ ପରେ ଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ମିଳିଲା
- ଜିଲ୍ଲାପାଳଙ୍କୁ ଗୀତ ମାଧ୍ୟମରେ କୃତଜ୍ଞତାର ଭିଡିଓ ଭାଇରାଲ

ବିନିକା,୪।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ଜଣେ ଦିବ୍ୟାଙ୍ଗଙ୍କ ଦୁଃଖ ଦୂର କରିଛନ୍ତି। ଗୁହାରି ଶୁଣିବାର ୧୨ଦିନ ପରେ ବିବ୍ୟାଙ୍ଗଙ୍କ ପାଖକୁ ଆସି ପ୍ରଧାନମନ୍ତ୍ରୀ ଆବାସ ଘର ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ଗତ ୨୨ ତାରିଖ ଏ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ ବାବା କପିଳେଶ୍ୱର ଓ ମାଁ ଚରଦେଇ ପୀଠକୁ ଜିଲ୍ଲାପାଳ ଶ୍ରୀ ସାହୁ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ମନ୍ଦିର ସମ୍ମୁଖରେ କଇନ୍ତରା ପଞ୍ଚାୟତ କଟାପାଲି ଗ୍ରାମର ଦୃଷ୍ଟିବାଧିତ ଦିବ୍ୟାଙ୍ଗ ସୁଧୀର ଦୀପ ଗୀତ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇ ଭଙ୍ଗା କୁଡିଆ ଘରେ ରହୁଥିବା କହିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ବିଡ଼ିଓଙ୍କୁ ସୁଧୀରଙ୍କ ସମସ୍ୟା



ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଶନିବାର ଜିଲ୍ଲାପାଳ ନିଜେ ବିନିକା ଗସ୍ତରେ ଆସି ସୁଧୀରଙ୍କୁ ଆବାସ ଘର ନିର୍ମଣର ଲାଗି କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟାଦେଶ ପାଇବା ପରେ ଖୁସିରେ ଆତ୍ମହରା ହୋଇ ସୁଧୀର 'ମୋର ଗୁହାରି ଶୁଣିଲେ ହଜୁର କଲେକ୍ଟର ସାହେବ' ବୋଲି ପୁଣି ଗୀତ ମାଧ୍ୟମରେ ଜିଲ୍ଲାପାଳଙ୍କୁ କୃତଜ୍ଞା ଜଣାଇଛନ୍ତି। ଏହାର ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି।

# ଆରମ୍ଭ ହେଲା ଚୁଡାଖାଇ ଡଙ୍ଗର ଲୋକମହୋତ୍ସବ



ତରଭା,୪।୧୦(ସମିସ): ଚୁଡାଖାଇ ଡଙ୍ଗରର ଐତିହ୍ୟ, ସ୍ଥାପତ୍ୟ, ସଂସ୍କୃତି ତଥା ପରମ୍ପରାର ପ୍ରଚାର ପ୍ରସାର ସହ ତରଭା ଅଞ୍ଚଳର ଲୁକ୍କାୟିତ କଳା, ସଂସ୍କୃତି ଓ ସାହିତ୍ୟସମ୍ପନ୍ନ ପ୍ରତିଭାବାନ କଳାକାରଙ୍କୁ ଅନ୍ୱେଷଣ ପୂର୍ବକ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୧୮ ମସିହାରୁ ଆରମ୍ଭ ହୋଇଥିବା ଚୁଡାଖାଇ ଡଙ୍ଗର ଲୋକମହୋତ୍ସବ ପାଇଁ ଶନିବାର କଳସ ସ୍ଥାପନ ହୋଇଛି। ପୂର୍ବାହ୍ନରେ ମହୋତ୍ସବ କମିଟିର ଆବାହକ ତରଭା ବିଡ଼ିଓ ଗଙ୍ଗାରାମ ବୁଡେକ ଓ ସଭାପତି ତୁଲୁଣ୍ଡା ସରପଞ୍ଚ ଉମା ସାହୁଙ୍କ ନେତୃତ୍ୱରେ ୧୫୧ ଜଣ ମହିଳା ତୁଲୁଣ୍ଡା ଗଡାବନ୍ଧରୁ ପୂର୍ଣ୍ଣ କଳସ ଜଳ ନେଇ ଚୁଡାଖାଇ ଡଙ୍ଗର ପାଦଦେଶରେ ଥିବା ମହୋତ୍ସବ ମଣ୍ଡପ ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ଆଦିବାସୀ ସଂସ୍କୃତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶ୍ୱେତାଲିନା ମାହାଣା, ମରାଡୁଗୁଚ୍ଛା ସରପଞ୍ଚ ମନମୋହନ ସାହୁ, ଦୁବୁଲା ସରପଞ୍ଚ ଆର୍ତ୍ତତ୍ରାଣ ବଗର୍ତ୍ତୀ, ପବିତ୍ର ମିଶ୍ର, ମିତ୍ରବ୍ରତ ମିଶ୍ର, କୃପାସିନ୍ଧୁ ମିଶ୍ର, ରଘୁନାଥ ରଣା, ସାନନ୍ଦ ମେହେର, ବିମଳ ମିଶ୍ର, ମାନସ ସାହୁ, ଡୁଗୁରୁ ନନ୍ଦ, ମାନଭଞ୍ଜନ ମିଶ୍ରଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ଥିଲେ। ସୋମବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ଅଭିନେତା ଅରିନ୍ଦମ ରାୟ, ଅଭିନେତ୍ରୀ ଅନୁ ଚୌଧୁରୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

# ଗବଯୋର କେନ୍ଦ୍ର କୈବର୍ତ୍ତ ସମାଜର ବାର୍ଷିକ ଯାତ୍ରା

ପଳଶାଗୋରା/ଶଗଡ଼ା,୪।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗବଯୋର କେନ୍ଦ୍ର କୈବର୍ତ୍ତ ସମାଜର ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ସମାଜର ଲୋକେ ଶୋଭାଯାତ୍ରାରେ ଆସି ଗବଯୋର-ପଥର୍ଲ୍ଲା ଗାଁ ସମ୍ମୁଖ



ପଡିଆସ୍ଥିତ ସମାଜର ଇଷ୍ଟଦେବୀ ମା'ଚ ମାଣିକେଶ୍ୱରୀଙ୍କ ମନ୍ଦିରରେ ଯୋଗ ଦେଇଥିଲେ। ପରେ ସମାଜର ଝାଙ୍କର ଦୁର୍ଗା ମହାଲିଙ୍ଗ ଦେବୀଙ୍କ ପୀଠରେ ପୂଜା କରିଥିଲେ। କୈବର୍ତ୍ତ ସମାଜର ଜିଲ୍ଲା ଉପସଭାପତି ମାଗୁଣୀ ନାଏକ, ଗବଯୋର କେନ୍ଦ୍ର ସଭାପତି ତ୍ରିନାଥ ସେଠି, ସମ୍ପାଦକ ରାଜକିଶୋର ନାଏକ, କୈବର୍ତ୍ତ ସମାଜର ସାମ୍ବାଦିକ ଦେବାଶିଷ ମଲିକ, ଗଣେଶ୍ୱର ଝାଙ୍କର, ହୃଷିକେଶ ସେଠି, ଉଦ୍ଧବ ମହାଲିକ, ରାଧାକାନ୍ତ ମହାଲିକ, ଗୋବିନ୍ଦ ମୁଦୁଲିଙ୍କ ସହ ଜିଲ୍ଲାର ୧୬ ଟି କେନ୍ଦ୍ରର ପ୍ରତିନିଧି ଯୋଗ ଦେଇଥିଲେ। ଶିକ୍ଷକ ଉଦ୍ଧବ ମହାଲିକ ପରିଚାଳନା କରିଥିଲେ।

# ବିଦ୍ୟାଳୟ ମାଲିକଙ୍କ ବିରୋଧରେ ଡିଇଓଙ୍କୁ ଅଭିଯୋଗ

ଶଗଡା,୪।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ବଘିଆବାହାଲସ୍ଥିତ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାଲିକଙ୍କ ବିରୋଧରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ମାଲିକ ୨୦୨୨ ମସିହା ପରଠାରୁ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେବା ପାଇଁ ନିଷ୍ପତ୍ତି ନେଇଥିଲେ; କିନ୍ତୁ ବିଦ୍ୟାଳୟର ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟଟିକୁ ଚାଲୁ ରଖିବା ପାଇଁ ଏକ ବୈଠକ କରିଥିଲେ। ସେତେବେଳେ ବିଦ୍ୟାଳୟରେ ମାତ୍ର ୨୫ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିଲେ। ବର୍ତ୍ତମାନ ଏହି ବିଦ୍ୟାଳୟରେ ୧୫୦ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଟେମ୍ ଲାଲ ଦୁବେଙ୍କୁ ପଚାରିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସପ୍ତାହେ ମଧ୍ୟରେ ଏହାର ସମାଧାନ କରା ନ ଗଲେ ପଳସାଗୋରାଠାରେ ମନମୁଣ୍ଡା-କଣ୍ଟାମାଳ ରାଜ୍ୟରାଜପଥ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ସେମାନେ କଡା ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟ ପରିସରରେ ଧାନ ଶୁଖୁଛି



ଶଗଡା,୪।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ କୁଣ୍ଡାମାଳରେ ଥିବା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର ଚାଷୀଙ୍କ ଧାନମଣ୍ଡି ପାଲଟିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ପରିସରରେ କେହି ଜଣେ ମୁଷ୍ଟିମେୟ ଲୋକ ନିଜର ଜମିରୁ ଅମଳ କରିଥିବା ଧାନ ଆଣି ଶୁଖାଇଛି। ଏ ନେଇ ବିଦ୍ୟାଳୟର ଜଣେ କର୍ମଚାରୀଙ୍କୁ ପଚାରିବାରୁ ବିଦ୍ୟାଳୟ ଛୁଟି ଥିବାରୁ ଏହି ଧାନ ଶୁଖାଯାଇଥିବା କହିଛନ୍ତି।

# ବୀରମହାରାଜପୁରରେ ଅନ୍ତର୍ଜାତୀୟ ବୟୋବୃଦ୍ଧ ଦିବସ

ବୀରମହାରାଜପୁର,୪।୧୦(ସମିସ): ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ବୟୋବୃଦ୍ଧ ଦିବସ ପାଳିତ ହୋଇଛି। ଡ. ପ୍ରଫୁଲ୍ଲ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାରାୟଣ ଦେହୁରୀ ଏବଂ ଦିନବନ୍ଧୁ ମେହେର ଅତିଥିବ ଭାବେ ଯୋଗ ଦେଇଥିଲେ। ଅକ୍ଷୟ ମିଶ୍ର ସଂଯୋଜନା କରିଥିଲେ। ଦୟାନିଧି ହୋତା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟ ଦାସ, ଭୂଷଣ ପାତ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଚମ୍ପେଶ୍ୱର୍ ଦାସ, ସତ୍ୟନାରାୟଣ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଶାନ୍ତ ଶତପଥୀ ଓ ବଳରାମ କାଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସୁଦେବ ରଥ, ଅକ୍ରୁର ଚରଣ ଦନ୍ତା, ମହାଦେବ ସାହୁ, ବୈକୁଣ୍ଠ ପଧାନ, ବସୁଦେବ ପଣ୍ଡା, ସୁଦର୍ଶନ ପଣ୍ଡା, ଯୁଧିଷ୍ଠିର ବେହେରା, ଜୟଦେବ ସାହୁ, ସୁରେଶ ରଣା, ଶ୍ୟାମସୁନ୍ଦର ସେଠୀ, ଚମରା ମହାକୁର, ଯୁଗଳ କିଶୋର ମିଶ୍ର, ଦିଲ୍ଲୀପ ମିଶ୍ର, ଦିଲ୍ଲୀପ ତ୍ରିପାଠୀ, ପ୍ରଦୀପ ଶତପଥୀ, ରତ୍ନାକର ମହାକୁର, ତ୍ରିନାଥ ମିଶ୍ର, ଜିତେନ୍ଦ୍ରୀୟ ପଧାନ, ରାଧେଶ୍ୟାମ ପୁରୋହିତ, ସୁଦାମ ଚରଣ ସେଠୀ,ଗୋପୀନାଥ ମହାକୁର, ରମେଶ ପଣ୍ଡା, ନାରାୟଣ ପ୍ରସାଦ ନାୟକ, ସୁରୁ ସାହୁ, ଆଯତ୍ନ କଲତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁବଳୟା କଲ୍ୟାଣମଣ୍ଡରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବବିତା ରାଣୀ ମହାପାତ୍ର ପରିଚାଳନା କରିଥିଲେ। ନାରାୟଣ ପ୍ରସାଦ ମିଶ୍ର, ବରିଷ୍ଠ ଓକିଲ ନନ୍ଦକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଶିକ୍ଷକ ସଙ୍ଘର ସାଂଗଠାନିକ ବୈଠକ

ମନମୁଣ୍ଡା,୪।୧୦(ସମିସ): କଣ୍ଟାମାଳ ବ୍ଲକ ଏକ୍ସ କ୍ୟାଡ଼ର ସଙ୍ଘର ଏକ ସାଂଗଠନିକ ବୈଠକ କଣ୍ଟାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ରତ୍ନନିଧି ଖମାରୀଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲା ସଙ୍ଘର ସଭାପତି ଗଂଙ୍ଗୁ ଅମାତ ଯୋଗ ଦେଇଥିଲେ। କେଶବ ପ୍ରଧାନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର କର୍ମୀ ସଂଘକୁ ପୁନର୍ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ଗଂଜନ ଗରିଆ ଓ ଯୁଗ୍ମ ସମ୍ପାଦକ ଭାବେ ଗୌତମ ସିଂଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି। ଚମରୁ ବାଗ, ତରଣୀ ରଞ୍ଜନ ସାହୁ, ପ୍ରଶାନ୍ତ ବିଭାର, ମହାଦେବ ବଘାର, ପ୍ରଫୁଲ୍ଲ ବାଘ, ସପ୍ତେଶ୍ୱର ପରଡିଆ, ସୁଦାମ କର୍ଣ୍ଣ, ବିଶ୍ୱାମିତ୍ର ରାଜହଂସ, ସଚ୍ଚିଦାନନ୍ଦ ପ୍ରଧାନ, ବିସିକେଶନ ପ୍ରଧାନ, ପଦ୍ମଚରଣ ପ୍ରଧାନ, ସରୋଜ ରଣା, କ୍ଷୀରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହରିଶଙ୍କ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ତରଭା ଥାନାରେ ଅସ୍ତ୍ରଶସ୍ତ୍ର ପୂଜା

ତରଭା,୪।୧୦(ସମିସ): ତରଭା ଥାନାରେ ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତରଭା ବଡବନ୍ଧରୁ ଜଳ ଆଣି ଥାନା ପରିସର ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ପ୍ରମୋଦ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଏସଆଇ ରବୀନ୍ଦ୍ର ସାହୁ ଓ ଉପମା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଥାନାର ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା। ଏଥିରେ ଏଥିରେ ଆଇଆଇସି ଅନିତା କିଡୋଙ୍କ ସମେତ ପୁଲିସ କର୍ମଚାରୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ଶୁଭେନ୍ଦୁ ସିଂବାବୁ, ସୁଧୀର ଜେନା, ଗୀତାଞ୍ଜଳି ସୁନା ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡ଼ି ପକ୍ଷରୁ ଗାନ୍ଧୀ ଜୟନ୍ତୀ

ବୀରମହାରାଜପୁର,୪।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ମୈତ୍ରୀସଦନରେ ଗାନ୍ଧୀ ଜୟନ୍ତୀ ପାଳନ ହୋଇଯାଇଛି। ବୀରମହାରାଜପୁର ବ୍ଲକ୍ ବିଜେଡ଼ି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ସଭା ପରିଚାଳନା କରିଥିଲେ। ଜିଲ୍ଲା ବିଜେଡ଼ି ଉପସଭାପତି କିଶୋରହୋତା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଞ୍ଜିତ ରଥ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ସଞ୍ଜୀବ ଦେହେରୀ, ପ୍ରଦୀପ ମିଶ୍ର, ସୁରୁନାରାୟନ୍ ମହାକୁର୍, ଭଗବାନ କର୍ଣ୍ଣ, ପର୍ଶୁରାମ ଦେହେରି, ଶୈଳରଞ୍ଜନ ବାଦି, ମଙ୍ଗଳ ପାଧାନ, କୃଷ୍ଣଚନ୍ଦ୍ର ମେହେର, ବିମ୍ବାଧର ପଧାନ, ଚିନ୍ତାମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

- ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ

# ଘିଚାପାଲି ଚାମ୍ପିଅନ



ବୀରମହାରାଜପୁର,୪।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଥମ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଲୁଡୁରପଙ୍କକୁ ହରାଇ ଘିଚାପାଲି ଚାମ୍ପିଅନ ହୋଇଛି। ପ୍ରଥମ ସେମିଫାଇନାଲରେ ଅମରପାଲିକୁ ହରାଇ ଲୁଡୁରପଙ୍କ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ବହଳପଦରକୁ ହରାଇ ଘିଚାପାଲି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ଲୁଡୁରପଙ୍କ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ କରିଥିଲା। ଜବାବରେ ଘିଚାପାଲି ଦଳ ଆବଶ୍ୟକୀୟ ୮୫ ରନକୁ ୮.୩ ଓଭରରେ ୫ ଉଇକେଟ ହରାଇ ଚାମ୍ପିଅନ ହୋଇଥିଲା। ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ମୁଖ୍ୟ ଅତିଥି ଏବଂ ଶୁଭମ ଭୋଇ, ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବର ସଭାପତି ସୁଶୀଲ ପ୍ରଧାନ ଓ କ୍ରୀଡାବିତ ଶଶାଙ୍କ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲୁଡୁରପଙ୍କର ଟୁଟୁ ମହାକୁର ଙ୍କୁ ଶ୍ରେଷ୍ଠ ସିକ୍ସର, ଦୀପକ ପ୍ରଧାନଙ୍କୁ ଶ୍ରେଷ୍ଠ ୱିକେଟ କିପର, ଘିଚାପାଲିର ଜୟାନନ୍ଦ ବେହେରାଙ୍କୁ ଶ୍ରେଷ୍ଠ ବୋଲର, ଦେବାଶିଷ ଜଗଦଳାଙ୍କୁ ମ୍ୟାନ ଅଫ ଫାଇନାଲ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଘିଚାପାଲି ଦଳକୁ ନଗଦ ୧୨ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଲୁଡୁରପଙ୍କ ଦଳକୁ ନଗଦ ୮ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ସୁନୀଲ ପ୍ରଧାନ ଓ ସୁରେଶ ବିଶି ପରିଚାଳନା କରିଥିବା ବେଳେ ମାନସ ନନ୍ଦ ସ୍କୋରର ଏବଂ ବୁଲୁ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ।

# ୨ୟ ଡୁଲେଶ୍ୱର କ୍ରିକେଟ କପ୍ ଉଦ୍‌ଘାଟିତ

ବୀରମହାରାଜପୁର,୪।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଡୁଲେଶ୍ୱର ଗ୍ରାମରେ ବାଗଦେବୀ କ୍ଲବ୍ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ସୁରେଶ୍ୱରୀ ଡୁଲେଶ୍ୱର କ୍ରିକେଟ କପ୍ ଶନିବାର ଉଦ୍‌ଘାଟିତ ହୋଇଛି। ଆୟୋଜକ ସଭାପତି ଆଦିକନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ଜୋନ -୧ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଆକସ୍ମିତା ବଢିଆ ପ୍ରଦୀପ ବଢିଆ, ଲକ୍ଷ୍ମଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଟି ଡ୍ରିମ୍ସ-୧୧ ସୋନପୁର ଓ ଏଙ୍ଗ୍ରୀ ଟାଇଗର ସମ୍ବଲପୁର ମଧ୍ୟରେ ହୋଇଥିଲା।

ଏଥିରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୨ ରନ୍ କରିଥିଲା। ଜବାବରେ ସମ୍ବଲପୁର ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୬ ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଏସ୍‌ଏମଏସଟି ବଲାଙ୍ଗୀର ଓ ଷ୍ଟାର -୧୧ ସିଉଳା, ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୫ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ପୁରୀ ଦଳ ନିର୍ଦ୍ଧାରିତ ୮ ଓଭରରେ ୯ ଉଇକେଟ ହରାଇ ୭୨ ରନ୍ କରି ପରାସ୍ତ ହୋଇଥିଲା। ସୋନପୁର ଓ ବଲାଙ୍ଗୀର ମଧ୍ୟରେ ପ୍ରଥମ ସେମି ଫାଇନାଲ ଖେଳା ଯାଇଥିଲା। ଏଥିରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୯ ଉଇକେଟ ହରାଇ ୩୪ ରନ୍ କରିଥିବା ବେଳେ ବଲାଙ୍ଗୀର ୩.୩ ଓଭରରେ ୩ ଉଇକେଟ ହରାଇ ୩୫ ରନ୍ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦର୍ଶନୀ ଅଦର ଓ ଭୀଷ୍ମଲୋଚନ ବାଘ ଅମ୍ପାୟାର ଥିଲେ। ସୁଜିତ ପାଢ଼ୀ ସ୍କୋରର ଥିବାବେଳେ ପ୍ରେମଚାନ୍ଦ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।



# ସୁପର ସିନିଅର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ,୪।୧୦(ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଏକ ଦିବସୀୟ ସୁପର ସିନିଅର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।

ଭେଟେରାନ ପ୍ଲେଆର୍ସ ଆସୋସିଏନ ପକ୍ଷରୁ ବୁଟୁପାଲି ଏଡିବି ବ୍ୟାଙ୍କ ସହାୟତାରେ ଅନୁଷ୍ଠିତଟୁର୍ଣ୍ଣାମେଣ୍ଟରେ ବୌଦ୍ଧ ସମେତ ପଡୋଶୀ କନ୍ଧମାଳ, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଜିଲ୍ଲାର ୮ ଟି ଫୁଟବଲ ଦଳ ଭାଗ ନେଇଛନ୍ତି।



# ସର୍ବଭାରତୀୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ; ସୁନ୍ଦରଗଡ଼ ସେମି ଫାଇନାଲରେ



ବିନିକା,୪।୧୦(ସମିସ): ବିନିକା ବ୍ଲକ କୁହିବାହାଲ ପଞ୍ଚାୟତ ପଧାନପାଲି ଖେଳପଡିଆରେ ପ୍ରଜାମଙ୍ଗଲ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ଦ୍ୱିତୀୟ ଦିବସରେ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରି ସୁନ୍ଦରଗଡ଼ ସେମି ଫାଇନାଲକୁ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ବଲାଙ୍ଗିର ଦଳ ଟଇବ୍ରେକର ଜରିଆରେ ବ୍ରଜରାଜନଗରକୁ ୭-୬ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ସୁନ୍ଦରଗଡ଼ ଦଳ ସମ୍ବଲପୁରକୁ ୬-୫ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ସୁନ୍ଦରଗଡ଼ ବନାମ ବଲାଙ୍ଗିର ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସୁନ୍ଦରଗଡ଼ ୧-୦ ଗୋଲରେ ବିଜୟ ହୋଇ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। କୁହିବାହାଲ ସରପଞ୍ଚ ସୁଦାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଅଶୋକ ନନ୍ଦ, ରଜତ ପ୍ରଧାନ, ସଞ୍ଜୀବ ତ୍ରିପାଠୀ, ଗୌର ସୁନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।





# ହାର୍ଡକୋର କଏଦୀଙ୍କୁ ଜଗି ପାରୁନି ଜେଲ୍ ବିଭାଗ

**ଏକାଧିକ ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥା ଢିଲା**

- ଲାଗିନି ପର୍ଯ୍ୟାପ୍ତ କ୍ୟାମେରା, ପାଚେରି ଉଚ୍ଚତା କମ୍
- ୧୦ ବର୍ଷରେ ଜେଲ୍‌ରୁ ଫେରାର ୧୩୦ଜଣ କଏଦୀ
- କଏଦୀଙ୍କ ସହ ସମ୍ପର୍କ ରଖୁଛନ୍ତି ଜେଲ କର୍ତ୍ତୃପକ୍ଷ
- ଥଇଥାନ କେନ୍ଦ୍ର ପାଲଟିଛି ଜେଲ୍ ଡିଜି ପଦବୀ



ଭୁବନେଶ୍ୱର,୪।୧୦(ସମିସ): ରାଜ୍ୟରେ ବିଭିନ୍ନ ଜେଲରେ ଥିବା ହାର୍ଡକୋର କଏଦୀଙ୍କୁ ଜଗିପାରୁନି ଜେଲ ବିଭାଗ। ସେମାନେ ଯୋଜନା କରି ରାତାରାତି ସେଲ୍ କାଟିବା ସହ ଜେଲ ପାଚେରି ଡେଇଁ ଫେରାର ହୋଇଯାଉଛନ୍ତି। କିନ୍ତୁ ଏହାର ଟିକେବି ସୁରାକ୍ ପାଇପାରୁନାହାନ୍ତି ଜେଲ କର୍ତ୍ତୃପକ୍ଷ। ଗତକାଲି ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ଫେରାର ହେବା ଜେଲ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। ରାଜ୍ୟରେ ସବୁଠୁ କଡ଼ା ସୁରକ୍ଷା ବ୍ୟବସ୍ଥା ଥିବା ଜେଲ ଭାବେ ଝାରପଡ଼ା ଏବଂ ଚୌଦ୍ୱାର ଜେଲକୁ ଗଣାଯାଇଥାଏ। କିନ୍ତୁ ଚୌଦ୍ୱାର ଜେଲରୁ ଦୁଇ ହାର୍ଡକୋର କଏଦୀ ଫେରାର ହେବା ଚିନ୍ତାର ବିଷୟ ପାଲଟିଛି। ଏଠାରେ ଯଦି ସୁରକ୍ଷା ବ୍ୟବସ୍ଥା ଏଭଳି ରହିଛି ତେବେ ରାଜ୍ୟର ଅନ୍ୟ ଜେଲରେ କିଭଳି ଥିବ ତାହା ଏଥିରୁ ସ୍ପଷ୍ଟ ବାରି ହୋଇ ପଡ଼ିଛି। ବଡ଼ କଥା ହେଲା ଜେଲ ଡିଜି ପଦବୀ କେବଳ ଥଇଥାନ କେନ୍ଦ୍ର ପାଲଟିଛି। କାରଣ ଅବସର କିଛି ମାସ ପୂର୍ବରୁ ଅଧିକାରୀଙ୍କୁ ଜେଲ ଡିଜି ଭାବେ ଦାୟିତ୍ୱ ଦିଆଯାଉଛି। ଯାହାଫଳରେ ପଦବୀରେ ଥିବା ଅଧିକାରୀ ଠିକ୍ ଢଙ୍ଗରେ କାମ କରୁନଥିବା ଅଭିଯୋଗ ହେଉଛି। ଫେରାର ଥିବା ଦୁଇ କଏଦୀ ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ୍ ଉଦ୍ୟମବେଳେ ଦୁଇ ଜଣଙ୍କୁ ହତ୍ୟା କରି ଫେରାର ହେଉଥିଲେ। ଉଭୟ ଡକାୟତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସରେ ଜିମା ଦେଇଥିଲେ। ଫେରାର ଅପରାଧୀଙ୍କୁ ନେଇ ପାଣିକୋଇଲି ଅଞ୍ଚଳରେ ଭୟର ବାତାବରଣ ଥିବାବେଳେ ସରକାରଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ଆଇନ ମନ୍ତ୍ରୀ କହିଛନ୍ତି ଫେରାର କଏଦୀଙ୍କୁ ଧରିବା ପାଇଁ ଚାଲିଛି ଉଦ୍ୟମ। ୨୦୨୫ ଜାନୁଆରୀ ୪ରେ ସୁନା ଦୋକାନରୁ ଦ୍ୱିପ୍ରହରରେ ଲୁଟ୍ ଉଦ୍ୟମ କରିଥିଲେ। ୪ ବିହାରୀ ଅପରାଧୀଙ୍କ ଲୁଟ ଉଦ୍ୟମକୁ ବିଫଳ କରିଥିଲେ ସ୍ଥାନୀୟ ଲୋକେ। ଲୋକଙ୍କ ଭିଡ଼ରୁ ବର୍ତ୍ତିବା ପାଇଁ ଅପରାଧୀ ଗୁଳି ଚଳାଇ ଦୁଇ ଜଣ ନୀରିହ ଲୋକଙ୍କ ଜୀବନ ନେଇଯାଇଥିଲେ। ନୀଳମାଧବ ପଣ୍ଡା ଓ ଅନୀଲ ରାୟ ଦୁଇ ସ୍ଥାନୀୟ ଯୁବକଙ୍କୁ ହତ୍ୟା କରି ଫେରାର ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ଘଟଣାର ୯ ମାସ ପରେ ଗତ ୩ ତାରିଖରେ ରାଜ୍ୟର ସବୁଠାରୁ ସୁରକ୍ଷିତ ଚୌଦ୍ୱାର ଜେଲରୁ ଫେରାର ହେବାରେ ହୋଇଥିଲେ। ସେମାନେ ହେଲେ ମଧୁକାନ୍ତ ଓ ରାଜା ସାହାଣୀ। କଡ଼ା ପହରା ସତ୍ତ୍ୱେ ଲୁହା ରଡ୍ କାଟି କମ୍ବଳ ଜରିଆରେ ପାଚେରି କିଭଳି ଏହି ଦୁଇ ବିହାରୀ ଅପରାଧୀ ଫେରାର ହେଲେ ତାହା ଆଶ୍ଚର୍ଯ୍ୟ ଲାଗୁଛି।

ଜେଲରୁ ଏହି ଦୁଇ କଏଦୀ ଫେରାର ହେବା ପ୍ରଥମ ଥର ନୁହେଁ। ଗତ ୧୦ ବର୍ଷରେ ୧୩୦ଜଣ କଏଦୀ ଫେରାର ହୋଇଛନ୍ତି। ବଲାଙ୍ଗିର ଟିଟିଲାଗଡ଼ ଜେଲ୍‌ରୁ ୨ କଏଦୀ ଫେରାର ହୋଇଥିଲେ। ସେହିପରି ରାଉରକେଲା ସ୍ପେଶାଲ ଜେଲରୁ ଜଣେ କଏଦୀ ଫେରାର ହୋଇଥିବାବେଳେ ଜାମୁଝରୀ ଜେଲରୁ ଜଣେ ଏବଂ ବ୍ରହ୍ମପୁର ଜେଲରୁ ଜଣେ କଏଦୀ ଫେରାର ହୋଇଥିଲେ। ସେହିପରି ୨୦୨୧ରେ ସେକ୍ ହାଇଦାର ଚିକିତ୍ସା ଆଳରେ କଟକ ବଡ଼ ମେଡିକାଲକୁ ଆସିଥିଲେ। ସେଠାରେ ପୁଲିସ ଜଗିଥିବା ବେଳେ ସେ ଫେରାର ହୋଇଯାଇଥିଲା। ୨୦୨୧ରେ ଗଜପତି ଜିଲ୍ଲା ଆର ଉଦୟଗିରି ସବ୍ ଜେଲରେ ୨ଜଣ କଏଦୀ ଫେରାର ହୋଇଥିଲେ। ଏଥିଲାଗି ୨ଜଣ ୱାର୍ଡରଙ୍କୁ ନିଲମ୍ବିତ କରିଥିଲେ। ସେହିପରି ୨୦୨୩ରେ ଝାରପଡ଼ା ଜେଲରୁ ଜଣେ କଏଦୀ ଫେରାର ହୋଇଯାଇଥିଲେ। ଦୁଇ ଜଣଙ୍କ ନାମ ସମାନ ଥିବାରୁ ଜେଲ କର୍ତ୍ତୃପକ୍ଷ ବାପା ନାମ ଯାଞ୍ଚ ନକରି ଜଣଙ୍କ ଜାଗାରେ ଅନ୍ୟ ଜଣଙ୍କୁ ବେଲରେ ଛାଡ଼ି ଦେଇଥିଲେ। ବଡ଼ କଥା ହେଲା ଚୌଦ୍ୱାର ଜେଲରୁ ବର୍ତ୍ତମାନ ଦୁଇ କଏଦୀ ଫେରାର ହେବା କିଛି ନୂଆ କଥା ନୁହେଁ। ପୂର୍ବରୁ ୧୯୯୯ ମସିହାରେ ୪୧ ଜଣ କଏଦୀ ଚୌଦ୍ୱାର ଜେଲରୁ ଫେରାର ହୋଇଯାଇଥିଲେ। ବାତ୍ୟା ସମୟରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ସେମାନେ ପାଚେରି ଡେଇଁ ପଳାଇଥିଲେ। ସେହିପରି ୨୦୨୮ରେ ଭଞ୍ଜନଗର ସବ୍ ଜେଲରୁ ଜଣେ ହାର୍ଡକୋର କଏଦୀ ରଶି ସାହାଯ୍ୟରେ ଫେରାର ହୋଇଯାଇଥିଲେ। ସେହିପରି ୨୦୧୩ ଫାଇଲିନ୍ ସମୟରେ ୧୪ ଜଣ କଏଦୀ ଫେରାର ହୋଇଯାଇଥିଲେ।

### ଫେରାର ପଛରେ ବଡ଼ ଅପରାଧୀ

ବିଭିନ୍ନ ଜେଲରୁ କଏଦୀ ଫେରାର ହେବାରେ ପଛରେ ବଡ଼ ବଡ଼ ଅପରାଧୀଙ୍କ ହାତ ରହିଥାଏ। କାରଣ ଫେରାର କଏଦୀଙ୍କୁ ସେ ପୂରା ଜେଲର ବାଟ ଏବଂ କେଉଁବାଟେ ଯିବ ସବୁ କିଛି ବତାଇ ଦେଇଥାଏ। ଜେଲରୁ କଏଦୀ ଫେରାର ହେବା ପରେ ବଡ଼ ବଡ଼ ଅପରାଧି ତାଙ୍କର କାମରେ ବ୍ୟବହାର କରିଥାଏ। କାରଣ ଚୌଦ୍ୱାର ଜେଲରୁ ଫେରାର ଥିବା ଦୁଇ ବିହାରୀ କଏଦୀଙ୍କୁ ଫେରାର ହେବା ପଛରେ ଜେଲର ଜଣେ ବଡ଼ ଅପରାଧୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଆଉ ଏହା ପଛରେ ମଧ୍ୟ ଜେଲର କର୍ମଚାରୀଙ୍କ ହାତ ଥିବା କୁହାଯାଉଛି। ତଦନ୍ତ କରାଗଲେ ସତ ପଦାକୁ ଆସିବ ବୋଲି ଅନେକ ଆଇନଜୀବୀ କହିଛନ୍ତି।

### ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି

ରାଜ୍ୟରେ ଥିବା ଅନେକ ଜେଲରେ ସିସିଟିଭି ଲାଗିଛି। ଅନେକ ସିସିଟିଭି ଅଚଳ ହୋଇଯାଇଥିବା ବେଳେ ତାହାକୁ ମରାମତି କରାଯାଉ ନାହିଁ। ଆଉ ଯେତିକି ସିସିଟିଭି ଲାଗିଛି ତାହାକୁ ମନିଟରିଂ କରାଯାଉ ନାହିଁ। ପ୍ରତିଦିନ ଜେଲ କର୍ତ୍ତୃପକ୍ଷ ନିଜ ମୋବାଇଲ୍‌ରେ ମଧ୍ୟ ଫୁଟେଜ ଦେଖିପାରିବେ। କିନ୍ତୁ ଜେଲ କର୍ତ୍ତୃପକ୍ଷ କେବଳ ୱାର୍ଡରଙ୍କ ଭରସାରେ ଛାଡ଼ି ଦେଉଛନ୍ତି। ଯେଉଁଥି ପାଇଁ ଜେଲରୁ ହାର୍ଡକୋର କଏଦୀ ଫେରାର ହୋଇଯାଉଛନ୍ତି। ଆହୁରି ମଧ୍ୟ ଏକାଧିକ ଜେଲର ପାଚେରି ଖୁବ୍ ନୀଚା। ଯାହାକି କଏଦୀମାନେ ଗାମୁଛା କିମ୍ବା ବାଉଁଶ ସାହାଯ୍ୟରେ ଚଢ଼ି ପାର ହୋଇଯାଉଛନ୍ତି। ଚୌଦ୍ୱାର ଜେଲର ପାଚେରି ୨୦ ଫୁଟ ରହିଥିବାରୁ ୨ କଏଦୀ କମ୍ବଳ ଗଣ୍ଠିମାରି ଚଢ଼ି ଫେରାର ହୋଇଯାଇଥିଲେ। ତେଣୁ ରାଜ୍ୟରେ ଥିବା ଏକାଧିକ ଜେଲର ପାଚେରୀ ବଢାଇବା ସହ ଉପରେ ଦିଆଯାଉଥିବା ତାର ବାଡ଼ରେ କରେଣ୍ଟ ଦିଆଗଲେ କଏଦୀ ଫେରାର ହେବାକୁ ସାହାସ ଜୁଟାଇ ପାରିବେ ନାହିଁ। ଆହୁରି ମଧ୍ୟ କେବଳ ୱାର୍ଡରଙ୍କ ଉପରେ ଦୋଷ ଲଦି ଦେଲେ ହେବ ନାହିଁ। ଜେଲର ଏବଂ ସୁପରିଟେଣ୍ଡେଣ୍ଟ ମଧ୍ୟ ଏଥିପ୍ରତି ଦାୟୀ ରହିବା ଦରକାର। ତାଙ୍କ ଉପରିସ୍ଥ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଗଲେ, ସବୁ ଜେଲରେ ସୁରକ୍ଷା କଡ଼ାକଡ଼ି ହୋଇଯିବ ବୋଲି କୁହାଯାଉଛି।

## କୁଆଖାଇରେ ଭାସୁଥିବା ମୃତଦେହ ଗାଏବ୍

ଭୁବନେଶ୍ୱର,୪।୧୦(ସମିସ): କୁଆଖାଇ ନଦୀକୂଳରେ ଆଜି ଅପରାହ୍ଣରେ ଏକ ମୃତଦେହ ଭାସୁଥିବା କିଛି ଲୋକ ଦେଖିଥିଲେ। ହେଲେ ଖବର ପାଇ ପୁଲିସ ପହଞ୍ଚିବାବେଳକୁ ମୃତଦେହ ଗାଏବ ହୋଇଯାଇଥିଲା। ପୁଲିସ ଏବଂ ଅଗ୍ନିଶମ ବିଭାଗ ଯେତେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇନଥିଲେ। ମୃତଦେହ ଚିହ୍ନଟ ହୋଇ ନଥିବା ବେଳେ ଉପରମୁଣ୍ଡରୁ ଏହା ଭାସିଥିବା ସନ୍ଦେହ କରାଯାଉଛି। କୁଆଖାଇ ନଦୀର ସୁଅରେ ଭାସୁଥିବା ମୃତଦେହ ଦେଖିବାକୁ ବହୁ ଲୋକ ରୁଣ୍ଡ ହୋଇଯାଇଥିଲେ। ଏହି ମୃତଦେହ କେଉଁଠୁ ଆସିଲା, ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିନଥିବା ବେଳେ ମଞ୍ଚେଶ୍ୱର ଅଞ୍ଚଳର ନଦୀକୂଳିଆ ଲୋକମାନେ ଏହାକୁ ପ୍ରଥମେ ଦେଖି ଖବର ଦେଇଥିଲେ। ଅନ୍ୟପକ୍ଷରେ ପୁଲିସ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚିଥିଲେ ବି ଉଦ୍ଧାର ହୋଇପାରିଲାନି ମୃତଦେହ। ନଈ ସୁଅ ଉପରେ ଭରସା କରି ହାତବାନ୍ଧି ଠିଆ ହୋଇଥିଲା ପୁଲିସ। ନଦୀ ପାଣି ଥିବାରୁ ମୃତଦେହ ଅନ୍ୟ କେଉଁଠୁ ଭାସି ଆସିଥିବା ପୁଲିସ କହିଛି।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଧଉଳି,୪।୧୦(ସମିସ) : ଧଉଳି ଥାନା ଲିଙ୍ଗିପୁର ଜାତୀୟ ରାଜପଥ ଟ୍ରାଫିକ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ଭାକରସାହି ପଞ୍ଚାୟତ ଦଣ୍ଡାସାହିର ନବକିଶୋର ନାୟକଙ୍କ ପତ୍ନୀ ସଂଯୁକ୍ତା ନାୟକ। ଦେହ ଖରାପ ଥିବାରୁ ସଂଯୁକ୍ତା ଏହି ଥାନା ଲିଙ୍ଗିପୁର ଟ୍ରାଫିକ୍ ନିକଟ ବଡ଼ଦା ହସ୍ପିଟାଲକୁ ଆସିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଅପରାହ୍ନରେ ଘରକୁ ଯିବାପାଇଁ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ପୁରୀ ପଟୁ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ହିଁ ସଂଯୁକ୍ତାଙ୍କ ମୃତ୍ୟୁ ହୋଇଥିଲା। ଧଉଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାର ପ୍ରାଥମିକ ତଦନ୍ତ ଜାରି ରହିଛି ବୋଲି ଧଉଳି ପୁଲିସ ସୂଚନା ଦେଇଛି।

## ଖେଳିବାବେଳେ ହାତରେ ପଶିଗଲା ରଡ୍

ଭୁବନେଶ୍ୱର,୪।୧୦(ସମିସ): ଲୁହା ଗ୍ରୀଲରେ ଚଢ଼ି ଖେଳିବା ସମୟରେ ଜଣେ ଛାତ୍ର ହାତରେ ଲୁହା ରଡ୍ ପଶିଯାଇଛି। ଭୁବନେଶ୍ୱର ବଡ଼ଗଡ଼ ସ୍କୁଲ ନିକଟରେ ଏଭଳି ଘଟଣା ଘଟିଛି। ଆହତ ଛାତ୍ର ବଡ଼ଗଡ଼ ଅଞ୍ଚଳର ଶେଖ ମୁକତାର (୯)। ସେ ବଡ଼ଗଡ଼ ସ୍କୁଲ ପାଚେରି ପାଖ ଲୁହା ଗ୍ରୀଲରେ ଚଢ଼ି ସାଙ୍ଗ ସହ ଖେଳୁଥିବାବେଳେ ଏହି ଅଘଟଣ ଘଟିଥିଲା। ପୁଲିସ, ଅଗ୍ନିଶମ ବାହିନୀ ପହଞ୍ଚି ଲୁହାରଡ଼କୁ କାଟି ନାବାଳକକୁ ଉଦ୍ଧାର କରିଥିଲେ।







## ମଦ ଭର୍ତ୍ତି କାର୍ ଜବତ; ବେପାରୀ ଗିରଫ



ଭୁବନେଶ୍ୱର, ୪।୧୦ (ସମିସ): ବେଆଇନ ଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଉଛି ଖଲ୍ଲିକୋଟ ଅଞ୍ଚଳର ଠାକୁର ନାହାକ। ସୂଚନାନୁସାରେ, ରାଜଧାନୀରେ ଦେଶୀ ମଦ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଶିଶୁଭବନ ଛକରେ ଛପି ରହିଥିଲା। ସେଇ ରାସ୍ତା ଦେଇ ଯାଉଥିବା କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଦେଶୀମଦ ଠାବ ହୋଇଥିଲା। ଚାଳକ ତଥା ବେପାରୀ ଠାକୁରକୁ ଗିରଫ କରିବା ସହ କାର ଭିତରୁ ୪୦୦ ଲିଟର ଦେଶୀମଦ ଜବତ କରିଥିଲା। ସେ ଗଞ୍ଜାମ ଜିଲ୍ଲାରୁ ଦେଶୀମଦ ଆଣି ରାଜଧାନୀର ବେପାରୀଙ୍କୁ ଯୋଗାଉଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଠାକୁରକୁ କୋର୍ଟ ଚାଲାଣ କରିଛି।

## ତାରିଣୀ ବସ୍ତିରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୪।୧୦(ସମିସ): ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡାସ୍ଥିତ ତାରିଣୀ ବସ୍ତିରୁ ଦ୍ୱିତୀୟ ଦିନରେ ବିଡିଏ ଜବରଦଖଲ ଉଚ୍ଛେଦ କରିଛି। ସରକାରୀ ଜମିରେ ଥିବା ପ୍ରାୟ ୪୦ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏଥିରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ସାମପୁରଠାରେ ଘର ଯୋଗାଇ ଦିଆଯାଇ ଥଇଥାନ କରାଯାଇଛି। ଦୁଇ ଦିନରେ ୮୬ଟି ଆଜ୍‌ବେଷ୍ଟସ୍ ଘର, ୧୫ ଆଜବେଷ୍ଟସ୍ ଓ ଟିଣ ନିର୍ମିତ ଦୋକାନ ଏବଂ ୨୦ଶୌଚାଳୟ ଭଙ୍ଗାଯାଇଛି। ପ୍ରାୟ ୧୦୦୦ ଡିସିମିଲ୍ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏହି ଉଚ୍ଛେଦ ବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, କନିଷ୍ଠ ଏନ୍‌ଫୋର୍ସମେଣ୍ଟ ଅଫିସର ସିଦ୍ଧାନ୍ତ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।















## ନାବାଳିକାକୁ ଅସଦାଚରଣ ଓ ମା'କୁ ଧମକ; ଯୁବକ ଗିରଫ

ବ୍ରହ୍ମପୁର,୪।୧୦(ସମିସ): ଜଣେ ନାବାଳିକାର ପିଛା କରି ଦୁର୍ବ୍ୟବହାର କରିବା ଓ ତାଙ୍କ ମା'ଙ୍କୁ ବିଭିନ୍ନ ଧମକ ଦେବା ଅଭିଯୋଗରେ ସଦର ଥାନା ପୁଲିସ କୁକୁଡ଼ାଖଣ୍ଡି ଅଞ୍ଚଳର ସୁନିଲ ସେଠୀ ଓରଫ ପୀୟାଳୀ(୩୨)କୁ ଗିରଫ କରି କୋର୍ଟଚାଲାଣ କରିଛି। କୁକୁଡ଼ାଖଣ୍ଡି ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଓ ଟିୟୁସନ୍ ଯିବାବେଳେ ଅଭିଯୁକ୍ତ ସୁନିଲ ସମ୍ପୃକ୍ତ ନାବାଳିକାଙ୍କ ପିଛା କରି ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରୁଥିଲା। ନାବାଳିକାଙ୍କ ମା' ସୁନିଲକୁ ତାଗିତ କରିବା ସହ ଏଭଳି କାର୍ଯ୍ୟରୁ ନିର୍ବୃତ୍ତ ରହିବାକୁ କହିବାରୁ ସୁନିଲ ନାବାଳିକାକୁ ଅପହରଣ କରିବା ସହ ତାଙ୍କ



ପରିବାର ଲୋକଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଗଉଞ୍ଜୁ ଗ୍ରାମରେ ଗଣ୍ଡଗୋଳ; ୭ ଆହତ

ବ୍ରହ୍ମପୁର,୪।୧୦(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଉଞ୍ଜୁ ଗ୍ରାମରେ ଅନ୍ୟ ଗ୍ରାମର ଯୁବତୀକୁ ଏହି ଗ୍ରାମର ଜଣେ ଯୁବକ ଭଲପାଇବା ନେଇ ଆଲୋଚନା ଚାଲିଥିଲା। ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ସହ ଆକ୍ରମଣ ପ୍ରତି ଆକ୍ରମଣ ଘଟିଥିଲା। ଫଳରେ ଉଭୟ ପରିବାରର ୭ ଜଣ ଆହତ ହୋଇଥିବା ବେଳେ ୩ଜଣ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଗତ ସେପ୍ଟେମ୍ବର ୨୯ ରେ ବଡ଼ ଜୁଗୁଡ଼ି ଗ୍ରାମର ଜଣେ ଯୁବତୀକୁ ଗଉଞ୍ଜୁ ଗ୍ରାମର ଜଣେ ଯୁବକ ଭଲପାଇ ନିଜ ଘରେ ରଖିଥିଲା। ଯୁବତୀଙ୍କ ପରିବାର ଲୋକେ ଏନେଇ ଜାଣିବା ପରେ ଯୁବକଙ୍କ ଘରେ ପହଞ୍ଚି କଥାବାର୍ତ୍ତା କରିବା ସହ ଯୁବତୀଙ୍କ ସହ ବିବାହ କରିବା ନେଇ ଆଲୋଚନା କରୁଥିଲେ। ଏହି ସମୟରେ ହଠାତ ଉଭୟ ପରିବାର ମଧ୍ୟରେ କଥା କଟାକଟି ହୋଇଥିଲା। ଯୁବକଙ୍କ ସମ୍ପର୍କୀୟ ବିଭିନ୍ନ ମାରଣାସ୍ତ୍ର ଧରି ଯୁବତୀଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଫଳରେ ଯୁବତୀଙ୍କ ବାପାଙ୍କ ସମେତ ମା', ଭାଇ ଓ ମାଉସୀ ଆହତ ହୋଇଥିଲେ। ଏହାସହ ଯୁବକଙ୍କ ପରିବାରର ତିନିଜଣ ମଧ୍ୟ ପ୍ରତିଆକ୍ରମଣରେ ଆହତ ହୋଇଥିଲେ। ଗୋପାଳପୁର ପୁଲିସ ପହଞ୍ଚି ତଦନ୍ତ କରିବା ସହ ଯୁବତୀଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ମହିଳାଙ୍କ ସୁନା ଲୁଟ୍ ଘଟଣା; ଲୁଟେରା ଗିରଫ

ବ୍ରହ୍ମପୁର,୪।୧୦(ସମିସ): ତୁଳସୀପତ୍ର ତୋଳୁଥିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ ଅଭିଯୋଗରେ ସଦର ଥାନା ପୁଲିସ ଗଜପତି ନଗରର ସପ୍ତମ ଲାଇନର ସୁଜିତ କୁମାର ପାଢୀ(୪୬)କୁ ଗିରଫ କରିଛି। ତାଠାରୁ ପୁଲିସ ଲୁଟ୍ ସୁନା ଚେନ ଉଦ୍ଧାର କରିବା ସହ ଘଟଣାରେ ବ୍ୟବହାର ହୋଇଥିବା ବାଇକକୁ ଜବତ କରିଛି। କୁକୁଡ଼ାଖଣ୍ଡି ସୂର୍ଯ୍ୟନଗରର ବୃଦ୍ଧା ତାରାବତୀ କୋଠିଆ ଗତ ୨୫ତାରିଖ ଦିନ ନିଜ ଘର ନିକଟରେ ତୁଳସୀପତ୍ର ତୋଳୁଥିବାବେଳେ ବାଇକରେ ଆସି ଦୁର୍ବୃତ୍ତ ତାଙ୍କ ବେକରୁ ମଙ୍ଗଳସୂତ୍ର ଓ ଚେନ ଝାମ୍ପି ନେଇଥିଲା। ମଙ୍ଗଳସୂତ୍ରଟି ଛିଣ୍ଡି ତଳେ ପଡି ଯାଇଥିବା ବେଳେ ସୁନା ଚେନର କିଛି ଅଂଶ ଦୁର୍ବୃତ୍ତ ନେଇ ଫେରାର ହୋଇ ଯାଇଥିଲା।



ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ତଦନ୍ତ କରି ଗତ ୨ ତାରିଖରେ ବାଇଗଣବାଡି ଛକରୁ ଗ୍ଲାମର ବାଇକ ସହିତ ଅଭିଯୁକ୍ତ ସୁଜିତକୁ ଗିରଫ କରିଥିଲା। ପଚରାଉଚୁରା ପରେ ସେ ସମ୍ପୃକ୍ତ ବୃଦ୍ଧାଙ୍କଠାରୁ ଗୋଟିଏ ସୁନା ଚେନ୍ ଛଡ଼ାଇ ନେଇଥିବା ସହ ଜୁନ୍ ମାସରେ ବ୍ରହ୍ମପୁରର ବାଳକୃଷ୍ଣ ସାହୁଙ୍କ ସହିତ ଗୁରୁନାଡି ଥାନା ଅଞ୍ଚଳର ଅଡାଗାଁରେ ଜଣେ ମହିଳାଙ୍କଠାରୁ ମଙ୍ଗଳସୂତ୍ର ଛଡ଼ାଇ ନେବା ଓ ଶ୍ରୀରାମ ନଗର ଅଞ୍ଚଳର ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ନିକଟରେ କହିଥିଲା। ଅଭିଯୁକ୍ତ ସୁଜିତଙ୍କ ନାମରେ ବିଏନପୁର, ବଡ଼ ବଜାର, ଗୋଲନ୍ଥରା, କେ ନୂଆଁ ଗାଁ, ଦିଗପହଣ୍ଡି, ଗୋପାଳପୁର, ଜରଡ଼ା ଓ ଗୁରାଣ୍ଡି ଥାନାରେ ହତ୍ୟା ଉଦ୍ୟମ, ଡକାୟତି, ଲୁଟ୍ ଓ ଆର୍ମସ ଆକ୍ଟ ଦଫା ଭଳି ୧୫ଟି ସଂଗୀନ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

## ସ୍ୱାମୀକୁ ପନିକୀରେ ଆକ୍ରମଣ

ବ୍ରହ୍ମପୁର,୪।୧୦(ସମିସ): ବୈଦ୍ୟନାଥପୁର ଥାନା ଅଞ୍ଚଳରେ ପାରଳାଖେମୁଣ୍ଡି ନିବାସୀ ସନ୍ତୋଷ ପ୍ରଧାନଙ୍କୁ ତାଙ୍କ ସ୍ତ୍ରୀ ପନିକୀରେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସନ୍ତୋଷ ଗତ ୩ ତାରିଖରେ ନିଜ ଝିଅକୁ ଦେଖା କରିବାକୁ ଆସିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଓ ଶାଳୀ ତାଙ୍କୁ ଗାଳିଗୁଲଜ କରିବା ସହ ପନିକୀରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ।

### 'ଏମ୍ସ ପ୍ଲସ୍' ସ୍ୱପ୍ନ ଦେଖୁଥିବା ଏମ୍‌କେସିଜି ହସ୍ପିଟାଲର ଗୁମର କଥା

# ପୋକ କାମୁଡ଼ା ରୋଗୀକୁ ଛାତି ଏକ୍ସରେ ପରାମର୍ଶ !

ବ୍ରହ୍ମପୁର,୪।୧୦(ସମିସ)

- ଏକ୍ସରେ ରିପୋର୍ଟ ବାହାରିବା ପରେ 'କିଏ କହିଲା' ବୋଲି ପ୍ରଶ୍ନ କଲେ ଡାକ୍ତର
- ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନକୁ ଭୁଲ୍ ଦର୍ଶାଉଛନ୍ତି ନିରାମୟ କେନ୍ଦ୍ରର ଫାର୍ମାସିଷ୍ଟ

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ହେଉଛି ବ୍ରହ୍ମପୁରର ଏମ୍‌କେସିଜି ହସ୍ପିଟାଲ ଓ ମେଡିକାଲ କଲେଜ। ମାଗଣାରେ ଉନ୍ନତ ଧରଣର ଚିକିତ୍ସା ସେବା ଆଶାରେ ଏହା ଉପରେ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ନିର୍ଭର କରିଥାନ୍ତି। ତେବେ ଏଠାକାର ବ୍ୟବସ୍ଥା କଥା ନକହିବା ଭଲ। ବଡ଼ବଡ଼ିଆ ଗୁରୁତର ଅବସ୍ଥାରେ ଏଠାରେ ଚିକିତ୍ସା ନହୋଇ ରାଜ୍ୟ ବାହାରକୁ ଅଥବା ଭୁବନେଶ୍ୱର କିମ୍ବା କଟକ ପଳାଉଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ଘଟଣାକୁ ନେଇ ଏମ୍‌କେସିଜି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ସବୁ ସୁବିଧା ଥାଇ ସୁଦ୍ଧା ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବା ଯେମିତି ଏଠାରେ ସ୍ୱପ୍ନ। ଅପରପକ୍ଷେ ବିରଳ ତଥା ସଫଳ ଅସ୍ତ୍ରୋପଚାର କରି ମଧ୍ୟ କିଛି ହାତଗଣତି ଡାକ୍ତର ସୁନାମ ଅର୍ଜନ କରିଛନ୍ତି। ଏଭଳି ପରିସ୍ଥିତିରେ ଶହ ଶହ କୋଟି ଟଙ୍କା ବିନିଯୋଗ କରି ଏମ୍‌କେସିସଜି ମେଡିକାଲକୁ ଏମ୍ସ ପ୍ଲସ ମାନ୍ୟତା ଦେବାର ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର। ତୃଣମୂଳ ସ୍ତରରେ ଭିତ୍ତିଭୂମିର ଅଭାବକୁ ଦୂର ନକରି ଏମ୍ସ ପ୍ଲସ କରିବା ଯୋଜନା କେବଳ ପ୍ରଚାର ସର୍ବସ୍ୱ ବୋଲି ସାଧାରଣରେ ଆଲୋଚନା ହେଉଛି।

ଶୁକ୍ରବାର ଏମ୍‌କେସିଜି କାଜୁଆଲିଟିରେ ଏକ ଅଭାବନୀୟ ଘଟଣା ଘଟିଛି। ବ୍ରହ୍ମପୁର ଉପକଣ୍ଠ ଗୋଳାବନ୍ଧ ଗ୍ରାମର ଅଜୟ କୁମାର ବେଉରିଆ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ୍ ଏକ ପୋକ ଅଜୟଙ୍କ ହେଲ୍‌ମେଟ ଭିତରେ



ପଶି ସାର୍ଟ ଭିତରକୁ ଯାଇ ଛାତିକୁ କାମୁଡ଼ି ଦେଇଥିଲା। ଅସହ୍ୟ ଯନ୍ତ୍ରଣା ହେବାରୁ ତୁରନ୍ତ ସେ ଏମ୍‌କେସିଜି କାଜୁଆଲିଟିକୁ ଆସି ଉପସ୍ଥିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଡାକ୍ତର କିଛି ନବୁଝି ନଶୁଣି ସିଧାସଳଖ ଛାତିର ଏକ୍ସରେ କରିବାକୁ ଲେଖିଦେଲେ। ଅୟଜ ଛାତିର ଏକ୍ସରେ କରି ରିପୋର୍ଟ ଆଣି ସମ୍ପୃକ୍ତ ଡାକ୍ତରଙ୍କୁ ଦେଖାଇଥିଲେ। ସେତେବେଳେ ଡାକ୍ତର ଜଣକ ଅଜୟଙ୍କୁ ଏକ୍ସରେ କ'ଣ ପାଇଁ ବାହାର କରିଛନ୍ତି ବୋଲି ଓଲଟି ପ୍ରଶ୍ନ କରିବାରୁ ଆଶ୍ଚର୍ଯ୍ୟ ହୋଇଥିଲେ ନିଜେ ଅଜୟ। ଏଭଳି ଅଭାବନୀୟ ପରିସ୍ଥିତି ସମ୍ପର୍କରେ ସେଠାରେ ଉପସ୍ଥିତ ଅନ୍ୟ ଡାକ୍ତରମାନେ ଚିନ୍ତାରେ ପଡ଼ିଯାଇଥିଲେ। ପରେ ଔଷଧ ଦେଇ ଅଜୟଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ।

ସେହିଭଳି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜଣେ ବ୍ୟକ୍ତି କାଜୁଆଲିଟିକୁ ଯାଇ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରାଥମିକ ଚିକିତ୍ସା ପରେ ନିରାମୟ କେନ୍ଦ୍ରରୁ ଔଷଧ ନେବାକୁ ଡାକ୍ତର କହିଥିଲେ। ତେବେ ନିରାମୟ କେନ୍ଦ୍ରରେ ନିୟୋଜିତ ଜନୈକ ଫାର୍ମାସିଷ୍ଟ ଡାକ୍ତର ଲେଖିଥିବା ପ୍ରେସ୍କ୍ରିପ୍ସନ ଭୁଲ୍ ଥିବା ଦର୍ଶାଇ ସମ୍ପୃକ୍ତ ରୋଗୀଙ୍କୁ ୫ଶହ ପାୱାର ପରିବର୍ତ୍ତେ ୨ ଶହ ପାୱାରର ଔଷଧ ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଏମ୍‌କେସିଜିକୁ ଏମ୍ସ ପ୍ଲସ ମାନ୍ୟତା ଦେବାକୁ ସ୍ୱପ୍ନ ଦେଖାଉଥିବା ଏହି ସରକାରୀ ହସ୍ପିଟାଲରେ ରୋଗୀଙ୍କ ସ୍ୱାସ୍ଥ୍ୟପ୍ରତି ଡାକ୍ତର କେତେ ଯତ୍ନବାନ ଏବଂ ଫାର୍ମାସିଷ୍ଟ ଓ ଡାକ୍ତରଙ୍କ ମଧ୍ୟରେ ସମନ୍ୱୟର କେତେ ଅଭାବ ରହିଛି। ଏଣୁ ଖାଲି ଏମ୍ସ ପ୍ଲସ ମାନ୍ୟତା ପ୍ରଦାନ କରିଦେଲେ ହେବନାହିଁ ବରଂ ଏହା ପୂର୍ବରୁ ଏଠାରେ ଥିବା ଭିତ୍ତିଭୂମିର ଅଭାବ ଦୂର କରିବା ସହିତ ଆନୁସଙ୍ଗିକ ବ୍ୟବସ୍ଥା ଓ ରୋଗୀଙ୍କ ପ୍ରତି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିୟୋଜିତ କର୍ମଚାରୀ ଓ ଅଧିକାରୀଙ୍କ ମନୋଭାବରେ ମଧ୍ୟ ପରିବର୍ତ୍ତନ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ୧୮ ଜୁଆ ଆଡ୍ଡାରେ ଚଢ଼ଉ; ୮ ଲକ୍ଷ ଟଙ୍କା,୨୫ରୁ ଅଧିକ ବାଇକ୍ ଜବତ

ବ୍ରହ୍ମପୁର,୪।୧୦(ସମିସ)

**ବ୍ରହ୍ମପୁର ପୁଲିସ ଜିଲ୍ଲା**

ବ୍ରହ୍ମପୁର ପୁଲିସ କୁମାର ପୂର୍ଣ୍ଣିମା ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ମାସ ପହିଲାରୁ ଏଯାବତ ୧୮ଟି ଜୁଆ ଆଡ୍ଡାରେ ଚଢ଼ଉ କରି ୧୨୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଏଠାରୁ ୮ଲକ୍ଷ ୬୧ହଜାର ଟଙ୍କା ସମେତ ୫୫ଟି ମୋବାଇଲ ଓ ୨୫ରୁ ଊର୍ଦ୍ଧ୍ୱ ବାଇକ ଜବତ କରିଛି। ଟାଉନ, ବୈଦ୍ୟନାଥପୁର, ନିମଖଣ୍ଡି, ବଡ଼ବଜାର, ଜରଡ଼ା, ଗୋପାଳପୁର ଓ ଗୋଳନ୍ଥରା ଥାନା ପୁଲିସ ଏହି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଗତ ୩ତାରିଖ ବିଳମ୍ବିତ ରାତିରେ ଗୋଇଲୁଣ୍ଡି ଚନ୍ଦ୍ରଚାଞ୍ଚଡ଼ା ପଥର ସ୍ଥିତ ଶିବ ମନ୍ଦିର ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ବିଏନପୁର ଥାନା ପୁଲିସ ଚଢାଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରି ୧୧ହଜାର ୭ଶହ ଟଙ୍କା ଓ ୪ଟି ମୋବାଇଲ ଜବତ କରିଛଇ। ସେହିଭଳି ବିଳମ୍ବିତ ରାତିରେ ଲାଞ୍ଜିପଲ୍ଲୀ ଛକ ଉପରେ ଚାଲିଥିବା ଜୁଆଖେଳରେ ପୁଲିସ ଚଢାଉ କରି ୧୧ଜଣ ଜୁଆଡ଼ିଙ୍କୁ କାବୁ କରିଥିଲା। ଏଠାରୁ ୧୨ହଜାର ୨ଶହ ଟଙ୍କା ଓ ୬ଟି ମୋବାଇଲ ଜବତ କରିଛି। ସେହିଭଳି ୨ତାରିଖ ସନ୍ଧ୍ୟାରେ କମାପଲ୍ଲୀ ଓଭରବ୍ରିଜ ନିକଟସ୍ଥ ଏକ ଜୁଆଖେଳରୁ ପୁଲିସ ୭ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୭ହଜାର ୫ଶହଟଙ୍କା ସମେତ ୪ଟି ମୋବାଇଲ ଜବତ କରିଛି। ଅନୁରୂପ ଭାବେ ବ୍ରହ୍ମାନଗର ଗୁଡିଘାଇ ବନ୍ଧ ନିକଟସ୍ଥ ଜୁଆଆଡ୍ଡାରୁ ୩ଜଣଙ୍କୁ କାବୁ କରିବା ସହ ୧୧ହଜାର ୫ଶହ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରିଛି। ଏନେଇ ବୈଦ୍ୟନାଥପୁର ଥାନାରେ ସମ୍ପ୍ରତି ୪ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଆ ଆଡ୍ଡା ଚଢ଼ଉ କ୍ଷେତ୍ରରେ ଏହି ଥାନାରେ ସର୍ବାଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଆଗାମୀ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ପୁଲିସର ଏହି ଚଢାଉ ଜାରି ରହିବ ବୋଲି ଜଣାପଡ଼ିଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ବ୍ରହ୍ମପୁର,୪।୧୦(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଡ. ବିଭୂପ୍ରସାଦ ସାହୁ, ଡ. ମନୋରଞ୍ଜନ ବିଷୋୟୀ ଓ ଅଧ୍ୟାପକ ଅଶୋକ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ, ମାରଥନ, ସ୍ୱଚ୍ଛତା ହିଁ ସେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ଅଶୋକ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ କର୍ମଚାରୀ ତାରିଣୀ ଚରଣ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୩ ଯୁବ ପ୍ରତିଭା ପାଇବେ କେପିଜେଏଲ୍ ଯୁବ ବିଜେତା ସମ୍ମାନ

ବ୍ରହ୍ମପୁର,୪।୧୦(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ "କୁଆଁର ପୁନେଇଁ ଜହ୍ନ ଲୋ' (କେପିଜେଏଲ୍) ଯୁବ ବିଜେତା ସମ୍ମାନ' ପାଇବା ନିମନ୍ତେ ୩ଜଣ ବିଶିଷ୍ଟ ଯୁବ ପ୍ରତିଭା ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ କେ. ରାଜୁ ରହିଛନ୍ତି। ଭାବାନଗରରେ ଆୟୋଜିତ "୧୬ତମ କୁଆଁର ପୁନେଇଁ ଜହ୍ନ ଲୋ-୨୦୨୫'ର ସ୍ୱତନ୍ତ୍ର ଯୁବ ପ୍ରତିଭା ଚୟନ କରାଯାଇଥିଲା। ଏହି



ବିଶିଷ୍ଟ ଯୁବ ପ୍ରତିଭାମାନଙ୍କୁ ଅକ୍ଟୋବର ୭ତାରିଖ ଦିନ ଆୟୋଜିତ ହେବାକୁ ଥିବା ଜାତୀୟ ମହୋତ୍ସବରେ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯିବ ବୋଲି ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସୋନମ୍ ୱାଙ୍ଗଚୁକ୍‌ଙ୍କ ଗିରଫଦାରୀର ପ୍ରତିବାଦ



ବ୍ରହ୍ମପୁର,୪।୧୦(ସମିସ)

ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡରେ ସହରର ବିଭିନ୍ନ ସଙ୍ଗଠନର ନେତୃବୃନ୍ଦ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକଙ୍କ ଗିରଫକୁ ନେଇ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାରର ନିର୍ଦ୍ଦେଶ କ୍ରମେ ସୋନମ୍ ୱାଙ୍ଗଚୁକଙ୍କୁ ଅଗଣତାନ୍ତ୍ରିତ ଭାବେ ଗିରଫ କରାଯାଇଥିବା ଅଭିଯୋଗରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ୩୭୦ଧାରା ଉଚ୍ଛେଦ ପରେ ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ଓ ୬ଷ୍ଠ ଅନୁଚ୍ଛେଦ ଯୋଡ଼ି ସ୍ୱୟଂଶାସିତ ଘୋଷଣାକୁ କାର୍ଯ୍ୟକାରୀ କରିବା ଦାବି ନେଇ ସୋନମ୍ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଲଦାଖବାସୀ ପର୍ଯ୍ୟାୟ କ୍ରମେ ଦୀର୍ଘ ବର୍ଷରୁ ଅନଶନରେ ବସିଥିଲେ। ଏହି ଶାନ୍ତିପୂର୍ଣ୍ଣ ଅନଶନକୁ ଭଣ୍ଡୁର କରିବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଏଭଳି କାର୍ଯ୍ୟ କରିଥିବା ଏଠାରେ ଅଭିଯୋଗ ହୋଇଛି। ଗଣ ପ୍ରତିବାଦରେ ଶିକ୍ଷକ ସଂଗଠନର ନେତା ଅଶୋକ ଦଳାଇଙ୍କ ସଂଯୋଜନାରେ ବିଶିଷ୍ଟ ପରିବେଶବିତ୍ ସୁଧୀର ରାଉତ୍, ସ୍ତମ୍ଭକାର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ମୂଲିଆ ସଂଘର ଅବନୀ ଗୟା, ମାନବ ଅଧିକାର ସୁରକ୍ଷା ମଞ୍ଚର ଗଗନ ମଲ୍ଲିକ, ମାନବବାଦୀ ହେତୁବାଦୀ ସଂଗଠନର କେ. ନନ୍ଦେଶୁ ସେନାପତି, ଟିୟୁସିଆଇର ଶଙ୍କର ଇନ୍ କିଲାବ୍, ବରିଷ୍ଠ ସାମ୍ବାଦିକ ରବି ରଥ, ଡ. ବିଦ୍ୟୁପ୍ରଭା ରଥ, ଇପ୍ଟୁର ପ୍ରତାପ ପ୍ରଧାନ, କିଶୋର ମିଶ୍ର, ଏଆଇଡିଏସଓର ପପୁନ୍ ସାହୁ, ବିଜୟ କୁମାର ପାଢ଼ୀ, ଆଦିତ୍ୟ ନାରାୟଣ ରଥ, ଜୟକୃଷ୍ଣ ନାୟକ, ସୁବାସ ଚନ୍ଦ୍ର ରାଉତ, ହୃଷିକେଶ ପାତ୍ର, ଗୁଣନିଧି ବେହେରା, ଡି. ମୋହନ ରାଓ, ବିଜୟ କୁମାର ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ବିଜୟ ସ୍ୱାଇଁ, ୱାଇ, କ୍ରିଷ୍ଣା ରାଓ ଓ କେ. ବାସବ ରାଜୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ବିଇଏମ୍‌ସିକୁ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ହେଲ୍‌ମେଟ୍ ପରିଧାନ ବାଧ୍ୟତାମୂଳକ

ବ୍ରହ୍ମପୁର,୪।୧୦(ସମିସ)




- ଖିଲାପିଙ୍କୁ ଚିହ୍ନଟ କରି ଚାଲାଣ ପାଇଁ ଆର୍‌ଟିଓକୁ ପଠାଯିବ ସିସିଟିଭି ଫୁଟେଜ୍
- ନିର୍ଦ୍ଦେଶନାମା ଅନୁପାଳନ କରିବାରେ କର୍ପୋରେଟରଙ୍କ ଲୋଡ଼ାଯାଇଛି ସହଯୋଗ
- ଆଗକୁ ବିଇଏମ୍‌ସିକୁ ଆସୁଥିବା ସର୍ବସାଧାରଣଙ୍କ ପାଇଁ ଲାଗୁ ହେବ ମାର୍ଗଦର୍ଶିକା: କମିଶନର

ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଘାରିଛି ନିଜ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା। ଦୈନନ୍ଦିନ କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ନିଜ ଅବହେଳା ପାଇଁ ସେମାନେ ଅନେକାଂଶରେ ଦାୟୀ। ଏହାକୁ ଦୃଷ୍ଟିରେ ରଖି ବିଇଏମସି କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରୁଥିବା ସମସ୍ତ ସ୍ଥାୟୀ, ଅସ୍ଥାୟୀ ଏପରିକି ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଜାରି କରାଯାଇଛି କଡ଼ା ନିର୍ଦ୍ଦେଶନାମା। ସମସ୍ତଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଜାରି ନୋଟିସରେ ସ୍ପଷ୍ଟ କରାଯାଇଛି। ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିବା ବେଳେ ବିଇଏମ୍‌ସି ପରିସରରେ ଲାଗିଥିବା ସିସିଟିଭି ଫୁଟେଜରେ ଯଦି କୌଣସି କର୍ମଚାରୀ ବିନା ହେଲମେଟରେ କାର୍ଯ୍ୟାଳୟ ପରିସରକୁ ପ୍ରବେଶ ଚିତ୍ର ସାମନାକୁ ଆସେ ତୁରନ୍ତ ସମ୍ପୃକ୍ତ କର୍ମଚାରୀଙ୍କ ଫଟୋକୁ ଆରଟିଓଙ୍କୁ ପ୍ରଦାନ କରାଯାଇ ଚାଲାଣ କାଟିବାକୁ ସୁପାରିଶ କରାଯିବ ବୋଲି ତାଗିଦ୍ କରାଯାଇଛି। କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ସମସ୍ତେ କଡାକଡି ମାନିବାକୁ କୁହାଯାଇଥିବା ବେଳେ କର୍ପୋରେଟରମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କେବଳ ବିଇଏମ୍‌ସିର ସମସ୍ତ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଆଗକୁ ଏହାର ସଫଳତାକୁ ଦୃଷ୍ଟିରେ ରଖି ଏଠାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ମଧ୍ୟ ମାର୍ଗଦର୍ଶିକା ଜାରି ହେବ ବୋଲି କହିଛନ୍ତି ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ତେବେ ଏହାପୂର୍ବରୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କ ସହଯୋଗ ଲୋଡ଼ାଯିବ ବୋଲି ସେ କହିଛନ୍ତି। ଗତ ୩ ତାରିଖରେ କର୍ମଚାରୀଙ୍କ ପାଇଁ ହେଲମେଟ ବାଧ୍ୟତାମୂଳକ ଦର୍ଶାଇ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଶନିବାର ପ୍ରଥମ ଦିବସରେ ଅଧିକାଂଶ କର୍ମଚାରୀଙ୍କ ମୁଣ୍ଡରେ ହେଲମେଟ ଥିବା ପରିଲକ୍ଷିତ ହୋଇଥିଲା। ଏହାଦ୍ୱାରା ଘରୁ କାର୍ଯ୍ୟାଳୟକୁ ଆସିଥିବା କର୍ମଚାରୀ ପୁଣି ସୁରକ୍ଷିତ ଭାବେ ନିଜ ଘରକୁ ଫେରିପାରିବେ ବୋଲି କହିଛନ୍ତି କମିଶନର।

## ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବ୍ରହ୍ମପୁର,୪।୧୦(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାମଗୁଡାରେ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବନରକ୍ଷୀ ସୁଭାଷିନୀ ପ୍ରଧାନ ଯୋଗ ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିନସ୍ଥ ରାମଗୁଡା, ବାଣିଆମାରି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ବାସସ୍ଥାନ ଗଣା ଯାଉଥିବା ବେଳେ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ସହ ବଣଭୋଜି ପାଇଁ ବର୍ଷ ସାରା ଲୋକଙ୍କ



ଭିଡ଼ ରହୁଛି। କିନ୍ତୁ ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ପଲିଥିନ ଜଙ୍ଗଲର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ମୃତ୍ତିକା ଓ ଜଳ ପ୍ରଦୂଷିତ କରୁଛି। ଯାହା ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ରହିଥିବା ପରିଷଦ ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବନ କର୍ମଚାରୀଙ୍କ ସହ ସ୍ୱେଚ୍ଛାସେବୀମାନେ ଦୁଇ କୁଇଣ୍ଟାଲ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ନଳିନୀକାନ୍ତ ପରିଡା, ପି. ଅରବିନ୍ଦ ଦେଶୀବେହେରା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି ଓ ଗଜସାଥୀ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୪/୧୦/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୫୯,୨୨୫/- ସୁନା: ୦୦.୩୫୦ ଗ୍ରାମ୍ ରୁପା: ୧୪.୦୦୦ ଗ୍ରାମ୍







## ବିଦାୟ ନେଲେ ଗୋସାଣୀ

# ସିଂହଦ୍ୱାରରେ ଦେବୀ ସଭା



ପୁରୀ,୪।୧୦(ସମିସ)

ଶେଷ ହୋଇଛି ଶାରଦୀୟ ଦୁର୍ଗାପୂଜା। ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା' ଦୁର୍ଗା। ଦଶହରା ସନ୍ଧ୍ୟାରେ ମୃଣ୍ମୟୀ ଦୁର୍ଗାଙ୍କ ବିସର୍ଜନ ପରେ ଏକାଦଶୀରେ ଶ୍ରୀକ୍ଷେତ୍ରରେ ପାରମ୍ପରିକ ରୀତିନୀତିରେ ଗୋସାଣୀ ଭସାଣି ଅନୁଷ୍ଠିତ ହୋଇଛି। ଶୁକ୍ରବାର ଅପରାହ୍ନରୁ ପୁରୀ ସହରର ବିଭିନ୍ନ ମଣ୍ଡପରୁ ଗୋସାଣୀ ଏବଂ ନାଗା ପ୍ରଭୃତି ମୂର୍ତ୍ତିଙ୍କୁ ନିରାଡମ୍ବର ଭାବେ ସିଂହଦ୍ୱାରକୁ ଅଣାଯାଇଥିଲା। ସେଠାରେ ଅନୁଷ୍ଠିତ ହୋଇଥିଲା ଦେବୀ ସଭା। ଏହାପରେ ଗୋସାଣୀ ଏବଂ ନାଗାମାନଙ୍କୁ ନେଇ ମଙ୍ଗଳାଘାଟ ନିକଟ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ମଣ୍ଡପରୁ ଗୋସାଣୀ ଏବଂ ନାଗାଙ୍କୁ ଶୋଭାଯାତ୍ରାରେ ଆଣିବା ସମୟରେ ଦୁଲୁକିଥିଲା ପୁରୀ ସହର। ଶାରଦୀୟ ପୂଜା ଅବସରରେ ପୁରୀ ସହରରେ ୫୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗୋସାଣୀ, ନାଗା ପୂଜା ପାଇଥିଲେ। କାକୁଡ଼ିଖାଇ, ଷ୍ଟେଶନ ବଜାର, ମାର୍କେଟ ଛକ, ବଡ଼ଶଙ୍ଖ, ଦୁର୍ଗାବାଡ଼ିରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ଗୁରୁବାର ସନ୍ଧ୍ୟାରେ ସମସ୍ତ ଦୁର୍ଗା ମୂର୍ତ୍ତି ବିସର୍ଜିତ ହୋଇଥିଲେ। ଅନ୍ୟପକ୍ଷରେ ପରମ୍ପରା ଅନୁଯାୟୀ, ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରେ ଗୋସାଣୀ ବିସର୍ଜନ ଅନୁଷ୍ଠିତ ହୋଇଥିଲା। ଗୋସାଣୀ, ନାଗା ପ୍ରଭୃତି ମୂର୍ତ୍ତି ପଟୁଆରରେ ପୂଜାମଣ୍ଡପରୁ ସିଂହଦ୍ୱାର ସମ୍ମୁଖକୁ ଆସି ମେଳଣରେ ସାମିଲ ହୋଇଥିଲେ। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ବାରବାଟୀ ଗୋସାଣୀ ପ୍ରଥମେ ସିଂହଦ୍ୱାରରେ ପହଞ୍ଚିଥିଲେ। ଏହାପରେ ଦୋଳମଣ୍ଡପ ସାହି ଗୋସାଣୀ ଜହ୍ନିଖାଇ ଠାକୁରାଣୀ ମେଳଣରେ ସାମିଲ ହୋଇଥିଲେ। ପରେ ପରେ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ଗୋସାଣୀ ଏବଂ ନାଗା ମେଳଣରେ ସାମିଲ ହୋଇ ରାତିରେ ଭସାଣିକୁ ଯାଇଥିଲେ।



ମେଳଣରେ କରତି ସାହିର ହରଚଣ୍ଡୀ, ମଣିକର୍ଣ୍ଣିକା ସାହିର ବନଦୁର୍ଗା, ହରଚଣ୍ଡୀ ସାହିର ଗେଲବାଇ, ମାଟିମଣ୍ଡପ ସାହିର ଶୂନ୍ୟ ଗୋସାଣୀ, ବାସେଲୀ ସାହିର ପଣାପ୍ରିୟା ଓ ବନଦୁର୍ଗା, ଭୋଗଜାଗା ଗୋସାଣୀ, ବାଲିସାହିର ଜହ୍ନିଖାଇ, ଗୌଡବାଡ଼ ସାହିର ଜହ୍ନିଖାଇ ଗୋସାଣୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପୁରୀ ସହରର ଅନ୍ୟତମ ଆକର୍ଷଣ ହେଉଛି ନାଗା ପରମ୍ପରା। ଏହି ମେଳଣରେ ବାଲିସାହି, ହରଚଣ୍ଡୀ ସାହି, ମାଜଣା ଯାଗା, ନରେନ୍ଦ୍ରକୋଣ ପ୍ରଭୃତି ସାହିର ନାଗା ମୂର୍ତ୍ତି ମଧ୍ୟ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ମେଳଣର ଅନ୍ୟତମ ଆକର୍ଷଣ ସାଜିଥିଲା ସମ୍ପାତ୍ତି ଚଢେଇ। ପୁରୀ ସାତବଖରା ଜାଗା ପକ୍ଷରୁ ସମ୍ପାତ୍ତି ଚଢେଇ ତିଆରି କରାଯାଇଥିଲା, ଯାହା ପିଠିରେ ଅଷ୍ଟବୀର ବସିଥିଲେ। ଦଶହରା ସମୟରେ ପୁରୀର ବିଭିନ୍ନ ସାହିରେ ଗୋସାଣୀ, ନାଗା ଏବଂ ଅନ୍ୟାନ୍ୟ ମୂର୍ତ୍ତି ପୂଜା ପାଇଥାନ୍ତି। ସହରବାସୀ ତଥା ଜନସାଧାରଣ ଏହି ମୂର୍ତ୍ତିମାନଙ୍କୁ ଗୋଟିଏ ସ୍ଥାନରେ ଏକକାଳୀନ ଦେଖିବାର ସୁଯୋଗ ଦେବା ଲକ୍ଷ୍ୟରେ ସିଂହଦ୍ୱାର ସମ୍ମୁଖରେ ଦେବୀ ସଭାର ଆୟୋଜନ କରାଯାଇଥାଏ, ଯାହା ଅତ୍ୟନ୍ତ ପ୍ରାଚୀନ। ତେବେ ଦେବୀ ସଭାରେ ପୁରୀବାସୀ ଏବଂ ବାହାର ଶ୍ରଦ୍ଧାଳୁ ପର୍ଯ୍ୟଟକ ସାମିଲ ହୋଇ ଦୁର୍ଗା, ଗୋସାଣୀ, ନାଗା ସମେତ ଅନ୍ୟାନ୍ୟ ମୂର୍ତ୍ତି ଦର୍ଶନ କରି ବେଶ୍ ଖୁସି ହୋଇଥିଲେ।



# ରାଧାଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ

ପୁରୀ,୪।୧୦(ସମିସ): ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ତିଥି ଅର୍ଥାତ୍ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ମାସ ବାଳଧୂପ ନୀତି। ରତ୍ନସିଂହାସନରେ ରାଧାଦାମୋଦର ବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଠାକୁରଙ୍କର ଏହି ମହାର୍ଘ ବେଶ ଦେଖିବା ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କର ବେଶ୍ ଭିଡ଼ ହୋଇଥିଲା।

ଅନ୍ୟପକ୍ଷରେ ଆସନ୍ତା ମଙ୍ଗଳବାରଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ସେହିପରି ଏଥର ପଞ୍ଚୁକ ୪ ଦିନ ପଡୁଛି। ନଭେମ୍ବର ୨ରେ ମହାପ୍ରଭୁଙ୍କ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ହେଲେ ଏଥର ପଞ୍ଚୁକର ଦ୍ୱିତୀୟ ବେଶ ଅର୍ଥାତ୍ ବାଙ୍କଚୁଡ଼ା ବା ବାମନ ବେଶ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ। ନଭେମ୍ବର ୩ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ସେହିପରି ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ଅକ୍ଟୋବର ୨୭ ତାରିଖ ଅବକାଶ ନୀତି ପରେ ହରିହର ବେଶ ହେବ।

## ଆରମ୍ଭ ହେଲା ବାଳଧୂପ

କାର୍ତ୍ତିକ ମାସର ଅନ୍ୟ ଏକ ବିଶେଷତ୍ୱ ହେଉଛି ବାଳଧୂପ। ଏହି ମାସରେ ମହପ୍ରଭୁଙ୍କ ନିକଟରେ ସକାଳଧୂପ ବଢିବା ପରେ ବାଳଧୂପ ହୋଇଥାଏ। ବାଳଧୂପ ବଢିବା ପରେ ରାଧାଦାମୋଦର ବେଶ ଓଲାଗି କରାଯାଏ। ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେହ ବାଳଧୂପ ହୋଇଥାଏ। କିନ୍ତୁ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୋଇଥାଏ। ବାଳଧୂପରେ ବିଭିନ୍ନ ପ୍ରକାର ପାଚିଲା ଫଳ, ଖଇ ଆଦି ପଞ୍ଚୋପଚାର ବିଧିରେ ମହାପ୍ରଭୁଙ୍କୁ ଲାଗି କରାଯାଇଥାଏ। ସାଧାରଣତଃ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ପଞ୍ଚୋପଚାର ପୂଜା ସିଂହାସନ ତଳେ ପୂଜାପଣ୍ଡାମାନେ କରୁଥିବା ବେଳେ ବାଳଧୂପରେ ରତ୍ନସିଂହାସନ ଉପରେ ପୂଜାପଣ୍ଡାମାନେ ପଞ୍ଚୋପଚାର ପୂଜା କରିଥାନ୍ତି।

# ସ୍ଥାପନ ହେବ ଡିଜିଟାଲ୍ ପାଠାଗାର

ପୁରୀ,୪।୧୦(ସମିସ): ଏଣିକି ଶ୍ରୀମନ୍ଦିରର ଦୁର୍ଲଭ ରେକର୍ଡପତ୍ର ପାଇବା ସହଜ ହୋଇଯିବ। ଆଉ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ କିମ୍ବା ଅଧିକାରୀଙ୍କ ପାଖରେ ଗୋଡ଼ଭାଙ୍ଗି ଠିଆ ହେବାକୁ ହେବ ନାହିଁ। କାରଣ ଶ୍ରୀମନ୍ଦିର ପ୍ରଶାସନର ଡିଜିଟାଲ ପାଠାଗାର ଏହି ସମସ୍ୟାକୁ ସମାଧାନ କରିଦେବ। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଡିଜିଟାଲ ପାଠାଗାର ପ୍ରତିଷ୍ଠା ହେବାକୁ ଯାଉଛି। ବଡ଼ଦେଉଳର ବିରଳ ତଥା ଦୁର୍ଲଭ ରେକର୍ଡପତ୍ର ସହ ନୀତିକାନ୍ତି ସମ୍ବନ୍ଧୀୟ ସୂଚନା, ମାଦଳା ପାଞ୍ଜି, ତାଳପତ୍ର ପାଣ୍ଡୁଲିପି ଆଦି ଏହି ଡିଜିଟାଲ ପାଠାଗାରରେ ଉପଲବ୍ଧ ହେବ। ଏହା ଭକ୍ତ ବିଶେଷକରି ଗବେଷକମାନଙ୍କ ପାଇଁ ଏହା ବେଶ୍ ଉପାଦେୟ ହୋଇପାରିବ। ଶ୍ରୀମନ୍ଦିର ପ୍ରଶାସନ ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ତାଙ୍କ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ମୁଖ୍ୟ ପ୍ରଶାସକ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, 'ମହାପ୍ରଭୁଙ୍କ ଆଶୀର୍ବାଦରେ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଭକ୍ତ ଏବଂ ଗବେଷକମାନଙ୍କୁ ଡିଜିଟାଲ ପ୍ରବେଶ ପ୍ରଦାନ କରିବା ସହିତ ବିରଳ ମନ୍ଦିର ରେକର୍ଡ, ରୀତିନୀତି, ପବିତ୍ର ମାଦଳାପାଞ୍ଜି, ତାଳପତ୍ର ପାଣ୍ଡୁଲିପି ଏବଂ ଅନ୍ୟାନ୍ୟକୁ ସଂରକ୍ଷଣ କରିବା ପାଇଁ ଏକ ଡିଜିଟାଲ ଲାଇବ୍ରେରୀ ସ୍ଥାପନ କରିବାକୁ ଯାଉଛି। ଏହି ଅନନ୍ୟ ପଦକ୍ଷେପ ଭକ୍ତ ଓ ଗବେଷକମାନଙ୍କ ପାଇଁ ଡିଜିଟାଲ୍ ଆକ୍‌ସେସ୍ ଉପଲବ୍ଧ ହେବ। ଶ୍ରୀମନ୍ଦିରର ଶାଶ୍ୱତ ଐତିହ୍ୟକୁ ସୁରକ୍ଷା କରିବାରେ ଏହା ଏକ ବିଶିଷ୍ଟ ଉଦ୍ୟମ। ଶ୍ରୀମନ୍ଦିର ପ୍ରଶାସନ ଏକ ଡିଜିଟାଲ୍ ଲାଇବ୍ରେରୀ ସ୍ଥାପନ କରୁଛି'।

- ଉପଲବ୍ଧ ହେବ ଶ୍ରୀମନ୍ଦିରର ଦୁର୍ଲଭ ରେକର୍ଡପତ୍ର
- ଉପକୃତ ହେବେ ଭକ୍ତ, ଗବେଷକ

● 'ଅପରେସନ ଚକ୍ର'କୁ ସଫଳତା

# ୭ ଜୁଆଡ଼ି ଗିରଫ, ୮ ୯୦୦ ଟଙ୍କା ଜବତ

ପୁରୀ,୪।୧୦(ସମିସ): ପୁରୀ ଜିଲ୍ଲାକୁ ଅପରାଧ ଏବଂ ବେଆଇନ ନିଶା କାରବାର ମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ 'ଅପରେସନ ଚକ୍ର' ନାମରେ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଅପରାଧୀ ଏବଂ ବେଆଇନ ନିଶା ଦ୍ରବ୍ୟ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ସେହିପରି କିଛି ଜାଗାରେ ଜୁଆ ଆଡ୍ଡା ଜମୁଛି। ତେଣୁ ଜୁଆ ଖେଳ ଉପରେ ରୋକ୍ ଲଗାଇବା ପାଇଁ ମଧ୍ୟ ପ୍ରଚେଷ୍ଟା ଜାରି ରଖିଛି ପୁଲିସ। ଏହି ଅଭିଯାନରେ ୭ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୮,୯୦୦ ଟଙ୍କା ଜବତ କରାଯାଇଛି।

**ଏବର୍ଷ ଧରାପଡ଼ିଲେଣି ୬୭ ଜୁଆଡ଼ି, ଜବତ ହେଲାଣି ୪.୭୫ ଲକ୍ଷ ଟଙ୍କା**

ସୂଚନା ଅନୁଯାୟୀ, ଚନ୍ଦନପୁର ଥାନା ପୁଲିସ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିବାବେଳେ ୭୫୦ ଟଙ୍କା ଜବତ କରିଛି। ଏଥିସହ ଖେଳ ସାମଗ୍ରୀ ମଧ୍ୟ ଜବତ କରିଛି। ସେପରି ସତ୍ୟବାଦୀ ପୁଲିସ ୨ ଜୁଆଡ଼ିଙ୍କୁ ଗିରଫ କରି ୮୧୫୦ ଟଙ୍କା ଓ ଜୁଆଖେଳ ସାମଗ୍ରୀ ଜବତ କରିଛି। ଚଳିତ ବର୍ଷ ପୁରୀ ଜିଲ୍ଲାରେ ଏବେ ସୁଦ୍ଧା ଜୁଆ ଖେଳକୁ ନେଇ ୧୩ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଚନ୍ଦନପୁର ଥାନାରେ ୩ଟି, ସଦର ଥାନାରେ ୫ଟି, ସତ୍ୟବାଦୀ ଥାନାରେ ୨ଟି, ବାସେଲୀସାହି ଥାନାରେ ଗୋଟିଏ ଏବଂ ଚାରିଛକ ଥାନାରେ ୨ଟି ମାମଲା ରହିଛି। ଏହିସବୁ ମାମଲାରେ ମୋଟ ୬୭ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ମୋଟ୍ ୪ ଲକ୍ଷ ୭୫ ହଜାର ୬୯୦ ଟଙ୍କା ଜବତ କରାଯାଇଛି। ଜନସାଧାରଣ ଯଦି ନିଜ ଅଞ୍ଚଳରେ ଏପରି ଜୁଆ ଖେଳ ଚାଲୁଥିବା ଦେଖନ୍ତି ତେବେ ୧୧୨ ନମ୍ବରରେ କଲ୍ କରନ୍ତୁ କିମ୍ବା ନିକଟସ୍ଥ ଥାନାକୁ ଜଣାନ୍ତୁ ବୋଲି ପୁରୀ ଏସ୍‌ପି ଅନୁରୋଧ କରିଛନ୍ତି।

# ହବିଷ୍ୟାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ପୁରୀ,୪।୧୦(ସମିସ): ଆସନ୍ତା ୭ ତାରିଖରୁ ଆରମ୍ଭ ହେଉଛି କାର୍ତ୍ତିକ ବ୍ରତ। ଧର୍ମମାସ କାର୍ତ୍ତିରେ ଶ୍ରୀକ୍ଷେତ୍ର ପୁରୀକୁ ଅଧିକ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେବ। ତେବେ ଶ୍ରୀମନ୍ଦିରରେ ଦର୍ଶନ ହେଉ ବା ରହଣି କେନ୍ଦ୍ରରେ ହବିଷ୍ୟାଳିମାନେ କିପରି ସୁରକ୍ଷିତ ଭାବେ ରହି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପୁଲିସ। ସେହିପରି ତୀର୍ଥ ପୁଷ୍କରିଣୀରେ କିପରି ସୁରକ୍ଷିତ ଭାବେ ସ୍ନାନ କରିବେ ସେଥିପ୍ରତି ବି ନଜର ରଖାଯାଇଛି। ଏଥିପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ରହଣି କେନ୍ଦ୍ରରେ ପୁଲିସ ପକ୍ଷରୁ ସୁରକ୍ଷା, ଶୃଙ୍ଖଳା ଓ ସୁବିଧା ନିମନ୍ତେ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜିତ ରହିବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀ, ଶ୍ୱେତଗଙ୍ଗା, ମାର୍କଣ୍ଡେଶ୍ୱର, ଇନ୍ଦ୍ରଦ୍ୟୁମ୍ନରେ ମଧ୍ୟ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା ରହିବ। ଶନିବାର ଏସ୍‌ପି ପ୍ରତୀକ ସିଂ ଶ୍ରୀମନ୍ଦିର ପରିସରରେ ସମସ୍ତ ଫୋର୍ସ ଓ ଅଫିସରଙ୍କୁ ବ୍ରିଫିଙ୍ଗ୍ କରିଛନ୍ତି। ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳି ମା'ମାନଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ତୀର୍ଥ ପୁଷ୍କରିଣୀ ବୁଲି ସୁରକ୍ଷା ବ୍ୟବସ୍ଥାର ଅନଧ୍ୟାନ କରିଛନ୍ତି। ହବିଷ୍ୟାଳି ରହଣି କେନ୍ଦ୍ର ଲାଗି ଜଣେ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୬ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୬ କନେଷ୍ଟବଳ, ୧୮ ମହିଳା କନେଷ୍ଟବଳ, ୨୪ ମହିଳା ହୋମ୍‌ଗାର୍ଡଙ୍କ ସମେତ ମୋଟ୍ ୬ ସେକ୍ସନ ସୁରକ୍ଷା କର୍ମୀ ନିୟୋଜିତ ହେବେ ବୋଲି ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ୪୭ତମ କୁମାର ଉତ୍ସବ

# ଆକର୍ଷଣ ସାଜିବ ଓଲିଉଡ୍, ବଲିଉଡ୍ ନାଇଟ୍

ପୁରୀ,୪।୧୦(ସମିସ): ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଆସନ୍ତା ୬ ଓ ୭ ତାରିଖ ଦୁଇଦିନ ପୌରସଦନଠାରେ ପାଳନ କରିବ ୪୭ତମ କୁମାର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ରୂପରେଖ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ବିରେନ୍ଦ୍ର ନାରାୟଣ ଗୋଛିକାର, ସାଧାରଣ ସମ୍ପାଦକ ସନ୍ତୋଷ ଶତପଥୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଦାସମହାପାତ୍ର କହିଥିଲେ ଯେ ଆସନ୍ତା ୫, ୬ ଓ ୭ ତାରିଖ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୪୭ତମ କୁମାର ଉତ୍ସବ ପାଳନ କରାଯିବ। ୫ ତାରିଖ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯିବା ସହ ପୌର ସଦନଠାରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା କରାଯିବ।




୬ ତାରିଖ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସଭା ପର୍ବ ପରେ ଅନୁଷ୍ଠାନର ସଦସ୍ୟସଦସ୍ୟାଙ୍କ ଦ୍ୱାରା ନୃତ୍ୟଭିତ୍ତିକ ସମବେତ ସଙ୍ଗୀତ ରୂପକ କୁମାର ପୂର୍ଣ୍ଣିମା ରାତି, ମନେ ଭରିଦିଏ ତାତି ଏହାପରେ ଓଡ଼ିଶୀ ନୃତ୍ୟ ନବଦୁର୍ଗା, କ୍ରିଏଟିଭ୍ ଡ୍ୟାନ୍ସ, ନାଚ୍ ବଲିଏ ଆଧୁନିକ ନୃତ୍ୟ ପରିବେଷଣ କରାଯିବ। ସର୍ବଶେଷରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ। ୭ ତାରିଖ ଉଦ୍‌ଯାପନୀ ପ୍ରତିବର୍ଷ ଭଳି ଅନୁଷ୍ଠାନର ଆକର୍ଷଣୀୟ ପୁରସ୍କାର ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ପୁରସ୍କାର ପ୍ରଦାନ କରାଯିବ। ଏହାପରେ ମାହାରୀ ନୃତ୍ୟ, କୋଲକାତାର ରାଇବଂଶୀ ଗ୍ରୁପ୍ ପକ୍ଷରୁ ବାଲାନ୍ସି ଆକ୍ଟ ପରିବେଷଣ କରାଯିବ। ପରିଶେଷରେ ଓଡ଼ିଆ ଏବଂ ହିନ୍ଦୀ ସିନେ ଜଗତର ନବାଗତ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଓଲିଉଡ୍ ଓ ବଲିଉଡ୍ ନାଇଟ୍ ପରିବେଷଣ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭ୍ୟ ରାଜୀବ ଶତପଥୀ, ଅଜିତ୍ ମହାନ୍ତି, ରଞ୍ଜିତ୍ ସିଂ, ବିକ୍ରମ ପରିଡ଼ା, ପି. ଅନିଲ୍ ରାଓ, ଅମିୟପ୍ରସାଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ଜୀବନର ମହାମନ୍ତ୍ର ହେଉ

ପୁରୀ,୪।୧୦(ସମିସ): ରକ୍ତଦାତା ଜାଣେନା, ତା' ରକ୍ତରେ କିଏ ନୂଆ ଜୀବନ ପାଇଲା। ହେଲେ ଈଶ୍ୱର ଜାଣନ୍ତି ମହାପୁଣ୍ୟ କଲା କିଏ? ଏଣୁ ପ୍ରତିଟି ମଣିଷ ରକ୍ତଦାତା ହେବାର ସଂକଳ୍ପ ନେଉ ବୋଲି କହିଛନ୍ତି ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ କେନ୍ଦ୍ର ଯୁବ ଓ କ୍ରୀଡ଼ା ବିଭାଗର ମେରା ଯୁବ୍ ଭାରତ-ମାଇଁଭାରତ ଓ ମିଶନ ଓଡ଼ିଶା ଆମ୍ବୁଲାନ୍ସ ଡିଭିଜନର ମିଳିତ ସହଯୋଗରେ ପୁରୀ ପେଣ୍ଠଘରଠାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓ ଜୀବନର ୨୦ତମ ରକ୍ତଦାନ କରି ଶ୍ରୀ ସେଠୀ ଏହା ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶତକ ରକ୍ତଦାତା ବଦ୍ରି ମିଶ୍ର କହିଥିଲେ ଯେ ରକ୍ତଦାନ ପ୍ରତିଟି ମଣିଷ ଜୀବନର ମହାମନ୍ତ୍ର ହେଉ। ସମ୍ମାନିତ ଅତିଥି ଭାବେ ମେରା ଯୁବ ଭାରତର ଜିଲ୍ଲା ସଂଯୋଜକ ସଂଗୀତା ମହାପାତ୍ର ଓ ରେଡ୍‌କ୍ରସର ମଧୁମିତା ମହାପାତ୍ର ଯୋଗଦେଇଥିଲେ। ଶିବିର ପରିଚାଳନା କରିଥିଲେ ଆମ୍ବୁଲାନ୍ସ ଡିଭିଜନର ସବ୍ୟସାଚୀ ସେନାପତି, ସମର୍ପଣର ସୌମ୍ୟରଞ୍ଜନ ପାତ୍ର, ମିଶନ ଓଡ଼ିଶାର କେଦାରନାଥ ମହାପାତ୍ର, ଯୁବ ସମାଜସେବୀ ଅଜୟ ପ୍ରଧାନ, ଓଡ଼ିଶା ଯୁବ ଚେତନା ସଂଗଠନର ଶିବରାମ ପ୍ରଧାନ ଓ ଯୁବ ସଂଗଠକ ଦେବରାଜ ଦାସ। ପୁରୀ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଏହି ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

# ଚାପଗ୍ରସ୍ତ ହୋଇ ବିଷ ପିଇଦେଲେ ମହିଳା !

ପୁରୀ,୪।୧୦(ସମିସ): ଚାପଗ୍ରସ୍ତ ହୋଇ ବିଷ ପିଇଦେଲେ ଜଣେ ମହିଳା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତା ମହିଳା ହେଉଛନ୍ତି ସଦର ମୁଖ୍ୟ ଚିକିତ୍ସାଳୟ ଓପିଡି ଟିକଟ୍ କାଉଣ୍ଟରରେ ପୂର୍ବରୁ କାମ କରୁଥିବା ମାହେଶ୍ୱରୀ ଦାସ। କ'ଣ ପାଇଁ ସେ ବିଷ ପିଇଲେ ଯଦିଓ ତାହା ସ୍ପଷ୍ଟ ଜଣାପଡ଼ିନାହିଁ ତେବେ ଚାପରେ ଥିବାରୁ ଏଭଳି ପଦକ୍ଷେପ ନେଇଥିବା ତାଙ୍କ ସମ୍ପର୍କୀୟମାନେ ଆଲୋଚନା କରୁଛନ୍ତି। ସମ୍ପର୍କୀୟଙ୍କ କହିବା ମୁତାବକ, ମାହେଶ୍ୱରୀ ସଦର ମୁଖ୍ୟ ଚିକିତ୍ସାଳୟ ଓପିଡି ଟିକଟ୍ କାଉଣ୍ଟରରେ କାମ କରୁଥିଲେ। ହେଲେ ତାଙ୍କୁ କୌଣସି କାରଣ ପାଇଁ ହଠାତ୍ ବାହାର କରିଦିଆଯାଇଥିଲା। ଶନିବାର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ତାଙ୍କର ଅଭିଯୋଗ ଶୁଣାଣି ରହିଥିଲା। ହେଲେ ସେ ସାଙ୍ଗରେ ବୋତଲରେ ଆଣିଥିବା ବିଷପିଇ ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସାଳୟକୁ ନିଆଯାଇଥିଲା। କେଉଁ କାରଣ ପାଇଁ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରୁ ବାହାର କରାଗଲା ଏବଂ କ'ଣ ପାଇଁ ସେ ମାନସିକ ଚାପରେ ଏଭଳି ପଦକ୍ଷେପ ନେଲେ ତାହା ଜଣାପଡ଼ି ନାହିଁ।

## ପୁଣି ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ବିଜ୍ଞାପନ

# ଗୋଟିଏ ଖଜାର ଦାମ୍ ୫୦୦ ଟଙ୍କା

ପୁରୀ,୪।୧୦(ସମିସ)

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ବିଭିନ୍ନ ଅନ୍‌ଲାଇନ ସଫିଂ କମ୍ପାନୀ, ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ର ବାନା ବିକ୍ରି କରୁଛନ୍ତି। ଅନ୍‌ଲାଇନ୍‌ରେ ଏଭଳି ଶବ୍ଦ କିମ୍ବା ଫଟୋର ବ୍ୟବହାର ବାରଣ କରାଯାଇଛି। କିନ୍ତୁ ଏଯାଏ ଆଇନ ହୋଇନାହିଁ କି ଶ୍ରୀମନ୍ଦିର ଶବ୍ଦାବଳୀ ପେଟେଣ୍ଟ ହୋଇ ନ ଥିବାରୁ କିଛି ବ୍ୟବସାୟଖୋର ବ୍ୟକ୍ତିବିଶେଷ ଏହାର ଫାଇଦା ଉଠାଇ ମନଇଚ୍ଛା ଭକ୍ତଙ୍କ ଭାବାବେଗକୁ ବ୍ୟବସାୟର ଅସ୍ତ୍ର ସଜାଇଛନ୍ତି। କିଛି ଅନ୍‌ଲାଇନ ସଫିଂ କମ୍ପାନୀ ଅମାନିଆ ହେଉଛନ୍ତି। ସେମାନେ ମହାପ୍ରଭୁଙ୍କ ନୀତିକାନ୍ତି ସହ ବିଭିନ୍ନ ଦ୍ରବ୍ୟ ଯେପରି କି ମହାପ୍ରସାଦ, ଶୁଖିଲି ଭୋଗ, ପତିତପାବନ ବାନା ଆଦିକୁ ଅନ୍‌ଲାଇନରେ ବିକ୍ରି କରିବା ଲାଗି ବିଜ୍ଞାପନ ଦେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ କ୍ଷେତ୍ରରେ ଏକ ସିଣ୍ଡିକେଟ କାମ କରୁଛି। କୌଣସି ବ୍ୟକ୍ତିବିଶେଷ ଅର୍ଡର ଅନ୍‌ଲାଇନରେ ଗ୍ରହଣ କରି ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଗ୍ରାହକଙ୍କ ପାଖରେ ପହଞ୍ଚାଇବା କଷ୍ଟକର ବ୍ୟାପାର। ସମ୍ଭବତଃ ଏମିତି କିଛି ଅନଲାଇନ୍ ସଂସ୍ଥା ଏଠାରେ କିଛି ବ୍ୟକ୍ତିଙ୍କୁ ନିୟୋଜିତ କରିଛନ୍ତି। ସେମାନେ ଏଠାରୁ ମହାପ୍ରସାଦ ନେଇ କୌଣସି ଯାନବାହନରେ ପଠାଉଛନ୍ତି। ମାତ୍ର ଅର୍ଡର କରିଥିବା ବ୍ୟକ୍ତି ଯେ ବାସ୍ତବରେ ଶ୍ରୀମନ୍ଦିରର ମହାପ୍ରସାଦ ଅର୍ଡର କରି ପାଉଛି, ସେଥିରେ କିଛି ଗ୍ୟାରେଣ୍ଟି ନାହିଁ। ପୁଣି ଅନ୍‌ଲାଇନ୍ ଯୋଗେ ମହାପ୍ରସାଦ ବିକ୍ରି ଅଭିଯୋଗ ଆସିଛି। ନାଁ ଅସଲି ହେଲେ ମନ୍ଦିର ନକଲିକୁ ଭୋଗ ନକଲି। ସନାତନ ସିଧି ଡଟ୍ କମ୍ ଜଗନ୍ନାଥଙ୍କ ମନ୍ଦିର ବଦଳରେ ଆଉ ଏକ ମନ୍ଦିରର ଚିତ୍ର ରଖି ମହାପ୍ରଭୁଙ୍କ ମହାପ୍ରସାଦ ଗୋଟିଏ ଖଜା ୫୦୦ ଟଙ୍କାରେ ଅନ୍‌ଲାଇନରେ ବିକୁଛି। କିନ୍ତୁ ଲେଖା ରହିଛି ଏବେ ଷ୍ଟକ ନାହିଁ। ହେଲେ ଯୋଗାଯୋଗର ବିସ୍ତୃତ ବିବରଣୀ ରହିଛି। ଏଭଳି ଅସାଧୁ ବ୍ୟକ୍ତିଙ୍କ ବିରୁଦ୍ଧରେ ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ଓ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ନଚେତ୍ ଲୋକେ ଠକେଇର ଶିକାର ହେବା ସହ ମହାପ୍ରସାଦର ମାନ, ପବିତ୍ରତା କ୍ଷୁର୍ଣ୍ଣ ହେବ।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍‌ଲାଇନରେ ଶ୍ରୀମନ୍ଦିର ନାଁ ଯୋଡ଼ି ବିକ୍ରି କରାଯାଉଥିବା ସାମଗ୍ରୀର ଶୁଦ୍ଧତା କିଏ ପରଖୁଛି। ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡି ବିକ୍ରି କରାଯିବାର ନଜିର ରହିଛି। ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଶବ୍ଦାବଳୀର ପେଟେଣ୍ଟ ହେବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଏ ଯାଏ ହୋଇ ନ ଥିବାରୁ ଶ୍ରୀମନ୍ଦିର ଶବ୍ଦାବଳୀର ବ୍ୟବହାର କରୁଥିବା ଅନୁଷ୍ଠାନ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଏ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଯେତେ ହେଳା କରିବ, ଅସାମାଜିକ ବ୍ୟକ୍ତିବିଶେଷ ଏହାର ଫାଇଦା ସେତେଦିନ ଯାଏ ନେଉଥିବେ।




### କେବେ ପେଟେଣ୍ଟ ହେବ ଶ୍ରୀମନ୍ଦିର ଶବ୍ଦାବଳୀ ?





# ମେଲାଣି ନେଲେ ମା'...



**ଲୁହ ଆଉ ବର୍ଷାରେ ଭିଜିଲା ମା'ଙ୍କ ମେଲାଣି ● ଶେଷ ଦର୍ଶନ ପାଇଁ ଜନସମାଗମ ● ସରିଲା ମେଳା ମହୋତ୍ସବ, ଖାଁ ଖାଁ ରାଜଧାନୀ**









ଭୁବନେଶ୍ୱର,୪।୧୦(ସମିସ):

ମା' ବିଶ୍ୱରୂପା, ଶକ୍ତିମୟୀ ଜଗତଜନନୀଙ୍କୁ ପାଖରେ ପାଇ ବିଭୋର ହୋଇ ଉଠିଥିଲା ଭକ୍ତ ସମାଜ। ଧରାଧାମରେ ମା'ର ଆଗମନୀ ଯେତିକି ଉତ୍ସାହ ଆଣିଦେଇଥିଲା, ଯେତେ କୋଳାହଳର ଅବିର ବୋଲି ଦେଇ ଯାଇଥିଲା। ମା'ର ମେଲାଣି ଆଣିଦେଇଛି ସେତିକି ନିରବତା। ତୁନି ପଡ଼ିଯାଇଛି ସବୁକିଛି। ମା'ଙ୍କୁ ବିଦାୟ ଦେବା ଯଦିଓ ସହଜରେ ଗ୍ରହଣ କରି ପାରିନାହାନ୍ତି କେହି ତଥାପି ପରମ୍ପରାକୁ ପାଥେୟ କରି ସଭିଏଁ ସବୁକିଛି ଆପଣେଇ ନେଇଛନ୍ତି।

ଏଥରର ମେଲାଣି ଥିଲା ଟିକେ ନିଆରା। ପୂର୍ବରୁ ପ୍ରସ୍ତୁତ ଅସ୍ଥାୟୀ ପୋଖରୀ ସାଙ୍ଗକୁ ଶୃଙ୍ଖଳିତ ବ୍ୟବସ୍ଥା ଯୋଗୁଁ ବିସର୍ଜନ ଉତ୍ସବ ସୁରୁଖୁରୁରେ ହୋଇପାରିଛି। ଘଣ୍ଟ, ଘଣ୍ଟା, ମାଦଳ, ଢୋଲର ତାଳେ ତାଳେ ଭକ୍ତ ଆଖିର ଲୋତକ ନୈବେଦ୍ୟ ଆଉ ଜୟଧ୍ୱନି ପୂରା ପରିବେଶକୁ ଯେପରି ମୋହାଚ୍ଛନ୍ନ କରି ରଖିଥିଲା। ଏବେ ପୁଣି ଅପେକ୍ଷା ଆସନ୍ତା ବର୍ଷକୁ। ମା'ଙ୍କ ଆଗମନ ପାଇଁ ଦୀର୍ଘ ଏକ ମାସ ଧରି ଚଳଚଞ୍ଚଳ ହୋଇ ଉଠିଥିଲା ରାଜଧାନୀ। ଷଷ୍ଠୀଠାରୁ ଦଶମୀ ଯାଏ ୫ଦିନ ଧରି ରାଜଧାନୀର ବିଭିନ୍ନ ପୂଜାମଣ୍ଡପରେ ଭକ୍ତଙ୍କ ପ୍ରବଳ ଗହଳି ଜମିଥିଲା। ରଙ୍ଗବେରଙ୍ଗର ଆଲୋକମାଳା ସାଙ୍ଗକୁ ଚାରିଆଡ଼େ ଲୋକଙ୍କ ଗହଳି ଜମିଥିଲା। ମା'ଙ୍କ ଦର୍ଶନ ସାଙ୍ଗକୁ ମେଲୋଡି, ମୀନାବଜାର, ରାମଦୋଳି ଓ ଫୁଡ୍‌କୋର୍ଟର ମଜା ନେଇଥିଲେ ଦର୍ଶକ। ଶେଷରେ ଶାରଦୀୟ ଦୁର୍ଗାପୂଜାର ଅନ୍ତିମ ଚରଣରେ ବିଦାୟ ନେଇଛନ୍ତି ମା'।

ଏବେ ପୂରା ସହର ଯେପରି ଖାଁ ଖାଁ ଅନୁଭବ ହେଉଛି। ଭସାଣି ଶୋଭାଯାତ୍ରାରେ କମ୍ପିଥିଲା ରାସ୍ତାଘାଟ। ନାଚ, ଗୀତରେ ଝୁମିଥିଲେ ଶ୍ରଦ୍ଧାଳୁ। ମା'ଙ୍କ ବିଦାୟ ଲାଗି ହୋଇଥିଲା ବିଶାଳ ଶୋଭାଯାତ୍ରା। ଭସାଣିରେ ପାରମ୍ପରିକ ନୃତ୍ୟ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ। ଶାନ୍ତିଶୃଙ୍ଖଳା ସହ ଭସାଣ ଉତ୍ସବ ସମ୍ପୂର୍ଣ୍ଣ କରିବା ପାଇଁ ପୁଲିସ ଫୋର୍ସ ମୁତୟନ ଥିବାବେଳେ ପ୍ରଦୂଷଣକୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ଭୁବନେଶ୍ୱର ଉପକଣ୍ଠସ୍ଥ ଦୟା ଓ କୁଆଖାଇ ନଦୀରେ ଅସ୍ଥାୟୀ ପୋଖରୀ କରାଯାଇଥିଲା। ଚଳିତ ଥର ମା'ଙ୍କ ପୂଜା ସମ୍ପନ୍ନ ହୋଇଥିବାବେଳେ ମା'ଙ୍କୁ ଶେଷ ଦର୍ଶନ କରିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପୁଣି ଆସନ୍ତା ବର୍ଷକୁ ଅପେକ୍ଷା କରି ମା'ଙ୍କୁ ମେଲାଣି ଦିଆଯାଇଥିଲା।

## ବିଏମ୍‌ସି ପକ୍ଷରୁ ପୂଜା ମଣ୍ଡପ ସଫେଇ



ଭୁବନେଶ୍ୱର,୪।୧୦(ସମିସ): ବିଏମ୍‌ସି ପକ୍ଷରୁ ପୂଜା ମଣ୍ଡପଗୁଡ଼ିକୁ ସଫେଇ କରାଯାଇଛି। ସକାଳୁ ୩ଟି ଜୋନ୍‌ରେ ସ୍ୱଚ୍ଛ କର୍ମୀମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂଜା ମଣ୍ଡପରେ ସଫେଇ କାର୍ଯ୍ୟ କରିଥିଲେ। ମେୟର ସୁଲୋଚନା ଦାସ, କମିସନର ଚଞ୍ଚଳ ରାଣାଙ୍କ ସହିତ ଅତିରିକ୍ତ କମିସନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ସାହୁ, ସମସ୍ତ ଜୋନାଲ କମିସନର, ସହକାରୀ କମିସନର, ସ୍ଥାନୀୟ କର୍ପୋରେଟର, ଇଞ୍ଜିନିୟର ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଆଜି ସକାଳୁ ବିଭିନ୍ନ ପୂଜା ମଣ୍ଡରରେ ପହଞ୍ଚି ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ପୂଜା କମିଟିର କର୍ମକର୍ତ୍ତା ଓ ସାଧାରଣ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସର୍ବସାଧାରଣଙ୍କ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ଡ୍ରେନ୍, ରାସ୍ତା କିମ୍ବା ମୁଖ୍ୟ ରାସ୍ତା ଉପରେ ପଡ଼ିଥିବା ସମସ୍ତ ଅସ୍ଥାୟୀ ଦୋକାନ, ଷ୍ଟଲ, ଟ୍ରଲି, ଠେଲା ଗାଡ଼ି ଆଦିକୁ ମଧ୍ୟ ହଟାଇ ଦିଆଯାଇଛି। ଚଳିତ ବର୍ଷ ଭସାଣିର ପରଦିନ ସମସ୍ତ ପୂଜା ମଣ୍ଡପ ଗୋଟିଏ ଦିନରେ ସଫେଇ କରାଯାଇଛି। ଏଥିପାଇଁ ଅଧିକ ସଫେଇ କର୍ମୀଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଥିଲା। ସହିଦ ନଗର ପୂଜା ମଣ୍ଡପ ନିକଟରେ ଜବରଦଖଲ କରିଥିବା ଦୁଇଜଣ କବାଡ଼ି ବାଲାଙ୍କୁ ମଧ୍ୟ ହଟାଇ ଦିଆଯାଇଛି। ପୂଜା ମଣ୍ଡପଗୁଡ଼ିକର ତୋରଣଗୁଡ଼ିକ ଭାଙ୍ଗିବା ସମୟରେ ସଂପୃକ୍ତ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାର କର୍ମଚାରୀମାନେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ତୋରଣଗୁଡ଼ିକ ଖୋଲିବା ସମୟରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିପ୍ରତି ଧ୍ୟାନ ଦେବା ସହ ବିଦ୍ୟୁତ୍ ସରବରାହରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ ବା ବିଦ୍ୟୁତ୍ ସଂସ୍ପର୍ଶରେ କେହି ନ ଆସନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବା, ଆବଶ୍ୟକସ୍ଥଳେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହାୟତା ନେବାକୁ କୁହାଯାଇଛି। ବିଏମ୍‌ସି ଅଞ୍ଚଳରେ ଗୋଷ୍ଠୀ ସହଯୋଗରେ ଗଣସଫେଇ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ସହରକୁ ସ୍ୱଚ୍ଛ ରଖିବା ସହିତ ସ୍ୱଚ୍ଛତା ଧାରା ବଜାୟ ରଖିବାକୁ ଏକ ସମୟରେ ସମସ୍ତ ପୂଜା ମଣ୍ଡପରେ ଏହି ଗଣସଫେଇ କରାଯାଇଛି। ଏଥିପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ମୂର୍ତ୍ତି ବିସର୍ଜନ ପାଇଁ ଖନନ କରାଯାଇଥିବା ଅସ୍ଥାୟୀ ପୁଷ୍କରିଣୀଗୁଡ଼ିକୁ ଯଥାଶୀଘ୍ର ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତ୍ୟେକ ପୁଷ୍କରିଣୀ ନିକଟରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିଲା। ସେଠାରେ ଅଧିକାରୀ ଓ କର୍ମଚାରୀମାନେ ସାରାରାତି ଉପସ୍ଥିତ ରହି ସୂଚାରୁରୂପେ ମୂର୍ତ୍ତିଗୁଡ଼ିକୁ ବସର୍ଜନ କରାଇଥିଲେ। ବିସର୍ଜନ ପରେ ପୁଷ୍କରିଣୀଗୁଡ଼ିକରୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଚାଲୁ ରହିଛି। ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ମଣ୍ଡପ ନିକଟରୁ ଉଠାଗଲା ସମସ୍ତ ଅସ୍ଥାୟୀ ଦୋକାନ**

'ସମ୍ବାଦ' ଓ 'କନକ ନ୍ୟୁଜ୍'ର ବାର୍ଷିକ ଉତ୍ସବ

## ସାମ୍ବାଦିକମାନେ ବିବେକର ରକ୍ଷକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୪।୧୦ (ସମିସ): ଖବରକାଗଜ ସମାଜର ଦର୍ପଣ ଏବଂ ସାମ୍ବାଦିକ ବିବେକର ରକ୍ଷକ। ଜରୁରୀକାଳୀନ ପରିସ୍ଥିତିରେ ସାମ୍ବାଦିକମାନେ ଜୀବନକୁ ବାଜି ଲଗାଇ ଗଣତନ୍ତ୍ରର ସୁରକ୍ଷା ପାଇଁ ଯେଉଁ ସାମ୍ବାଦିକତା କରିଯାଇଛନ୍ତି, ତାହା ଆଜିର ପ୍ରତ୍ୟେକ ଯୁବ ସାମ୍ବାଦିକଙ୍କ ପାଇଁ ଉଦାହରଣ। 'ସମ୍ବାଦ ଓ କନକ ନ୍ୟୁଜ୍'ର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ଦୈନିକ ଭାସ୍କର'ର ଗ୍ରୁପ୍ ଏଡିଟର ପ୍ରକାଶ ଦୁବେ କହିଲେ, ଖବରକାଗଜଗୁଡ଼ିକ ଯଦି ଆଞ୍ଚଳିକ ଭାଷାରେ ଲୋକଙ୍କ ପାଖରେ ପହଞ୍ଚିବ, ତାହେଲେ ସ୍ଥିତିରେ ପରିବର୍ତ୍ତନ ଆସିପାରିବ। ଏହି ଅବସରରେ ଶ୍ରୀ ଦୁବେ 'ସମ୍ବାଦ ଓ କନକ ନ୍ୟୁଜ୍'ର ସଂପାଦିକା ତନୟା ପଟ୍ଟନାୟକଙ୍କ ଏଡିଟର୍ସ ଗିଲଡ୍‌ରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିବା ଲାଗି ଆହ୍ୱାନ କରିଥିଲେ। 'ହିନ୍ଦୁ ବିଜିନେସ୍ ଲାଇନ୍'ର ଆବାସିକ ସମ୍ପାଦିକା ପୂର୍ଣ୍ଣିମା ଯୋଶୀ କହିଥିଲେ, ଆମେ ଏବେ ଏଭଳି ଏକ ସମୟ ଦେଇ ଗତି କରୁଛେ; ଯେଉଁଠି ସାମ୍ବାଦିକତାର ଅସ୍ତିତ୍ୱ ଓ ସଂଜ୍ଞା ପାଇଁ ବଡ଼ ସଙ୍କଟ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମରେ 'ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍'ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ, ନିର୍ଦ୍ଦେଶିକା ମୋନିକା ନାୟର ପଟ୍ଟନାୟକ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ 'ସମ୍ବାଦ' ତଥା କନକ ନ୍ୟୁଜ୍‌ର ବାର୍ତ୍ତା ସଂପାଦକ ଭବାନୀ ଶଙ୍କର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ସମ୍ବାଦ'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା।

## ଦୁର୍ନୀତିମୁକ୍ତ ପରୀକ୍ଷା ସଞ୍ଚାଳନ ସପକ୍ଷରେ 'ବଣିକ'

ଭୁବନେଶ୍ୱର, ୪।୧୦(ସମିସ): ଓପିଆର୍‌ବି ପରିଚାଳିତ ସବ୍-ଇନ୍ସପେକ୍ଟର୍ ପରୀକ୍ଷା ଦୁର୍ନୀତିରେ ସଂଶ୍ଳିଷ୍ଟ କିଛି ଛାତ୍ରଛାତ୍ରୀ ପୂର୍ବରୁ ଆମ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିଥିଲେ ବୋଲି କିଛି ଗଣମାଧ୍ୟମରେ ଖବର ପ୍ରସାରିତ ହେଉଛି। ପ୍ରତିବର୍ଷ ବଣିକରେ ପାଠ ପଢ଼ି ଅନେକ ଛାତ୍ରଛାତ୍ରୀ ନିଜର ପରିଶ୍ରମ ବଳରେ ବିଭିନ୍ନ କ୍ଷେତ୍ରରେ ଚାକିରି ପାଉଛନ୍ତି। ଅନୁଷ୍ଠାନରେ ପାଠ ପଢ଼ିସାରିବା ପରେ କିଛି ପିଲାଙ୍କ ଏଭଳି ହୀନ କାର୍ଯ୍ୟକଳାପରେ ସଂପୃକ୍ତି ପାଇଁ ବଣିକ ଅନୁଷ୍ଠାନ ପ୍ରତ୍ୟକ୍ଷ ଓ ପରୋକ୍ଷ କୌଣସି ରୂପେ ଦାୟୀ ନୁହେଁ। କିଛି ଅସାଧୁ ଏବଂ ଅସାମାଜିକ ତତ୍ତ୍ୱଙ୍କ ନିର୍ଦ୍ଦେଶନା ଏବଂ ନିଜର ଅହେତୁକ ମହତ୍ତ୍ୱାକାଂକ୍ଷା ଯୋଗୁଁ କିଛି ଛାତ୍ରଛାତ୍ରୀ ଶୀଘ୍ର ଚାକିରି ପାଇବା ଆଶାରେ ଅର୍ଥ ଦେଇ ଚାକିରି ପାଇବା ଭଳି ଘୃଣ୍ୟ ପଦ୍ଧତିର ଆଶ୍ରୟ ନେଇଛନ୍ତି। ଆମେ ଏହାର ବିରୋଧ କରୁଛୁ। ଏହି ମାମଲାରେ ସରକାରଙ୍କ ଦ୍ୱାରା ଚାଲୁଥିବା ଯାଞ୍ଚରେ ଆମେ ସମସ୍ତ ପ୍ରକାରର ସହଯୋଗ କରିବା ପାଇଁ ପ୍ରସ୍ତୁତ। ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବେ ବଣିକ କିମ୍ବା ବଣିକର କୌଣସି କର୍ମଚାରୀ ଏଭଳି ଦୁର୍ନୀତିକୁ ପ୍ରୋତ୍ସାହନ ଦିଅନ୍ତି ନାହିଁ। ସଠିକ୍ ଏବଂ ଦୁର୍ନୀତିରହିତ ପରୀକ୍ଷା ସଞ୍ଚାଳନ ଦ୍ୱାରା ରାଜ୍ୟ ତଥା ରାଜ୍ୟର ଅଗଣିତ ଆଶାୟୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ଆମର ଦୃଢ଼ ବିଶ୍ୱାସ ବୋଲି ବଣିକ ପକ୍ଷରୁ କୁହାଯାଇଛି।



ମା'ଙ୍କ ବିଦାୟକାଳିନ ଅବସରରେ କିନ୍ନରଙ୍କ ସିନ୍ଦୂର ଖେଳ

## ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ନବମ ମହିଳା ସମ୍ମିଳନୀରେ ଯୋଗଦେବେ ବାଚସ୍ପତି

ଭୁବନେଶ୍ୱର,୪।୧୦(ସମିସ): ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଏବଂ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗ ଦେବା ପାଇଁ ଅକ୍ଟୋବର ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଦେଶ ଗସ୍ତରେ ଯିବେ। ଶନିବାର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି ଯେ, ଏହି ସମ୍ମିଳନୀ ଭାରତୀୟ ସଂସଦୀୟ ପରମ୍ପରାର ଗରିମାମୟ ଐତିହ୍ୟକୁ ଆହୁରି ସୁଦୃଢ଼ କରିବ। ବାଚସ୍ପତିଙ୍କ ସୂଚନା ଅନୁସାରେ, ୫୬ଟି ରାଷ୍ଟ୍ର ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସଭ୍ୟ ରହିଥିବା ବେଳେ ଭାରତ ଏହାର ଅନ୍ୟତମ ସର୍ବବୃହତ୍ତମ ସଭ୍ୟ ରାଷ୍ଟ୍ର। ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ, ସାଂସଦ, ୨୨ଟି ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଏବଂ ସଚିବମାନେ ଯୋଗ ଦେଉଛନ୍ତି। ଏହି ଅବସରରେ ସେ ଲଣ୍ଡନରେ ପ୍ରବାସୀ ଓଡ଼ିଆମାନଙ୍କ ସହ ଆଲୋଚନା କରିବେ। ଅକ୍ଟୋବର ୧୪ରେ ସେ ସୁଇଜରଲ୍ୟାଣ୍ଡର ଜୁରିଖ୍‌ରେ ପହଞ୍ଚି ଅକ୍ଟୋବର ୧୬ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏହି ଅବଧିରେ ସେ ଭାରତୀୟ ହାଇକମିଶନ ଏବଂ ପ୍ରବାସୀ ଓଡ଼ିଆମାନଙ୍କ ସହ ସମ୍ମିଳନୀରେ ଆଲୋଚିତ ବିଷୟବସ୍ତୁ ଉପରେ ମତବିନିମୟ କରିବେ।

ରାଜ୍ୟସ୍ତରୀୟ ସତ୍ୟପ୍ରିୟ ମହାନ୍ତି ଜୟନ୍ତୀ

## 'ନବଓଡ଼ିଶା ନିର୍ମାଣର ଅନ୍ୟତମ ବିନ୍ଧାଣି ଥିଲେ ସତ୍ୟପ୍ରିୟ'

ଧଉଳି, ୪।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଏକାନ୍ତ ସହଯୋଗୀ ଭାବେ ନବ ଓଡ଼ିଶା ନିର୍ମାଣର ଅନ୍ୟତମ ବିନ୍ଧାଣି ଥିଲେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି। ପବିତ୍ର ବିଜୟାଦଶମୀ ତିଥିରେ ରାଜ୍ୟସ୍ତରୀୟ ସତ୍ୟପ୍ରୀୟ ସ୍ମୃତି କମିଟି ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମହାନ୍ତିଙ୍କ ୧୨୦ ତମ ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାଲକାଟି ବଜାରରେ ଥିବା ସ୍ୱସ୍ତିକ କନଭେନସନରେ ସ୍ମୃତିକମିଟିର ସଭାପତି ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାପକ କିର୍ତ୍ତନ ପାତ୍ର, ସମ୍ମାନିତ ଅତିଥିଭାବେ କମିଟିର ସ୍ଥାୟୀ ସଦସ୍ୟ ତଥା ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ସନ୍ତୋଷ କୁମାର ମହାନ୍ତି, ବିଜେଡି ଯୁବନେତା କ୍ୟାପଟେନ ମନ୍ମଥ ରାଉତରାୟ, ଆଇନଜୀବୀ ଉପେନ୍ଦ୍ର ସାମନ୍ତରାୟ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ସମାଜସେବୀ ବେଣୁଧର ଭୋଇ, ବିପିନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କପିଳ ମହରଣା, ମନୋଜ କୁମାର ନାୟକ, ବିଜୟ ବେହେରା, ନାରାୟଣ ସାହୁ, ବସନ୍ତ ନାୟକ, ଶିବ ମଲ୍ଲିକ, ବିଜୟ ମହାରଣା, ରବୀନ୍ଦ୍ର ବାରିକ, ରବି ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

ପୁଲିସ୍ ଏସ୍.ଆଇ ପରୀକ୍ଷା କେଳେଙ୍କାରୀ

## ଦୁର୍ନୀତି ଓ ଷଡ଼ଯନ୍ତ୍ରର ବିଚାର ବିଭାଗୀୟ ତଦନ୍ତ ଦାବି

ଭୁବନେଶ୍ୱର,୪।୧୦(ସମିସ): ପୁଲିସ୍ ଏସ୍.ଆଇ ପରୀକ୍ଷା କେଳେଙ୍କାରୀ ଲୋକଲୋଚନକୁ ଆସିବା ପରେ ଓଡ଼ିଶାର ଯୁବ ଓ ଛାତ୍ର ସମାଜ ମୋହନ ସରକାରଙ୍କ ଚାକିରି ବିକ୍ରି ଯୋଜନା ବାବଦରେ ସ୍ପଷ୍ଟ ହୋଇ ପଡ଼ିଛନ୍ତି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ କହିଛନ୍ତି। ମେଧାବୀ ପିଲାମାନେ ଚାକିରି ପାଇବେ ବୋଲି ଦିନରାତି ଅନିଦ୍ରା ହୋଇ ପାଠ ପଢୁଛନ୍ତି। ମାତ୍ର ପରୀକ୍ଷା ପୂର୍ବରୁ ଚାକିରି ସବୁ ବିକ୍ରି ହେବାର ଷଡ଼ଯନ୍ତ୍ର ହୋଇଥିବା ବେଳେ, ଅଭିଭାବକଙ୍କ ସ୍ୱପ୍ନ ଓ ଛାତ୍ରଛାତ୍ରୀଙ୍କ ସାଧନା ନିଷ୍ଫଳ ହୋଇଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମଗ୍ର ଚାକିରି ବିକ୍ରି ଷଡ଼ଯନ୍ତ୍ରର ଚେର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଥିବାର ଅଭିଯୋଗ ହେଉଥିବାବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ସତ୍ୟ ଉଦ୍‌ଘାଟନ କରିବାରେ ସଫଳ ହୋଇପାରିବ କି, ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ମନ୍ତ୍ରୀ, ସୁତରାଂ ସେହି ବିଭାଗରେ ଚାକିରି ନିଲାମ ହୋଇଛି ବୋଲି ସେ କହିଛନ୍ତି। ଏହି ପରୀକ୍ଷା ପାଇଁ ପୂର୍ବରୁ ଜାନୁଆରୀ ୨୦୨୫ରେ ବିଜ୍ଞାପନ ବାହାରିଥିଲା। ମାର୍ଚ୍ଚ ୮ ଓ ୯ ତାରିଖରେ ଏହାର ପରୀକ୍ଷା ହେବାର ଥିଲା। ମାତ୍ର ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପରୀକ୍ଷା ପୂର୍ବତନ ଏହି ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ଓଡ଼ିଶାର ଛାତ୍ର ଓ ଯୁବସମାଜକୁ ମୋହନ ସରକାର ନିଯୁକ୍ତି ପ୍ରତିଶ୍ରୁତି ଦେଇ ନିଯୁକ୍ତି ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର କରୁଥିବାରୁ ପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଛାତ୍ର ଓ ଯୁବ ସମାଜ ଏହାର ଦୃଢ଼ ପ୍ରତିବାଦ ହେବା ସହ ଏହି ସାଙ୍ଘାତିକ ଦୁର୍ନୀତି ଓ ଷଡ଼ଯନ୍ତ୍ରର ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ସେ ଦାବି କରିଛନ୍ତି।

### ତଦନ୍ତ ଦାବି କଲା ସିପିଆଇଏମ୍

ଭୁବନେଶ୍ୱର, ୪।୧୦(ସମିସ): ପୁଲିସ୍ ଏସ୍‌ଆଇ ନିଯୁକ୍ତି ମହାଦୁର୍ନୀତି ସମ୍ପର୍କରେ ବିଚାର ବିଭାଗୀୟ ତଦନ୍ତ କରାଇ ପ୍ରକୃତ ଦୋଷୀ ଏବଂ ଏହି ର୍‌ୟାକେଟ୍‌ରେ ସଂପୃକ୍ତ ସମସ୍ତଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି। ନିଯୁକ୍ତି ପାଇବା ପାଇଁ ଅପେକ୍ଷାରତ ଅହରହ ପରିଶ୍ରମ କରି ଆବେଦନ କରିଥିବା ହଜାର ହଜାର ବେକାର ଯୁବକ ଯୁବତୀଙ୍କୁ ପ୍ରତାରଣା କରାଯାଉଛି। ପରୀକ୍ଷା ପରିଚାଳନାର ଦାୟିତ୍ୱ ନେଇଥିବା ଠକ ସଂସ୍ଥାର ମାଲିକ ସିଧାସଳଖ ବିଜେପି ସହିତ ସଂପୃକ୍ତି ଥିବାର ଅଭିଯୋଗ ହେଉଛି। ତେଣୁ, ଏହିପରି ଏକ ମହାଦୁର୍ନୀତି ଘଟଣାର ତଦନ୍ତ ଜଣେ ବିଚାରପତିଙ୍କ ଦ୍ୱାରା କରାଇ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ସହ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ପାଇଁ ସିପିଆଇ(ଏମ୍) ତରଫରୁ ଦାବି କରାଯାଉଛି। ଉପରୋକ୍ତ ଦାବି ଉପରେ ସାରା ରାଜ୍ୟରେ ଆନ୍ଦୋଳନ କାର୍ଯ୍ୟକ୍ରମ ନେବା ପାଇଁ ସିପିଆଇ(ଏମ୍) ପକ୍ଷରୁ ଆହ୍ୱାନ ଦିଆଯାଇଛି।

## କୁମାର ପୂର୍ଣ୍ଣିମା ପାଇଁ ବଜାର ଭିଡ଼

ଭୁବନେଶ୍ୱର, ୪।୧୦(ସମିସ):



ଦିନକ ପରେ କୁମାର ପୂର୍ଣ୍ଣିମା ଥିବାରୁ ବିଭିନ୍ନ ଡ୍ରେସ୍ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ଏହି ପର୍ବକୁ ଛୋଟରୁ ବଡ଼ ଝିଅମାନେ ପାଳନ କରିବା ସହ ଚାନ୍ଦକୁ ପୂଜା କରିବେ। ଏଥିପାଇଁ ସମସ୍ତେ ଲାଗିପଡ଼ିଛନ୍ତି ନୂଆ ନୂଆ ପୋଷାକ କିଣିବାରେ। କିଏ ଅନ୍‌ଲାଇନ୍‌ରେ ନିଜ ପସନ୍ଦର ଡ୍ରେସ୍, ଶାଢ଼ି ମଗାଉଛନ୍ତି ତ ଆଉ କିଏ ବଡ଼ ବଡ଼ ସପିଙ୍ଗ୍ ମଲ୍, ଦୋକାନ ଆଦିରୁ ଡ୍ରେସ୍ କିଣିବା ପାଇଁ ଭିଡ଼ ଲଗାଇଛନ୍ତି।

ରାଜଧାନୀରେ ମଧ୍ୟ କୁମାର ପୂର୍ଣ୍ଣିମା ପାଇଁ ଛୋଟ ବଡ଼ ସବୁ ଡ୍ରେସ୍ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ବିଶେଷ କରି ୟୁନିଟ୍ ୨ ମାର୍କେଟ ବିଲ୍ଡିଂ, ଗ୍ୟାଲେରିଆ, ମ୍ୟାକ୍ସ, ପାଣ୍ଟାଲୁନ୍ , ଅମ୍ବର, ବଜାର କୋଲକାତା, ସିଟି ଫ୍ୟାସନ୍, କୁଇନ୍ କଲେକସନ୍ , ଭି ଟୁ, ଏସ୍‌ପ୍ଲାନେଡ୍, ରିଗାଲିଆ ଆଦି ଭଳି ବଡ଼ ବଡ଼ ସପିଂ ମଲ୍ ସହ ଅନ୍ୟ ଛୋଟ ବଡ଼ ଡ୍ରେସ୍ ଦୋକାନରେ ମଧ୍ୟ ଗହଳି ଦେଖିବାକୁ ମିଳିଛି। କିଏ ଏହି ଡ୍ରେସ୍ ଟା ଦେଖାଅ ବୋଲି କହୁଛନ୍ତି ତ କିଏ ପୋଷାକର ରେଟ୍ ସହିତ ଅନ୍ୟ ରଙ୍ଗର ଡ୍ରେସ୍ ଅଛି କି ନାହିଁ ପଚାରି ବୁଝୁଛନ୍ତି। ଦୋକାନୀ ମଧ୍ୟ ଗରାଖଙ୍କ ପସନ୍ଦ ଅନୁଯାୟୀ ରଙ୍ଗ ବେରଙ୍ଗର ପୋଷାକକୁ ଗରାଖଙ୍କୁ ଦେଖାଉଛନ୍ତି। ଏଥିସହିତ ବଡ଼ ବଡ଼ ସପିଙ୍ଗ୍ ମଲ୍‌ରେ ମଧ୍ୟ ଡ୍ରେସ୍ ଦେଖାଇବା ପାଇଁ ସ୍ୱତନ୍ତ୍ର କର୍ମଚାରୀ ରହିଛନ୍ତି। ବିଶେଷ କରି କୁମାର ପୂର୍ଣ୍ଣିମା ପାଇଁ ଝିଅମାନେ ସାରାରା ଚୋଲି, ଲେହେଙ୍ଗା, ସାଲ୍‌ୱାର, ଧୋତି ପ୍ୟାଣ୍ଟ ସାର୍ଟ, କୁର୍ତ୍ତି, ଶାଢ଼ି ଆଦି କିଣାକିଣି କରୁଥିବାର ଦେଖିବାକୁ ମିଳିଛି। ଏଥିସହିତ ସପିଂ ମଲ୍ ହେଉ କି ଦୋକାନରେ ମଧ୍ୟ ପୋଷାକ ଉପରେ ରିହାତି ମଧ୍ୟ ଦେଉଛନ୍ତି।

ଏ ନେଇ ୟୁନିଟ୍ ୨ ମାର୍କେଟ ବିଲ୍ଡିଙ୍ଗର ଡ୍ରେସ୍ ଦୋକାନୀ ପ୍ରମୋଦ ସାହୁ କୁହନ୍ତି ଏବେ ଏବେ ଅନ୍‌ଲାଇନ୍‌ରେ ଅଫର୍ ଚାଲିଥିଲା। ଯେଉଁଥିପାଇଁ ବେପାର ଟିକେ ମାନ୍ଦା ହେବା ଭଳି ଲାଗୁଛି। ପୋଷାକ ସବୁ ୨ ଶହ ଟଙ୍କାରୁ ନେଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏକା ଡ୍ରେସ୍‌କୁ ସମସ୍ତେ ଅନ୍‌ଲାଇନ୍ କିଣିବାକୁ ପସନ୍ଦ କରୁଛନ୍ତି ହେଲେ ଅଫ୍‌ଲାଇନ୍‌ରେ ଅଧିକ ଟଙ୍କା ବୋଲି କହୁଛନ୍ତି। ଯାହାଦ୍ୱାରା କୁମାର ପୂର୍ଣ୍ଣୀରେ ମଧ୍ୟ ବେପାର ଏତଟୋ ଭଲ ହେବା ଭଳି ଲାଗୁନାହିଁ ବୋଲି ସେ କହିଛନ୍ତି। ଅନ୍‌ଲାଇନ୍ ହେଉକି ଅଫ୍ ଲାଇନ୍ ପୋଷାକର ରେଟ୍ ଓ କ୍ୱାଲିଟି ଦେଖିକି ଆଣିଥାଉ। ଅଫ୍‌ଲାଇନ୍‌ରେ ପୋଷାକକୁ ହାତରେ ଦେଖିକି ଆଣୁଥିବା ବେଳେ ଅନ୍‌ଲାଇନ୍‌ରେ ପୋଷାକ ଆସିବା ପରେ ଦେଖିଥାଉ ଏହା ଭଲ କି ଖରାପ। ହେଲେ ବି ଅନେକ ପିଲା ଏବେ ଘରେ ବସି ଅନ୍‌ଲାଇନ୍‌ରୁ ଭଲ କ୍ୱାଲିଟି ଦେଖି ପୋଷାକ ଆଣୁଛନ୍ତି ବୋଲି ଜଣେ ଗ୍ରାହକ କହିଛନ୍ତି।

### କଣ ଗାଁରେ ମା' ଦୁର୍ଗାଙ୍କ ଖନ୍ଦାମଡ଼ା ଉତ୍ସବ ଉଦ୍‌ଯାପିତ

# ପାରମ୍ପରିକ ବାଦ୍ୟର ତାଳେ ତାଳେ ନାଚିଲେ ଭକ୍ତ

ବହଳଦା,୪।୧୦(ସମିସ)



ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ନିକଟ କଣ ଗ୍ରାମରେ ଚାଲିଥିବା ଖନ୍ଦାମଡା ବା ନିଆଁ ମଡା ଉତ୍ସବ ଉଦଯାପିତ ହୋଇଯାଇଛି। ଗ୍ରାମରେ ଥିବା ମାଆ ଦୁର୍ଗା'ଙ୍କ ମନ୍ଦିରରେ ଦଶହରା ପର୍ବ ଅବସରରେ ୧୬ ଦିନ ଧରି ପୂଜା ବିଧି ପାଳନ କରାଯାଇଥିଲା। ବିଜୟା ଦଶମୀର ପରଦିନ ୧୭ତମ ଦିବସରେ ଖନ୍ଦାମଡା ବା ନିଆଁରେ ଚାଲିବା ଉତ୍ସବ ପାଳନ କରାଯାଇଥାଏ। ନିଃସନ୍ତାନ ଦମ୍ପତି, ପୁତ୍ର ସନ୍ତାନ ଇଚ୍ଛୁକ ବ୍ୟକ୍ତି, ରୋଗ ବ୍ୟାଧି ତଥା ବିଭିନ୍ନ ସମସ୍ୟାରୁ ମୁକୁଳିବା ପାଇଁ ମାଆଙ୍କ ନିକଟରେ ଲୋକେ ମାନସିକ ରଖିଥାନ୍ତି। ମନସ୍କାମନା ପୂର୍ଣ୍ଣ ହେଉଥିବା ବ୍ୟକ୍ତି ବିଶେଷ ଅଥବା ଦମ୍ପତି ଏଠାରେ ଖନ୍ଦାମଡା ଉତ୍ସବ ପାଇଁ ଖନ୍ଦା କିମ୍ବା ପଶୁବଳି ଦେଇଥାନ୍ତି। ଏହି ମନ୍ଦିରରେ ମାଆ ଦୁର୍ଗାଙ୍କ କୌଣସି ପ୍ରତିମୂର୍ତ୍ତି ପୂଜା ପାଇ ନ ଥାଏ। ଏଠାରେ ମନ୍ଦିରର କାନ୍ଥରେ ନାଲି ମାଟିର ରଙ୍ଗ ଉପରେ ଅରୁଆ ଚାଉଳ ଗୁଣ୍ଡରେ ଝୋଟି ଦ୍ୱାରା ଅଙ୍କିତ ବୁଇଥ ଚିତ୍ରରେ ମାଆ ଦୁର୍ଗା ପୂଜା ପାଇଥାନ୍ତି। ତେବେ ପ୍ରତ୍ୟକ ବର୍ଷ ବିଧି ବିଧାନର ସହିତ ପୂଜାପାଠ ଏବଂ ନିତିକାନ୍ତି ସମ୍ପନ୍ନ ହେଉଥିବା ବେଳେ ମନ୍ଦିର ପୂଜକ (ଦେହୁରୀ)ଙ୍କ ସହିତ ଭକ୍ତାମାନେ ଖଣ୍ଡା ଧରି ନିକଟସ୍ଥ ନଦୀରୁ ଗାଧୁଆ ପାଧୁଆ କରି ପୂଜାବିଧି ଅନୁସାରେ ମନ୍ଦିରକୁ ଆସୁଥିବା ନିଆରା ଦୃଶ୍ୟ ଦେଖିବାକୁ ମିଳେ। ପାରମ୍ପରିକ ବାଦ୍ୟର ତାଳରେ ଭକ୍ତାମାନେ ମାଆ'ଙ୍କ କାଳିସୀ ପ୍ରଭାବରେ ନୃତ୍ୟ କରୁଥିବା ସମୟରେ ଚାବୁକ ମାଡରେ ଶାନ୍ତ ହେବା, କୋଳି ଗଛର କଣ୍ଟା ଉପରେ ଗଡିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ। ଶେଷରେ ଅପରାହ୍ନ ସମୟରେ ଭକ୍ତାମାନେ ଅଙ୍ଗାର ଉପରେ ଚାଲି ପୂଜାବିଧି ସମ୍ପନ୍ନ କରିଥାନ୍ତି। ଦେହୁରୀ ଘସିରାମ ଦଳେଇ ଏବଂ ଗାୟକ କୁଳଦୀପ ମହାକୁଡଙ୍କ ପୌରୋହିତ୍ୟରେ ସମସ୍ତ ପୂଜା କାର୍ଯ୍ୟ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ଦାସୀ ବ୍ରହ୍ମାନନ୍ଦ ମହାକୁଡ, ମଧୁସୂଦନ ଦାସ, ପ୍ରହରାଜ ପଲେଇ, ସର୍ବେଶ୍ୱର ଦାସ, ମଣ୍ଟୁ ଦାସ ଏବଂ ଉପେନ୍ଦ୍ର ବେହେରା ପ୍ରମୁଖ ପୂଜାବିଧିରେ ସହଯୋଗ କରିଥିଲେ। କମିଟି ସଭାପତି କିଶୋରି ମହାକୁଡ ଓ ସଂପାଦକ ରାଜାରାମ ବାରିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିବା ବେଳେ ସମିତି ସଭ୍ୟ ବିଶ୍ୱନାଥ ଦାସ, ଝୁଣ୍ଟୁ ଦାସ, ପିଣ୍ଟୁ ଦାସ, ଆଲୋକ ଦାସ, ତାପସ ବାରିକ, ସୁମିତ ବାରିକ, ପରୀକ୍ଷିତ ବାରିକ ଓ ଆସ୍ତିକ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶୁଣିଲାନି ପ୍ରଶାସନ; ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ଶରତ/କପ୍ତିପଦା,୪।୧୦(ସମିସ): ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟ କରିବା ତଥା ଗ୍ରାମ ପଞ୍ଚାୟତ ମାନଙ୍କର ରାସ୍ତାଘାଟ ନିର୍ମାଣ କରିବା ନିମନ୍ତେ ମହାତ୍ମା ଗାନ୍ଧୀ ଗ୍ରାମୀଣ ଜାତୀୟ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ସରକାର ବ୍ୟାପକ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଲୋକଙ୍କ ସାମାଜିକ ଜୀବନ ଏବଂ ରାସ୍ତା ଘାଟରେ କୌଣସି ଉନ୍ନତି ହୋଇପାରୁନାହିଁ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଏବଂ ମଝିଗୋଡ଼ିଆ ଗ୍ରାମ ପଞ୍ଚାୟତ ଆଜି ବି ବିକାଶର ବହୁ ପଛରେ ରହିଛି। ଏଠାକାର ଜନ ସାଧାରଣ ଆଜି ବି ସରକାରୀ ଯୋଜନାରୁ ବଞ୍ଚିତ। ଲୋକେ ଆଜି ପର୍ଯ୍ୟନ୍ତ ଅନ୍ଧାରୀ ମୂଳକରେ ରହିଛନ୍ତି, ଏଠି ରାସ୍ତା ଘାଟର ସୁବିଧା ନାହିଁ। ଏହି ପଞ୍ଚାୟତଦ୍ୱୟ ଅନ୍ତର୍ଗତ ତୁରାମ ସାହି (ମଝିଗୋଡ଼ିଆ ଗ୍ରାମ ପଞ୍ଚାୟତ) ଠାରୁ ରାଣୀପୋଖରୀ (ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ) ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବା ସକାଶେ ଲୋକେ ବାରମ୍ବାର ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଲିଖିତ ଜଣାଇଥିବା ସତ୍ତ୍ୱେ କୌଣସି ଫଳ ମିଳିଲାନାହିଁ। ତେଣୁ ଗ୍ରାମବାସୀ ବାଧହୋଇ ମଙ୍ଗଳବାର ଶ୍ରମ ଦାନ କରି ରାସ୍ତା ନିର୍ମାଣ କରିଛନ୍ତି। ଏହି ୫ କି.ମି ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟରେ ଯୁବ ସମାଜସେବୀ ନବୀନ ମୁଣ୍ଡରୀଙ୍କ ନେତୃତ୍ୱରେ ଶବନ ତିୟୁ, ବାନ୍ଧୁ ସାମାଡ, ରାଜୁ କାଇଦ୍ୱାର, ମାଟା କାଇଦ୍ୱାର, ମୁଗା ସାମାଡ, ମାଟା ସାମାଡ, ଦୁଗେ ଶୁଣ୍ଡି, ମାଧିଆ ମହାକୁଡ ପ୍ରମୁଖ ରାସ୍ତା ନିର୍ମାଣରେ ସହଯୋଗ କରିଥିଲେ।

## ମୟୂରଭଞ୍ଜର ପ୍ରଥମ ରାଜ୍ୟସଭା ସାଂସଦ ସୁନ୍ଦର ହେମ୍ବ୍ରମଙ୍କ ଜୟନ୍ତୀ

ବହଳଦା, ୪।୧୦ (ସମିସ)




ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ରାଜ୍ୟସଭା ସାଂସଦ ତଥା ସମାଜ ସଂସ୍କାରକ ସୁନ୍ଦର ମୋହନ ହେମ୍ବ୍ରମଙ୍କ ୧୦୭ତମ ଜୟନ୍ତୀ ତାରଣା ସ୍ଥିତ ଏଫଏମ ଏକାଡେମୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଲକ୍ଷ୍ମଣ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ବାବାତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ରାମଦାସ ମୁର୍ମୁ, ସୁନ୍ଦର ମୋହନ ହେମରମଙ୍କ କନିଷ୍ଠ ପୁତ୍ର ତଥା ବାବାତିଲକା ଲାଇବ୍ରେରୀ ସଭାପତି ରମଚନ୍ଦ୍ର ହେମ୍ବ୍ରମ, ପୂର୍ବତନ ପ୍ରଧାନ ଶିକ୍ଷକ ନିମାଇ ହେମ୍ବ୍ରମ ଏବଂ ସାମ୍ବାଦିକ ବସନ୍ତ ସାଣ୍ଡିଲ ପ୍ରମୁଖ ମଞ୍ଚାସୀନ ଥିଲେ।

ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ତାରଣା ଗ୍ରାମରୁ ସେତେବେଳର ମୟୂରଭଞ୍ଜ ମହାରାଜାଙ୍କ ନିକଟରେ ପଳସା ପିଢ ସର୍ଦ୍ଦାର ଭାବେ ନିୟୋଜିତ ଥିବା ଫାତୁ ହେମ୍ବ୍ରମଙ୍କ ପୁତ୍ର ସୁନ୍ଦର ମୋହନ ହେମ୍ବ୍ରମ ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ଆଦିବାସୀ ବିଜ୍ଞାନ ଗ୍ରାଜୁଏଟ ଭାବେ ରେଭେନ୍ସା ମହାବିଦ୍ୟାଳୟରୁ ୧୯୪୧ ମସିହାରେ ଉତ୍ତୀର୍ଣ୍ଣ ହୋଇଥିଲେ। ତେବେ ସାନ୍ତାଳୀ ଭାଷା ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଟାଟାନଗର ସ୍ଥିତ ଖାସମହଲର ଧପାଳିଆ କୋଠାରେ ଚାନ୍ଦାନ ପ୍ରେସ୍ ପ୍ରତିଷ୍ଠା କରି ଅଲଚିକି ଲିପିରେ ପାକ୍ଷିକ ପତ୍ରିକା ସାଗେନ ସାକାମର ପ୍ରତିଷ୍ଠାତା ସଂପାଦକ ଥାଇ ଅଗଷ୍ଟ ୧୯୪୭ ମସିହାରୁ ପ୍ରତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ। ସେ ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ରାଜ୍ୟସଭା ସାଂସଦ ଭାବେ ୧୯୫୨ରୁ ୧୯୫୬ ମସିହା ପର୍ଯ୍ୟନ୍ତ ରହିଥିଲେ।

ଏହାପରେ ୧୯୫୭ରୁ ୧୯୬୦ ମସିହା ପର୍ଯ୍ୟନ୍ତ ବହଳଦା ବିଧାୟକ ରହିଥିଲେ। ରାଜନୈତିକ କାଳରେ ତାଙ୍କ ଲିଖିତ ପୁସ୍ତକ 'ଟ୍ରେଣ୍ଡସ୍ ଇନ୍ ଡେମୋକ୍ରାସି' ପ୍ରକାଶ କରିଥିଲେ। ସେ ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ସହିତ ବାବାତିଲକା ମାଝୀ ପାଠାଗାର ମଧ୍ୟ ସ୍ଥାପନ କରିଥିଲେ।

## ପାର୍ବଣ କବିତା ଆସର ଓ ପୁସ୍ତକ ଲୋକାର୍ପଣ



ସାରସକଣା,୪।୧୦(ସମିସ): ଶାରଦୀୟ ପୂଜା ଅବସରରେ ନନ୍ଦିଘୋଷ ସାହିତ୍ୟ ସମାଜ ପକ୍ଷରୁ ଗତ ୧ ତାରିଖରେ "ପାର୍ବଣ କବିତା ପାଠ'ର ଏକ ମନୋଜ୍ଞ ଆସର ଓ କବି ଜଗନ୍ନାଥ ସାହୁଙ୍କ କବିତା ସଂକଳନ "ଭୂମିରୁ ଭୂମା'ର ଲୋକାର୍ପଣ ହୋଇଛି। ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଓ କବି ଅଜିତ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ, ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ସ୍ୱରଚିତ ରଚନା ପାଠ କରିଥିଲେ। ସେହିପରି ପୁସ୍ତକ ଲୋକାର୍ପଣ ଉତ୍ସବରେ 'ମକର ମଣ୍ଡା' ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁଙ୍କ ମଞ୍ଚ ଆମନ୍ତ୍ରଣ ଏବଂ ସାହିତ୍ୟ ସମାଜର ସଭାପତି ଡଃ ଉପେନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ପ୍ରଫେସର ଡ଼ଃ ଅବନୀ କୁମାର କୁଣ୍ଡୁ, ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ସାମଲ, ପ୍ରାକ୍ତନ ଅଧ୍ୟକ୍ଷ କାବେରୀ ମିଶ୍ର, ଉପସଭାପତି ମୟୂରଭଞ୍ଜ ସାହିତ୍ୟ ପରିଷଦ, ବରିଷ୍ଠ କବୟିତ୍ରୀ ପାର୍ବତୀ ବାରିକ ତଥା ଭଞ୍ଜମାଟିର ବିଜ୍ଞ ସାହିତ୍ୟିକ ଶଙ୍କର ଜେନା, ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥି, ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ଦମ୍ପତି ସ୍ୱରୂପ କୁମାର ନାୟକ ଓ ମୋନାଲିସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସମାଜର ବରିଷ୍ଠ କବି ରବୀନ୍ଦ୍ର ନାଥ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୮ ହଜାର ଟଙ୍କାରେ ନିଲାମ ହେଲା ମା'ଙ୍କ ଦିବ୍ୟ ଲଡୁ



କୁଳିଅଣା, ୪।୧୦(ସମିସ): କୁଳିଅଣାରେ ୫୯ତମ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ଦିବ୍ୟଲଡୁ ନବମୀ ଦିନ ନିଲାମ ହୋଇଛି। ଶାମାଖୁଣ୍ଟା ବ୍ଲକ ଭାଲୁବସା ଗ୍ରାମର ସେନା ବାହିନୀରେ କାର୍ଯ୍ୟରତ ରବୀନ୍ଦ୍ର ନାଥ ସିଂ ୧୮ ୦୦୧ ଟଙ୍କା ପ୍ରାଣମି ଦେଇ ଦିବ୍ୟଲଡୁ ଗ୍ରହଣ କରିଛନ୍ତି। ପୂଜା କମିଟି ସଭାପତି ବୀରବର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳିଅଣା ସରପଞ୍ଚ ଅହଲ୍ୟା ନାଏକ, ସମ୍ମାନିତ ଅତିଥିଭାବେ ଟୋଲ ପ୍ଲାଜା ମ୍ୟାନେଜର ଦୀପକ କୁମାର ଶର୍ମା, ସମ୍ପାଦକ ରାଧାକାନ୍ତ ବେହେରା, କୋଷାଧ୍ୟକ୍ଷ କମଳ କୁମାର ସିହ୍ନା, ବରିଷ୍ଠ ସାମ୍ବାଦିକ ନିହାର ରଞ୍ଜନ ବେହେରା ଓ ସାମ୍ବାଦିକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଯୋଗଦେଇଥିଲେ। ଆଇନଜୀବୀ ମୃତ୍ୟୁଞ୍ଜୟ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ମହିଳା ନାଚ ଗୀତ ସହିତ ସିନ୍ଦୂର ଖେଳିଥିଲେ।

## ଆରଏସ୍‌ଏସ୍‌ର ଶତବାର୍ଷିକୀ ପାଳନ ସମାରୋହ

ବିଶୋଇ,୪।୧୦(ସମିସ): ବିଶୋଇ ଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶତାବ୍ଦୀ ବର୍ଷ ସମାରୋହର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସ୍ୱୟଂ ସେବକ ରାଜେନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭାରତକୁ ପୁଣି ଥରେ ପରମ ଵୈଭବଶାଳୀ କରିବାରେ ସ୍ୱୟଂ ସେବକଙ୍କ ଭୂମିକା ବାବଦରେ ଆଲୋଚନା କରିଥିଲେ। ମୁଖ୍ୟବ୍ୟକ୍ତା ଭାବରେ ସ୍ୱୟଂ ସେବକ ପ୍ରଭାତ ରଞ୍ଜନ ମହାନ୍ତ ଯୋଗଦେଇ ଚଳିତବର୍ଷ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ୧୦୦ ବର୍ଷ ପୂରଣ କରୁଛି। ୧୯୨୫ରେ ହିନ୍ଦୁ ସାଂସ୍କୃତିକ ଓ ସାମାଜିକ ସଂଗଠନଗୁଡିକୁ ନୂଆ ରୂପ ଦେବାପାଇଁ ଆର.ଏସ୍.ଏସ୍ ଗଠନ କରାଯାଇଥିଲା ବୋଲି କହିଥିଲେ। ପ୍ରାକ୍ତନ ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ଶସ୍ତ୍ର ପୂଜନ କରାଯିବା ପରେ ସ୍ଥାନୀୟ ସ୍ୱୟଂ ସେବକ ମାନଙ୍କ ଦ୍ୱାରା ବିଭିନ୍ନ ଶାରିରୀକ ଅଭ୍ୟାସ ପରେ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱୟସେବକମାନେ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ହାତରେ ବିଜୟଧ୍ୱଜା ଓ ଖଡ୍ଗ, ଲାଠି ଧରି ବାଜା ବଜାଇ ନଗର ପରିକ୍ରମା କରିଥିଲେ।

## ପୋଖରୀବାଡ଼ି ଫୁଟ୍‌ବଲ୍; ବାଦାମପାହାଡ଼ ଚାମ୍ପିଅନ୍

ଠାକୁରମୁଣ୍ଡା,୪।୧୦(ସମିସ): ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମ ପଞ୍ଚାୟତ ପୋଖରୀବାଡିରେ ୪୧ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ବାଦାମପାହାଡ ଓ ଶୁଭଶ୍ରୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ବାଦାମପାହଡ ଫୁଟବଲ ଟିମ୍ ବିଜୟହୋଇ ଚାମ୍ପିଅନ ହୋଇଛି। ଏହି ପ୍ରତିଯୋଗିତା ଗତ ୨୯ ରୁ ଆରମ୍ଭ ହୋଇ ଅକ୍ଟୋବର ୧ ତାରିଖରେ ଶେଷ ହୋଇଛି। ଉଦଯାପନୀ ଉତ୍ସବରେ କ୍ଲବ ସଭାପତି ବାବୁଲି ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ବିଜୟ ଟିମ୍‌କୁ କପ ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ପୂର୍ବତନ ସରପଞ୍ଚ ରଘୁନାଥ ନାୟକ, ସାମାଜିକ କର୍ମୀ ଭରତ ଭୂଷଣ ମହାନ୍ତ, ଶିକ୍ଷକ ଆନନ୍ଦ ଦାସ ପ୍ରମୁଖ ଖେଳାଳିଙ୍କୁ ପୁରସ୍କୃତ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ।



## ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫୁଟ୍‌ବଲ୍ ପ୍ରତିଯୋଗିତା



ବିଶୋଇ,୪।୧୦(ସମିସ): ଅସନା ସାର୍ବଜନୀନ ଦୁର୍ଗା ପୂଜା ଉପଲେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଉପଲକ୍ଷେ ଦୀର୍ଘ ୧୫ ବର୍ଷ ଧରି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ଏଥିରେ ୩୨ଟି ଟିମ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏସ୍.ଡି.ସି ଅଧ୍ୟକ୍ଷ ଡାକ୍ତର ଦେବାଶିଷ ମାର୍ଣ୍ଡି ଯୋଗଦେଇ ଦୁର୍ଗାପୂଜା ଉପଲକ୍ଷେ ଗ୍ରାମାଞ୍ଚଳରେ କ୍ରୀଡାବିତଙ୍କୁ ଫୁଟବଲ ଭଳି ଲୋକପ୍ରିୟ କ୍ରୀଡ଼ା ପ୍ରତି ଆକର୍ଷିତ କରିବାର ଏପରି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମନୋଜ ଗିରି, ସମାଜସେବୀ ମଙ୍ଗଲ ନାଏକ, ସାମାଜିକ କର୍ମୀ ଗୋପବନ୍ଧୁ ଗିରି, ସମାଜସେବୀ ରଞ୍ଜନ ନନ୍ଦ, ଯୁବନେତା ସୁନୀଲ ମହାପାତ୍ର, ଅନିରୁଦ୍ଧ ଗିରି, ସାମ୍ବାଦିକ ଅମିତ ଦାସ, ଆଇନିଜୀବି ବିରଞ୍ଚି ନାରାୟଣ ନନ୍ଦ, ଯୁବନେତା ଖେଳାରାମ ଟୁଡୁ, ସମାଜିକ କର୍ମୀ ଅଶୋକ ଗିରି ପ୍ରମୁଖ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଟିମ୍ ତଳାପାତିର ବେଇମାନ ଟିମକୁ ୧୨ ହଜାର ୫୨୫ ଟଙ୍କା, ରନର୍ସଅପ୍ 'ହଷ୍ଟେଲ-ଏଫ.ସି ବିଶୋଇ' ଟିମକୁ ୯ ହଜାର ୫୨୫ ଟଙ୍କା, ତୃତୀୟ ସ୍ଥାନ ଅଧିକାର କରିଥିବା 'ଦାଗାବାଜ' ଟିମକୁ ୬ ହଜାର ୨୫ ଟଙ୍କା ଏବଂ ଚତୁର୍ଥ ସ୍ଥାନରେ ଥିବା ଲୁହାବାଲିଆ ଟିମକୁ ୫ ହଜାର ୨୫ ଟଙ୍କା ଅତିଥିମାନେ ପୁରସ୍କୃତ କରିଥିଲେ।

## ବନବିଭାଗକୁ ନାକେଦମ କଲାଣି ଦନ୍ତା

କୁଆମରା,୪।୧୦(ସମିସ): ଦୁଇ ଦିନ ତଳେ ଏକ ଦନ୍ତା ଗୋଠଛଡା ହୋଇ ବଡ଼ସାହି ଜଙ୍ଗଲରୁ ଖସିଆସିଥିଲା। ସେଠାରୁ ଗୋଟିଏ ଦିନ ପରେ ଗୋପବନ୍ଧୁ ନଗର ବ୍ଲକ ପଶୁଦା ଓ ରାଣୀବନ୍ଧ ଅଞ୍ଚଳର ଗ୍ରାମ ଭିତରକୁ ପଶି ଆତଙ୍କ ଖେଳାଇଛି। ଦନ୍ତାକୁ ଘଉଡାଇବା ନିମନ୍ତେ ବନ ବିଭାଗ ନାକେଦମ ହେଲାଣି। ବୁଧବାର ଅପରାହ୍ନରେ ଦନ୍ତା ପ୍ରଥମେ ପଶୁଦା ପଞ୍ଚାୟତର ମୁଟୁରୁଦା, ଅଛଡା, ସାନବେଲାକୁଟୀ, ପଶୁଦା ଗ୍ରାମରେ ପଶି ବ୍ୟାପକ କ୍ଷତି ଘଟାଇଥିବା ବେଳେ ସାନବେଲାକୁଟୀ ଛକରେ ଏକ ଦୋକାନ ଘରକୁ ଭାଙ୍ଗି ଦେଇଛି। ସେହିପରି ଗୁରୁବାର ରାଣୀବନ୍ଧ ଅଞ୍ଚଳରେ ପଶିବାରୁ ଲୋକେ ଭୟଭୀତ ହୋଇପଡିଥିଲେ। ପରେ ଟିକରପଡା ଗ୍ରାମର ବୁଧୁ ମାଝୀଙ୍କ ଘର ଭାଙ୍ଗି ଦେଇଛି। ଏବେ ଦନ୍ତା ଭୟରେ ସନ୍ଧ୍ୟା ୭ଟା ହେବାମାତ୍ରେ ତାଟି କବାଟ ପଡି ଯାଉଛି। ଗୁରୁବାର ରାତିରେ ନାଉପଦା ସ୍ଥିତ ଟୁଙ୍ଗାଧୁଆ ଜଙ୍ଗଲ ମଧ୍ୟକୁ ପଶିଥିବାବେଳେ ଆଜି ସକାଳେ ଶୀଳଘାଟି ସ୍ଥିତ ଡୁଙ୍ଗୁରିଡିହି ହୁଡି ନିକଟରେ ପହଞ୍ଚିଥିବା ଫରେଷ୍ଟର ଅର୍ପିତା ଦେବାଙ୍ଗନୀ ସୂଚନା ଦେଇଛନ୍ତି।

## ବାଇକ ଚୋରି ଅଭିଯୋଗରେ ୨ ଗିରଫ

କୁଆମରା, ୪।୧୦(ସମିସ): ଖୁଣ୍ଟା ଥାନା ଅଞ୍ଚଳ ରେ କ୍ରମାଗତ ବାଇକ ଚୋରି ବୃଦ୍ଧି ପାଇଛି। କେତେବେଳେ ସାପ୍ତାହିକ ହାଟରୁ ତ ଆଉ କେତେବେଳେ ଘର ସମ୍ମୁଖରୁ। ତେବେ ଗତ କିଛିଦିନ ହେବ କ୍ରମାଗତ ଭାବେ ଖୁଣ୍ଟା ଥାନା ଅଞ୍ଚଳର ୩ଟି ବାଇକ ଚୋରି ହୋଇଛି। ସେହିପରି ଗତ ୨୮ ତାରିଖ ରାତିରେ ସପନଚୁଆ ଗ୍ରାମର ଜଣେ ବ୍ୟକ୍ତି ଙ୍କ ବାରଣ୍ଡା ରେ ଏକ ବାଇକ ଥିବା ବେଳେ ଚୋରି କରି ନେଇ ଜଣେ ଦୁର୍ବୃତ୍ତ ଖସି ପଳାଉଥିବା ବେଳେ ଗ୍ରାମବାସୀ କାବୁ କରିଥିଲେ। ପୁଲିସ ଖୋଳତାଡ଼ କରିବା ପରେ ୩ ଅଭିଯୁକ୍ତଙ୍କ ନାମ ସାମ୍ନାକୁ ଆସିଥିଲା। ତେବେ ଦୁଇ ଅଭିଯୁକ୍ତ ବଡ଼ସାହି ଥାନା ଅନ୍ତର୍ଗତ ଶାଳପଥରା ଗ୍ରାମର ସନ୍ତୋଷ କୁମାର ସିଂ ଓ ସୁଜିତ୍ କୁମାର ସିଂ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୪ଟି ବାଇକ ଜବତ ହୋଇଛି।

## ପରିତ୍ୟକ୍ତ କୂଅରୁ ମୃତଦେହ ଉଦ୍ଧାର

ମହୁଲଡିହା/ଠାକୁରମୁଣ୍ଡା, ୪।୧୦(ସମିସ): ମହୁଲଡିହା ଥାନା ଭାଲିଆଡାଳ ଗ୍ରାମ ପଞ୍ଚାୟତ ବାଗଦଫା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ବୁଧବାର ରାତିରେ ଉଦ୍ଧାର କରିଛି ପୁଲିସ। ସୂଚନା ଅନୁସାରେ, ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ଗତ ୨୭ ଓ ୨୮ ତାରିଖରେ ଭାଲୁକାଣି ଓଷା ଅନୁଷ୍ଠିତ ହୋଇଥିଲା। ଭାଲୁକାଣି ମଣ୍ଡପର ଅନତି ଦୂରରେ ପ୍ରାୟ ୨୦/୨୫ ବର୍ଷ ପୂର୍ବେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଖୋଳାଯାଇଥିବା ଏକ ପରିତ୍ୟକ୍ତ କୂଅରୁ ଦୁର୍ଗନ୍ଧ ଆସୁଥିବାରୁ ସ୍ଥାନୀୟ ଲୋକେ ଏକ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ଆଇଆଇସି ଅରୁଣ କୁମାର ଟୁଡୁ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଘଟଣା ସ୍ଥଳରେ ପହଞ୍ଚି ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଦ୍ୱାରା ମୃତଦେହକୁ ଉଦ୍ଧାର କରିଥିଲେ। ତେବେ ମୃତ ବ୍ୟକ୍ତିର ପରିଚୟ ମିଳିପାରିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ମୃତ୍ୟୁର କାରଣ ଜଣାପଡିବ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ



ରାଇରଙ୍ଗପୁର, ୪।୧୦(ସମିସ): ରାଇରଙ୍ଗପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା ରସାନନ୍ଦ ଲେଙ୍କାଙ୍କ ଅଧ୍ୟକ୍ଷତା ଏବଂ ସଭାପତି ଦୁଷ୍ମନ୍ତ କୁମାର ବଶାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଯୋଗଦେଇ ଏହି ଦିବସ ପାଳନର ମହତ୍ୱ, ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏସଡପିଓ ଶ୍ରୀ ସାହୁ ବରିଷ୍ଠଙ୍କ ଅପାର ଅଭିଜ୍ଞତାକୁ କନିଷ୍ଠମାନେ ସଦ ଉପଯୋଗ କରିବା ସହିତ ସମାଜରେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ସୁସ୍ଥ ସମାଜ ଓ ଦେଶ ଗଠନରେ ବରିଷ୍ଠଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ୪୪ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ସହିତ ସମ୍ମାନିତ କରିଥିଲେ। ଶେଷରେ ସହସଂପାଦକ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ




ରାଇରଙ୍ଗପୁର,୪।୧୦(ସମିସ): ରାଇରଙ୍ଗପୁର ଗାନ୍ଧୀ ପାର୍କରେ ଗାନ୍ଧୀଜୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ଶ୍ୟାମ ଚରଣ ହାଁସଦା, ନଗର ସଭାପତି ଅଶୋକ ଅଗ୍ରୱାଲ, ରୂପକ କୁମାର ମହାନ୍ତି, ମାନସିଂହ ମାଝୀ, ବୀରସିଂହ ବାସ୍କେ, ବିଡାର ମାଝୀ ଧୀରାଇ ସୋରେନ ସବ୍ୟସାଚୀ ଖୁଣ୍ଟିଆ, ପିଥ ମୁର୍ମୁ, ରୋହିଦାସ ସୋରେନ ଦିନୁ ମାଝୀ, ଭାଗିରଥି ପାତ୍ର ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବର୍ଷା ଧୋଇଦେଲା ଦଶହରା; ଫିକା ପଡ଼ିଲା ରାବଣ ପୋଡ଼ି ଉତ୍ସବ

କୁଆମରା,୪।୧୦(ସମିସ)

ଚଳିତବର୍ଷ ଲଗାଣବର୍ଷା ଯୋଗୁ ଦୁର୍ଗାପୂଜା ଧୋଇହୋଇଯାଇଛି। ଏହି ପୂଜାରେ ମୁଖ୍ୟତଃ ଅନୁଷ୍ଠାନ ତରଫରୁ ରାବଣ ପୋଡ଼ି ଉତ୍ସବ ଆକର୍ଷଣ ପାଲଟିଥାଏ। ଦଶହରା ଦିନ ରାତିରେ କମିଟି ପକ୍ଷରୁ ଆୟୋଜିତ ରାବଣ ପୋଡ଼ି ଉତ୍ସବକୁ ହଜାର ହଜାର ଲୋକ ଉପଭୋଗ କରିଥାନ୍ତି। ମାତ୍ର ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଯୋଗୁଁ ରାବଣ ପୋଡ଼ି ଉତ୍ସବ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ଯାହା ଲୋକଙ୍କୁ ନିରାଶ କରିଛି। ତେବେ କମିଟି ପକ୍ଷରୁ ନବମୀ ଦିନ ପାରମ୍ପରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ନଗର ବ୍ଲକ ଚତୁର୍ଶିଳା ପୂଜା କମିଟି ପକ୍ଷରୁ ନବମୀ ଦିନ ନବ କୁଆଁରୀଙ୍କୁ ନବବସ୍ତ୍ର ପରିଧାନ କରାଇବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହିତ ଲାଖ ବିନ୍ଧା କାର୍ଯ୍ୟକ୍ରମ ଏବଂ ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି ଦେବେନ୍ଦ୍ର ନାଥ ମହୁଆଳ, ସଂପାଦକ ଉମେଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରଣଜିତ ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସାଇଁକୁଳା ପୂଜା କମିଟି ପକ୍ଷରୁ ଅନୁରୂପ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶହରା ଦିନ ଅପରାହ୍ନରେ ପାରମ୍ପରିକ ଭାବେ ଖଣ୍ଡାୟତ ଓ ଦଳେଇ ସଂପ୍ରଦାୟର ଦ୍ୱାରା ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଡ଼ସାହି, କୁଣ୍ଡାପଡା, ଚକ ବ୍ରାହ୍ମଣ ସାହିର ଲୋକେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କରକଟିଆ ପଞ୍ଚାୟତ ଟିକରପଡା ଠାରେ ୩୧ ବର୍ଷର ପୂଜା ପଦାର୍ପଣ କରିଛି। କମିଟିର ସଭାପତି ରଞ୍ଜନ କୁମାର ମହୁଆଳ, ସଂପାଦକ ସଞ୍ଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜା ଓ ପାରମ୍ପରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକ

ଖଲ୍ଲିକୋଟ,୪।୧୦(ସମିସ):



ପାଣି ପାଇଁ ରାସ୍ତାରୋକ। ୧୬ ନମ୍ବର ଜାତୀୟ ରାଜପଥକୁ ଘଣ୍ଟାଏ କାଳ ଅବରୋଧ କରି ରଖିଲେ ଶହ ଶହ ମହିଳା। ପରେ ପୁଲିସ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରି ରାସ୍ତାରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୀର୍ଘ ଏକ ମାସ ହେଲା କେଶପୁର ଓଡ଼ିଆରପି କଲୋନୀରେ ରହୁଥିବା ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ପରିବାର ପାଣି ଟିକେ ପାଇବା ପାଇଁ ଡହଳବିକଳ ହେଉଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଫଳରେ ଆଜି ଦିନ ୨ଟାରେ ଓଡ଼ିଆରପି କଲୋନୀର ଶତାଧିକ ମହିଳା ରାଜରାସ୍ତା ଉପରେ ଗରାମାଠିଆ ଓ ବାଲ୍‌ଟି ରଖି ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। କେଶପୁର ଓଡ଼ିଆରପି କଲୋନୀରେ ଦୀର୍ଘ ଏକମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ହୋଇ ଯାଇଥିବା ଅଭିଯୋଗ ହୋଇଛି। କଲୋନୀରେ ଗୋଟିଏ ନଳକୂପ ଥିବା ବେଳେ ସେଥିରୁ ଗୋଳିଆ ପାଣି ବାହାରୁଛି। ଅନ୍ୟ କିଛି ଉପାୟ ନ ପାଇ ନଳକୂପର ଗୋଳିଆ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଥିବା କହିଛନ୍ତି କଲୋନୀ ବାସିନ୍ଦା। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି କଲୋନୀର ସେକ୍ରେଟାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ଯଦି ତୁରନ୍ତ ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରଉ ସହ ପୁଣି ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି ଓଡ଼ିଆରପି କଲୋନୀ ବାସିନ୍ଦା।

## ସାର ପାଇଁ ଲମ୍ବା ଧାଡ଼ି; ଚଢ଼ା ଦରରେ ବିକୁଛି ଦୋକାନୀ



ଛତ୍ରପୁର,୪।୧୦(ସମିସ): ଛତ୍ରପୁର ସହରରେ ସାର ପାଇଁ ଚାଷୀ ହଟହଟା ହେଉଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ବଜାରରେ ରହିଥିବା ବଜରଙ୍ଗୀ କୃଷକ ସାଥି ଷ୍ଟୋରରେ ସାର ଚଢା ଦରରେ ବିକ୍ରୀ କରାଯାଉଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ସାର ପାଇଁ ଲମ୍ବା ଧାଡି ଦେଖିବାକୁ ମିଳିଥିବା ବେଳେ କ୍ୟାମେରା ଦେଖି ସାର ଦୋକାନ ବନ୍ଦ କଲେ ଦୋକାନୀ। ଅନ୍ୟପଟେ ସାର ପାଇଁ ଚାଷୀମାନେ ଦୀର୍ଘ ୩ଘଣ୍ଟା ଧରି ଅପେକ୍ଷା କରି ରହିଛନ୍ତି। ଏବେ ଦୋକାନ ବନ୍ଦ ହୋଇଯିବା ଫଳରେ ଚାଷୀମାନେ ସାର ନ ପାଇ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଘଟଣାର ଖବର ପାଇ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ ଓ କୃଷି ଅଭରସିୟର ଦୁର୍ଗା ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୋଟ ୨୨୫ବସ୍ତା ସାର ଆସିଛି ସେଗୁଡିକ ପିଓସ ମେସିନରେ ନ ଚଢିବା ଯୋଗୁଁ ଦୋକାନୀ ସାର ବିକ୍ରୀ କରିପାରୁନାହାନ୍ତି। ଲୋକଙ୍କୁ ଡକାଯାଇ କାହିଁକି ହଇରାଣ କରାଯାଇଛି ସେନେଇ ତଦନ୍ତ ଚାଲିଥିବା କହିଛନ୍ତି ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ। ସେପଟେ ୧୦ହଜାର ଚାଷୀଙ୍କ ପାଇଁ ୨୨୫ବସ୍ତା ସାର ପର୍ଯ୍ୟାପ୍ତ ହେଉନାହିଁ। ଏଠି କୌଣସି କଳା ବଜାର କରାଯାଉନଥିବା କହିଛନ୍ତି ଲାଇସେନ୍ସ ପ୍ରାପ୍ତ ୟୁରିଆ ସାର ଦୋକାନୀ ଏସ. ମୁରଲୀ ରେଡ୍ଡୀ।

## ଦୁର୍ଗାପୂଜାରେ ଲଗାଣ ବର୍ଷା; ବେହାଲ୍ କୋଦଳା

କୋଦଳା,୪।୧୦(ସମିସ): ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତ ଫଳରେ ବେଗୁନିଆପଡା ଓ କୋଦଳା ଅଞ୍ଚଳରେ ଦୁର୍ଗାପୂଜାରେ ପ୍ରବଳ ବର୍ଷା ହୋଇଥିଲା। ତୁହାକୁ ତୁହା ବର୍ଷା ଓ ପବନ ଯୋଗୁଁ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଥିଲା। ଗୁରୁବାର ପବନର ବେଗ ବଢିଥିବା ବେଳେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ପବନ ଫଳରେ ବେଗୁନିଆପଡା ବରିଡା ମୁଖ୍ୟ ପୂର୍ତ୍ତ ରାସ୍ତାର ଗୌଡ଼ ଗୌଡୁଣୀ ମନ୍ଦିର ନିକଟ ଦୁଇଟି ସ୍ଥାନରେ ଗଛ ପଡି ଯିବା ଫଳରେ ଗମନା ଗମନ ଠପ ହୋଇଯାଇଛି। ସ୍ଥାନୀୟ ଲୋକେ ଗଛକୁ କାଟି ଗମନା ଗମନ କରିଥିଲେ। ସେହିପରି ଦିଗପଡା, ସୁମଣ୍ଡଳ ଓ ବେଲପଡା ଠାରେ ବିରାଟ ବିରାଟ ଗଛ ପଡିଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ଏହାକୁ ହଟାଇଥିଲା। କୋଦଳାରେ ମଧ୍ୟ କିଛି ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହିତ ଘରର ଟିଣ ଉଡିଯାଇଥିବା ଦେଖିବାକୁ ମିଳିଥିଲା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଛତ୍ରପୁର,୪।୧୦(ସମିସ): ଛତ୍ରପୁର ଥାନା ଅଧିନ ଅର୍ଜୁନପଲ୍ଲୀ ଗ୍ରାମ ନିକଟରେ ଥିବା ଏକ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସେହି ଗ୍ରାମର ଶଙ୍କର ଦାସଙ୍କ ସ୍ତ୍ରୀ ମାନୁ ଦାସ(୬୫)। ସେ ଆଜି ସକାଳୁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣ ବସତଃ ବୁଡିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଆଣିଥିଲେ। ଏଠରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ଖବର ପାଇ ଛତ୍ରପୁର ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଶେରଗଡ,୪।୧୦(ସମିସ): ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶେରଗଡ଼ ଥାନା ଧନନ୍ତର ଗ୍ରାମର କାହ୍ନୁ ଦାସ (୭୦)। ସେ ଗାଁ ରାସ୍ତା କଡରେ ଥିବା ପୋଖରୀରୁ କଇଁଫୁଲ ସଂଗ୍ରହ କରି ବିକ୍ରି କରୁଥିଲେ। ୨ ତାରିଖରେ ଦଶହରା ଥିବାରୁ ୧ ତାରିଖରେ କାହ୍ନୁ ଫୁଲ ସଂଗ୍ରହ କରିବାକୁ ଅପରାହ୍ନରେ ପୋଖରୀକୁ ଯାଇଥିଲେ। ଫୁଲ ସଂଗ୍ରହ କରୁଥିବାବେଳେ କୌଣସି କାରଣରୁ ବୁଡ଼ି ପ୍ରାଣ ହରାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ସନ୍ଧାନ ପାଇନଥିଲେ। ୨ ତାରିଖ ସକାଳୁ ପୋଖରୀରେ ଶବ ଭାସୁଥିବା ଦେଖି ଗ୍ରାମବାସୀ ଉଦ୍ଧାର କରିଥିଲେ। ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିବାବେଳେ ପୁଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ପରଲୋକ

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷକୃତ୍ୟ ସମ୍ପନ୍ନ





ଶେରଗଡ଼,୪।୧୦(ସମିସ): କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କ ଦଶହରା ଅର୍ଥାତ୍ ଗତ ୨ ତାରିଖ ସକାଳ ପ୍ରାୟ ୭ଟାରେ ପରଲୋକ ଘଟିଛି। କୃଷ୍ଣଲୀଳା ନାଚର ପ୍ରଚାର ପ୍ରସାର ସହିତ ସୁବିଖ୍ୟାତ କରିଥିବା ହେତୁ ତାଙ୍କୁ ୨୦୨୩ରେ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁ ଗୋପୀନାଥ ସ୍ୱାଇଁ ୧୦୭ ବର୍ଷରେ ପଦାର୍ପଣ କରିବା ପରେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇଥିଲେ। କିଛିଦିନ ପୂର୍ବରୁ ସେ ଅସୁସ୍ଥ ଥିବା ଜାଣି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟିବା ସହ ସରକାରଙ୍କ ତରଫରୁ ସମସ୍ତ ଚିକିତ୍ସା ଦାୟିତ୍ୱ ବହନ କରାଯାଇଥିଲା। ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ମୃତ୍ୟୁଖ ବର ପାଇ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ ଓ ଖଣିଜ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ବିରୋଧୀ ଦଳ ନେତାଙ୍କ ଡିଆର୍‌ଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନା, ଥାନାଧିକାରୀ ବରେନ୍ଦ୍ର ସିଅଳ, ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏହି ଅବସରରେ ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାର୍ଡ ଅଫ ଅନର ଦିଆଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### 'ଏକ୍ ପେଡ୍ ଯବାନ୍‌କେ ନାମ୍'

## ୧୫୬ ପରିବାର ଲଗାଇଲେ ୧୫୬ ଗଛ



କବିସୂର୍ଯ୍ୟନଗର,୪।୧୦(ସମିସ): ଅବସରପ୍ରାପ୍ତ ସୈନିକସଂଘଓମା'କ୍ଲିନିକପକ୍ଷରୁ'ଏକ୍‌ପେଡ୍‌ଯବାନ୍‌କେ ନାମ୍' ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ନୂତନ ଅବସର ସୈନିକ ସଂଘ ପାଇଁ ଉଦ୍ଦିଷ୍ଟ ଜାଗାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୫୬ ଟି ପରିବାର ସାମିଲ ହୋଇ ୧୫୬ଟି ଚାରା ଲଗାଇଥିଲେ। ଏହାର ରକ୍ଷଣାବେକ୍ଷଣ ପାଇଁ ସମସ୍ତ ଦାୟିତ୍ୱ ନିର୍ବାହ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଡା. କଂଗ୍ରେସ ପ୍ରଧାନଙ୍କ ନେତୃତ୍ୱରେ ସରିତା ପ୍ରଧାନ, ମୀରାବାଇ ଦେଓ, ବାଳକୃଷ୍ଣ ପଟ୍ଟନାୟକ, ବିନୁ ବେହେରା, ମନୀଷା ବେହେରା, ପିଙ୍କି ପ୍ରଧାନ, ସନ୍ତୋଷୀ କୁମାରି ଡାକୁଆ, ସବିତା ସ୍ୱାଇଁ ସମେତ ୧୫୬ ପରିବାର ଓ ୨୨ ଜଣ ଚାଷୀ ସାମିଲ ହୋଇଥିଲେ।

## ଖଲ୍ଲିକୋଟ ବଡ଼ ଘାଟିରେ ଓଲଟିଲା ଆମ୍ବୁଲାନ୍ସ; ୪ ଗୁରୁତର



ଖଲ୍ଲିକୋଟ,୪।୧୦(ସମିସ): ଖଲ୍ଲିକୋଟ ବଡଘାଟିରେ ଏକ ଘରୋଇ ଆମ୍ବୁଲାନ୍ସ ଆଜି ସନ୍ଧ୍ୟାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଆମ୍ବୁଲାନ୍ସରେ ଥିବା ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି ଚେନ୍ନାଇର ପିଏସପି ହସ୍ପିଟାଲରୁ ଏକ ମୃତଦେହ ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ୧୬ନମ୍ବର ଜାତୀୟ ରାଜପଥର ଖଲ୍ଲିକୋଟ ବଡ ଘାଟିରେ ଓଲଟି ପଡ଼ିଥିଲା। ଏଥିରେ ବସିଥିବା ପଶ୍ଚିମବଙ୍ଗର ଶେଙ୍କା ମୁଣ୍ଡା, ଆବୁତ୍ ଆଲିଫ୍, ଦୁଃଖୀରାମ ଲାହୋର ଗୁରୁତର ଆହାତ ହୋଇ ଥିବାବେଳେ ଆମ୍ବୁଲାନ୍ସ ଡ୍ରାଇଭର ଆଦନ ଦୀର୍ଘ ସମୟ ଧରି ଦୁର୍ଘଟଣା ଗ୍ରସ୍ତ ଗାଡି ଭିତରେ ଚାପି ହୋଇ ରହିଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଗ୍ୟାସ କଟରରେ ଗାଡିକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି।

## କାର ଧକ୍କାରେ ଦୁଇ ଆହତ



ଆସିକା,୪।୧୦(ସମିସ): କୋଟିନଡା ଥାନା ଅନ୍ତର୍ଗତ ନୁଆଁପଲ୍ଲି ଛକ ନିକଟରେରେ ଦୁର୍ଘଟଣା ଘଟିଛି। ଆସିକା ପଟୁ କୋଦଳା ଯାଉଥିବା କାରଟି କବିସୂର୍ଯ୍ୟନଗର ପଟୁ ଆସିକା ଅଭିମୁଖେ ଆସୁଥିବା ସ୍କୁଟି ଆରୋହୀଙ୍କୁ ଧକ୍କା ଦେଇଥିଲା। ପ୍ରଥମେ ଏକ ଗାଈକୁ ଧକ୍କା ଦେଇ ଜଣଙ୍କ ଘର ଭିତରକୁ ପଶି ଯାଇଥିଲା। ଫଳରେ କାର ଚାଳକ ଅଳ୍ପକେ ବର୍ତ୍ତିଥିଲେ। ଏହି ରାସ୍ତା ଦେଇ ଯାଉଥିବା ଦୁଇ ସ୍କୁଟି ଚାଳକ ଆହତ ହୋଇଥିଲେ। ସେମାନେ ହେଲେ ଆସିକା ଅଞ୍ଚଳର ଅମ୍ବିକା ପାତ୍ର ଓ ମନୋଜ ପାତ୍ର। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଋଷିକୁଲ୍ୟାରେ ଭାସିଯାଇ ଯୁବକ ନିଖୋଜ

ଧରାକୋଟ,୪।୧୦(ସମିସ): ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ୍ କୁମାର ପ୍ରଧାନ (୧୭) ଶନିବାର ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଖବର ପାଇ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଧରାକୋଟ ଓ ଆସିକା ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ପ୍ରକାଶ ଯୋଗ୍ୟ ଶୁଭମ ବ୍ରହ୍ମପୁର ସ୍ଥିତ ବେଦବ୍ୟାସ କଲେଜରେ ଯୁକ୍ତ ଦୁଇ ପଢୁଥିଲେ। ଏହି ଘଟଣା ଧରାକୋଟ ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି।

### ● କାଜୁ ଜଙ୍ଗଲରୁ ନାବାଳକ ଶବ ଉଦ୍ଧାର ଘଟଣା

## ବାଳସୁଧାର ଗୃହ ଗଲା ହତ୍ୟାକାରୀ ସାଙ୍ଗ

ଆସିକା/ବେଲଗୁଣ୍ଠା,୪।୧୦(ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳୀ ଗ୍ରାମର ନାବାଳକ ଅମର ବିଷୋୟୀ (୧୪)ଙ୍କ ମୃତଦେହ ଉଦ୍ଧାର ଘଟଣାରେ ଗାଙ୍ଗପୁର ପୁଲିସ୍ ଅନ୍ୟ ଜଣେ ନାବାଳକକୁ ବାଳସୁଧାର ଗୃହକୁ ପଠାଇଛି। ସୂଚନା ପ୍ରକାରେ ଗତ ମାସ ୨୮ ତାରିଖରେ ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମର ମନସା ବିଷୋୟୀଙ୍କ ନାବାଳକ ପୁଅ ଅମର ବିଷୋୟୀ (୧୪)ଘରୁ ନିଖୋଜ ଥିଲେ। ଖୋଜାଖୋଜି କରି ପୁଅକୁ ନ ପାଇବାରୁ ମନସା ଗାଙ୍ଗପୁର ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ଘଟଣାକୁ ନେଇ ୫୫୪/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ୩୦ତାରିଖରେ ଉକ୍ତ ନାବାଳକର ମୃତଦେହ ରାମନାପଲି ଗ୍ରାମ ନିକଟବର୍ତ୍ତୀ କାଜୁ ଜଙ୍ଗଲରୁ ଉଦ୍ଧାର ହୋଇଥିଲା। ଘଟଣାସ୍ଥଳରୁ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଅମରକୁ ତାର ଜଣେ ନାବାଳକ ବନ୍ଧୁ ହତ୍ୟା କରିଛି। ମୃତକକୁ ହତିଆର ସାହାଯ୍ୟରେ ଆକ୍ରମଣ କରିବା ପରେ ମୃତଦେହକୁ ନିକଟସ୍ଥ ବୁଦାରେ ଲୁଚାଇ ରଖାଯାଇଥିଲା। ଅପରାଧରେ ବ୍ୟବହୃତ ହତିଆରକୁ ଜଙ୍ଗଲ ଭିତରୁ ପୁଲିସ ଜବତ କରିବା ସହ ସମ୍ପୃକ୍ତ ନାବାଳକକୁ ଗିରଫ କରି ଛତ୍ରପୁର ଅତିରିକ୍ତ ଜେଜେବି କୋର୍ଟକୁ ଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି।

## କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ମାଡ଼!

ଖଲ୍ଲିକୋଟ,୪।୧୦(ସମିସ): କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ମାଡ଼ ଅଭିଯୋଗ। କୋଚିଂ ଯାଇ ନଥିବାରୁ ଛାତ୍ରଙ୍କୁ ଆଖି ବୁଜା ମାଡ଼ ମାରିଛନ୍ତି ଶିକ୍ଷକ। ଖଲ୍ଲିକୋଟ ସାମନ୍ତ ସାହିରେ ଥିବା ବିଦ୍ୟାର୍ଥୀ କୋଚିଂ ସେଣ୍ଟରର ଦୁଇ ଜଣ ଶିକ୍ଷକ ଖଲ୍ଲିକୋଟ ବଜାରରୁ ଉଠାଇ ନେଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଛାତ୍ର ଜଣକ ହେଲେ ଖଲ୍ଲିକୋଟର ଉନ୍ନତ ବେହେରା। ଉନ୍ନତ ବିଦ୍ୟାର୍ଥୀ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ସେ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର। ଦଶହରାରେ ଖଲ୍ଲିକୋଟରେ ରାମାୟଣ ନାଟକ ହେଉଥିବାରୁ ଉନ୍ନତ କୋଚିଂ ଯାଇନଥିଲେ। ଫଳରେ କୋଚିଂ ସେଣ୍ଟର ଶିକ୍ଷକ ତାଙ୍କୁ ଖଲ୍ଲିକୋଟରେ ଖୋଜିଥିଲେ। ରାମାୟଣ ଯାତ୍ରା ପାଖରୁ କୋଚିଂ ସେଣ୍ଟରର ଶିକ୍ଷକ ଉନ୍ନତକୁ ଉଠାଇ ନେଇ କୋଚିଂ ସେଣ୍ଟରରେ ମାଡ଼ ମାରିଥିଲେ। ଉନ୍ନତ ଘରକୁ ଗଲାପରେ ପରିବାର ଲୋକ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରିଛନ୍ତି। ଏନେଇ ଛାତ୍ରଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୧୩ ଗିରଫ

ପୋଲସରା,୪।୧୦(ସମିସ): ପୋଲସରା ଥାନା ପୁଲିସ ଦୁଇଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ନଗଦ ୪୧ ହଜାର ୨୦୦ଶହ ୫୦ ଟଙ୍କା ଜବତ କରିବା ସହ ୧୩ ଜଣ ଜୁଆ ଖେଳାଳିଙ୍କୁ ଗିରଫ କରିଛି। ପୋଲସରା ଥାନା ଅନ୍ତର୍ଗତ ରାଣୀପଡ଼ା ଏବଂ ଚିରିକିପଡା ଶାସନ ଗ୍ରାମ ନିକଟରେ ଚାଲିଥିବା ଏହି ବେଆଇନ ଜୁଆ ଆଡ୍ଡା ଉପରେ ପୁଲିସ ଅତର୍କିତ ଚଢ଼ାଉ କରିଥିଲା। ଏନେଇ ପୋଲସରା ଥାନାରେ ଦୁଇଟି ପୃଥକ ପୃଥକ ଭାବେ କେସ ନମ୍ବର ୭୧୧,୭୧୨/୨୫ ମାମଲା ରୁଜୁକରି ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲସରା ଥାନାଧିକାରୀ କୌଶିକ ମାଝୀ କହିଛନ୍ତି।

## ୧୩ ଜୁଆଡ଼ି ଗିରଫ ଟଙ୍କା ଜବତ

ବୁଗୁଡା,୪।୧୦(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡ୍ଡ, ଚିଲିଖମା ଓ ସଙ୍କୁରୁ ଆଦି ୩ଟି ଗ୍ରାମରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ଉ କରି ପୁଲିସ ୧୩ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୧ ହଜାର ୧୮୦ ଟଙ୍କା, ଅନେକ ମୋବାଇଲ୍ ଓ ତାସ୍‌ମୁଠା ଜବତ କରିଛି। ଗତ ଗୁରୁବାର ରାତିରେ ନଗୁଡ୍ଡ ଗ୍ରାମ ଛକରେ ଚାଲିଥିବା ଜୁଆଖେଳ ଉପରେ ଚଢ଼ଉ କରି ୬ ଜୁଆଡ଼ିଙ୍କୁ ଗିରଫ ସହ ୨୮,୪୮୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ତାସକାଟା ଜବତ କରିଥିଲା ବେଳେ ସଙ୍କୁରୁ ଗ୍ରାମର ରୋଡସାହିରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୪ ଜୁଆଡ଼ିଙ୍କୁ ଗିରଫ ସହ ୭,୧୪୦ ଟଙ୍କା ଓ ତାସକାଟା ଜବତ କରାଯାଇଥିଲା। ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିବା ବେଳେ ଏଥିରେ ଏସ୍‌ଆଇ ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ, ଏଏସ୍‌ଆଇ ସୁମନ୍ତ କୁମାର ବେହେରା, ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଲଘୁଚାପ ପ୍ରଭାବରେ ବର୍ଷା ପବନ; ଫିକା ପଡ଼ିଲା ଦଶହରା



ଖଲ୍ଲିକୋଟ,୪।୧୦(ସମିସ): ଏହି ଅଞ୍ଚଳରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡି ରାସ୍ତା ଉପରେ ପଡିଯାଇଛି। ଦଶହରା ଉତ୍ସବ ଫିକା ପଡିଛି। ଲଘୁଚାପ ଯୋଗୁଁ ଖଲ୍ଲିକୋଟ ଅଞ୍ଚଳରେ ବୁଧବାର ରାତିରୁ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ଗୁରୁବାର ଦିନ ସାରା ବର୍ଷା ଓ ପବନ ଲାଗି ରହିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗୁରୁବାର ଦଶହରା ଥିବାରୁ ଗାଡି ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ର ପୂଜା ରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବୁଧବାର ମଧ୍ୟରାତ୍ରୀରୁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। କହ୍ନେଇପୁର, ସାନ ଘାଟି ସମେତ ବିଭିନ୍ନ ସ୍ଥାନରେ ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡି ରାସ୍ତା ଉପରେ ପଡିବାରୁ ସେହି ରାସ୍ତା ଦେଇ ଦୀର୍ଘ ସମୟ ଧରି ଯାତାୟତ ଠପ ହୋଇଯାଇଥିଲା। ଖଲ୍ଲିକୋଟ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ପହଞ୍ଚି ରାସ୍ତା ସଫା କରିଥିଲେ। ସେହିଭଳି ଚଳିତବର୍ଷ ବର୍ଷା ଯୋଗୁଁ ଖଲ୍ଲିକୋଟ ସହର ସମେତ ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ମଞ୍ଚସ୍ଥ ହୋଇପାରିନି। ବୁଧବାର ରାତିରେ ପ୍ରବଳ ପବନ ଯୋଗୁଁ ଲାଇଟ ତୋରଣ ଭାଙ୍ଗି ଯିବା ସହ କିଛି ଲାଇଟ ପବନ ରେ ଉଡି ତଳେ ପଡି ଯାଇଥିଲା।

# ୪୦ ଜୁଆ ଆଡ୍ଡାରେ ଚଢ଼ଉ; ୭ ଲକ୍ଷ ଟଙ୍କା ଜବତ

ଛତ୍ରପୁର,୪।୧୦(ସମିସ):

ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜୁଆ ଆଡ୍ଡା ଓ ବେଆଇନ ବାଣ କାରବାର ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସମସ୍ତ ଥାନା ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଥାନା ପକ୍ଷରୁ ବେଆଇନ ବାଣ କାରବାର ଓ ଜୁଆ ଆଡ୍ଡା ଉପରେ ଚଢାଉ ଜାରି ରହିଛି। ୧୫ସେପ୍ଟେମ୍ବରରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ୪୦ଟି ଜୁଆ ଆଡ୍ଡା ରେ ଚଢାଉ କରାଯିବା ସହ ୭ଲକ୍ଷ ୧୦ ହଜାର ୩୪୨ ଟଙ୍କା ଜବତ ହୋଇଛି। ୧୨୪ଟି ମୋବାଇଲ ଫୋନ, ୨୬ଟି ମଟର ସାଇକେଲ ଜବତ ସହ ୨୬୦ଜଣ ଜୁଆଡିକୁ ଗିରଫ କରାଯାଇଛି। ସେହିପରି ବେଆଇନ ବାଣ କାରବାରେ ୩୪ଟି ମାମଲା ରୁଜୁ ହେବା ସହ ସେମାନଙ୍କୁ ଆଇନ ଅନୁସାରେ ନୋଟିସ ଦିଆଯାଇଥିବା ବେଳେ ୨ଜଣ ଗିରଫ ହୋଇଥିଲେ। ସମୁଦାୟ ୫୨ଲକ୍ଷ ୫୨ହଜାର ଟଙ୍କାର ବାଣ ଜବତ କରାଯିବା ସହ ଆଇନ ଅନୁସାରେ ସେଗୁଡିକ ନଷ୍ଟ କରିଥିଲା ପୁଲିସ। ଛତ୍ରପୁର ପୁଲିସ ୩ଟି ମାମଲା ରୁଜୁ କରିବା ସହ ୩୦ଲକ୍ଷ ଟଙ୍କାର ବାଣ ଜବତ କରିଥିଲା। ସେହିପରି ଆସିକା ପୁଲିସ ୫ଟି ମାମଲା ରୁଜୁ କରିବା ସହ ୭ଲକ୍ଷ ଟଙ୍କାର ବାଣ ଜବତ କରିଛି। ଗଞ୍ଜାମ ପୁଲିସ ୪ଟି ମାମଲା ରୁଜୁ କରିବା ସହ ୯୦ହଜାର ଟଙ୍କାର ବାଣ, ରମ୍ଭା ଗୋଟିଏ ମାମଲା ରୁଜୁ ସହ ୩୦ହଜାର ଟଙ୍କାର ବାଣ, ଖଲ୍ଲିକୋଟ ଗୋଟିଏ ମାମଲା ରୁଜୁ ସହ ୧୦ହଜାର, ପୁରୁଷୋତ୍ତମପୁର ଗୋଟିଏ ମାମଲା ରୁଜୁ ସହ ୨୫ହଜାର, କବିସୂର୍ଯ୍ୟନଗର ଗୋଟିଏ ମାମଲା ରୁଜୁ ସହ ୨୦ହଜାର, କୋଦଳା ୨ଟି ମାମଲା ରୁଜୁ ସହ ୧୧ହଜାର, ବେଗୁନିଆପଡା ୨ଟି ମାମଲା ସହ ୩୫ହଜାର, ପୋଲସରା ୨ଟି ମାମଲା ସହ ୪୦ ହଜାର, ହିଞ୍ଜିଳି ୨ଟି ମାମଲା ସହ ୭୫ହଜାର, ଶେରଗଡ ଗୋଟିଏ ମାମଲା ସହ ୨ଲକ୍ଷ, ଭଞ୍ଜନଗର ୩ଟି ମାମଲା ସହ ୫.୫୬ ଲକ୍ଷ, ବେଲଗୁଣ୍ଠା ୩ଟି ମାମଲା ସହ ୨.୯୦ ଲକ୍ଷ, ବୁଗୁଡା ଗୋଟିଏ ମାମଲା ସହ ୧.୫ ଲକ୍ଷ ଓ ଗାଙ୍ଗପୁର ପୁଲିସ ପକ୍ଷରୁ ୨ଟି ବେଆଇନ ବାଣ କାରବାର ମାମଲା ରୁଜୁ ସହ ୪୦ ହଜାର ଟଙ୍କାର ବାଣ ଜବତ କରିଛି। ଏହି ଚଢାଉ ମଧ୍ୟ ଜାରି ରହିବ ବୋଲି ଗଞ୍ଜାମ ଏସପି ସୂଚନା ଦେଇଛନ୍ତି।

# ଘରୁ ସୁନା ଲୁଟିନେଲେ ଚୋର

ହାଟଡ଼ିହୀ,୪ ।୧୦(ସମିସ): ହାଟଡ଼ିହୀ ବ୍ଲକ୍ ତଥା ସୋସୋ ଥାନା ଅଧୀନସ୍ଥ ସୁନ୍ଦରାପାଳ ଗ୍ରାମର ବାବୁଲି ମୁଣ୍ଡାଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ସକାଳେ ବାବୁଲି କାମକୁ ପଳେଇବା ପରେ ତାଙ୍କ ସ୍ତ୍ରୀ ଗାଧୋଇବାକୁ ଯାଇଥିଲେ । ସେହି ସୁଯୋଗରେ ୨ ଦୁର୍ବୃତ୍ତ ବାବୁଲି ମୁଣ୍ଡାଙ୍କ ଘରେ ପଶି ନଗଦ ୩୦ହଜାର ଟଙ୍କା, ଏକହଳ ସୁନା କାନଫୁଲ, ଗୋଟିଏ ସୁନା ନାକଚଣା, ଗୋଟିଏ ସୁନା ମୁଦି ସହ ଏକହଳ ରୂପା ପାଉଁଜି ଓ ଗୋଡ଼ ମୁଦି ସହ ଲୁଗାପଟା ଓ ଜରୁରୀ କାଗଜପତ୍ର ଥିବା ଏକ ଆଲୁମିନିୟମ୍ ବାକ୍ସକୁ ନେଇ ପଳେଇଥିଲେ । ମଙ୍ଗଳବାର ସକାଳ ଏନେଇ ବାବୁଲି ସୋସୋ ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳୁ ନନ୍ଦିପଦା ଥାନା ଅଧୀନ ମଠଡାହି ନିକଟସ୍ଥ ଜଳସମ୍ପଦ କାର୍ଯ୍ୟାଳୟର ନୂତନ ବିଲଡିଂ କ୍ୟାମ୍ପସ୍ ଭିତରେ ଏକ ବାକ୍ସ ଓ କିଛି ଜିନିଷପତ୍ର ପଡ଼ିଥିବା ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଦେଖିଥିଲେ । ସେଥିମଧ୍ୟରୁ ଆଧାର କାର୍ଡରେ ସଂଲଗ୍ନ ଥିବା ଫୋନ୍ ନମ୍ବରରେ ଯୁବକ ଜଣକ ଫୋନ୍ କରିବାକୁ ଉକ୍ତ ବାକ୍ସ ଓ ପଡ଼ିଥିବା ସମସ୍ତ ଦ୍ରବ୍ୟ ବାବୁଲି ମୁଣ୍ଡାଙ୍କର ବୋଲି ଜଣାପଡିଥିଲା । ପରେ ବାବୁଲିଙ୍କଠାରୁ ଖବର ପାଇ ସୋସୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାକ୍ସ ସହ ପଡ଼ିଥିବା ଦ୍ରବ୍ୟ ଉଦ୍ଧାର କରିଥିଲେ । ସୁଦ୍ଧା ଟଙ୍କା ଓ ସୁନା ଚୋରି କରି ଦୁର୍ବୃତ୍ତ ଅନ୍ୟାନ୍ୟ ଜିନିଷ ଛାଡ଼ି ପଳେଇଥିଲେ । ବଉଳା ଫାଣ୍ଡି ଅଧିକାରୀ ଏଏସଆଇ ଯତୀନ ପାତ୍ର, ନନ୍ଦିପଦା ଥାନାର ଏସଆଇ ବଳିଆ ବାରିକ୍ ସଦଳବଳ ସହ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ ।

# ସ୍ୱାମୀର କୁରାଢ଼ୀ ଚୋଟରେ ଗଲା ସ୍ତ୍ରୀର ଜୀବନ

ହାଟଡିହୀ,୪ ।୧୦(ସମିସ):

ହାଟଡ଼ିହୀ ବ୍ଲକ୍ ତଥା ନନ୍ଦିପଦା ଥାନା ଅଧୀନ ୯ନଂ ୱାର୍ଡର ଦେବୀପ୍ରସାଦ ଜେନା ନିଜ ପତ୍ନୀଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଦେବୀ ପ୍ରସାଦ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ ଏବିଡିଓ ଭାବେ କାର୍ଯ୍ୟରତ ଥିବାବେଳେ ଗୁରୁବାର ପାରିବାରିକ କଳହରୁ ରାଗିଯାଇ ନିଜ ସ୍ତ୍ରୀ ସ୍ୱଦେଷ୍ଣା ଜେନାଙ୍କ ବେକକୁ ଏକ କୁରାଢ଼ୀରେ ହାଣି ଦେଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ଚିକିତ୍ସାକେନ୍ଦ୍ର ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପଡ଼ୋଶୀଙ୍କ କହିବାନୁସାରେ, ପାରିବାରିକ କଳିରୁ ଏବିଡିଓ ତାଙ୍କ ସ୍ତ୍ରୀକୁ ବାରମ୍ବାର ନିର୍ଯାତନା ଦେଇଆସୁଥିଲେ । ଗୁରୁବାର ମଧ୍ୟାହ୍ନରେ ସାମାନ୍ୟ




କଥାରୁ ଦେବୀପ୍ରସାଦ ଉତ୍ୟକ୍ତ ହୋଇ ଏକ କୁରାଢ଼ୀରେ ସ୍ତ୍ରୀଙ୍କ ବେକକୁ ହାଣି ଦେଇଥିଲେ । ପୁଅ ସତ୍ୟପ୍ରକାଶ କହିଛନ୍ତି 'ମୋ ବାପା ସହ ମୋ ମଝିଆ ବୋଉର ଅନୈତିକ ସମ୍ପର୍କ ଯୋଗୁଁ ଦୀର୍ଘବର୍ଷ ଧରି ବାପା ଓ ବୋଉ ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା । ଏହାକୁ ନେଇ ମୋ ବୋଉ ପ୍ରତିବାଦ କରିବାରୁ ବାପା ଉତ୍ୟକ୍ତ ହୋଇ ବୋଉକୁ ହାଣିଦେଲା' । ଝିଅ ଅର୍ପିତା ଜେନା କହିଛନ୍ତି, ମୋ ଆଖି ଆଗରେ ମୋ ବୋଉ ମୁଣ୍ଡକୁ କୁରାଢ଼ୀ ଦ୍ୱାରା ବାପା ନିର୍ମମ ଭାବେ ହାଣିଦେଲେ । ଏଭଳି ଜଘନ୍ୟ କାଣ୍ଡ ଘଟାଇ ଏବିଡିଓ ଶ୍ରୀ ଜେନା ଗୁରୁବାର ଠାରୁ ଫେରାର ଅଛନ୍ତି । ଘଟଣାକୁ ନେଇ ପୁଅ ସତ୍ୟପ୍ରକାଶ ମାମୁଁକୁ ସାଙ୍ଗରେ ନେଇ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶୁକ୍ରବାର ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସଆଇ ବଳିଆ ବାରିକ୍, ଅନୁପ କର ଏବଂ କେନ୍ଦୁଝର ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛନ୍ତି । ଶୁକ୍ରବାର ଅପରାହ୍ନରେ ସ୍ୱଦେଷ୍ଣାଙ୍କ ଶବ ବ୍ୟବଚ୍ଛେଦ ପରେ ଡ଼ଅଁରକୁ ଆସିଥିଲା । ପୁଅ, ଭାଇ ଓ ଗ୍ରାମବାସୀଙ୍କ ସହାୟତାରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପରକିୟା ପ୍ରୀତି ପାଇଁ ଏଭଳି କାଣ୍ଡ ଘଟିଥିବା କୁହାଯାଇଛି ।

## ସୁରକ୍ଷାକର୍ମୀଙ୍କୁ ବାନ୍ଧି ଲୁଟ୍ ଉଦ୍ୟମ; ଭ୍ୟାନ୍ ଜବତ୍, ଅଭିଯୁକ୍ତ କୋର୍ଟ ଚାଲାଣ

ହାଟଡ଼ିହୀ,୪ ।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ପୁରୁଣାପାଣି ଠାରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପରେ ସୁରକ୍ଷାକର୍ମୀଙ୍କୁ ବାନ୍ଧି ଲୁଟ୍ ଉଦ୍ୟମ ହୋଇଛି । ଗାଁ ଲୋକେ ଆସିଯିବାରୁ ଲୁଟେରା ମାନେ ଆଣିଥିବା ପିକଅପ୍ ଭ୍ୟାନ୍ ଛାଡି ଚାଲିଯାଇଥିବାବେଳେ ପୁଲିସ୍ ଭ୍ୟାନ୍‌କୁ ଜବତ କରିଛି । ସୂଚନା ଅନୁସାରେ, ଗତ ରବିବାର ବିଳମ୍ବିତ ରାତିରେ ପାଖାପାଖି ୧୫ଜଣ ଲୋକ ଗୋଟିଏ ବୋଲେରୋ ଓ ଗୋଟିଏ ପିକଅପ୍ ଭ୍ୟାନ୍‌ରେ ଆସି ପୁରୁଣାପାଣି ଠାରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଠାରେ ଓହ୍ଲାଇଥିଲେ । ସେମାନେ ଭିତରକୁ ପଶି ସେଠାରେ କାର୍ଯ୍ୟରତ ଥିବା ୨ଜଣ ସୁରକ୍ଷାକର୍ମୀଙ୍କୁ ଗଛରେ ବାନ୍ଧି ପକାଇଥିଲେ । ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଥିବା ଅନେକ ତମ୍ବା କଏଲକୁ ସେମାନେ କାଟିଥିଲେ । ଏହି ସମୟରେ ସେଠାରେ କାର୍ଯ୍ୟରତ ଅନ୍ୟ ଜଣେ କର୍ମଚାରୀ ଗାଁ ଲୋକଙ୍କୁ ସୂଚନା ଦେବା ପରେ ଗାଁ ଲୋକେ ଏକଜୁଟ୍ ହୋଇ ପ୍ରକଳ୍ପ ନିକଟକୁ ଦୌଡ଼ି ଆସିଥିଲେ । ଗାଁ ଲୋକଙ୍କୁ ଦେଖି ଦୁର୍ବୃତ୍ତମାନେ ବୋଲେରୋ ନେଇ ଛୁ' ମାରିଥିଲେ । କିନ୍ତୁ ପିକଅପ୍ ଭ୍ୟାନ୍‌କୁ ଛାଡ଼ି ଦେଇଥିଲେ । ଷ୍ଟୋର କିପର ଥିବା କାର୍ତ୍ତିକ ଶଙ୍ଖୁଆ ଏନେଇ ସୋସୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗାଡିଟିକୁ ଜବତ୍ କରିବା ସହ ଏକ ମାମଲା ରୁଜୁ କରି ଘଟଣାକୁ ଗୁରୁତର ଭାବେ ନେଇ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ନାସିରୁଦ୍ଦିନ ଖାନ୍(୨୭) କୁ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି

## କାର୍ ଧକ୍କାରେ ନାବାଳକ ମୃତ

କେନ୍ଦୁଝର,୪ ।୧୦(ସମିସ): କେନ୍ଦୁଝର ସଦର ଥାନା ଅଧୀନ ୪୯ ନମ୍ବର ଜାତୀୟ ରାଜପଥ ବେଲଦା ନିକଟରେ କାର୍ ଧକ୍କାରେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡିଛି । ମୃତକ ନାବାଳକ ଜଣଙ୍କ ହେଲେ ଝାଡବେଲଦା ଗାଁର ବାଦଲ ମୁଣା(୧୨) । ଗୁରୁତରଙ୍କ ପରିଚୟ ମିଳିପାରିନାହିଁ । ଆଜି ଉଭୟ ଚଲାପାଦରେ ରାସ୍ତା ପାର ହେଉଥିବାବେଳେ ବିପରୀତ ଦିଗରୁ ଦ୍ୱୟଙ୍କୁ ଧକ୍କା ଦେଇଥିଲା । ଫଳରେ ବାଦଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ସଦର ପୁଲିସ ଏସଆଇ ସ୍ୱରୂପ ରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିବା ସହିତ ଥାନାକୁ ଆଣି ତଦନ୍ତ ଚଳାଇଛନ୍ତି । ଶବ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଗାଡ଼ି ଚାଳକଙ୍କୁ ଥାନାକୁ ଅଣାଯାଇ ଅଟକ ରଖା ଯାଇଛି ।

## ପାଟଣାରେ ରାବଣ ପୋଡ଼ି: ସମ୍ବର୍ଦ୍ଧିତ ହେଲେ ଡିଏଫଓ ଏବଂ ଓ ସାମ୍ବାଦିକ

ତୁରୁମୁଙ୍ଗା,୪।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ମିନି ଷ୍ଟାଡିୟମରେ ଗୁରୁବାର



ସନ୍ଧ୍ୟାରେ ରାବଣ ପୋଡ଼ି ମହୋତ୍ସବ ପାଳିତ ହୋଇଛି । ରାବଣ ପୋଡ଼ି କମିଟିର ଅଧ୍ୟକ୍ଷ ବିଜୟ ରତ୍ନ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପାଟଣା କଲେଜ ଅଧ୍ୟକ୍ଷ ତଥା ଇଂରାଜୀ ଅଧ୍ୟାପକ ଡ. କୁଶଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ଡିଏଫ୍‌ଓ ଏଚଡି ଧନରାଜ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ସରପଞ୍ଚ ବିନତି ବାନାରା, ସାଂସଦ ଅନନ୍ତ ନାୟକଙ୍କ ଜିଲ୍ଲା ସଂଯୋଜକ ଦିଲୀପ କୁମାର ପଣ୍ଡା, ସାମାଜିକ କର୍ମୀ ବିଦ୍ୟାଧର ଦାଶ, ଅଜୟ କୁମାର ଦାଶ ଓ କମିଟି ସଂପାଦକ ପ୍ରକାଶ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ରାବଣ କମିଟି ପକ୍ଷରୁ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ବୀର କିଶୋର ଦାଶ, କିଶୋର ଚନ୍ଦ୍ର ମହାନ୍ତ, କାମିନୀ କାନ୍ତ ଦ୍ୱିବେଦୀ ଓ ସମାଜସେବା ପାଇଁ ବିଦ୍ୟାଧର ଦାଶ, ଅଜୟ କୁମାର ଦାଶଙ୍କୁ ବିଧାୟକ ଶ୍ରୀ ନାୟକ ସମ୍ବର୍ଦ୍ଧିତ କରିଥିଲେ । ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ ।

## ଚୋରି ବାଇକ୍ ଉଦ୍ଧାର; ମାଲିକଙ୍କୁ ହସ୍ତାନ୍ତର କଲା ପୁଲିସ



ତୁରୁମୁଙ୍ଗା,୪।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଝାରବେଡା ଗ୍ରାମର ଅପୁନ ବେହେରାଙ୍କ ବାଜାଜ୍ ପଲ୍‌ସର ଗାଡ଼ିଟି ଗତ ଅଗଷ୍ଟ୨୨ ତାରିଖରେ ଚୋରି ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅପୁନ ଅଭିଯୋଗ କରିଥିଲେ । ଉକ୍ତ ଗାଡ଼ିକୁ ତୁରୁମୁଙ୍ଗା ପୁଲିସ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବାଉଁଶୁଳି ଜଙ୍ଗଲ ରାସ୍ତା କଡ଼ରୁ ଉଦ୍ଧାର କରି ଶନିବାର ମାଲିକକୁ ହସ୍ତାନ୍ତର କରିଛି । ଶୁକ୍ରବାର ରାତିରେ ତୁରୁମୁଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ସୌରଭ ପ୍ରଧାନ ପାଟ୍ରୋଲିଂ କରୁଥିବା ସମୟରେ ଏହି ଗାଡ଼ିଟି ବିନା ନମ୍ବର ପ୍ଲେଟରେ ଜଣେ ଯୁବକ ମୁହଁରେ ମାକ୍ସ ଲଗାଇ କେନ୍ଦେଇପଶି ପଟରୁ ଆସୁଥିବା ସମୟରେ ପୁଲିସର ସନ୍ଦେହ ହେବାରୁ ଗାଡ଼ିର ପିଛା କରିଥିଲା । ପୁଲିସକୁ ଦେଖି ଗାଡିକୁ ଜଙ୍ଗଲ ରାସ୍ତାରେ ପକାଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା । ପୁଲିସ ଗାଡ଼ିକୁ ଉଦ୍ଧାର କରି ଆଣି ଇଞ୍ଜିନ ଏବଂ ଚେସିସ ନମ୍ବରରୁ ଗାଡ଼ି ମାଲିକ ଅପୁନ ବେହେରା ବୋଲି ଜାଣିବାକୁ ପାଇବା ପରେ ହସ୍ତାନ୍ତର କରିଛି ।

## ଆଶା କର୍ମୀଙ୍କ ଦବଙ୍ଗଗିରି; ରୋଗୀଙ୍କ ଠାରୁ ଟଙ୍କା ଦାବି

ଆନନ୍ଦପୁର,୪।୧୦(ସମିସ): ସରକାରଙ୍କ ମାଳମାଳ ଯୋଜନା ରହିଛି । ସେଥିମଧ୍ୟରୁ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ମାଗଣାରେ ଯୋଗାଇ ଦେବା ପାଇଁ ସରକାର ଡେଙ୍ଗୁରା ପିଟୁଥିବାବେଳେ ପ୍ରକୃତରେ ସଠିକ ଭାବରେ ଏହି ଯୋଜନା ଅନେକ ସମୟରେ ଫଳପ୍ରଦ ହେଉନାହିଁ । କେନ୍ଦୁଝର ଜିଲ୍ଲା ସୋସଥାନା ପଢିଆରୀପଲ୍ଲୀ ପଞ୍ଚାୟତ ବଣିଆପଙ୍କ ଗ୍ରାମର ଆଲୋକ ବାରିକଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ବାରିକ ଡାକ୍ତର ଦେଖାଇବା ପାଇଁ ଆସିଥିଲେ । ଡାକ୍ତରଙ୍କ ପରାମର୍ଶ ପରେ ଆଶା ଜଣକ ଟଙ୍କା ମାଗିଥିବା ଅଭିଯୋଗ ହୋଇଛି । ଆଶା ମଞ୍ଜୁଲତା ରାଉତ ଅମ୍ବୁଲାନ୍ସରେ ଆସିଲା ବେଳେ ୨୦୦ ଟଙ୍କା ନେଇ କପଟି ଲଗାଇଥିଲେ । ପରବର୍ତ୍ତି ସମୟରେ ଆଶା ଦିଦି ୧୪୦୦ ଶହ ଟଙ୍କା ଦାବି କରିଥିଲେ । ଏହାପରେ ରୋଗୀ ଜଣକ ୧୩୦୦ ଶହ ଟଙ୍କା ଦେବାପାଇଁ ବାଧ ହୋଇଥିଲେ ।

## ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ହେଲେ ଅମରେନ୍ଦ୍ର



ହାଟଡ଼ିହୀ,୪।୧୦(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଚୟନ କ୍ରମେ କେନ୍ଦୁଝର ଜିଲ୍ଲାର ସୋସିଆଲ ମିଡିଆ ସଂଯୋଜକ ଭାବେ ହାଟଡ଼ିହୀ ବ୍ଲକ କଳିଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଯୁବଛାତ୍ର ରାଜ୍ୟ ସମ୍ପାଦକ ଅମରେନ୍ଦ୍ର ଧଳ ବର୍ତ୍ତମାନ କେନ୍ଦୁଝର ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି । ଏନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ଧଳ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଯୁବ ବିଜେଡ଼ି ନେତା ଚିନ୍ମୟ ନାୟକ, ବରିଷ୍ଠ ବିଜେଡ଼ି ନେତା ଗୋପାଳ ନାୟକ, ବିଶ୍ୱନାଥ ନାୟକ, ବୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟ୍

ହାଟଡିହୀ,୪ ।୧୦(ସମିସ): ନନ୍ଦିପଦା ଥାନା ଅଧୀନ ଓରାଳି ଗ୍ରାମର ଅନିତା ଜେନାଙ୍କ ଘରୁ ଶୁକ୍ରବାର ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି । ଗ୍ରାମର ରାସ୍ତାକଡ଼ରେ ଗୋଟିକିଆ ଘରଟି ଥିବାବେଳେ ପୂର୍ବାହ୍ନ୧୦ଟା ବେଳେ ସେ ତାଲା ପକାଇ ବସନ୍ତିଆ ହାଟକୁ ସଉଦାପତ୍ର କିଣିବାକୁ ଯାଇଥିଲେ । ଘରକୁ ଫେରିବା ବେଳକୁ ଗେଟ୍ ତାଲା ସହିତ ଘର ତାଲା ଭଙ୍ଗା ଯାଇଥିଲା । ଆଲମିରା ଭାଙ୍ଗି ଭିତରୁ ୮ ଭରିରୁ ଅଧିକ ଓଜନର ହୀରା ଖଚିତ ହାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଅନିତା ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

## କାନ୍ଥ ଭୁଶୁଡ଼ି ମହିଳା ଗୁରୁତର

ବେଲବାହାଲି,୪ ।୧୦(ସମିସ): ଆନନ୍ଦପୁର ବ୍ଲକ୍ ପଞ୍ଚୁପଲ୍ଲୀ ପଞ୍ଚାୟତ ଅଧୀନ ବେଉସାହି ଗ୍ରାମର ଲକ୍ଷ୍ମୀଧର ଦେହୁରୀଙ୍କ ପତ୍ନୀ ସୁକାନ୍ତି ଦେହୁରୀ ରୋଷେଇ କରୁଥିବା ସମୟରେ ଉପରେ ପଡ଼ିଗଲା ମାଟିକାନ୍ଥ । ଗୁରୁତର ସୁକାନ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଶୁକ୍ରବାର ସନ୍ଧ୍ୟାରେ ସୁକାନ୍ତି ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ କରୁଥିବା ସମୟରେ ଲଗାଣ ବର୍ଷାରେ ବତୁରି ରହିଥିବା ମାଟି କାନ୍ଥ ତାଙ୍କ ଉପରେ ହଠାତ୍ ଖସିପଡ଼ିଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାରକରି ପ୍ରଥମେ ଆନନ୍ଦପୁର ଡାକ୍ତରଖାନାଠାରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ତେବେ ସୁକାନ୍ତି ଙ୍କ ସ୍ୱାସ୍ଥବସ୍ଥା ଅତ୍ୟନ୍ତ ଗୁରତର ରହିଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି ।

## ଚମ୍ପୁଆ ଉପ ଡାକଘରୁ ଚୋରି

ଚମ୍ପୁଆ,୪।୧୦(ସମିସ): ଚମ୍ପୁଆ ଉପଡାକଘର ପଛପଟୁ ତାଲା ଭାଙ୍ଗିବା ସହିତ କବାଟ ତାଡି ଚୋରି ହୋଇଥିବା ପୋଷ୍ଟମାଷ୍ଟର ତପସ୍ୱିନୀ ପାତ୍ର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି । ମାମଲା ରୁଜୁ ପରେ ଚମ୍ପୁଆ ଏସଡିପିଓ ରଶ୍ମୀରଞ୍ଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଡାକବିଭାଗର କର୍ମଚାରୀ ଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ପଚରାଉଚରା କରିଥିଲେ । ଖବର ଅନୁସାରେ ଗତ ୩ ତାରିଖ ଦିନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପୋଷ୍ଟଅଫିସ କାର୍ଯ୍ୟ ଶେଷ କରି ଘରକୁ ଫେରିଥିଲେ । ମାତ୍ର ଆଜି ସକାଳେ କର୍ମଚାରୀ ମାନେ ଡାକଘରେ ପହଁଚିବା ପରେ ଘର ପଛପଟ କବାଟ ଓ ଗ୍ରିଲ ତାଲା ଭଙ୍ଗା ଯାଇଥିବା ଅବସ୍ଥାରେ ଦେଖିବାକୁ ପାଇ ପୋଷ୍ଟମାଷ୍ଟର ଓ ଚମ୍ପୁଆ ଥାନାଙ୍କୁ ଖବର ଦେଇଥିଲେ । ଲାଗିଥିବା ସିସିକ୍ୟାମେରାର ହାର୍ଡଡିସ୍କ ଖୋଲି ନେଇଛନ୍ତି ।

## ଶ୍ରମଦାନ କରି ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ



ତୁରୁମୁଙ୍ଗା,୪।୧୦(ସମିସ):କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଧୀନ ଡୁମୁରିଆ ପଞ୍ଚାୟତ ପିଛୁଳାବେଡ଼ା ଗ୍ରାମରାସ୍ତା ଶୋଚନୀୟ ହୋଇ ପଡ଼ିଛି । ଶୁକ୍ରବାର ଗାଁ ଲୋକେ ନିଜ ଉଦ୍ୟମରେ ରାସ୍ତା ମରାମତି କରିଥିବା ବେଳେ ଛୋଟ ଛୋଟ ପିଲା ଏଥିରେ ସହଯୋଗ କରିଥିଲେ । ପିଛୁଳା ବେଡ଼ା ମହାକୁଡ଼ ସାହି ୧କିଲୋମିଟର ରାସ୍ତାକୁ ଶୁକ୍ରବାର ଗ୍ରାମବାସୀ ମରାମତି କରିଥିଲେ । ସେହିଭଳି ଏହି ପଞ୍ଚାୟତ ତଣ୍ଡ ଗ୍ରାମର ମାଝୀ ସାହି ଓ କାଶୀ ବେଡ଼ା ସାହିରେ ୨କିଲୋ ମିଟର ରାସ୍ତା ଖାଲ ଖମା ପାଣି କାଦୁଅ ପଚ ପଚ ହୋଇଥିବାରୁ ଗୁରୁବାର ଗ୍ରାମର ଯୁବକମାନେ ମିଳିମିଶି ଚାନ୍ଦା ଆଦାୟ କରି ମରାମତି କରିଥିଲେ ।

## ବେସରକାରୀ ହଷ୍ଟେଲ ସିଲ୍ କଲା ପ୍ରଶାସନ



ହାଟଡ଼ିହୀ,୪ ।୧୦(ସମିସ): ପୋଖରୀରେ ବୁଡ଼ି ଛାତ୍ର ମୃତ୍ୟୁ ଘଟଣାକୁ ନେଇ ମଙ୍ଗଳବାର ମାଜିଷ୍ଟ୍ରେଟ ତଥା ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ଉକ୍ତ ହଷ୍ଟେଲ ସହ ସମୂଦାୟ କ୍ୟାମ୍ପସକୁ ସିଲ୍ କରିଛନ୍ତି । ହଷ୍ଟେଲ ଗୃହଟି ନିହାତି ପରିତ୍ୟକ୍ତ ପରିବେଶ ମଧ୍ୟରେ ଥିବାରୁ ହାଟଡ଼ିହୀ ତହସିଲଦାର ଶ୍ରୀ ତ୍ରିପାଠୀ ଅସନ୍ତୋଷ ପ୍ରକାଶ କରିଥିଲେ । ପିଲାଙ୍କ ସୁରକ୍ଷା ଦିଗରେ ଉକ୍ତ ବିଲଡିଂଟି ଆଦୌ ସୁରକ୍ଷିତ ନଥିଲା ବୋଲି ଏବିଇଓ ପ୍ରମୋଦ କୁମାର ନାୟକ କହିଛନ୍ତି । ସିଲ୍ କରିବା ସମୟରେ ନନ୍ଦିପଦା ଥାନା ଆଇଆଇଆସି ରବୀନ୍ଦ୍ର କୁମାର ପାତ୍ର, ଏସ୍‌ଆଇ ବିନୀତା ଲାକ୍ରା, ଏବିଇଓ ପ୍ରମୋଦ କୁମାର ନାୟକ, ତହସିଲ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଦିଲୀପ କୁମାର ଜେନା, ରେଭେନ୍ୟୁ ସୁପରଭାଇଜର ହୃଦାନନ୍ଦ ସାହୁ, ହାଟଡ଼ିହୀ ପଞ୍ଚାୟତ ସମିତିସଭ୍ୟ କୈଳାସ ରାଉତ ପ୍ରମୁଖଙ୍କ ସହ କୋଚିଂ ପରିଚାଳକ ପ୍ରକାଶ ଘଡ଼େଇ ଏବଂ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଗୋପାଳ ନାୟକ, କାଠି ମଲ୍ଲିକ, ସନ୍ତୋଷ ନାୟକ, ପ୍ରଦୀପ ମଲ୍ଲିକ, ଗୃହ ମାଲିକ ବସନ୍ତ କୁମାର ମଲ୍ଲିକଙ୍କ ଅନେକ ଲୋକ ଉପସ୍ଥିତ ଥିଲେ ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ତୁରୁମୁଙ୍ଗା,୪।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ଷ୍ଟାଡିୟମ ପଡ଼ିଆରେ ଶନିବାର ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ବୀଣାପାଣି ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ହରିହର ମହାନ୍ତ, ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ , ସାଂସଦଙ୍କ ସଂଯୋଜକ ଦିଲୀପ ପଣ୍ଡା, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳ ୩ଦିନ ଧରି ଚାଲିବାକୁ ଥିବା ବେଳେ ଏଠାରେ ପାଟଣା ବ୍ଲକର ୨୦ଟି ପଞ୍ଚାୟତ ଅଧୀନ ଛାତ୍ର ଛାତ୍ରୀ ଓ ଖେଳାଳି ଭାଗ ନେଇ ଫୁଟବଲ , ଖୋଖୋ, ଭଲିବଲ ଆଦି ଖେଳ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । କାର୍ଯ୍ୟକ୍ରମରେ ସାଂସଦ ଖେଳ ମୋହତ୍ସବ ଆଇଟି କୋଡିନେଟର ଭାବରେ ଜେମ୍ସ ମେହେନ୍, କେନ୍ଦେଇପଶି ସରପଞ୍ଚ ମୀନାକ୍ଷୀ ନାଏକ, ସମିତି ସଭ୍ୟ ପ୍ରଦୀପ କୁମାର ନାଏକ, ପୋଲାଣଘାଟି ସରପଞ୍ଚ ରାଉତ ମୁଣ୍ଡା ପ୍ରମୁଖ ଉପସ୍ଥିତଥିଲେ । ରାଜ୍ୟସ୍ତରୀୟ ରେଫ୍‌ରି ବୀରେନ୍ଦ୍ର ମହାନ୍ତ ଖେଳ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ତୃପ୍ତିମୟୀ ବାରିକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ।

## କେଶଦୁରାପାଳରେ ବଳଦ ଶୋଭାଯାତ୍ରା

ରାମଚନ୍ଦ୍ରପୁର,୪ ।୧୦(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ କେଶଦୁରାପାଳ ଗ୍ରାମରେ ବିଜୟା ଦଶମୀ ଦିନ ପାଳିତ ହୋଇଥାଏ ନିଆରା ବଳଦ ଶୋଭାଯାତ୍ରା ।



ବଳଦ ମାନଙ୍କୁ ସାଜସଜ୍ଜା କରି ଗ୍ରାମ ପରିକ୍ରମା କରି ଦଶରା ପଡ଼ିଆକୁ ଆସିଥାନ୍ତି । ସେଠାରେ ବିଭିନ୍ନ ଗ୍ରାମରୁ ଆସିଥିବା ବଳଦ ମାନଙ୍କ ମଧ୍ୟରେ ସୁନ୍ଦର ପ୍ରତିଯୋଗିତା ହୋଇଥାଏ । ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ବଳଦ ମାଲିକଙ୍କୁ ପୁରସ୍କୃତ କରାଯାଇଥାଏ ।ଏହି ବଳଦ ଶୋଭାଯାତ୍ରା କେଉଁ ଆଦିମ କାଳରୁ ହୋଇଆସୁଛି । ସାଧାରଣତଃ ବଳଦ ମାନେ ଚାଷ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି, ଏହି ଗ୍ରାମର ଲୋକମାନେ ଚାଷ ସହ ବଣିଜବ୍ୟବସାୟ ସଂପ୍ରଦାୟ ଥିବାରୁ ସ୍ମୃତି ପାଇଁ ଏଇ ବିଜୟା ଦଶମି ଦିନରୁ ସେମାନଙ୍କ ବେପାରର ଶୁଭ ଆରମ୍ଭ କରିଥାନ୍ତି , ଯେହେତୁ ଚାଷ ଏବଂ ବେପାର ବଣିଜରେ ବଳଦ ସାହାଯ୍ୟ କରିଥାଏ, ବହୁ ପୂର୍ବ ପୁରୁଷରୁ ଏହି ବଳଦ ଶୋଭାଯାତ୍ରା ଚଳିଆସୁଛି । ଏହି ବଳଦ ଶୋଭାଯାତ୍ରାରେ କେଶଦୁରାପାଳ ଏବଂ ମଙ୍ଗଳପୁର ଗ୍ରାମର ବଳଦ ଯୋଗଦେଇଥିଲେ ।

# ଶବସତ୍କାର କରି ଚର୍ଚ୍ଚାରେ ଭରସା ପରିବାର ଟ୍ରଷ୍ଟ

କେନ୍ଦୁଝର,୪ ।୧୦(ସମିସ):

୧୪୮ ଟି ଶବସତ୍କାର କରି ଚର୍ଚ୍ଚାକୁ ଆସିଛି ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟ । କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୭୫ ବର୍ଷୀୟ ଚେମଟୁ ମହାକୁଡ଼ ଚିକିତ୍ସାଧୀନ ସମୟରେ ମୃତ୍ୟୁ ଘଟିଥିଲା । ମେଡିକାଲ କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ ପାଇଁ ଶବ ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହକୁ ପଠାଇଥିଲେ । କୌଣସି ଠିକଣା ଲେଖା ନ ଥିବାରୁ ପୁଲିସ ପକ୍ଷରୁ ଶବକୁ ଗ୍ରହଣ ନ କରିବାରୁ ଶବ ଦୀର୍ଘ ୪-୫ ଘଣ୍ଟା ମହାପ୍ରୟାଣ ଗାଡିରେ ରହିଥିଲା । ପରେ ପୁଲିସର ତଦନ୍ତ ପରେ ତାଙ୍କ ଠିକଣା ତେଲକୋଇ ବ୍ଲକ ପଡ଼ିଆପଶି ବୋଲି ଜଣାପଡିଥିଲା । ସେ ନିଜ ବିଧବା ଝିଅ ଘର ଦୈତାରୀ ଥାନା ଅନ୍ତର୍ଗତ ବୁଧିପଦା ଗ୍ରାମରେ ରହିଆସୁଥିଲେ । ଦାରିଦ୍ରତା କାରଣରୁ ଝିଅ ଗାଁ ଛାଡି ଅନ୍ୟତ୍ର ମୁଲମଜୁରୀ କାମ ପାଇଁ ଚାଲିଯିବା ପରେ ମୃତ ଚେମଟୁ ମହାକୁଡ ମାଗି ମାଗି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ମୃତକଙ୍କ ପରିଚୟ ମିଳିବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି । ମୃତକଙ୍କ ନିଜର ବୋଲି କେହି ନଥିବାରୁ ଆଞ୍ଚଳିକ ବିକାଶ ମଞ୍ଚର ଆବାହକ ରଣଜିତ ସାହୁ ବୁଢିପଦା ଗ୍ରାମର ଲୋକଙ୍କ ସହାୟତାରେ ଶବସତ୍କାର କରିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଅନ୍ଧବିଶ୍ୱାସର ବସବର୍ତ୍ତୀ ଗ୍ରାମବାସୀ ବ୍ୟବଚ୍ଛେଦ ଶବକୁ ଗ୍ରାମକୁ ନେବାକୁ ବାରଣ କରିଥିଲେ । ଅନ୍ୟ କୌଣସି ଉପାୟ ନପାଇ ଶ୍ରୀ ସାହୁ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟକୁ ଶବସତ୍କାର ପାଇଁ ଅନୁରୋଧ କରିଥିଲେ । ସଭାପତି ଲମ୍ବୋଦର ମହାନ୍ତଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ରାଜେନ୍ଦ୍ର ସାହୁ, ସେକ ତହିଦ ଓ ଅବଦୁଲ ୱାସୀମ ଶବ ବ୍ୟବଚ୍ଛେଦ ଗୃହରୁ ଶବକୁ ଧାଙ୍ଗରପଡାସ୍ଥିତ ଆଦର୍ଶ ଶ୍ମଶାନରେ ଶବସତ୍କାର କରିଥିଲେ । ଶବସତ୍କାର କାର୍ଯ୍ୟରେ ଶ୍ମଶାନରକ୍ଷକ ସିଦ୍ଧେଶ୍ୱର ନାୟକ ଓ ତାଙ୍କ ସହଯୋଗୀ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସଂଗଠନ ମାଧ୍ୟମରେ ଏପର୍ଯ୍ୟନ୍ତ ୧୪୮ ଅନାଥ ଶବସତ୍କାର କରାଯାଇଥିବା କଥା ସଭାପତି ଲମ୍ବୋଦର ମହାନ୍ତ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି ।

# ସାଇନାଥ ଓ ବିନ୍ଧ୍ୟବାସିନୀ ପୀଠରେ ବିଜୟା ଦଶମୀ ମହୋତ୍ସବ





ବାଲୁଗାଁ,୪ ।୧୦(ସମିସ): ଐତିହାସିକ ମାମୁ-ଭଣଜା ପାହାଡ଼ ପାଦଦେଶରେ ଅବସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଚାରିଦିନ ବ୍ୟାପୀ ପବିତ୍ର ବିଜୟା ଦଶମୀ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ପ୍ରତ୍ୟହ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଭାଗବତ ପାଠ, ୧୦୮ ମାନସିକ ପ୍ରଦୀପ ପ୍ରଜ୍ୱଳନ ଓ ମାନସିକଧାରୀଙ୍କ କଳସ ସ୍ଥାପନ, ପାଲିଙ୍କିସେବା, ନାମଯଜ୍ଞ, ଘୃତଯଜ୍ଞ ଓ ଦେବଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ପ୍ରସାଦ ସେବନ ଓ ନାରାୟଣ ସେବା ବ୍ୟବସ୍ଥା କରାଯାଇଥିଲା। ସଂସ୍ଥାନର ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ମାମୁ-ଭଣଜା ପାହାଡ଼ ପାଦଦେଶରେ ଅବସ୍ଥିତ ବିନ୍ଧ୍ୟବାସିନୀ ପୀଠରେ ମଧ୍ୟ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି।

# ମଳିପଡ଼ାରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ



ନିରାକାରପୁର,୪ ।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାରେ ଅନୁଷ୍ଠିତ ଦୁର୍ଗା ପୂଜାର ଭସାଣି ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଛି। ବିଶାଳ ପଟୁଆରରେ ମା'ଙ୍କୁ ପଞ୍ଚାୟତ ପରିକ୍ରମା କରାଯାଇ ନିକଟସ୍ଥ ମଳାଗୁଣୀ ନଦୀରେ ମେଲାଣି ଦିଆଯାଇଛି। ୫ ଦିନ ବ୍ୟାପୀ ଅନୁଷ୍ଠିତ ଦୁର୍ଗା ପୂଜା ଅବସରରେ ଦୈନନ୍ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂଜାରେ କର୍ତ୍ତା ପ୍ରକାଶ ଚନ୍ଦ୍ର ମାନ୍ଧାତା, ପୂଜା କମିଟି ସଭାପତି ଜନାର୍ଦ୍ଦନ ପ୍ରଧାନ, ସମ୍ପାଦକ ମାନସ କୁମାର ପ୍ରଧାନ, ସନାତନ ପ୍ରଧାନ, ପୃଥ୍ୱୀରାଜ ଶ୍ରୀଚନ୍ଦନ, ପ୍ରମୋଦ ଭୁଜବଳ, ପର୍ଶୁରାମ ଖଣ୍ଡାୟତରାୟ, ନୃସିଂହ ଚରଣ ବଳିଆରସିଂହ, ପ୍ରଫୁଲ୍ଲ କୁମାର ବଳିଆରସିଂହ, ବାସୁଦେବ ବଳବନ୍ତରାୟ, ଦୀନବନ୍ଧୁ ବରାଳ, ପ୍ରଦୀପ କୁମାର ବାରିକ, ସତ୍ୟନାରାୟଣ ମହାପାତ୍ର, ଦାଶରଥି ପାଲଟାସିଂହ, ରବୀନ୍ଦ୍ର ବରାଳ, ବାଙ୍କନିଧି ପ୍ରଧାନ, ବିପି ସିଂହ, ପିଣ୍ଟୁ ମହାପାତ୍ର, ବଗୁଲି ମହାପାତ୍ର ଓ ଦୁଃଶାସନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ବଡି ଜୋନ୍‌ର ୨୧ତମ ରାବଣପୋଡ଼ି ଉତ୍ସବ



ଖୋର୍ଦ୍ଧା,୪ ।୧୦(ସମିସ): ପବିତ୍ର ବିଜୟା ଦଶମୀ ଅବସରରେ ସ୍ଥାନୀୟ ହାବେଳୀ ପଡ଼ିଆରେ ସେଚ୍ଛାସେବୀ ଅନୁଷ୍ଠାନ ବଡି ଜୋନ ପକ୍ଷରୁ ୨୧ତମ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। ବଡି ଜୋନର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ପି ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ୭୦ ଫୁଟ୍ ଉଚ୍ଚ ରାବଣ ପ୍ରତିକୃତିରେ ଏସ୍‌ପି ଅଗ୍ନି ସଂଯୋଗ କରିଥିଲେ। ବର୍ଷା ସତ୍ତ୍ୱେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ବଡି ଜୋନର ସଭ୍ୟଙ୍କ ସମେତ ସମ୍ପାଦକ ସୌମେନ୍ଦ୍ର ପ୍ରଧାନ, ସାମ୍ବାଦିକ ଲଳିତ ମୋହନ ମହାପାତ୍ର, କୁନାଲ ବାରିକ, ସତ୍ୟସୁନ୍ଦର ଛୋଟରାୟ, ଚିକୁ ପାତ୍ର, ଶୁଭେନ୍ଦୁ ସାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୂର୍ଯ୍ୟନାରାୟଣ ପାତ୍ର ସଂଯୋଜନା କରିଥିଲେ।

# ପାଲା ଗାୟକଙ୍କ ପରଲୋକ



ବେଗୁନିଆ,୪ ।୧୦(ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ କୋଲୁହାପାଟଣା ଗ୍ରାମର ବିଶିଷ୍ଟ ପାଲା ଗାୟକ ବିଶ୍ୱନାଥ ସାହୁ (୮୯)ଙ୍କର ପରଲୋକ ହୋଇଛି। ସେ ଲୋକକଳା ପାଲା ସହ ଦାସକାଠିଆ ଓ ପ୍ରବଚକ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ କୃପାସିନ୍ଧୁ ଓ ଗୋପବନ୍ଧୁ ମୁଖାଗ୍ନି ଦେଇଥିଲେ।

# ଧରାପୃଷ୍ଠରୁ ମେଲାଣି ନେଲେ ମା' ଜଗଜ୍ଜନନୀ

## ପାରମ୍ପରିକ ଲୋକବାଦ୍ୟ ଓ ନୃତ୍ୟରେ କମ୍ପିଲା ସହର





ଖୋର୍ଦ୍ଧା,୪ ।୧୦(ସମିସ): ଜଗତଜନନୀ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶୁକ୍ରବାର ଖୋର୍ଦ୍ଧା ସହରରେ ଧୁମଧାମରେ ଅନୁଷ୍ଠିତ ହୋଇଛି। ସହରର ୫ଟି ପୂଜାମଣ୍ଡପରେ ମା' ଜଗଜ୍ଜନନୀ ପୂଜା ପାଉଥିବାବେଳେ ଅବଶିଷ୍ଟ ମଣ୍ଡପରେ ହରପାର୍ବତୀଙ୍କ ପୂଜା ହୋଇଥିଲା। ଭସାଣି ଉତ୍ସବରେ ପାରମ୍ପରିକ ଘଣ୍ଟଘଣ୍ଟା, ମୃଦଙ୍ଗ ଓ ଗିନି ସମେତ ଘୋଡ଼ାନାଚ, କଣ୍ଡେଇନୃତ୍ୟ, ହୁଲୁହୁଲି, ବାଜାରୋଷଣୀ, ଆତସବାଜି ପ୍ରଭୃତିରେ ସହର ରାସ୍ତାଘାଟ ପ୍ରକମ୍ପିତ ହୋଇଥିଲା। ମା'ଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ଟିଏଲସିସ୍ଥିତ ଅସ୍ଥାୟୀ ପୋଖରୀରେ ମେଲାଣି ଦିଆଯାଇଛି। ଭସାଣି ଶୋଭାଯାତ୍ରା ଦେଖିବାକୁ ବହୁ ଜନସମାଗମ ହୋଇଥିଲା।

ଜିଲ୍ଲା ପୁଲିସ୍ ପ୍ରଶାସନ ତରଫରୁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଟ୍ରାଫିକ ନୟନ୍ତ୍ରଣ ପାଇଁ ପ୍ରତି ଛକରେ ପୁଲିସ ମୁତୟନ କରାଯାଇଥିଲା। ପ୍ରଥମେ ବିରାଟ ପଟୁଆରେ ବହୁ ପୁରାତନ ଖୋର୍ଦ୍ଧା କ୍ଲବ ମେଢ଼ ସହର ପରିକ୍ରମା କରି ବସର୍ଜନ ହୋଇଥିଲେ। ଅପରାହ୍ନ ୪ଟା ବେଳେ ଇଗଲ କ୍ଲବ ମଣ୍ଡପ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ବିରାଟ ପଟୁଆର ସହର ପରିକ୍ରମା କରି ବିସର୍ଜନ ହୋଇଥିଲା। ସେହିପରି ପୁରୁଣା ଦମକଳ କେନ୍ଦ୍ର ସମେତ ଗୁରୁଜଙ୍ଗ ଏବଂ କଣ୍ଟା ଛକରେ ପୂଜା ପାଉଥିବା ୫ଟି ମେଢ଼ ବିସର୍ଜନ ହୋଇଥିଲା। ୪୦୭ ମିନିଟ୍ରକ ଷ୍ଟାଣ୍ଡ ଓ ଟ୍ରାଫିକ ଛକ ବ୍ୟବସାୟୀ ସଙ୍ଘ ପକ୍ଷରୁ ପୂଜା ପାଉଥିବା ହରପାର୍ବତୀ ମଧ୍ୟ ବିସର୍ଜନ ହୋଇଛି।

# ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଜୟନ୍ତୀ



ଖୋର୍ଦ୍ଧା,୪ ।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ଜିଲ୍ଲାପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦେଶପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଗାନ୍ଧିଜୀ ଚିରସ୍ମରଣୀୟ ଓ ତାଙ୍କ ବାଣୀ ସାମ୍ପ୍ରତିକ ସମାଜରେ ପ୍ରାସଙ୍ଗିକ ହୋଇ ରହିଛି। ମହାତ୍ମାଙ୍କ ମାର୍ଗରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ଡ. ନାରାୟଣ ରାଓ ଯୋଗଦେଇ ଭାରତ ସ୍ୱାଧୀନତାର ଅହିଂସା ରୂପକ ଅମୋଘ ଅସ୍ତ୍ରର ବ୍ୟାପକତା ଧର୍ମୀୟ ସଦଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ୧୯୧୫ରେ ମହାତ୍ମାଗାନ୍ଧୀ ବିଲାତରୁ ଭାରତ ଫେରିବା ପରେ ଅହିଂସାକୁ ପରମଧର୍ମ ରୂପେ ଗ୍ରହଣ କରି ଦେଶକୁ ବ୍ରିଟିଶ କବଳରୁ ସ୍ୱାଧୀନ କରିବାରେ ସକ୍ଷମ ହୋଇପାରିଥିଲେ। ବିନା ଗୋଳାବାରୁଦ ଓ ବନ୍ଧୁକରେ ସେ ବ୍ରିଟିଶ ସରକାରଙ୍କୁ ପରାଜିତ କରିପାରିଥିଲେ। ହିଂସା ମାନବର ପ୍ରଥମ ଶତ୍ରୁ ବୋଲି ସେ କହିଥିଲେ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଧର୍ମଗୁରୁମାନେ ଗୀତା, କୋରାନ୍ ଏବଂ ବାଇବେଲ ପାଠ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ସତ୍ୟବାଦୀ ବଳିୟାରସିଂହ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଦେବପ୍ରସାଦ ମଜୁମଦାର, ଭୀମସେନ ପ୍ରଧାନ, ଉମାଶଙ୍କର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟ ବ୍ୟବସାୟୀ ସଂଘ ପୂର୍ବତନ ସଭାପତିଙ୍କ ଦେହାନ୍ତ



ବାଲୁଗାଁ,୪ ।୧୦(ସମିସ): ବାଲୁଗାଁ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ତଥା ମତ୍ସ୍ୟ ବ୍ୟବସାୟୀ ସଂଘ ପୂର୍ବତନ ସଭାପତି ବିଭୂତି ଭୂଷଣ ସାମନ୍ତରାୟଙ୍କ ୬୭ବର୍ଷ ବୟସରେ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଖବର ପ୍ରଚାର ହେବାପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ ସ୍ଥାନୀୟ ସାନ୍ତରାପୁର ଗ୍ରାମସ୍ଥିତ ବିଭୂତିଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ବିଭୂତି ମତ୍ସ୍ୟ ବ୍ୟବସାୟୀ ସଂଘ ସମେତ ରାଜମିସ୍ତ୍ରି ସଂଘର ମଧ୍ୟ ସଭାପତି ଥିଲେ। ବାଲୁଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ବିୟତପ୍ରଜ୍ଞ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ।

# ମା' ଭଗବତୀଙ୍କ ମୁଖ୍ୟ ପୂଜକଙ୍କ ଦେହାନ୍ତ



ବାଣପୁର,୪ ।୧୦(ସମିସ): ବାଣପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମୁଖ୍ୟ ପୂଜକ ତଥା ପରିଚ୍ଛା ସେବକ ଭାବେ ଖ୍ୟାତି ଅର୍ଜନ କରିଥିବା ବିନାୟକ ମହାପାତ୍ରଙ୍କ ୮୫ ବର୍ଷ ବୟସରେ ବୁଧବାର ରାତିରେ ପରଲୋକ ଘଟିଛି। ଏହି ଖବର ପ୍ରଚାର ହେବାପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାଣପୁର କଲେଜ ଛକ ପରିଚ୍ଛା ସାହିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ନିରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ମଇଁଷି ଗାଡ଼ି ଜବତ; ୨ ଗିରଫ




ବାଲୁଗାଁ,୪ ।୧୦(ସମିସ): ଏକ ପିକ୍‌ଅପ୍ ଭ୍ୟାନ୍‌ରେ ମଇଁଷି ଚାଲାଣ ହେଉଥିବା ବେଳେ ବାଲୁଗାଁ ପୁଲିସ ପାଟ୍ରୋଲିଂ ଟିମ୍ ହାତରେ ଧରାପଡ଼ିଛି। ପୁଲିସ ଗାଡ଼ି ଜବତ କରିବା ସହ ସେଥିରେ ଥିବା ୩ ମଇଁଷିକୁ ଉଦ୍ଧାର କରି ଗୋଶାଳାକୁ ପଠାଇଛି। ଏହି ଚାଲାଣରେ ସମ୍ପୃକ୍ତ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ରଳବା ଗ୍ରାମର କୁମାର ଭାଉଲ (୩୪) ଓ ଆଳପୁର ଗ୍ରାମର ସଞ୍ଜୟ ପଲେଇ (୩୦)ଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ**

# 'ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ସମୃଦ୍ଧ ସମାଜ ଗଠନ କରିପାରିବ'

ଟାଙ୍ଗୀ,୪ ।୧୦(ସମିସ): ସୁସ୍ଥ ସମାଜ ଗଠନ ପାଇଁ ଆମକୁ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ, ମର୍ଯ୍ୟାଦା ଓ ସୁଯୋଗ ଦେବାକୁ ହେବ। ସେମାନଙ୍କ ଜ୍ଞାନ, ଅଭିଜ୍ଞତା ସମୃଦ୍ଧ ସମାଜ ଗଠନ କରିପାରିବ ବୋଲି ସ୍ଥାନୀୟ ମା' ରତ୍ନମାଳୀ କଲ୍ୟାଣମଣ୍ଡପରେ ଆୟୋଜିତ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବ ଯୋଗଦେଇ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ, ପ୍ରତ୍ୟେକ ବୟସ୍କ ନାଗରିକ ହେଉଛନ୍ତି ଜୀବନ୍ତ ଗ୍ରନ୍ଥାଳୟ। ବରିଷ୍ଠ ନାଗରିକମାନେ ଜ୍ଞାନର ଜୀବନ୍ତ ଭଣ୍ଡାର ବୋଲି ମତବ୍ୟକ୍ତ କରିଛନ୍ତି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ପୂର୍ବତନ ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ପାଦକ ବିଜୟ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଡ. ଚନ୍ଦ୍ରଶେଖର ଦାଶ ସ୍ୱାଗତ ଭାଷଣ ଓ ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଟାଙ୍ଗୀ ବ୍ଲକର ନନ୍ଦିତା ବେହେରା, ଶୁଭଶ୍ରୀ ଅଙ୍କିତା ପ୍ରଧାନ, ବିଶ୍ୱରଞ୍ଜନ ତ୍ରିପାଠୀ ଓ ଚିଲିକା ବ୍ଲକର ଦୀନେଶ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ୩୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। "ସମାଜରେ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ସୁରେନ୍ଦ୍ର କୁମାର ରାଉତ, ରମେଶ କୁମାର ବଳବନ୍ତରାୟ, ଡା. ମଧୁସୂଦନ ସେନାପତି,



ଅରୁଣ ରଞ୍ଜନ ମହାନ୍ତି, ଦେବରାଜ ସେନାପତି, ନରେନ୍ଦ୍ର କୁମାର ଦାସ, ରମେଶ ଚନ୍ଦ୍ର ରାଉତ, ଗୋଦାବରୀଶ ସାହୁ, ଭାସ୍କରଚନ୍ଦ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦିଲୀପ କୁମାର ନାଥ, ଉମେଶ ପ୍ରସାଦ ଧଳ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ରଘୁନାଥ ସାହୁ, ବିଚ୍ଛନ୍ଦ ଜୟସିଂ, ଦୁର୍ଗାଚରଣ ପାତ୍ର, ତାରାପ୍ରସାଦ ପଟ୍ଟନାୟକ, ବିଜୟ ପ୍ରଧାନ, ନିମାଇଁ ଚରଣ ସାହୁ, ପ୍ରଭାକର ବିଶ୍ୱାଳ, ପଠାଣି ସୁନ୍ଦରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୪ ।୧୦(ସମିସ): ବାଲୁଗାଁ ଚିଲିକା କୂଳ ଜେଟିସ୍ଥିତ ଯାତ୍ରୀନିବାସ ପଛ ପାଖରୁ ଶନିବାର ସକାଳେ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ବାଲୁଗାଁ ଥାନା ପୁଲିସ ବାଲୁଗାଁ ଅଗ୍ନିଶମ ବାହିନୀ ସହାୟତରେ ବୃଦ୍ଧଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧଙ୍କ ଆନୁମାନିକ ବୟସ ୭୦ ବର୍ଷ ହେବ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି।

# ଜଙ୍ଗଲରୁ ମୃଗମାଂସ, ଚମଡ଼ା ଓ ମୁଣ୍ଡ ଜବତ

**ଜଣେ ଗିରଫ**

ବାଣପୁର,୪ ।୧୦(ସମିସ): ନାଚୁଣୀ ଥାନା ଗମ୍ଭାରୀମୁଣ୍ଡା ଷଣ୍ଢା ଡ୍ୟାମ ନିକଟ ଜଙ୍ଗଲରେ ବାଲୁଗାଁ ରେଞ୍ଜ ଗମ୍ଭାରୀମୁଣ୍ଡା ପଦ୍ମପୁର ସେକ୍ସନ ବନବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ମୃଗ ମାଂସ, ଚମଡ଼ା ଓ ମୁଣ୍ଡ ଜବତ କରିଛନ୍ତି। ଦୁଇ ଜଣ ଶିକାରୀ ଏକ ମୃଗକୁ ମାରି ବ୍ୟାଗରେ ମାଂସ ସହ ମୁଣ୍ଡ ଓ ଚମଡ଼ା ନେଇ ଆସୁଥିବା ବେଳେ ବନ କର୍ମଚାରୀଙ୍କୁ ଦେଖି ଜଣେ ଫେରାର ହୋଇଯାଇଥିଲେ। ବନ କର୍ମଚାରୀ ନାଚୁଣୀ ଥାନା ଗମ୍ଭାରୀମୁଣ୍ଡା ପଙ୍କାଳ ଗ୍ରାମ ଗୋପୀନାଥପୁର ସାହିର ରମେଶ ନାୟକଙ୍କୁ ଗିରଫ କରିଛନ୍ତି। ବ୍ୟାଗରୁ ପ୍ରାୟ ୨୧ କେଜି ମାଂସ, ୨ଟି କାତି, ଗୋଟିଏ ନିକିତି ଓ ବଟକରା ଜବତ କରାଯାଇଛି। ଫେରାର ହୋଇଯାଇଥିବା ଅଭିଯୁକ୍ତ ଜଣକ ଉକ୍ତ ଗ୍ରାମର ହୁଲାସ ନାୟକ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଖବର ପାଇ ଖୋର୍ଦ୍ଧା ଏସିଏଫ ସୋନାଲି ସିଓ, ବାଲୁଗାଁ ରେଞ୍ଜର ରେଶମା ପରିଡ଼ା, ବାଣପୁର ତହସିଲଦାର ପଦ୍ମନାଭ ଦୋରା ଓ ପଦ୍ମପୁର ଆରଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ସରିଲା ଶାରଦୀୟ ପର୍ବ

# ଛ' ଭଉଣୀଙ୍କୁ ମେଲାଣି ଦେଇ ବାପଘର ଫେରିଲେ ମା' ଭଗବତୀ

ବାଣପୁର,୪ ।୧୦(ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଛଅ ଭଉଣୀଙ୍କୁ ନେଇ ଦୀର୍ଘ ୧୭ ଦିନ ଧରି ପାଳିତ ହେଉଥିବା ଶାରଦୀୟ ପର୍ବ ବିଜୟା ଦଶମୀ ମଧ୍ୟରାତ୍ରରେ ସମ୍ପନ୍ନ ହୋଇଛି। ବର୍ଷର ବିଭିନ୍ନ ତିଥିରେ ଚତୁର୍ଦ୍ଦିଗରେ ଅବସ୍ଥିତ ଭଉଣୀମାନଙ୍କୁ ମା' ଭଗବତୀ ଶାରଦୀୟ ପର୍ବକୁ ନିମନ୍ତ୍ରଣ କରିଥିବା ବେଳେ ଆଶ୍ୱିନ କୃଷ୍ଣ ଅଷ୍ଟମୀରୁ ମା'ଙ୍କ ଶାରଦୀୟ ପର୍ବରେ ଯୋଗଦେଇ ଏକତ୍ର ପୂଜା ପାଇ ଆସୁଥିଲେ। ପ୍ରଥମ ୭ ଦିନ ମନ୍ଦିର ବେଢ଼ା ଭିତର ପର୍ବ ଗୃହରେ ଭିତର ପର୍ବ ପାଳିତ ହୋଇଥିବା ବେଳେ ଅମାବାସ୍ୟା ଦିନ ମା' ଭଗବତୀଙ୍କ ସହ ମା' ବିରଜାଇଙ୍କ ଓ ଛଅ ଭଉଣୀଙ୍କ ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହା ଅଞ୍ଚଳରେ ଭେଟ ଅମାବାସ୍ୟା ଭାବେ ପରିଚିତ। ବାଣପୁର ବଡ଼ଦାଣ୍ଡରେ ସପ୍ତମାତୃକା ଭେଟ ହେବା ପରେ ଛଅ ଭଉଣୀଙ୍କ ସହ ମା' ଭଗବତୀ ସାତବଖରା ପର୍ବ ଗୃହକୁ ବିଜେ କରିବା ପରେ ୧୦ ଦିନ ଧରି ବାହାର ପର୍ବ ଚାଲିଥିଲା। ସପ୍ତମାତୃକାଙ୍କ ଏକତ୍ର ଦର୍ଶନ କରି ଆଶିଷ ଲାଭ କରିବାକୁ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିଲା। ମହାଷ୍ଟମୀ ଓ ମହାନବମୀ ମଧ୍ୟରାତ୍ରରେ ମା'ଙ୍କ ଗୁପ୍ତ ପୂଜା



ପରେ ଶାରଦୀୟ ପର୍ବର ସମସ୍ତ ନୀତିକାନ୍ତି ଶେଷ ହୋଇ ପବିତ୍ର ଦଶହରା ମଧ୍ୟରାତ୍ରରେ ମା' ବିରଜାଇ, ମା' କନକଦୁର୍ଗାଙ୍କ ସହ ମା'ଭଗବତୀ ପାଟ ପଟୁଆରରେ ନିଜ ମନ୍ଦିରକୁ ଯାତ୍ରା କରିଥିଲେ। ବାଟରେ ଶ୍ରୀରଙ୍କନାଥ ଦେବ ମା'ମାନଙ୍କ ସହ ଯାତ୍ରାରେ ସାମିଲ ହୋଇ ମା'ଙ୍କ ମନ୍ଦିର ସମ୍ମୁଖରେ କରାଯାଇଥିବା ବେଦିରେ ପଡ଼ିଥିବା ନବବସ୍ତ୍ର ଆସନ ଉପରେ ବିଜେ କରିଥିଲେ। ପର୍ବପୂଜକ ପଣ୍ଡିତ ବାମନ ଚରଣ ଦାଶ ମା'ମାନଙ୍କୁ ପଞ୍ଚୋପଚାରରେ ପୂଜା କରି ଖଇ, ମୁଆଁ, କୋରା, ଘଷା ବିଡ଼ିଆ, ଫଳମୂଳ, ରସଗୋଲା, ମିଠେଇ, ବୁନ୍ଦି ଆଦି ମିଷ୍ଟାନ ଧୂପ ବଢ଼ି ଆଳତି ବନ୍ଦାପନା ପରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା'ମାନେ ଅଗ୍ନି ମାଡ଼ି ମନ୍ଦିରକୁ ପ୍ରବେଶ କରିବାର ଅନନ୍ୟ ପରମ୍ପରା ଚଳି ଆସୁଛି। ପରେ ସମସ୍ତ ଦେବଦେବୀଙ୍କୁ ଶଙ୍କୁଡ଼ି ଧୂପ ହୋଇ ଆଳତି ପରେ ମା' ବିରଜାଇ ଓ ମା' କନକ ଦୁର୍ଗାଙ୍କୁ ନିଜ ମନ୍ଦିରରେ ଛାଡ଼ି ମା' ଭଗବତୀ ବାପଘର ଶ୍ରୀଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିଥିଲେ। ବାଟରେ ଶ୍ରୀରଘୁନାଥ ଦେବ ମା'ଙ୍କୁ ପାଛୋଟି ନେଇ ମଣ୍ଡପରେ ବିଜେ କରିବା ପରେ ମା'ଙ୍କ ପ୍ରିୟ ଅଧରମୁଆଁ ଭୋଗ ଲାଗି କରାଯାଇଥିଲା। ପରେ ଶ୍ରୀରଘୁନାଥ ଦେବ ମା'ଙ୍କୁ ଶ୍ରୀଦକ୍ଷେଶ୍ୱର ମନ୍ଦିରରେ ଛାଡ଼ି ଫେରିଥିଲେ।

# ଟ୍ରିପଲ 'ଏ'ରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ




ଖୋର୍ଦ୍ଧା,୪ ।୧୦(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ବିଦ୍ୟାଳୟର ସେବା ବିଭାଗ ଦ୍ୱାରା ପାଳିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଗାଇଡ୍ କ୍ୟାପଟେନ ରଚିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର ନୃସିଂହ ପ୍ରସାଦ ସିଂହ, କବ୍ ମାଷ୍ଟର ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେବା ବିଭାଗର ସୁବୋଧ ମହାପାତ୍ର, ଲଳିତ ନାରାୟଣ ମହାପାତ୍ର, ଭାଗ୍ୟଲକ୍ଷ୍ମୀ ନନ୍ଦ, ସୁନିତା ପଟ୍ଟନାୟକ, ରୋମା ମହାନ୍ତି ଓ ପ୍ରଜ୍ଞା ପାରମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ୧୬ନଂ ଜାତୀୟ ରାଜପଥରେ ଦୁର୍ଘଟଣା; ୪ ମୃତ

**କଣ୍ଟେନର ଜବତ; ଡ୍ରାଇଭର ଗିରଫ**

ଖୋର୍ଦ୍ଧା,୪ ।୧୦(ସମିସ): ୧୬ନଂ ଜାତୀୟ ରାଜପଥରେ ପୃଥକ ଦୁର୍ଘଟଣା ଘଟି ଜଣେ ଯୁବତୀ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ପିଏନ୍ କଲେଜ ନିକଟରେ ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିଲା। ଏକ ବାଇକ୍‌କୁ କଣ୍ଟେନର ଧକ୍କା ଦେବାରୁ ବାଇକ୍‌ରେ ଯାଉଥିବା ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଚକସୋଲାନ ଗାଁର ପ୍ରସନ୍ନ ଜେନା (୩୬), ଡେଲାଙ୍ଗ ଥାନା ମଲିଗାଁର ଆଦିତ୍ୟ ସ୍ୱାଇଁ (୩୦) ଓ ନୟାଗଡ଼ ଜିଲ୍ଲା ରଣପୁର ଥାନା ସାନପଥୁରିଆର ସୁଶାନ୍ତ ନାୟକ (୨୪)। ପୁଲିସ କଣ୍ଟେନର ଜବତ କରିଥିବାବେଳେ ଡ୍ରାଇଭର ବିହାରର ଶିବକୁମାର ରାୟ (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନୟାଗଡ଼ ଜିଲ୍ଲା ଓଡ଼ଗାଁର ଲିଜା ପାତ୍ରୀ (୧୯)। ଲିଜା ପିଏନ୍ କଲେଜ ଓଭରବ୍ରିଜ ଉପରେ ରାସ୍ତାପାର ହେଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଲିଜା ସ୍ଥାନୀୟ ଶିଳ୍ପାଞ୍ଚଳର ଏକ ମୃଦୁ ପାନୀୟ ଶିଳ୍ପରେ ତାଲିମ ନେଉଥିଲେ। ଦୁଇଟି ଯାକ ଘଟଣାରେ ପୁଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଡେବ୍ରିଗଡ଼ରେ ରାଜ୍ୟର ପ୍ରଥମ ବାର୍ଡିଙ୍ଗ୍ ଟ୍ରେଲ୍

**ସମ୍ବଲପୁର, ୪।୧୦ (ସମିସ)**

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବନ୍ୟପ୍ରାଣୀ ସପ୍ତାହ ୨୦୨୫ ପାଳନ ଅବସରରେ ଦୁଇ କିଲୋମିଟର ଲମ୍ବ 'ପକ୍ଷୀ ପଥରେ' (ବାର୍ଡିଙ୍ଗ୍ ଟ୍ରେଲ୍) ଜନସାଧାରଣଙ୍କ ପାଇଁ ଖୋଲାଯାଇଛି। ଏହା ବିଭିନ୍ନ ବୟସ ବର୍ଗର ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ। ଡେବ୍ରିଗଡ଼ରେ ରାଜ୍ୟର ଏହା ପ୍ରଥମ ସମର୍ପିତ ବାର୍ଡିଙ୍ଗ୍ ଟ୍ରେଲ୍ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ ସୂଚନା ଦେଇଛନ୍ତି। ଏହି ଟ୍ରେକ୍ ଡେବ୍ରିଗଡ଼ର ଛୋଟ ନାଳା ଏବଂ ଝରଣା, ଘାସ ପଡ଼ିଆ ଏବଂ ଘନ ଜଙ୍ଗଲ ଅଞ୍ଚଳ ଦେଇ ଗତିକରେ। ଏହା ଜଣେ ଟ୍ରେକରଙ୍କୁ ଭୂମିରେ ବସା ବାନ୍ଧିବା ପକ୍ଷୀ ଏବଂ ଗଛରେ ବସା ବାନ୍ଧିବା ପକ୍ଷୀ ଦେଖିବାର ସୁଯୋଗ ଦିଏ। ପଥଟିର ଏକ ଛୋଟ ଅଂଶ ହୀରାକୁଦ ଆର୍ଦ୍ରଭୂମି ସହିତ ଅଛି ତେଣୁ ୱେଡର୍ ଗୁଡ଼ିକୁ ମଧ ଦେଖିହେବ। ବାର୍ଡିଙ୍ଗ୍ ଟ୍ରେଲ୍ (ପକ୍ଷୀ ପଥରେ) ଡେବ୍ରିଗଡ଼ ଅଭୟାରଣ୍ୟ ବର୍ଷସାରା ୩୪୦ ରୁ ଅଧିକ ପ୍ରଜାତିର ପକ୍ଷୀଙ୍କ ଆବାସସ୍ଥଳ ଏବଂ ପ୍ରତି ଶୀତରେ ହୀରାକୁଦ ଆର୍ଦ୍ରଭୂମିରେ ୧୧୦ ରୁ ଅଧିକ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି। ଡେବ୍ରିଗଡ଼ର ସାଧାରଣତଃ ଦେଖାଯାଉଥିବା କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପକ୍ଷୀଙ୍କ ନାମ, ଜୀବନକାଳ, ଡାକ, ଆଚରଣ, ଅଭ୍ୟାସ, ବସା ବାନ୍ଧିବା ଢାଞ୍ଚା, ଖାଦ୍ୟ ଏବଂ ପକ୍ଷୀମାନଙ୍କ ବିଷୟରେ ଅଧିକ ଜାଣିବା ଏବଂ ଚିହ୍ନଟ ପାଇଁ ଅନ୍ୟାନ୍ୟ ଆକର୍ଷଣୀୟ ତଥ୍ୟ ସହିତ ପଥପାର୍ଶ୍ୱରେ ୪୨ଟି ସୂଚନା ବୋର୍ଡ ସ୍ଥାପନ କରାଯାଇଛି।

ପକ୍ଷୀମାନଙ୍କ ଡାକ (ଚିହ୍ନଟ ପାଇଁ), ସମସ୍ତ ପ୍ରକାରର ଡାକ ସହିତ - ମିଳନ ଡାକ, କଷ୍ଟ ଡାକ, ସମ୍ପର୍କ ଡାକ ଇତ୍ୟାଦି ସହିତ ଏକ ଛୋଟ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ପକ୍ଷୀ-କଣ୍ଠସ୍ୱର ମାଧ୍ୟମରେ ପକ୍ଷୀ ଚିହ୍ନଟକୁ ସହଜ କରାଯାଇପାରିବ। ପକ୍ଷୀମାନଙ୍କଠାରୁ ଆମେ ଶୁଣୁଥିବା ପ୍ରତ୍ୟେକ ସୁମଧୁର ଡାକ କିମ୍ବା ଗୀତର ଏକ ନିର୍ଦ୍ଦିଷ୍ଟ ଅର୍ଥ ଅଛି। କିଛି ଡାକ କ୍ଷେତ୍ରୀୟ ପ୍ରତିରକ୍ଷା, ଭିଡ଼ ଡାକ, ଅନ୍ୟର ପ୍ରତିଗୀତି ଏବଂ ସାମାଜିକ ଯୋଗାଯୋଗ ସହିତ ମଧ ଜଡ଼ିତ। ତାଲିମପ୍ରାପ୍ତ ପ୍ରକୃତିବିତ୍‌ଙ୍କ ସହିତ ଡେବ୍ରିଗଡ଼ରେ ପକ୍ଷୀ ଦର୍ଶନ ପଥ ପ୍ରତ୍ୟେକ ସାଧାରଣ ଲୋକଙ୍କୁ ପକ୍ଷୀ ପ୍ରଜାତି ଚିହ୍ନଟ କରିବାକୁ ଏବଂ ପକ୍ଷୀମାନଙ୍କ ବିଷୟରେ ଅଧିକ ଜାଣିବାକୁ ସକ୍ଷମ କରିବ। ବିଶ୍ୱରେ ପକ୍ଷୀ ସଂଖ୍ୟା ପ୍ରାୟ ୪୦୦ ବିଲିୟନ ଅର୍ଥାତ୍ ପ୍ରତ୍ୟେକ ମଣିଷ ପାଇଁ ୬ ପକ୍ଷୀ। ପୃଥିବୀରେ ମଣିଷଙ୍କ ସଂଖ୍ୟା ଅପେକ୍ଷା ପକ୍ଷୀ ସଂଖ୍ୟା ଅଧିକ, କିନ୍ତୁ ବହୁତ କମ୍ ଲୋକ ସେମାନଙ୍କ ବିଷୟରେ ଜାଣନ୍ତି। ପକ୍ଷୀ ଦର୍ଶନ ପଥ:- ପକ୍ଷୀମାନଙ୍କ ବିଷୟରେ ଆମକୁ ଶିଖାଏ, ସେମାନଙ୍କ ଡାକ ମାଧ୍ୟମରେ ପକ୍ଷୀମାନଙ୍କୁ ଚିହ୍ନଟ କରିବା। ପ୍ରକୃତି ଆମକୁ ପକ୍ଷୀମାନଙ୍କ ଦ୍ୱାରା ଘେରି ରଖିଛି; ସେମାନେ ସବୁଠି ଅଛନ୍ତି, ସହର, ସହର, ଶିଳ୍ପ କ୍ଷେତ୍ର, ଆମ ପଛପଟରେ, ପ୍ରତ୍ୟେକ ଗଛ ଅତି କମରେ ୧୦ ପ୍ରକାରର ପକ୍ଷୀ ପ୍ରଜାତିଙ୍କ ବାସସ୍ଥାନ, କିନ୍ତୁ ଆମେ ସେମାନଙ୍କୁ ଜାଣି କିମ୍ବା ଚିହ୍ନଟ କରିପାରିନାହୁଁ। ହାବିଟେଟ୍ ଲସ୍ ସେମାନଙ୍କ ବାସସ୍ଥାନକୁ କ୍ଷତି ପହଞ୍ଚାଏ। ତେଣୁ ସିଧାସଳଖ ଦେଖିବା କିମ୍ବା ସେମାନଙ୍କ ଡାକ ମାଧ୍ୟମରେ ପକ୍ଷୀମାନଙ୍କୁ ଚିହ୍ନଟ କରିବା, ଅତି କମରେ ସେମାନଙ୍କ ବିଷୟରେ ଜାଣିବା ଦ୍ୱାରା ବାସସ୍ଥାନ କ୍ଷତିକୁ ହ୍ରାସ କରିପାରେ। ପ୍ରକୃତିକୁ ସମ୍ମାନ କରନ୍ତୁ ଏବଂ ବିସ୍ତୃତ ଭାବରେ ନଜର ରଖନ୍ତୁ ବୋଲି ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ ଅନୁରୋଧ କରିଛନ୍ତି।






# ହାତୀ ଆକ୍ରମଣରେ ଚାଷୀ ମୃତ

**ନାକଟିଦେଉଳ, ୪।୧୦ (ସମିସ):** ରେଢ଼ାଖୋଲ ବନଖଣ୍ଡରେ ଦିନକୁ ଦିନ ହାତୀଙ୍କର ଉତ୍ପାତ ବଢ଼ିବାରେ ଲାଗିଛି। ନାକଟିଦେଉଳ ରେଞ୍ଜ ଘୋଷରାମାଳ ବିଟ୍ ପଥୁରିଆ ଗ୍ରାମରେ ଗତକାଲି ହାତୀ ଆକ୍ରମଣରେ ଜଣେ ଚାଷୀର ମୃତ୍ୟୁ ଘଟିଥିଲା। ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ପଥୁରିଆ ଗ୍ରାମର ଚାଷ ଜମିରେ ଧାନ ଜଗିଥିବା ବେଳେ ଏକ ଦନ୍ତା ହାତୀ ଆସି ଜମି ହିଡରେ କୁଡ଼ିଆ କରି ରାତିରେ ଶୋଇଥିବା ସମୟରେ ଧୃତ ଦେହୁରୀ (୫୦)ଙ୍କୁ ଆକ୍ରମଣ କରିଥିଲା। ହାତୀଟି ଏତେ ହିଂସ୍ର ଥିଲା ଯେ, ଧୃତଙ୍କ ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲା। ସକାଳୁ ଖବର ଜଣାପଡ଼ିବାପରେ ଗାଁ ରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ରେଢ଼ାଖୋଲ ଡିଏଫ୍‌ଓ ଡ. ଏଲା ବରେସନ କେ, ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ ବେହେରା ଓ ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।

ସୂଚନାରୁ ପ୍ରକାଶ ଯେ ଗତ ସେପ୍ଟେମ୍ବର ମାସ ୨୩ ତାରିଖରେ ନାକଟିଦେଉଳ ବନାଞ୍ଚଳ ଅଧୀନ ଟିକିଲିପଡ଼ା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବନବିଭାଗ ଜଗୁଆଳିଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମର ଲୋକମାନେ ଉତ୍ୟକ୍ତ ହୋଇ ମୃତକଙ୍କ ସମ୍ପର୍କୀୟଙ୍କୁ କ୍ଷତିପୂରଣ ଓ କାର୍ଯ୍ୟରେ ଅବହେଳା କରିଥିବା ଦୋଷୀ ବନବିଭାଗ କର୍ମଚାରୀଙ୍କୁ ଦଣ୍ଡବିଧାନ ଦାବିରେ ବହୁ ସମୟ ଧରି ଶବ ଛାଡି ନ ଥିଲେ। ଦୀର୍ଘ ଆଠ ଘଣ୍ଟା ଶବ ପଡ଼ିବାପରେ ଲୋକମାନଙ୍କୁ ବୁଝା ସୁଝା ପରେ ଶବ ବ୍ୟବଚ୍ଛେଦ ପାଇଁ ଛାଡ଼ିଥିଲେ। ସରକାରଙ୍କ ତରଫରୁ ଯାହା ସରକାରୀ ସହାୟତା ଅଛି ତାହା ଦିଆଯିବ ଓ କାର୍ଯ୍ୟରେ ଅବହେଳା କରିଥିବା ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଦୁର୍ଗା ପୂଜାରେ ଅଘଟଣ, ବେଲୁନ ବିକାଳିଙ୍କ ମୃତ୍ୟୁ

**କୁଚିଣ୍ଡା, ୪।୧୦(ସମିସ):** କୁଚିଣ୍ଡାରେ ବିଜୟା ଦଶମୀ ପୂଜା ସମୟରେ କଲେଜ ପଡ଼ିଆ ରାବଣ ପୋଡ଼ି ପାଇଁ ଜନସମୁଦ୍ର ପାଲଟିଥିଲା। ପୁରୁଣା ବସଷ୍ଟାଣ୍ଡ ଦୁର୍ଗା ମନ୍ଦିର ପାଖରେ ଗୁଣ୍ଡୁରୁଚୁଆଁ ନିକଟସ୍ଥ ବନ୍ଦପାଳି ଗ୍ରାମର ଗୁଡ୍ଡୁ ରଜକ (୪୭) ନାମକ ବେଲୁନ ବିକାଳି ସ୍ତ୍ରୀ ବିଷ୍ଣୁ ରଜକ ସହିତ ଆସି ଦୁର୍ଗା ମାଙ୍କ ମନ୍ଦିର ପାଖର ପ୍ରବେଶ ଗେଟକୋଣରେ ବେଲୁନ ବିକ୍ରି କରୁଥିଲେ। ବେଲୁନ ବିକ୍ରି କରୁଥିବା ସ୍ଥାନରେ ପଛପଟ ରାମଲାଲ କପଡ଼ା ଦୋକାନ ସହ ଆଉ କିଛିଟା ଦୋକାନ ଥିବାରୁ ରାମଲାଲ ଅଗ୍ରୱାଲ ଓ ଅନ୍ୟ ଦୋକାନୀ ମାନେ ସେଠାରୁ ପଳାଇଯିବାକୁ ବେଲୁନ ବିକାଳି ଗୁଡ୍ଡୁକୁ କହିଥିଲେ। ଇତି ମଧ୍ୟରେ ଉଭୟଙ୍କ ମଧ୍ୟରେ କଥା କଟାକଟିରୁ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଗୁଡ୍ଡୁ ଓ ଦୋକାନୀମାନଙ୍କ ମଧ୍ୟରେ ହାତାହାତି ହେବାରୁ ମାଡ଼ ଏପରି ହୋଇଥିଲା ଯେ ଗୁଡ୍ଡୁ ରଜକ ଆଉ ଚାଲିବାରେ ଅସମର୍ଥ ହୋଇ ପଡ଼ିଥିଲେ। ଏହି ସମୟରେ ପୁଲିସ ପହଞ୍ଚି ଗୁଡ୍ଡୁକୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁଡ୍ଡୁର ସ୍ତ୍ରୀ ବିଷ୍ଣୁ ରଜକ କହିବା ଅନୁସାରେ ତା ସ୍ୱାମୀକୁ ରାମଲାଲ ଅଗ୍ରୱାଲ ଓ ଅନ୍ୟମାନେ ବହୁତ ମାଡ଼ ମାରିଥିବାରୁ ସାରା ରାତି ରକ୍ତବାନ୍ତି କରି ଶୁକ୍ରବାର ଭୋର ସମୟରେ ମୃତ୍ୟୁ ଘଟିଥିଲା। କୁଚିଣ୍ଡା ଡାକ୍ତରଖାନରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏନେଇ କୁଚିଣ୍ଡା ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ହତ୍ୟା କାଣ୍ଡରେ ସାମିଲ ଥିବା ରାମଲାଲ ଅଗ୍ରୱାଲଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଅନ୍ୟମାନଙ୍କୁ ପୁଲିସ ସ୍କାନରେ ନେଇ ସାରିଛି।

## 'ନବରାତ୍ର'ରେ ଜନ୍ମଲାଭ କରିଥିବା କନ୍ୟା ସନ୍ତାନମାନଙ୍କୁ ସମ୍ମାନ

# କନ୍ୟା ସବୁଠାରୁ ଅମୂଲ୍ୟ ରତ୍ନ



**ସମ୍ବଲପୁର, ୪।୧୦(ସମିସ):** କନ୍ୟାରତ୍ନ ସବୁଠାରୁ ଅମୂଲ୍ୟ ରତ୍ନ। ତାଙ୍କୁ ଆମେ ସବୁବେଳେ ସ୍ନେହ ଓ ଶ୍ରଦ୍ଧା ଦେବା ଦରକାର। ନାରୀ ଶକ୍ତିର ଉତ୍ଥାନରେ ହିଁ ସମାଜର ପ୍ରଗତି ଅନ୍ତର୍ନିହିତ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଜିଲ୍ଲାରେ 'ନବରାତ୍ର' ସମୟରେ ଜନ୍ମଲାଭ କରିଥିବା କନ୍ୟା ସନ୍ତାନମାନଙ୍କ ମା'ଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ନବରାତ୍ରି ହେଉଛି ନାରୀ ଶକ୍ତି ବା ଦୁର୍ଗାଙ୍କର ନଅଟି ସ୍ୱରୂପକୁ ପୂଜା କରିବାର ପର୍ବ। ପ୍ରତ୍ୟେକ କନ୍ୟାକୁ କନ୍ୟା ରୂପରେ ଦେବୀ ବୋଲି ମାନି ଆମେ ପୂଜା କରୁ। ନବରାତ୍ରି ସମୟରେ ଜନ୍ମ ହେବା ଏହି କନ୍ୟାମାନଙ୍କ ପାଇଁ ଏକ ବିଶେଷ ଆଶୀର୍ବାଦ। ମା'ଙ୍କ ଆରାଧନାର ପର୍ବ ନବରାତ୍ରି ସମୟରେ ଯେଉଁ କନ୍ୟାରତ୍ନମାନେ ଜନ୍ମ ନେଇଛନ୍ତି, ସେମାନେ ସେମାନେ ସାକ୍ଷାତ ଦେବୀଙ୍କର ସ୍ୱରୂପ। ବୟସ ଅନୁସାରେ ସେମାନଙ୍କର ସଠିକ୍ ଲାଳନପାଳନ ସହ ସୁରକ୍ଷା, ସ୍ୱାସ୍ଥ୍ୟର ଯତ୍ନନେବା ସହ ଭିଟାମିନଯୁକ୍ତ ଖାଦ୍ୟ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ଜନସଚେତନତା ଲକ୍ଷ୍ୟରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏଭଳି ଅଭିନବ କାର୍ଯ୍ୟକ୍ରମ ସମାଜ ପାଇଁ ପ୍ରେରଣା। ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାର ଉନ୍ନତ ଲିଙ୍ଗାନୁପାତକୁ ପ୍ରଶଂସା କରିଥିଲେ। ଝିଅମାନଙ୍କର ଜନ୍ମ ଠାରୁ ବଡ଼ ହେବା ପର୍ଯ୍ୟନ୍ତ ସେମାନଙ୍କର ଦାୟିତ୍ୱ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବରାତ୍ର ସମୟରେ ଜନ୍ମଲାଭ କରିଥିବା କନ୍ୟାରତ୍ନଙ୍କ ମା'ଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ବିକାଶ ଫାଉଣ୍ଡେସନର ଏହି କନ୍ୟାରତ୍ନ ସମ୍ମାନ କାର୍ଯ୍ୟକ୍ରମ ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ରେ ସମାପନ ହୋଇସାରିଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସାମିଲ ହୋଇଥିଲେ।

# ରେଢ଼ାଖୋଲରେ ରାବଣ ପୋଡ଼ି ମହୋତ୍ସବ

**ରେଢ଼ାଖୋଲ, ୪।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥିତ ସ୍ଥାନୀୟ କଦମ୍ବ ପଡ଼ିଆରେ ୯ମ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଛି। କମିଟି ଆବାହକ ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ କଳା ସଂସ୍କୃତି ଓ ବିକାଶ କ୍ଷେତ୍ରରେ ଅଗ୍ରସର ହେଉଥିବା ସହ ରାବଣ ଦରବାର କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୪ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କବି ତଥା ଶିଶୁ ସାହିତ୍ୟିକ କନ୍ଦର୍ପ ବେହେରା, ଉପଖଣ୍ଡର ଶ୍ରେଷ୍ଠ ରକ୍ତଦାତା ନରେଶ ବେହେରା, କଦଳୀଗଡ଼ ଅର୍ଜୁନ ଡିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ପ୍ରଧାନ ଯିଏକି ନିଜର ଅବସରକାଳୀନ ସମସ୍ତ ଅର୍ଥ ଏକ କଲେଜ ନିର୍ମାଣରେ ଦାନ କରି ଦେଇଛନ୍ତି। ନାଟ୍ୟକାର ତଥା ସମାଜସେବୀ ସତ୍ୟ ରଞ୍ଜନ ରାଉତ ଏବଂ ନାଟ୍ୟ ଗୁରୁ ଅବିନାଶ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ବଡ଼ମାଳର ମାହେଶ୍ୱରୀ ନୃତ୍ୟ ଦଳ ପକ୍ଷରୁ ସ୍ୱାଗତ ଲଙ୍କେଶ୍ୱର ଓ ସମ୍ବଲପୁରୀ ଗୀତ ପରିବେଷଣ କରାଯାଇଥିଲା।ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶଙ୍କ ରସରକେଲି, ଡାଲଖାଇ ଓ ରଙ୍ଗବତୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୀଲ ମେହେର ପରିଚାଳନା କରିଥିଲେ। ରାବଣ ଭୂମିକା ବୁର୍ଡା ପଞ୍ଚାୟତର ସମିତି ସଭ୍ୟ ସଞ୍ଜୟ ବେହେରା, ରାମ ଭୂମିକାରେ ଟୁନା ମେହେର, ଲକ୍ଷ୍ମଣ ଅନୁଭବ ସିଂ ଦେଓ, ହନୁମାନ ହରିବନ୍ଧୁ ସୁନା, ଶୁକ ଜଗବନ୍ଧୁ ପ୍ରଧାନ, ଶାରଣ ଶ୍ରବଣ ନାୟକ, ବିଭିଷଣ ଯୁଧିଷ୍ଠିର ବାଜେଣି, ସୁଗ୍ରୀବ ନରେନ୍ଦ୍ର ମିର୍ଦ୍ଧା, ଦେବୀ ଦୁର୍ଗା ଜୟଶ୍ରୀ ବାଜେଣୀ ଅଭିନୟ କରିଥିଲେ। ମୁଖ୍ୟ ଆକର୍ଷଣ ପାଲଟିଥିବା ୬୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୋଡ଼ି କରାଯାଇଥିଲା।



ରେଢ଼ାଖୋଲ ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ଯାଉଛି ବୋଲି ମୁଖ୍ୟଅତିଥି ସରୋଜ ପ୍ରଧାନ କହିଥିଲେ। ଅନାନ୍ୟ ଅତିଥିମାନଙ୍କ ମଧ୍ୟରେ ରାବଣ ପୋଡ଼ି ମହୋତ୍ସବର ସଭାପତି ତଥା ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଏନ୍‌ଏସି ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ତହସିଲଦାର ରାମ ଗୋବିନ୍ଦ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ବିଜେଡି ବ୍ଲକ ସଭାପତି ଉଦିତ ନାରାୟଣ ତ୍ରିପାଠୀ, କଂଗ୍ରେସ ନଗର ସଭାପତି ରଞ୍ଜନ ରାଉତ, ଚଳଚ୍ଚିତ୍ର ପ୍ରଯୋଜକ ସୁରେନ୍ଦ୍ର ନାରାୟଣ ପ୍ରଧାନ, ଘୋଷରାମାଲ ସରପଞ୍ଚ ପ୍ରେମଶିଳା ପ୍ରଧାନ, ସମସ୍ତ କାଉନସିଲ, ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାବଣବଧ ଗିତିନାଟ୍ୟ ପରିବେଷଣ

# ମାଆଙ୍କୁ ମେଲାଣି



**କୁଚିଣ୍ଡା, ୪।୧୦(ସମିସ):** ପଶ୍ଚିମ ଓଡ଼ିଶାରେ ଦଶହରା ପର୍ବ ପାଇଁ ଖ୍ୟାତି ଅର୍ଜନ କରିଥିବା କୁଚିଣ୍ଡାରେ ଦୁର୍ଗାପୂଜା ଉତ୍ସବ ଶେଷ ହୋଇଛି। ମା'ଙ୍କୁ ମେଲାଣି ଅବସରରେ କୁଚିଣ୍ଡା ପୂଜା ମଣ୍ଡପରୁ ବ୍ରାହ୍ମଣ ପଡ଼ାଗଳି, ବାନ୍ଧୁବାସ, ପଞ୍ଚମୁଖୀ ଛକ, ସର୍ଗିଡ଼ିହି ପଡ଼ା, ରାଜୀବ ଗାନ୍ଧୀ ଛକ ଦେଇ ଟାଉନ ହଲ, କୁସୁମୀ ଛକ ଦେଇ ସହର ପରିକ୍ରମା କରି ମା'ଙ୍କୁ ନେଇ ଝୁଲେନ ପୋଲ ନଦୀ ଗର୍ଭରେ ଭସାଣି କରାଯାଇଥିଲା। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ମାଆଙ୍କୁ ବିଦାୟ ଦେଇଥିଲେ। ପୁଣି ଆରବର୍ଷକୁ ମା'ଙ୍କୁ ଦର୍ଶନ ପାଇଁ ଅନାଇ ରହିଥିଲେ। ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ କମିଟି ସଭାପତି ପ୍ରଦ୍ୟୁତ କୁମାର ମହାନ୍ତି, ଉପସଭାପତି ଗଣେଶ ରାମ ଅଗ୍ରୱାଲ, ଗଗନ ଶର୍ମା, ସଞ୍ଜିତ ଶର୍ମା, ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଆଳୁ ଚାଷ ସମ୍ପର୍କିତ ତାଲିମ ଶିବିର

**ରେଢ଼ାଖୋଲ, ୪।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ଚାରମାଳ ପଞ୍ଚାୟତସ୍ଥିତ ସଭା ଗୃହରେ ଶନିବାର ଆଳୁ ଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରେଢ଼ାଖୋଲ ରିୱାଡ କ୍ଲଷ୍ଟର ୧ ଏବଂ ୨ ର ୪୦ ଜଣ ଚାଷୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ତାଲିମ ଦାତା ସଞ୍ଜୀବ କୁମାର ବହିଦାର, ସମ୍ବଲପୁର ଜିଲ୍ଲା ମୁଖ୍ୟ ଉଦ୍ୟାନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା, ସମ୍ବଲପୁର ସ୍ଥିର ଜୀବିକା ଆଳୁ ଚାଷ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାବତୀ ହାଁସଦା ଏଏଚ୍‌ଓ, ରେଢାଖୋଲ ଆଳୁ ଚାଷ ଉପଯୋଗୀ ଜମି ଓ ସବସିଡି ବାବଦରେ ଆଲୋକପାତ କରିଥିଲେ। ସାଉନ୍ତା ଗାଉନ୍ତା ଫାଉଣ୍ଡେସନ ଚାରମାଳ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଆୟୋଜନ କରିଥିଲେ।




# ବିଜୟା ଦଶମୀ ସହ ରାବଣ ପୋଡ଼ି

**କୁଚିଣ୍ଡା, ୪।୧୦(ସମିସ):** ଏ ବର୍ଷ ଭିଡ଼କୁ ଦୃଷ୍ଟିରେ ରଖି କଲେଜ ପଡ଼ିଆରେ ରାବଣ ପୋଡ଼ି ଆୟୋଜନ କରାଯାଇଥିଲା। କୁଚିଣ୍ଡା କଲେଜ ପଡ଼ିଆରେ ଗତ ୨ ତାରିଖ ବିଜୟା ଦଶମୀ ଅବସରରେ ଶାରଦୀୟ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ମନ୍ଦିରଛକ ପୂଜା କମିଟିର ଆୟୋଜନରେ ଅନୁଷ୍ଠିତ ରାବଣପୋଡ଼ି କାର୍ଯ୍ୟକ୍ରମରେ ମନ୍ଦିରଛକ ପୂଜାମଣ୍ଡପରୁ ରାମ, ଲକ୍ଷ୍ମଣ, ହନୁମାନ ଓ ବାନର ସେନାଙ୍କୁ ନେଇ ଏକ ସୁସଜ୍ଜିତ ରଥରେ ବସାଇ ଘଣ୍ଟ ବାଦ୍ୟର ତାଳେ ତାଳେ ସହର ମଧ୍ୟରେ ବିରାଟ ଶୋଭାଯାତ୍ରାରେ କଲେଜ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଆଗରୁ ନିର୍ମିତ ୩୦ ଫୁଟ ଉଚ୍ଚର ବିରାଟ ରାବଣର ପ୍ରତିମୂର୍ତ୍ତିରେ ରାମ, ଲକ୍ଷ୍ମଣ ତୀର ମାରି ଅଗ୍ନି ସଂଯୋଗ କରିଥିଲେ। ସିଧା ଅଗ୍ନୀଶର ଯାଇ ରାବଣର ଛାତିରେ ବାଜିବା ପରେ ବାଣ ଗୁଡ଼ିକ ଫୁଟିବାରେ ଲାଗିଥିଲା।









## ଦଶହରାରେ ବିଭିନ୍ନ ପୂଜା ମଣ୍ଡପ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# ଦୁର୍ଗାପୂଜା କେବଳ ପର୍ବ ନୁହେଁ, ସାଂସ୍କୃତିକ ଐତିହ୍ୟ



**ସମ୍ବଲପୁର, ୪।୧୦(ସମିସ):** ପବିତ୍ର ଦଶହରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ବିଭିନ୍ନ ଦେବାଳୟ, ଶକ୍ତିପୀଠ ଦର୍ଶନ କରିବା ସହ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଏହା ସହିତ ସେ ଦଶହରା ଅବସରରେ ଆୟୋଜିତ ରାବଣପୋଡ଼ି କାର୍ଯ୍ୟକ୍ରମରେ ମଧ ସାମିଲ ହୋଇଛନ୍ତି। ପ୍ରଥମେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ଏହା ବ୍ୟତୀତ ସେ ଟାଙ୍ଗରଗଡ଼ ସ୍ଥିତ ମା' ଦକ୍ଷିଣକାଳୀ ଶକ୍ତିପୀଠ, ଗୋପାଳପାଲି ବନଦୁର୍ଗା ମନ୍ଦିର ଏବଂ ବଗବିରା ସ୍ଥିତ ଘଣ୍ଟେଶ୍ୱରୀ ମନ୍ଦିରରେ ମଧ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ଦର୍ଶନ କରିବା ସହ ଆଳତି କରିଥିଲେ। ଦଳେଇପଡ଼ା, ରେମେଡ୍ ଏବଂ ଅଇଁଠାପାଲିରେ ଆୟୋଜିତ ପୃଥକ ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେ କହିଛନ୍ତି ମା' ଦୁର୍ଗା ହେଉଛନ୍ତି ଶକ୍ତିର ପ୍ରତୀକ ଏବଂ ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଦୁର୍ଗାପୂଜାରେ ନାଗରିକଙ୍କ ସହଯୋଗ ଓ ପୂଜା କମିଟିର ପ୍ରୟାସରେ ନିର୍ମିତ ଆକର୍ଷଣୀୟ ତୋରଣ ବହୁତ ସୁନ୍ଦର ହୋଇଛି।



# ଶାରଦୀୟ ଦୁର୍ଗାପୂଜା ମହୋତ୍ସବ ସହ ଭସାଣି ଯାତ୍ରା ସମ୍ପନ୍ନ



**ଜମନକିରା, ୪।୧୦(ସମିସ):** ଜମନକିରା ରେ ଚଳିତ ବର୍ଷ ୯୫ବର୍ଷ ରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହୋତ୍ସବ ସହ ଭସାଣି ଯାତ୍ରା ସମାପନ ହୋଇଯାଇଛି।୨୭ ତାରିଖରେ ଘଟ ଆବାହନ କରି ରବିବାର ଦେବୀଙ୍କ ବିଲ୍ୱବରଣ ଅମନ୍ତ୍ରଧିବାସ, ଜିବନ୍ୟାସ, ପ୍ରାଣପ୍ରତିଷ୍ଠା, ଚକ୍ଷୁଦାନ, ଆବରଣ ପୂଜା ତ୍ରୀଦିନାତ୍ମକ ପୂଜାରମ୍ଭ, ନବ ପ୍ରତିକାପ୍ରବେଶ ସହ ଚଣ୍ଡୀ ପାଠ, ସୋମବାର ଭାଇ ଜୀଉନ୍ତିଆ ଓଷା ବ୍ରତ, ମଙ୍ଗଳବାର ନବମୀ ପୂଜା, ବୁଧୁବାର ବିଶ୍ରାମ ପୂଜା, ଗୁରୁବାର ପୂର୍ଣ୍ଣହୁତି ଖଡ୍ଗଯାତ୍ରା ବିଜୟା ଦଶମୀ ଦଶହରା, ଶୁକ୍ରବାର ସନ୍ଧ୍ୟାରେ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ଖଡ୍ଗଯାତ୍ରାରେ ବିରାଟ ପଟୁଆରରେ ମନ୍ଦିରରୁ ସମସ୍ତ ଖଡ୍ଗଧାରି କଳସ ଯାତ୍ରା ସମୟରେ ଧରି ଥିବା ଖଡ୍ଗଅସ୍ତ୍ର ଧରି ଯାତ୍ରା ପଡ଼ିଆରେ ପହଞ୍ଚି ପୂଜାପାଠ କରି ପୁଣି ମନ୍ଦିରକୁ ଫେରିଥିଲେ। ବରୁଆ ସବାର ହୋଇ ଦୁଲ ଦୁଲି ବାଜା ଓ ଘଣ୍ଟର ତାଳେ ତାଳେ ଝୁଲି ଝୁଲି ଆସିଥିଲେ।ପଡ଼ିଆ ରେ ବିଭିନ୍ନ ପ୍ରକାର ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ସନ୍ଧ୍ୟାରେ ବିରାଟ ପଟୁଆରରେ ମହାବୀର ଘଣ୍ଟ ବାଦ୍ୟ ସମ୍ବଲପୁର, ଦୁଲ୍ ଦୁଲି ବାଜା, ଆତଶବାଜୀ ସହ ସୁନ୍ଦର ଆଲୋକ ସାଜ ଶଯ୍ୟାରେ ଶହ ଶହ ଶ୍ରଦ୍ଧାଳୁମାଙ୍କୁ ମେଲାଣି ଦେଇଥିଲେ।ଚଳିତ ବର୍ଷ କର୍ତ୍ତା ଭାବରେ ହେମନ୍ତ କୁମାର ପଟେଲ, ପୂଜକ ଅଶୋକ କୁମାର ପାଣିଗ୍ରାହୀ, ସଭାପତି ସୁବାସ ଚନ୍ଦ୍ର ସାହୁ, ଉପସଭାପତି ଗୋପାଳ ସାହୁ, ସମ୍ପାଦକ ବିରାଜ ପାଣ୍ଡେ, ସହ ଦେବାଶିଷ ମହାକୁଲ, କାର୍ଯ୍ୟକାରି ସଭାପତି ଦିଲିପ ସାହୁ, କୋଷାଧକ୍ଷ ହରିହର ରଣା, ସହକୋଷାଧକ୍ଷ ସନ୍ତୋଷ ମହାକୁଳ ସହ ଦୁର୍ଗା ପୂଜାରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିବା ବ୍ୟକ୍ତି ବିଶେଷ ସହିତ ଜଣ ସାଧାରଣ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ ଦୁର୍ଗା ପୂଜାଭସାଣି ଯାତ୍ରା ସମାପନ ହୋଇଥିଲା।

# ମେଲାଣି ନେଲେ ମା' ଦୁର୍ଗା



**ସମ୍ବଲପୁର, ୪।୧୦ (ସମିସ)**

ଶାରଦୀୟ ନବରାତ୍ର ଅବସରରେ ଧରାବତରଣ କରିଥିବା ଦୁର୍ଗତିନାଶିନୀ ମା' ଦୁର୍ଗା ମେଲାଣି ନେଇଛନ୍ତି। ବିଜୟା ଦଶମୀ ଅବସରରେ ଘଟ ବିସର୍ଜନ ପରେ ଗତକାଲି ସମ୍ବଲପୁରର ବିଭିନ୍ନ ଦୁର୍ଗା ପୂଜା କମିଟି ପକ୍ଷରୁ ଭବ୍ୟ ଭସାଣୀ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକ ସହିତ ସମନ୍ୱୟ କରି ପୂର୍ବ ପ୍ରସ୍ତୁତି କରାଯାଇଥିଲା। ଗତକାଲି ସନ୍ଧ୍ୟାରେ ସମ୍ବଲପୁର ସହରର ଧନୁପାଲି, ଗୋବିନ୍ଦତୋଲା, ଜେଲ ଛକ, ଜିଲ୍ଲାସ୍କୁଲ ଛକ, ସାକ୍ଷୀପଡ଼ା, ଲକ୍ଷ୍ମୀଟକିଜ ଛକ, ଧୁରୁରାପଡ଼ା ଛକ, ଫାଟକ, ଦଲେଇପଡ଼ା, ଢୁକୁପଡ଼ା ଆଦି ଦୁର୍ଗାପୂଜା କମିଟି ଭସାଣୀ ଶୋଭାଯାତ୍ରା ଆୟୋଜନ କରିଥିଲେ। ଭସାଣୀ ଶୋଭାଯାତ୍ରାରେ ପାରମ୍ପରିକ ଲୋକବାଦ୍ୟ ଓ ଲୋକନୃତ୍ୟକୁ ପ୍ରାଧାନ୍ୟ ଦିଆଯାଇଥିଲା। ଧନୁପାଲି, ଗୋବିନ୍ଦତୋଲା, ସାକ୍ଷୀପଡ଼ା, ଫାଟକ ଆଦି ପ୍ରମୁଖ ପୂଜା ମଣ୍ଡପ ଗୁଡ଼ିକର ଭସାଣୀ ଦେଖିବାକୁ ରାସ୍ତାରେ ଲୋକଙ୍କ ଭିଡ଼ ଜମିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା କମିଟି ଗୁଡ଼ିକୁ ଶୋଭାଯାତ୍ରା ରୁଟ୍ ଦିଆଯାଇଥିଲା। ଏହାସହ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଭସାଣି ପାଇଁ ସୁରକ୍ଷା ବ୍ୟବସ୍ଥା ସକାଶେ ପୁଲିସ ଫୋର୍ସ ମୁତୟନ ଥିଲେ।

ଚଳିତବର୍ଷ ସମ୍ବଲପୁର ସହର, ବୁର୍ଲା ଓ ହୀରାକୁଦରେ ମୋଟ ୫୮ଟି ମେଢ଼ରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା। ମୂର୍ତ୍ତି ବିସର୍ଜନ ସମୟରେ ଜଳ ପ୍ରଦୂଷଣ ରୋକିବା ପାଇଁ ସମ୍ବଲପୁରରେ ୩ଟି ପୁଟିବନ୍ଧ, କଚେରୀ ଘାଟ ଓ ଦୁର୍ଗାପାଲି ସହିତ ଗୋଲକୁଣ୍ଡା ବୁର୍ଲା ଓ ହୀରାକୁଦରେ ଗୋଟିଏ ଲେଖାଏ ଅସ୍ଥାୟୀ ପୋଖରୀର ବ୍ୟବସ୍ଥା କରାଯାଇଥିଲା। ତେବେ, ପୁଟିବନ୍ଧ, ଦୁର୍ଗାପାଲି ଓ ହୀରାକୁଦ ଅସ୍ଥାୟୀ ପୋଖରୀରେ କେହି ବିସର୍ଜନ କରିନଥିବା ସୂଚନା ମିଳିଛି। ଗତ ଗଣେଶ ପୂଜା ସମୟରେ ମହାନଦୀରେ ବିସର୍ଜନକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ପୁଣିଥରେ ମହାନଦୀରେ ଦୁର୍ଗା ମୂର୍ତ୍ତି ବିସର୍ଜନ କରାଯାଇଛି। ପୁଣିଥରେ ମହାନଦୀ ଜଳ ପ୍ରଦୂଷିତ ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ସତର୍କ ରହିବା ସହିତ ଦୃଢ଼ ଭାବରେ ମନିଟରିଂ ଓ ପଦକ୍ଷେପ ଗ୍ରହଣ କରିବାକୁ ସଚେତନ ମହଲରେ ଦାବି ହୋଇଛି।

## ସିନ୍ଦୂର ଖେଳିଲେ ମହିଳା



ସମ୍ବଲପୁରରେ ବିଜୟା ଦଶମୀ ଅବସରରେ ମା' ଦୁର୍ଗାଙ୍କୁ ମେଲାଣି ଦିଆଯାଇଛି। ଏହି ଅବସରରେ ବଙ୍ଗୀୟ ମହିଳାମାନେ ସିନ୍ଦୁର ଖେଳ ଖେଳିଛନ୍ତି। ସମ୍ବଲପୁରର କାଳିବାଡ଼ିରେ ମଧ୍ୟ ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିନୀତିରେ ମହାଦଶମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ବିସର୍ଜନ ପୂର୍ବରୁ ପାରମ୍ପରିକ ରୀତିନୀତି ଅନୁସାରେ ସଧବା ବଙ୍ଗୀୟ ମହିଳାମାନେ ପରସ୍ପରକୁ ସିନ୍ଦୁର ଲଗେଇ ସିନ୍ଦୁର ଖେଳ ଖେଳିଛନ୍ତି। ସିନ୍ଦୁର ଖେଳର ବିଶେଷତ୍ୱ ହେଉଛି ଏହି ସିନ୍ଦୁର ଖେଳ ଖେଳି ମହିଳାମାନେ ଜୀବନତମାମ ସଧବା ରହିବାକୁ ଆଶୀର୍ବାଦ ମାଗନ୍ତି। ମୁଖ୍ୟତଃ ମା' ଦୁର୍ଗାଙ୍କୁ ବିଦାୟ ଦେବାସହ ତାଙ୍କ ଆଶୀର୍ବାଦ ନେଇଛନ୍ତି।

# ବୁଣାକାରଙ୍କ ସହ ଆଲୋଚନା କଲେ ବିଧାୟକ

**ସମ୍ବଲପୁର, ୪।୧୦ (ସମିସ) :** ମାନେଶ୍ୱର ବ୍ଲକ ଅନ୍ତର୍ଗତ ଧମା ପଞ୍ଚାୟତର ଚାରପାଲିରେ ରହୁଥିବା ବୁଣାକାର ମାନଙ୍କୁ ସାକ୍ଷାତକରି ଗୁରୁବାର ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁରୀ ବସ୍ତ୍ରକୁ ବିଶ୍ୱ ଦରବାରରେ ପ୍ରଶଂସିତ କରୁଥିବା ବୁଣାକାର ମାନଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହାସହ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାକୁ ପର୍ଯ୍ୟାୟକ୍ରମେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାସହିତ ପ୍ରଥମ ପର୍ଯ୍ୟାୟରେ ଚାରପାଲି ଗ୍ରାମରେ ଥିବା କମ୍ୟୁନିଟି ହଲ୍‌ର ପୁନରୁଦ୍ଧାର ପାଇଁ ପାଞ୍ଚ ଲକ୍ଷ ଟଙ୍କା ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଦେବାକୁ ଘୋଷଣା କରିଥିଲେ। ଗ୍ରାମର ବରିଷ୍ଠ ବୁଣାକାର ମାନେ ବିଧାୟକଙ୍କୁ ସ୍ୱର୍ଗତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମଧ୍ୟ ଅନୁରୋଧ କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ବିଧାୟକଙ୍କ ମାନେଶ୍ୱର ବ୍ଲକ ପ୍ରତିନିଧି ମନୋଜ ମହାପାତ୍ରଙ୍କ ସମେତ ଗ୍ରାମର ଭୀମ ମେହେର, କମଳାକାନ୍ତ ମେହେର, ରାଧାକାନ୍ତ ମେହେର, ମିତ୍ରଭାନୁ ମେହେର, ଦିବାକର ମେହେର, ସୁଶାନ୍ତ ମେହେର, ସନ୍ତୋଷ ମେହେର, ଉମାକାନ୍ତ ମେହେର, ସନ୍ତୋଷ ମେହେର, ସନ୍ତୋଷ ମେହେର, ନନ୍ଦିନୀ ମେହେର, ଶାନ୍ତି ମେହେର, ତିଳ ମେହେର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାପରେ ଶ୍ରୀ ଆଚାର୍ଯ୍ୟ ଧମାସ୍ଥିତ ମା' ଝାଡ଼େଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହିତ ମନ୍ଦିର କମିଟି ସଦସ୍ୟଙ୍କ ସହିତ ସୁବିଧା ଅସୁବିଧା ନେଇ ଆଲେଚନା କରିଥିଲେ।



# ସୁବାସ, ଦୁଲାଲ, ଧୀରଜ ଓ ଶୁଭାଶିଷଙ୍କୁ ସାମାଜିକ ଗଣମାଧ୍ୟମ ସଂଯୋଜକ ଦାୟିତ୍ୱ

**ସମ୍ବଲପୁର, ୪।୧୦ (ସମିସ) :** ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳକୁ ସାମାଜିକ ଗଣମାଧ୍ୟମ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆହୁରି ସୁଦୃଢ଼ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ପତ୍ର ସଂଖ୍ୟା ୩୨/ ବିଜେଡି/୨୫ ତା ୦୨/୧୦/୨୫ ଅନୁଯାୟୀ ୫ଟି ଜୋନ ସୋସିଆଲ ମିଡିଆ ସଂଯୋଜକ, ୫ଟି ଆଇଟି ଜୋନ ସଂଯୋଜକ, ୩୧ଟି ଜିଲ୍ଲା ଆଇଟି ସଂଯୋଜକ ଓ ୩୧ଟି ଜିଲ୍ଲା ସୋସିଆଲ ମିଡିଆ ଜିଲ୍ଲା ସଂଯୋଜକ ନିଯୁକ୍ତ କରାଯାଇଛି। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲାରୁ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ସୁବାସ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଜିଲ୍ଲାର ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଦୁଲାଲ ଚନ୍ଦ୍ର ରାୟ, ଜୋନ ଆଇଟି ସଂଯୋଜକ ଭାବେ ଧିରଜ ଗର୍ତିଆ, ଆଇଟି ସଂଯୋଜକ ଭାବେ ଶୁଭାଶିଷ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆହୁରି ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଦଳ ସମସ୍ତଙ୍କୁ ଆହ୍ୱାନ ଦେଇଛି।

## ଅନନ୍ତ ପୂଜାରୀଙ୍କ ପରଲୋକ



**ସମ୍ବଲପୁର, ୪।୧୦ (ସମିସ) :** ସମ୍ବଲପୁର ମୁଦିପଡ଼ା ନିବାସୀ ଅନନ୍ତ ପୂଜାରୀଙ୍କ ବିଜୟା ଦଶମୀ ଗୁରୁବାର ଦିନ ପୂର୍ବାହ୍ଣରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ଜଣେ ସରଳ, ନିରାଡ଼ମ୍ବର ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ସେ ତାଙ୍କ ଜୀବନକାଳରେ ବିଚାର ବିଭାଗୀୟ ଜେଏମଏଫସି, ଝାରସୁଗୁଡା, ଏସଡିଜେଏମ ଭବାନୀପାଟଣା ଆଦି ବିଭିନ୍ନ ପଦରେ କାର୍ଯ୍ୟ କରିଥିଲେ। ବରଗଡ଼ ଜିଲ୍ଲା କୁମ୍ଭାରୀ ଗ୍ରାମ ମୂଳନିବାସୀ ଅନନ୍ତ, ତାଙ୍କ ପଛରେ ପତ୍ନୀ ଅନିତା, ପୁଅ ଅଭିଷେକ, ବୋହୂ ଅଙ୍କିତା, ନାତୁଣୀ ଆରତ୍ରିକା ଓ ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କ ବିୟୋଗରେ ଜ୍ଞାତି ପରିଜନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ।

## ଦିଲ୍ଲୀପ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୪।୧୦ (ସମିସ) :** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଡଙ୍ଗରପଡ଼ା ନିବାସୀ ଦିଲ୍ଲୀପ କୁମାର ପଣ୍ଡା (୭୧)ଙ୍କ ଦିଲ୍ଲୀସ୍ଥିତ ଏମ୍‌ସରେ ହୃଦ୍‌ଘାତରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ଶ୍ରୀ



ପଣ୍ଡା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ ପରେ ପୈତୃକ ଗ୍ରାମ ଡଙ୍ଗରପଡ଼ାରେ ରହୁଥିଲେ। ଛାତ୍ର ଜୀବନରୁ କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଆନ୍ଦୋଳନରେ ନିଜକୁ ସକ୍ରିୟ ରଖିଥିଲେ। ଗଙ୍ଗାଧର ମେହେର କଲେଜର ସାଧାରଣ ସମ୍ପାଦକ, ପରବର୍ତ୍ତୀ ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଉପସଭାପତି, ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଉପସଭାପତି ଦାୟିତ୍ୱରେ ବହୁବର୍ଷ ଥିଲେ। ଗତ ୧ତାରିଖ ତାଙ୍କ ଦେହାନ୍ତ ସମୟରେ ପୁଅ ଦେବାଶିଷ, ବୋହୂ ନିବେଦିତା, ନାତୁଣୀ ସିଦ୍ଧିପ୍ରଜ୍ଞା, ଝିଅ ଶେଫାଳୀ ପଣ୍ଡା, ରୂପାଳି ପଣ୍ଡା ଉପସ୍ଥିତ ଥିଲେ। ଦିଲ୍ଲୀଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଗ୍ରାମସଭାରେ ବେତ୍ରାପଡ଼ାର ନାଁ ପରିବର୍ତ୍ତନ

**ସମ୍ବଲପୁର, ୪।୧୦(ସମିସ):** ଗାନ୍ଧୀ ଜୟନ୍ତୀ ଅବସରରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି।ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ୱାର୍ଡ ନମ୍ବର ୧୨ ବେତ୍ରାପଡ଼ାର ନାମ ପରିବର୍ତ୍ତନ କରାଯାଇଛି। ବେତ୍ରାପଡ଼ାର ନାମ ପରିବର୍ତ୍ତନ କରି ଗୋବର୍ଦ୍ଧନା ପଡ଼ା ନାଁରେ ନାମିତ କରାଯାଇଛି। ଏହା ସହ ଉକ୍ତ ଗ୍ରାମସଭାରେ ସମସ୍ତ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବା ସହ ଆକ୍ସନ ପ୍ଲାନ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି। ଗ୍ରାମସଭାରେ ବିକଶିତ ଗାଁ ବିକଶିତ ଓଡ଼ିଶା ବିଷୟରେ ଓ ସରକାର ଦେଇଥିବା ଅନୁଦାନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନାଏବ ସରପଞ୍ଚ ସନ୍ଧ୍ୟାରାଣୀ କିଶାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଗସ୍ତି ମହାପାତ୍ର ଓ ସମସ୍ତ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।



## ବଜ୍ରପାତରେ ୩ ଆହତ

**ସମ୍ବଲପୁର, ୪।୧୦ (ସମିସ):** ସମ୍ବଲପୁର ଗୋବିନ୍ଦତୋଲା ପୋଲିସ କଲୋନୀ ନଦୀ କୂଳ ଗଛ ମୂଳରେ ବସିଥିବାବେଳେ ତିନି ଜଣ ଯୁବକ ଆଜି ଅପରାହ୍ଣରେ ବଜ୍ରପାତ ଯୋଗୁଁ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ବଜ୍ରପାତର ଶିକାର ହୋଇଥିବା ଯୁବକମାନେ ସତ୍ୟମ ହାତୀ, ବିଭୁ ସାହା ଓ କିଶୋର ମୁଣ୍ଡା ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି।

# ବରିଷ୍ଠ ନାଗରିକ ସମାଜ ପକ୍ଷରୁ 'ସ୍ମୃତି ବନ' ଦାବି



**ସମ୍ବଲପୁର, ୪।୧୦ (ସମିସ) :** ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଭୁବନେଶ୍ୱର ଓ ଭାରତର ଅନ୍ୟ ସହରରେ ସ୍ଥାପିତ ହୋଇଥିବା 'ସ୍ମୃତି ବନ' କରି ଏକ ପରିଯୋଜନା ସମ୍ବଲପୁରରେ କରିବା ପାଇଁ ସମ୍ବଲପୁର ବନଖଣ୍ଡ ଅଧିକାରୀଙ୍କଠାରେ ଦାବି କରାଯାଇଛି। ଏଥିପାଇଁ ଧମା ନିକଟସ୍ଥ ବଉଁଶରା କଲ୍ୟାଣ ଆଶ୍ରମ ପାଖରେ ୨୨ ଏକର ପରିମିତ ଏକ ଜାଗା ଚିହ୍ନଟ କରାଯାଇ ତା'ର ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ପ୍ରଦାନ କରାଯାଇଛି। ବନଖଣ୍ଡ ଅଧିକାରୀ ଏନେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସ୍ମାରକ ପତ୍ର ପ୍ରଦାନ ସମୟରେ ଜିଲ୍ଲା ବରିଷ୍ଠ ନାଗରିକ ସମାଜ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ରତ୍ନଭୂଷଣ ପୁରୁଷୋତ୍ତମ, ତାପସ କୁମାର ଦାସ, ପ୍ରମୋଦ ପଟ୍ଟନାୟକ, ଶମ୍ଭୁଭୂଷଣ ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରଲୋକ

**ସମ୍ବଲପୁର, ୪।୧୦ (ସମିସ) :** ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିନୋଦ ବିହାରୀ ପୁରୋହିତ (୯୫)ଙ୍କ ଗତ ୩୦ ତାରିଖ ସନ୍ଧ୍ୟାରେ ତାଙ୍କ ସହଯୋଗ ନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି।



ଘଟିଛି। ସେ ଜଣେ ନମ୍ର, ସରଳ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ। ଜିଲ୍ଲା ସ୍କୁଲ ଓ ଗଙ୍ଗାଧର ମେହେର କଲେଜରେ ଅଧ୍ୟୟନ କରିବା ପରେ କଟକ ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିଥିଲେ। ବିଭିନ୍ନ ପଦପଦବୀରେ ରହି ଡା. ପୁରୋହିତ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ଇଏସଆଇ ନିର୍ଦ୍ଦେଶକ ଓ ଶେଷରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ହୋଇଥିଲେ। ଡା. ବିନୋଦ ବିହାରୀ ପୁରୋହିତ ପୂର୍ବତନ ମନ୍ତ୍ରୀ ତଥା ପୂର୍ବସାଂସଦ ବନମାଳୀ ବାବୁଙ୍କ କନ୍ୟା ଶାନ୍ତିଲତା ପୁରୋହିତଙ୍କୁ ବିବାହ କରିଥିଲେ। ତାଙ୍କର ତିନି କନ୍ୟା ଓ ଗୋଟିଏ ପୁତ୍ର। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ।

## ନାଟ୍ୟବିତ ଉମେଶ ପ୍ରସାଦ ରଥଙ୍କ ବିୟୋଗ

**ସମ୍ବଲପୁର, ୪।୧୦ (ସମିସ):** ସମ୍ବଲପୁରର ଜଣାଶୁଣା ନାଟ୍ୟବିତ ଉମେଶ ପ୍ରସାଦ ରଥ (୮୭) ଙ୍କ ଆଜି ଗୋବିନ୍ଦତୋଲାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ମାସାଧିକ କାଳ ଶଯ୍ୟାଶାୟୀ ଥିଲେ। ସୋନପୁର ସହରରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ରଥ ବନ୍ଦୋବସ୍ତ ବିଭାଗରେ ଚାକିରୀ ପାଇଲାପରେ ସମ୍ବଲପୁରର ସ୍ଥାୟୀ ବାସିନ୍ଦା ହୋଇ ରହିଯାଇଥିଲେ। ସେ ଥିଲେ ଆକାଶବାଣୀ ସମ୍ବଲପୁରର ୧୯୭୧ ମସିହାର ପ୍ରଥମ ପର୍ଯ୍ୟାୟର ନାଟ୍ୟଶିଳ୍ପୀ। ଶତାଧିକ ବେତାର ନାଟକରେ ଅଂଶଗ୍ରହଣ କରିଛନ୍ତି। ତାଙ୍କ ଅଭିନୀତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ଫଟା ମାନ୍ଦଳ, ମନ ଦର୍ପନ, ମୁଇଁ ନାଇଁ ମରେଁ, ମୋନାଲିସାର ହସ, ପ୍ରତିଶୋଧ, ମୁଁ ଆମ୍ଭେ ଓ ଆମ୍ଭେମାନେ, ଶୂନ୍ୟ ଆକାଶ ଅମର ଆଖି, କଳଙ୍କିତ ସୂର୍ଯ୍ୟ, ଭରସା, ଝଡ଼ ଓ ହାରି ଯାଇଥିବା କେତୋଟି ଯାତ୍ରୀ, ତୁଳସୀ ଦାସ, ପଳାତକ, ଚିହ୍ନ ଆଦି ଅତ୍ୟନ୍ତ ଲୋକପ୍ରିୟ ଓ ଲୋକାଦୃତ ହୋଇପାରିଥିଲା। ସମ୍ବଲପୁରରେ ସେ ଅନେକ ନାଟୁଆ ସୃଷ୍ଟି କରିଛନ୍ତି। ଆଜି ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଦେବଦତ୍ତ ମୁଖାଗ୍ନି ଦେଇଥିଲେ।



## ହୀରାକୁଦରେ ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

# ଓଡ଼ିଶା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ

**ସମ୍ବଲପୁର, ୪।୧୦ (ସମିସ)**

ଓଡ଼ିଶା ସରକାରଙ୍କ ପକ୍ଷରୁ ହୀରାକୁଦ ଜଳଭଣ୍ଡାରରେ ପଞ୍ଜୁରୀ ସ୍ଥାପନ କରି ମାଛ ଚାଷ କରାଯିବାର ଆଧୁନିକ ପ୍ରଣାଳି ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ୩୭ ଏକର ପରିମିତ ଜମିରେ ନିର୍ମାଣ ହୋଇଥିବା 'ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର' ଆମ ରାଜ୍ୟର ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ରତ୍ନଗର୍ଭା ହୀରାକୁଦ ଜଳଭଣ୍ଡାରର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବ ବୋଲି ଏହାକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁରର ହୀରାକୁଦଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଞ୍ଜାମ ଓ ବାଲେଶ୍ୱର ପରେ ମାଛ ଉତ୍ପାଦନରେ ସମ୍ବଲପୁର ଜିଲ୍ଲା ଅଗ୍ରଣୀ ରହିଛି। ହୀରାକୁଦ ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦୦ କୋଟି ଟଙ୍କା ମୂଲ୍ୟର ମାଛ ଉତ୍ପାଦନ ହେଉଛି, ଯାହା ପ୍ରଶଂସନୀୟ। ମାଛକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ଶୀତଳ ଭଣ୍ଡାର, ବରଫ କାରଖାନା ଭଳି ଆଧୁନିକ ସୁବିଧା ଉପଲବ୍ଧ ହେବ। ଉନ୍ନତ ପ୍ରକ୍ରିୟାକରଣ ଯୋଗୁଁ ଆମ ମାଛର ମାନ ବୃଦ୍ଧି ପାଇବ। ଫଳରେ ଏହାକୁ କେବଳ ଓଡ଼ିଶା ନୁହେଁ, ଦେଶର ବଡ଼ ବଡ଼ ବଜାର ଏବଂ ଆନ୍ତର୍ଜାତୀୟ ବଜାରକୁ ପଠାଇବା ସହଜ ହେବ। ଓଡ଼ିଶାର ଅର୍ଥନୀତି ପାଇଁ ମତ୍ସ୍ୟଚାଷ ଓ ପଶୁପାଳନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ରାଜ୍ୟରେ ପ୍ରାୟ ୧୨ ଲକ୍ଷ ମେଟ୍ରିକ୍ ଟନ ମାଛ ଉତ୍ପାଦନ ହେଉଛି। ଏହାକୁ ଦୁଇ ତିନି ଗୁଣା କରାଇଲେ ହିଁ ମତ୍ସ୍ୟଚାଷୀଙ୍କ ବିକାଶ ସହ ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା ହେଉଛି 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'। ସେହି କଳ୍ପନାକୁ ସାକାର କରିବା ଦିଗରେ ସମ୍ବଲପୁର ଗୋଶାଳା ବସନ୍ତପୁରରେ ଏକ ଅତ୍ୟାଧୁନିକ ମାଛ ଚାଷ ଓ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପ୍ରାୟ ୧୦୦ କୋଟି ଟଙ୍କା ଦେଇଛନ୍ତି।



ଏଠାରେ ସମୟୋପଯୋଗୀ ତାଲିମ ଶିବିର ଆୟୋଜନ କରାଯିବ। ଏଠାରେ ମାଛ ଧରିବାର ନୂଆ ଉପାୟ, ସ୍ୱଚ୍ଛତା ଓ ପ୍ରକ୍ରିୟାକରଣର ଆଧୁନିକ ଜ୍ଞାନକୌଶଳ ଶିଖିପାରିବେ। ଏହା କେବଳ ମତ୍ସ୍ୟଜୀବୀଙ୍କ ଆୟ ବଢ଼ାଇବ ନାହିଁ, ବରଂ ଏହି ଅଞ୍ଚଳରେ ଅନେକ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ ମତ୍ସ୍ୟ ଚାଷ ସମେତ ପଶୁପାଳନ, ଦୁଗ୍ଧ ଚାଷ, ପନିପରିବା ଚାଷ ଭଳି ଆନୁସଙ୍ଗିକ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଚାଷ ଓ ଚାଷୀ ସମୃଦ୍ଧ ହେଲେ ହିଁ ସମାଜ ସମୃଦ୍ଧ ହେବ। ଜୈବିକ ମାଛ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ମତ୍ସ୍ୟ ଓ ପଶୁ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଦେବେଇପାଲିରେ 'ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ର' ଉଦ୍‌ଘାଟିତ



**ସମ୍ବଲପୁର, ୪।୧୦ (ସମିସ) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଦେବେଇପାଲି ଠାରେ 'ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ 'ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର' ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସମ୍ପଦ ତଥା ପ୍ରତ୍ୟେକ ବ୍ୟକ୍ତିର ଅଧିକାର। ଲୋକାର୍ପିତ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦନ୍ତ ଚିକିତ୍ସା ସହ ଅନ୍ୟାନ୍ୟ ଚିକିତ୍ସାସେବା ସୁବିଧା ରହିଛି। ଏହି କେନ୍ଦ୍ରଗୁଡ଼ିକ ଲୋକଙ୍କୁ ଉନ୍ନତ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ। ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବ। ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ 'ସେବା ପର୍ବ -୨୦୨୫' ଅବସରରେ ଯୋଗଦେଇ ଝାରସୁଗୁଡ଼ାରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର), ବୁର୍ଲାକୁ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ଚିକିତ୍ସାଳୟରେ ରୂପାନ୍ତରଣ କରିବା ପାଇଁ ଘୋଷଣା କରିଛନ୍ତି। ଭିମସାର ମେଡିକାଲରେ ବେଡ୍ ସଂଖ୍ୟା ୧୪୮୫ ଥିବାବେଳେ ଏହାକୁ ୨୬୫୦ ସିଟକୁ ବୃଦ୍ଧି କରାଯିବ ଏବଂ ଏଥିପାଇଁ ୧୬୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମତ୍ସ୍ୟ ଓ ପଶୁ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ପ୍ରମୁଖ ଯୋଗଦେଇଥିଲେ।

# ୩୦୦ ବର୍ଷର ପ୍ରାଚୀନ ଲୋକପରମ୍ପରା: କୋଲାବିରା ଦଶହରା ବଏଲ ଯାତ୍ରା

**କୋଲାବିରା, ୪।୧୦(ସମିସ)**

ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଶାକ୍ତ ପରମ୍ପରା ବହୁ ପୁରାତନ। ଶାକ୍ତ ପରମ୍ପରାରେ ଜୟପୁର ଇଷ୍ଟେଟ (କୋଲାବିରା) ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀଙ୍କ ପ୍ରତି ଜନସାଧାରଣଙ୍କ ରହିଛି ଅଗାଧ ବିଶ୍ୱାସ, ଭକ୍ତି ଓ ଭୟ। କଳା ଓ ସଂସ୍କୃତିର ପରିଚୟ ତଥା ନିଷ୍ଠା ଓ ଭକ୍ତିର ଅନନ୍ୟ ପରମ୍ପରା ଏଠାକାର ବଏଲ ଯାତ୍ରା। କୋଲାବିରାର ଅଧିଷ୍ଠାତ୍ରୀ ଦେବୀ ମାଁ ଦକ୍ଷିଣକାଳୀଙ୍କ ପୀଠରୁ ପ୍ରସିଦ୍ଧ ଏହି ବଏଲ ଯାତ୍ରା ଦଶମୀ ତିଥିରେ ସମ୍ପନ୍ନ ହୋଇଛି। ପ୍ରତିବର୍ଷ ପରି ଏ ବର୍ଷ ମଧ ପଶୁବଳିରେ ରକ୍ତରଞ୍ଜିତ ହୋଇଛି ଯାତ୍ରା ପଥ। ଆବାହମାନ କାଳରୁ ସ୍ଥାନୀୟ ରାଜପ୍ରାସାଦ ପରେ ସମଲେଶ୍ୱରୀ ମନ୍ଦିର ଏବଂ ବର୍ତ୍ତମାନ ଦକ୍ଷିଣକାଳୀ ପୀଠରେ ଆୟୋଜିତ ହୋଇଆସୁଥିବା ଅଞ୍ଚଳର ଏକମାତ୍ର ପୀଠ ପୂଜାରେ ଜାତି, ଧର୍ମ ନିର୍ବିଶେଷରେ ସବୁ ବର୍ଗର ଲୋକେ ମିଳିତ ଭାବେ ପୂଜାର୍ଚ୍ଚନା କରି ଏକ ଅନନ୍ୟ ପରମ୍ପରା ସୃଷ୍ଟି ହୋଇ ପାରିଛି।

ଏଥର ଦକ୍ଷିଣକାଳୀ ଦେବୀଙ୍କ ପ୍ରତୀକ ବା ଚଳନ୍ତି ସ୍ୱରୂପ ବରୁଆଙ୍କ ଦର୍ଶନ ପାଇଁ କୋଲାବିରା ଗାଁର ଗଳିକନ୍ଦି ଜନସମୁଦ୍ର ହୋଇଥିଲା। ବହୁ ସଂଖ୍ୟକ ମାନସିକଧାରୀ ଶହଶହ ସଂଖ୍ୟାରେ ଛାଗ ବଳି ଦେଇଥିଲେ। ହଜାର ହଜାର ଭକ୍ତଙ୍କ ଗହଳିରେ ବୀରବାଦ୍ୟ ପଞ୍ଚବାଦ୍ୟର ତାଳେତାଳେ ମାଁଙ୍କ ଶକ୍ତି ସମ୍ବଳିତ ବଏଲ ନଗର ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ ମାନସିକଧାରୀମାନେ ବୋଦା ବଳି ଦେବା ଫଳରେ ଗାଁର ରାସ୍ତାଗୁଡିକ ରକ୍ତରଞ୍ଜିତ ହୋଇ ଉଠିଥିଲା। ରାତିରେ ପାରମ୍ପରିକ ଗୁପ୍ତପୂଜା ହୋଇଥିଲା ଏବଂ ପଞ୍ଚବାଦ୍ୟ ସହ କାଳିଶି ବାହାରିଥିଲା। ଦାୟିତ୍ୱରେ ଥିବା ପୂଜକ ଏବଂ ସେବାୟତ ମାନେ ମାଁଙ୍କ ହାତଧରି ପରିକ୍ରମା ଆରମ୍ଭ କରିଥିଲେ। ବଏଲଯାତ୍ରା ପାଇଁ କୋଲାବିରା ବସ୍ତି ଅଞ୍ଚଳ ଜନସମୁଦ୍ରରେ ପରିଣତ ହୋଇଥିଲା। ତଥାପି ବଏଲଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବଳିପ୍ରଥା ବନ୍ଦ କରାଯିବା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ତଥାପି ଆସ୍ଥା ବିଶ୍ୱାସ ଓ ସ୍ରଦ୍ଧାରୁ ରହି ଆସିଥିବା ପରମ୍ପରାକୁ ଏଥର ବି ବଜାୟ ରଖାଯାଇଥିଲା। ଚଳିତ ବର୍ଷ ଦେବୀ ବାହନ ବରୁଆ ଭାବେ ଯୋଗୀ ଯୋଗେନ୍ଦ୍ର ରାଏ ଦାୟିତ୍ୱ ସମ୍ପାଦନ କରିଥିଲେ। ଜମିଦାର ବଂଶଜ ରୁଦ୍ର ପ୍ରତାପ ସିଂହ ଓ ତାଙ୍କର ଧର୍ମପତ୍ନୀ ମଉନାବତୀ ସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ପ୍ରଦ୍ୟୁମ୍ନ ପୁରୋହିତ ଓ ବିଜୟ ପୂଜାରୀ, ସହପୂଜକ ସ୍ମୃତି ରଞ୍ଜନ ରାଏ ସମସ୍ତ ପୂଜା ଯଜ୍ଞାଦିକାର୍ଯ୍ୟ ଆଗେଇ ନେଇଥିବା ବେଳେ ପ୍ରଫୁଲ୍ଲ ପାଣିଗ୍ରାହୀ ଚଣ୍ଡୀପାଠ କରିଥିଲେ। ଦେବୀଙ୍କ ସେବାୟତ ସନ୍ତୋଷ ଦଲାଇ, ଆଲୋକ ମହାପାତ. ଲଳିତ ସାହୁ, ସରୋଜ କୈବାର, ସୁଶିଳ ମଲ୍ଲିକ ପ୍ରଫୁଲ୍ଲ ଖରସେଲ, ଅଫୁଆ ରଣା ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିନୟ ମହାପାତ୍ର, ଆଲୋକ ମହାପାତ୍ର, ସଚିନ ମହାପାତ୍ର, ଦେବାଶିଷ ସିଂ ଠାକୁର, ସୁବ୍ରତ ଦାସ, ଦୀପକ ରାୟ, ପ୍ରବୀଣ ସାହୁ, ବସନ୍ତ ସାହୁ, ଅସିତ ବହିଦାର, ଚିନ୍ମୟ ବହିଦାର, କୁନାଲ ବହିଦାର, ଚିତ୍ରସେନ ସମର୍ଥା, ସିମନ୍ତ ସାହୁ, ବୁଲୁ ମହାପାତ୍ର, ମନୋଜ ପଧାନ, ଭିମସେନ ଭଞ୍ଜ, ବସନ୍ତ ଉମାକାନ୍ତ ରଣା, ଫକିର





ସାହୁ, ଶ୍ରୀପ୍ରସାଦ ସାହୁ, ଉମା ରଣା, ଶଚିନ ମହାପାତ୍ରଙ୍କ ସମେତ ପୁଜାକମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

କୋଲାବିରା ଠାରେ ବଏଲଯାତ୍ରା ଜମିଦାର ସଂସାଧର ସିଂହଙ୍କ ସମୟରୁ ଆରମ୍ଭ ହୋଇଥିବାର ଜନାଶ୍ରୁତି ରହିଛି। ଏହିକ୍ରମରେ ରାଜ ଉଆସରୁ ବାହରିଥାଏ ତରବାରୀ, ଖଣ୍ଡା, ଭାଲ୍ଲା, ଛୁରି, ଖଂଜର ଆଦି ବିଭିନ୍ନ କିସମର ଯୁଦ୍ଧାସ୍ତ୍ର। ରାତିରେ ରଣଜିତା ଶୋଭାଯାତ୍ରା ଅବସରରେ ରାଜବାଟୀରୁ ଢ଼ୋଲ, ନିଶାନ, ତାଶା, ଓ ଅନ୍ୟାନ୍ୟ ବାଜାଗାଜା ସହ ଜମିଦାର, ଗୋଣ୍ଡବୀର ସମାଜର ପ୍ରତିନିଧି ତଥା ଗାଁବାସୀ ଷୋହଳ ଖଣ୍ଡା ଓ ଗଦା ସହିତ ସୁସଜ୍ଜିତ ହୋଇ ପଟୁଆରରେ ବାହାରି ଗାଁର ମୁଖ୍ୟ ଛକ ମାନଙ୍କରେ ଆଖଡା, ନାଚ, ସାହସିକ ଅଗ୍ନୀବଳୟ କସରତ, କୁସ୍ତି, ବାଡିଖେଳ ଆଦି ପ୍ରଦର୍ଶିତ କରିଥାନ୍ତି। ବାଣ ଫୁଟା ଜରିଆରେ ଗାଁର ଅନ୍ୟ ମୁଣ୍ଡ କୁମ୍ଭାରପଡ଼ାର ଶେଷଭାଗକୁ ପହଞ୍ଚି ବିଜୟର ପ୍ରତୀକ ଟିହା (ନୀଳକଣ୍ଠ) ପକ୍ଷୀ ଦେଖିବା ପରେ ଦେବୀ ପୀଠ ପରେ ରାଜ ଉଆସକୁ ଫେରିଥିଲେ। ଏହା ବିଜୟର ପ୍ରତିକରଣ ଜିତା ପର୍ବ। ରାଜବାଟୀରୁ ବାହାରି ଗାଁ ମୁଣ୍ଡରେ ଥିବା ରଞ୍ଜିତା ଦେବୀଙ୍କ ସ୍ଥାପନା ସ୍ଥଳୀକୁ ଯାଇ ପୂଜାର୍ଚ୍ଚନା ସହ ଶୋଭାଯାତ୍ରା ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ମାଁଙ୍କ ଚାଚେରୀ ଖେଳ ସହିତ ମନ୍ଦିର ପ୍ରତ୍ୟାବର୍ତ୍ତନ ହୋଇଥିଲା। ମନ୍ତ୍ରତନ୍ତ୍ର ପରେ ଦେବୀବାହନ ବରୁଆଙ୍କ ଦେହରୁ ଦୈବୀଶକ୍ତି ଅପସାରିତ ହେବାପରେ ବଏଲଯାତ୍ରାର ପରିସମାପ୍ତ ଘଟିଥିଲା।

ଏହି ବଏଲଯାତ୍ରା ଅଞ୍ଚଳର ଇତିହାସ, ସାଂସ୍କୃତିକ ଚେତନା, ଧର୍ମୀୟ ବିଶ୍ୱାସ, ସାମାଜିକ ମୂଲ୍ୟବୋଧର ବାର୍ତ୍ତା ବହନ କରି ପୁରପଲ୍ଲୀରେ ଖ୍ୟାତିଲାଭ କରିପାରିଛି। ଦେବୀ ଦକ୍ଷିଣେଶ୍ୱରୀଙ୍କ ପୂଜାସହ ପ୍ରତିବର୍ଷ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ଫୁଲୋରୀ ଓଷା ଦିନ ବଏଲଯାତ୍ରା ଆରମ୍ଭ ହୁଏ। ଦଶମୀ ତିଥିରେ ବଳିଯାତ୍ରା ଉଦ୍‌ଯାପିତ ହେଲେ ହେଁ ପୂଜାବିଧି ଆଦି ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିଥାଏ। ଜୟପୁର ଇଷ୍ଟେଟ ଅଧୀନରେ ରହିଥିବା କୋଲାବିରା ଜମିଦାରୀରେ ଦୁର୍ଦ୍ଦାନ୍ତ ସର୍ଦ୍ଦାର ସଂସାଧର ସିଂହ ପ୍ରଥମ ଜମିଦାର ରୂପେ ଅଭିସିକ୍ତ ହୋଇଥିଲେ। ଏହି ଜମିଦାରୀ ପ୍ରାୟ ପାଖାପାଖି ୩ଶହ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବାର କୁହାଯାଏ। ଯାତ୍ରାରମ୍ଭର ଅମାବାସ୍ୟା ଦିନ ମାଁ ସମଲେଈଶ୍ୱରୀଙ୍କ ପୀଠରେ ମନୋନୟନ କମିଟି ଦ୍ୱାରା ଚୟନ କରଯାଇଥିବା ବରୁଆ ଦେବୀଙ୍କ ପୀଠରେ ମୁଣ୍ଡପାତି ଯୋଡ ହସ୍ତରେ ବସନ୍ତି। ଢୋଲ, ନିଶାନ, ତାଶା, ମହୁରୀ, ଟିମଟିମି ଓ ଲୋକଙ୍କ ହୁଳହୁଳି ହରିବୋଲର ତାଳେତାଳେ ଏକାଗ୍ର ଚିତ୍‌ରେ ଦେବୀଙ୍କ ପୂଜାର୍ଚ୍ଚନା ପରେ ମାଁ ବିରାଜମାନ କରନ୍ତି ବରୁଆଙ୍କ ଶରୀରରେ। ପୂଜାରୀଙ୍କ ଦ୍ୱାରା ମାଁଙ୍କ ସିନ୍ଦୁର, ଫୁଲ, ଅରୁଆ ଚାଉଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ବରୁଆଙ୍କ କପାଳରେ ଟିକା ଦେଇ ମନ୍ତ୍ରତନ୍ତ୍ର ଉଚ୍ଚାରଣ ପରେ ବରୁଆଙ୍କ ଶରୀରରେ ଦେବୀ ସବାର ହେବା ପରଠାରୁ ଆରମ୍ଭ ହୁଏ ବଏଲ ଯାତ୍ରା। ମନସ୍କାମନା ପୂର୍ଣ୍ଣ ପାଇଁ ଦେବୀଙ୍କ ଆଗରେ ପୟରନ ପଡ଼ି ଭକ୍ତମାନେ ତାଙ୍କର ଭକ୍ତି ଜଣାଇବା ସହ ବୋଦାବଳି ଦେଇ ରକ୍ତପାନ କରିଥାନ୍ତି। ସପ୍ତମୀ ଠାରୁ ପୂଜା ଆରମ୍ଭ ହୋଇ ଘିଅ ଓ ଡୁରି ତେଲରେ ଦୁଇଟି ଦମ୍ବୋ(ଦୀପ) ଜଳାଯାଏ। ଏହାସହିତ ମାନସିକ କରିଥିବା ଓ ମନୋସ୍କାମନା ପୂର୍ଣ୍ଣ ପାଇଁ ଅନେକେ ମାଁଙ୍କ ଆଗରେ ଦମ୍ବୋ ଜଳାଇଥାନ୍ତି। ଯାହାକି ଦଶମୀ ଦିନ ପୂର୍ଣ୍ଣାହୁତୀ ପର୍ଯ୍ୟନ୍ତ ଅନବରତ ଜଳିଥାଏ। ସେବାୟତମାନେ ଦମ୍ବୋ ଯେପରି ନଲିଭିବ ତାହାର ଯତ୍ନ ନେଇଥାନ୍ତି। ଦଶମୀଦିନ ପୂର୍ଣ୍ଣାହୁତି ବେଳେ ଦମ୍ବୋ ଲିଭାଇବା ସହ ବୋଦାବଳୀ ଦିଆଯାଏ। ଅମାବାସ୍ୟା ଦିନଠାରୁ କର୍ତ୍ତା, ବରୁଆ, ପୁରୋହିତ ଏବଂ ସେବାୟତମାନେ ହବିଷରେ ରହିଥାନ୍ତି। ଦଶମୀ ଦିନ ପୂର୍ଣ୍ଣାହୁତି ପରେ ସନ୍ଧ୍ୟାରେ ପୁଣି ବରଣ କରାଯାଇ ଦେବୀଙ୍କୁ ଉଠାଯାଏ। ବରୁଆ ଉପରେ ଦେବୀ ସବାର ଥାଇ ଗାଁ ପରିକ୍ରମା ଆରମ୍ଭ ହୋଇଥାଏ। ଶାନ୍ତିଶୃଙ୍ଖଳା ସହ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଦୀପାଳି ଦାସ୍, ପୂର୍ବତନ ବାଚସ୍ପତିଙ୍କ ପୁଅ ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଦେବୀଙ୍କ ଦର୍ଶନ କରିଥିବା ବେଳେ ବଏଲଯାତ୍ରା ପାଇଁ ପଡୋଶୀ ଜିଲ୍ଲା ଓ ଜିଲ୍ଲା ବାହାରର ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। କମିଟି ଆଉ ସେବାୟତ ପରିବାର ପକ୍ଷରୁ ବଏଲ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଦୁଲଦୁଲି ବାଦ୍ୟ ସାଙ୍ଗକୁ ଘଣ୍ଟ, ନିଶାନ ଦଳ ସମେତ ସାଂସ୍କୃତିକ ଦଳଗୁଡିକ ପ୍ରସ୍ତୁତ ହୋଇଥିଲେ। ଯାତ୍ରାକୁ ଦୃଷ୍ଟିରେ ରଖି କୋଲାବିରା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଚଳିତ ବର୍ଷ ଜନଗହଳି ସାଙ୍ଗକୁ ପୂର୍ବ ବର୍ଷଠାରୁ ଅଧିକ ବଳି ପଡ଼ିଥିଲା।

## କିର୍ମିରା ଏକଲବ୍ୟ ବିଦ୍ୟାଳୟରେ ଆଭାସୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଓ କେନ୍ଦ୍ରମନ୍ତ୍ରୀଙ୍କ ସ୍କିଲ ଲ୍ୟାବ ଉଦ୍‌ଘାଟନ

**ଝାରସୁଗୁଡ଼ା/କିର୍ମିରା, ୪।୧୦(ସମିସ):** ଶନିବାର ସକାଳେ ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସପାଲଙ୍କ ଦ୍ୱାରା ଏକ ଆଭାସୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ସମ୍ମାନୀୟ ଅତିଥି ଜିଲ୍ଲାପାଳ କୁନାଲ ଚହ୍ୱାଣଙ୍କ ସମେତ ବହୁ ମାନ୍ୟଗଣ୍ୟ ଯୋଗ ଦେଇଥିଲେ। ଜୁମ ସାହାଯ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରୁ ଛାତ୍ରଛାତ୍ରୀଙ୍କ ଦକ୍ଷତା ତଥା ଜନସାଧାରଣଙ୍କ ପାଇଁ ଦେଶର ପ୍ରଗତିପଥେ ଉଦବୋଧନ ଦେଇଥିଲେ।

**କନଭେସନ ଅନ୍ ଜିଏସଟି ରିଫର୍ମ ୨୦୨୫**

## ଜିଏସ୍‌ଟି ସଂସ୍କାର ୨.୦ ଦ୍ୱାରା ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି: ଧର୍ମେନ୍ଦ୍ର ପ୍ରଧାନ

**ଝାରସୁଗୁଡ଼ା, ୪।୧୦(ସମିସ):** ଝାରସୁଗୁଡ଼ା ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ ଜିଏସଟି ସଂସ୍କାର ସମ୍ପର୍କିତ 'କନଭେସନ ଅନ୍ ଜିଏସଟି ରିଫର୍ମ ୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଏସଟି ସଂସ୍କାର ୨.୦ ଦ୍ୱାରା 'ସହଜ ଜୀବନଯାପନ' ଓ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଜିଏସଟି ସଂସ୍କାର ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମାର୍ଗ ପ୍ରଶସ୍ତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି। ୨୦୧୩-୧୪ ପରେ ଦେଶର ରପ୍ତାନୀ ପରିମାଣ ୭୭%




ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଭାରତର ଆର୍ଥିକ ଅଭିବୃଦ୍ଧି ୬.୩% ରୁ ୬.୮% ହୋଇଛି। ଦେଶରେ ନିବେଶକଙ୍କ ସଂଖ୍ୟା ୧୩.୨ କୋଟି ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ଠାରୁ ଦୁଇ ଗୁଣା ବୃଦ୍ଧି ପାଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ତିନିଗୁଣା ବଢ଼ି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢ଼ି ୨୨ ଲକ୍ଷ କୋଟି ହୋଇଛି। ଜିଏସଟି ସଂସ୍କାର ୨.୦ ଦ୍ୱାରା ଲୋକଙ୍କ ସଞ୍ଚୟ ବଢୁଛି। ଏହି ଜିଏସଟି ପ୍ରକ୍ରିୟାରେ ସଂସ୍କାର ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବିଶେଷ ଭାବେ ଦୈନନ୍ଦିନ ବ୍ୟବହୃତ ଜିନିଷରେ ଜିଏସଟି କମିବା ଦ୍ୱାରା ସାଧାରଣ ଲୋକମାନେ ଲାଭବାନ ହେବେ। ଏହାବ୍ୟତୀତ ଝାରସୁଗୁଡ଼ାରେ ବ୍ୟବସାୟ କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ଚର୍ଚ୍ଚା କରିବା ସହ ଶିଶୁମାନଙ୍କ ପୋଷଣକୁ ଠିକ୍ କରିବା ପାଇଁ ଆଗେଇ ଆସିବା ପାଇଁ ଝାରସୁଗୁଡ଼ା ଚାମ୍ବର୍ସ ଅଫ କମର୍ସର ସଦସ୍ୟମାନଙ୍କୁ ସେ ଆହ୍ୱାନ ଦେଇଥିଲେ।

## ବାପାକୁ ହତ୍ୟା କରି ପୁଅ ଗିରଫ

**ଝାରସୁଗୁଡ଼ା, ୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ବାରତାପ ଗାଁରେ ବାପାକୁ ପୁଅ ହତ୍ୟା କରିବା ସୂଚନା ରହିଛି। ମୃତକଙ୍କ ନାମ ବିମ୍ବାଧର ପଟ୍ଟା ବୋଲି ଜଣାପଡ଼ିଛି। ଗତ ୩୦ ତାରିଖ ସାମାନ୍ୟ କଳହରେ ଉତ୍ତ୍ୟକ୍ତ ହୋଇ ପୁଅ ବିଦ୍ୟାଧର ପଟ୍ଟା (୨୯) ଡାଇନିଙ୍ଗ ଟେବୁଲର ଏକ ଗୋଡ଼ରେ ବାପା ବିମ୍ବାଧରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଆକ୍ରମଣରେ ଘଟଣାସ୍ଥଳରେ ବିମ୍ବାଧରଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ବାପାଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ମୂଳ ଗାଁ ଦେବଗଡ଼ ଜିଲ୍ଲାର ଚିଲାଣ୍ଟିଖୋଲକୁ ନେଇ ପୋତି ଦେଇଥିଲା। ବିମ୍ବାଧରଙ୍କ ମୃତ୍ୟୁ ସିଡ଼ିରୁ ପଡ଼ିଯିବାରୁ ହୋଇଥିବା ପୁଅ ବିଦ୍ୟାଧର ସମସ୍ତଙ୍କୁ କହିଥିଲା। ହେଲେ ଏନେଇ ବିଦ୍ୟାଧରଙ୍କ ବଡ଼ ଭଉଣୀଙ୍କୁ ସନ୍ଦେହ ହେବାରୁ ସେ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ପୁଅ ବିଦ୍ୟାଧରକୁ ଗିରଫ କରି କୋର୍ଟଚାଲାଣ କରିଛି। ଏବଂ ହତ୍ୟାରେ ବ୍ୟବହୃତ ଡାଇନିଂ ଟେବୁଲର ଗୋଡ଼କୁ ମଧ ଜବତ କରିଛି। ଏହାସହ ମୃତ ବିମ୍ବାଧରଙ୍କ ପୋତାଯାଇଥିବା ଶବ ବାହାର କରି ବ୍ୟବଚ୍ଛେଦ ପରେ ପୁଣି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ନିର୍ଦ୍ଦେଶକ ଝସକେତନ ସାହୁଙ୍କୁ ଭଗବତୀ ପ୍ରତିଭା ସମ୍ମାନ

**ଝାରସୁଗୁଡ଼ା, ୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅଢ଼ାପଡ଼ା ଗାଁରେ ସାର୍ବଜନୀନ ଦୁର୍ଗାପୂଜା ପ୍ରତିବର୍ଷ ପରି ଏଥର ମଧ ଧୁମଧାମରେ ପାଳିତ ହୋଇଯାଇଛି। ଅଢ଼ାପଡ଼ା ଦୁର୍ଗାପୂଜା ୭୯ ତମ ବର୍ଷରେ ପଦାର୍ପଣ କରିଥିବା ସଭାପତି ସୂଚନା ଦେଇଥିଲେ। ଏ ବର୍ଷ ମଧ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଯେପରି କି ଉନ୍ନତ କୃଷକ, ନାଟ୍ୟକାର, କବି, କଳାକାର, ସମାଜ ସେବୀ, ଓ ଗୁରୁ



ମାନଙ୍କୁ ଭଗବତୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥାଏ। ଏ ବର୍ଷ ମଧ ଚାରି ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେ ମାନଙ୍କ ମଧ୍ୟରୁ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଝସକେତନ ସାହୁ ମଧ ସମ୍ମାନିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଲଖନପୁର ଖୋଲା ମୁହଁ କୋଇଲା ଖଣିର ମହା ପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ ଯୋଗ ଦେଇଥିବା ବେଳେ କୁସରାଲୋଇ ପଞ୍ଚାୟତର ସରପଞ୍ଚ ରଘୁ ମଣି ପ୍ରଧାନ, ଦୁର୍ଗା ପୂଜା କମିଟିର ସଭାପତି ସେନାପତି ପ୍ରଧାନ ପ୍ରତିଭା ମାନଙ୍କୁ ଉପଢୌକନ୍ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସନ୍ତୋଷ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଦୁଇଟି ନାଟକ 'ରାମ ବନବାସ କାହାଣୀ ଶେଷ' ଓ 'ଏ ଆଖି କାନ୍ଦୁଛି ତୋରି ପାଇଁ' ମଞ୍ଚସ୍ଥ ହୋଇଥିଲା।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିନଟିଏ

**ଝାରସୁଗୁଡ଼ା, ୪।୧୦(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡା ପକ୍ଷରୁ ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିବସ ଜିଲ୍ଲା ଓ ଦୌରାଜଜଙ୍କ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସୁଲଧିଆ ପଡ଼ା ସ୍ଥିତ ଶ୍ରୀ ସାଇ ଡିଗ୍ନିଟି ହୋମ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତେବାସୀ ମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଦେୱାନୀ ଜଜ୍ ମୋନାଲିସା ପ୍ରଧାନ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ୱାର୍ଡ ନଂ ୭ର କାଉନସିଲର ସୁଷମା ବରାଡ ଯୋଗ ଦେଇଥିଲେ।

## ବିପିଏମ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଇଁ ଅଞ୍ଚଳବାସୀଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ଆଲୋଚନା



**ଝାରସୁଗୁଡ଼ା, ୪।୧୦(ସମିସ):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଝାରସୁଗୁଡ଼ା ଜିଲ୍ଲା ଭଇଁରଖୋଲ ବିପିଏମ ହାଇସ୍କୁଲ ଗସ୍ତ କରିଛନ୍ତି। ଏହି ଅବସରରେ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଭଇଁରଖୋଲରେ ପୂର୍ବତନ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଡିସେମ୍ବର ୨୦ ଏବଂ ୨୧ ତାରିଖ ଦିନ ବିପିଏମ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ଏହାକୁ ଭବ୍ୟ ରୂପେ ପାଳିବା ପାଇଁ ସମସ୍ତ ବିଷୟରେ ଆଲୋଚନା କରାଯାଇଛି। ଶିକ୍ଷାର ବିକାଶ ପାଇଁ ବିପିଏମ ହାଇସ୍କୁଲକୁ ଆବଶ୍ୟକ ସମସ୍ତ ସୁବିଧା ସରକାର ଯୋଗାଇ ଦେବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାସହ ବିଦ୍ୟାଳୟକୁ ଆବଶ୍ୟକ ଜମି, ଖେଳ ପଡ଼ିଆ, ପୂର୍ବତନ ଛାତ୍ରଛାତ୍ରୀଙ୍କ ପାଇଁ ଏକ କୋଠରୀ, ବିଦ୍ୟାଳୟର ପାଚେରୀ, ଶିକ୍ଷକ ଅଭାବ ଦୂରୀକରଣ, ସ୍ମାର୍ଟ କ୍ଲାସରୁମର ମରାମତି ଆଦି ବିଷୟରେ ମଧ ଅଞ୍ଚଳବାସୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ସମସ୍ୟା ଦୂର କରିବା ସହ ଆବଶ୍ୟକ ଭିତ୍ତିଭୂମିର ନିର୍ମାଣ ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ରଜରାଜନଗର ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ



**ଝାରସୁଗୁଡା, ୪।୧୦(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରଜରାଜନଗର ବିଜେଡି ସଭାପତି ତପନରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଗାନ୍ଧୀଛକ ଠାରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ବିଜେଡିର ସମସ୍ତ ବରିଷ୍ଠ, ମହିଳା ଯୁବ ଛାତ୍ର ନେତୃବୃନ୍ଦ ମାଲ୍ୟାର୍ପଣ କରି ଦଳର ଜନସମ୍ପର୍କ ପଦଯାତ୍ରା ଅଭିଯାନର ସଙ୍କଳ୍ପ କାର୍ଯ୍ୟକ୍ରମରେ ସଙ୍କଳ୍ପ ନେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା କୁଳମଣି ଦାସ, ଗୋବିନ୍ଦ ସାହୁ, ନୃପ ତାଣ୍ଡି, ଚିନ୍ତାମଣି ଦାସ, ଅବତାର ସିଂ, ରାମନାରାୟଣ ରାଏ, ସୁରଜ୍ କଣ୍ଟା, ଶଙ୍କର ତାଣ୍ଡି, ଆଲୋକ ପଟନାୟକ, ବଳରାମ ପାତ୍ର, ଜୟରାମ ବଗାର, ଗିରିଧାରୀ ଗରୁଡ, ଆକାଶ ବଡ଼ାଇ, ସୁନିଲ ଭୋଇ, ଶରତ ତନ୍ତୀ, ଅନନ୍ତ କୁମ୍ଭାର, ଶୁରୁ ସେନାପତି, ବିକ୍ରମ ଦାସ, ବାବୁଲା ମିଶ୍ର, ଜିତେନ୍ଦ୍ରରାଏ ଘାଡୁ, ଲଳିତ ଗିଦିଲି, ନଳିନୀ ପ୍ରଧାନ, କୁମୁଦିନୀ ଗରୁଡ, ସୁଷମା ସିଂହ, ବିନି ଦାସ, ଖିରୋଦିନି ସେନାପତି, ରୁକ୍ମିଣୀ ସୁନା, ଭୂମିଶୁତା ତନ୍ତୀ, ପ୍ରମୁଖଙ୍କ ସମେତ ବିଜେଡିର ଅନେକ ନେତା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ଘର ବାହୁଡ଼ା ଉତ୍ସବରେ ଅନ୍ତେବାସୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୪।୧୦(ସମିସ)**

ଜିଲ୍ଲା ପ୍ରଶାସନ, ଜିଲ୍ଲା ଖଣିଜ ପାଣ୍ଠି ଓ ପିପୁଲ୍ସ ଫୋରମ୍ ଦ୍ୱାରା ପରିଚାଳିତ ହଂ.କଟାପାଲି, ସ୍ଥିତ ୨ନମ୍ବର ମିଶନ ଆଶ୍ରାରେ ଘର ବାହୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଗତ ୬ମାସ ତଳେ ପ୍ରିୟଙ୍କା ବାଇଗା ନାମକ ଜଣେ ମାନସିକ ବିକାର ଗସ୍ତ ମହିଳାଙ୍କୁ ମିଶନ ଆଶ୍ରାର କର୍ମଚାରୀ ମାନେ ଉଦ୍ଧାର କରି ହଂ.କଟାପାଲି ସ୍ଥିତ ମିଶନ ଆଶ୍ରା -୨ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାପରେ ସେବା ଯତ୍ନ, କାଉନସେଲିଂ ଓ ନିୟମିତ ଔଷଧ ସେବନ ଦ୍ୱାରା ମହିଳାଙ୍କ ମାନସିକ ସ୍ଥିତିର ସୁଧାର ଆସିଥିଲା। ସେ ନିଜ ଘରର ଠିକଣା ମଧ ପ୍ରଦେଶର, ଜିଲ୍ଲା




ଉମାରିଆ, ସଲାଇଆ ଗାଁର ବୋଲି କହିଥିଲେ ଏବଂ ସିଏ ତାଙ୍କର ଭାଇଙ୍କର ଫୋନ୍ ନମ୍ବର ମଧ ଜଣାଇଥିଲେ। ମହିଳାଙ୍କ ପରିଚୟ ଜାଣିବା ପରେ କେନ୍ଦ୍ରର କର୍ମଚାରୀ ମାନେ ତାଙ୍କର ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ। ଏହାପରେ ତାଙ୍କର ସାନଭାଇ ଝାରସୁଗୁଡ଼ାରେ ପହଞ୍ଚି ଏତେ ମାସ ପରେ ତାଙ୍କୁ ଦେଖି ଖୁସିରେ ଆସ ବିଭୋର ହୋଇ ଯାଇଥିଲେ। ଗତ ୨୦୨୨ ମସିହାରୁ ମହିଳାଙ୍କ ମାନସିକ ସ୍ଥିତିରେ ଅସନ୍ତୁଳନ ଦେଖା ଦେଇଥିଲା। ସେ ୨୦୨୪ ମସିହାରୁ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଏହି ଘର ବାହୁଡା କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାୟକ, ପିପୁଲସ୍ ଫୋରମ୍ ମିଶନ ଆଶ୍ରା-୨ର କେନ୍ଦ୍ର ମୁଖ୍ୟା କିରନ୍ ଗୁପ୍ତା ଓ ଅନ୍ୟ କର୍ମଚାରୀ ମାନେ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ରାଧାକୃଷ୍ଣଙ୍କର ଫଟୋ ଚିତ୍ର ଜିଲ୍ଲା ସୁରକ୍ଷା ଅଧିକାରୀ ମହିଳାଙ୍କୁ ଅର୍ପଣ କରିଥିଲା।

## ସିନେମା ଛକରେ ବାଡି ଖେଳ



ବାଲେଶ୍ୱର, ୪।୧୦ (ସମିସ): ବାଲେଶ୍ୱରରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଦଶମୀ ଅର୍ଥାତ ରବିବାର ଦିନ ସିନେମା ଛକ ଠାରେ ଆଖଡା ବା ବାଡି ଖେଳ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୨୭ଟି ଦଳ ସେଠାରେ ସେମାନଙ୍କର ଆଖଡା ଖେଳ ପ୍ରଦର୍ଶନ କରିଥିଲେ। ଏହି ବାଡି ଖେଳ ବିଳମ୍ବିତ ରାତି ଅର୍ଥାତ ଭୋର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବେଳେ ଏହି ବାଡି ଖେଳରେ କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ପବିତ୍ର ଦଶହରାରେ ସିନେମା ଛକରେ ପ୍ରତିବର୍ଷ ବାଡିଖେଳ ଅନୁଷ୍ଠିତ ହୋଇଥାଏ। ପ୍ରଥମେ ମହାବୀର ଆଖଡା ଦଳ ସିନେମା ଚକରେ ପ୍ରବେଶ କରି ସେମାନଙ୍କର ଚିତାକର୍ଷକ କଳା ପ୍ରଦର୍ଶନ କରିଥିଲେ। ପରେ ଅନ୍ୟାନ୍ୟ ଦଳ ଗୁଡିକ ସିନେମା ଛକରେ ପ୍ରବେଶ କରିଥିଲା। ଏହି ବାଡି ଖେଳ ସମୟରେ କୌଣସି ପ୍ରକାର ମାରଣାସ୍ତ୍ର ପ୍ରଦର୍ଶନ ନ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଗୋଟିଏ ପଟେ ଆଖଡା ପ୍ରଦର୍ଶନ ହେଉଥିବା ବେଳେ ଲୋକମାନଙ୍କ ଭିଡ ସେହିପରି ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଏହି ଆଖଡା ପ୍ରଧର୍ଶନ ସମୟରେ କୌଣସି ପ୍ରକାର ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ।

# ମା’ଙ୍କୁ ମେଲାଣି, ଦୁଲୁକିଲା ବାଲେଶ୍ୱର ସହର

ବାଲେଶ୍ୱର, ୪।୧୦(ସମିସ)





ବାଲେଶ୍ୱରରେ ଶାରଦୀୟ ଦୁର୍ଗାପୂଜା ବହୁ ଧୁମଧାମରେ ପାଳିତ ହୋଇଯାଇଛି। ଶେଷରେ ମା’ଙ୍କୁ ମେଲାଣି ଦିଆଯାଇଛି। ପାଂଚଦିନର ପୂଜାର୍ଚ୍ଚନାର ପରେ ଧରାପୃଷ୍ଠରୁ ମା’ଙ୍କ ମେଲାଣୀ ପରେ ଅପେକ୍ଷା ଆସନ୍ତା ବର୍ଷକୁ। ମା’ଙ୍କ ବିଦାୟରେ ସମୟରେ ନାଚ, ଗୀତର ତାଳେ ତାଳେ ସହର ପ୍ରକମ୍ପିତ ହୋଇ ଉଠିଥିଲା ସହର। ମା’ଙ୍କ ଏହି ମେଲାଣୀ ପାଇଁ ବାଲେଶ୍ୱର ସହରର ସିନେମା ଛକରୁ ବାଲିଘାଟ ପୋଲ ଏବଂ ଫକୀରମୋହନ ଗୋଲେଇ ଠାରୁ ନୁଣିଆଯୋଡି ପୋଲ ପର୍ଯ୍ୟନ୍ତ ଚାରିଆଡେ ଲୋକାରଣ୍ୟ ସାଙ୍ଗକୁ ବାଜା ଓ ନାଚଗୀତରେ ମସଗୁଲ ଥିଲେ ଲୋକେ। ସହରରେ ମୋଟ ୮୯ଟି (ଘରୋଇ ଏବଂ ସାର୍ବଜନୀନ) ମଣ୍ଡପରେ ପୂଜା ପାଉଥିବା ମା’ଙ୍କୁ ମେଲାଣୀ ଦିଆଯାଇଥିଲା। ବିଶେଷ କରି ସହରର ମୁଖ୍ୟ ସ୍ଥଳ ସିନେମା ଛକ ଠାରୁ ବାଲିଘାଟ ପର୍ଯ୍ୟନ୍ତ ମୋଟ ୪୩ଟି ମେଢ଼ର ବିସର୍ଜନ କରାଯାଇଥିବା ବେଳେ ଫକୀରମୋହନ ଗୋଲେଇଠାରୁ ନୁଣିଆ ଯୋଡି ପର୍ଯ୍ୟନ୍ତ ମୋଟ ୩୬ଟି ମେଢ଼କୁ ବିସର୍ଜନ କରାଯାଇଥିଲା। ସେହିପରି ୧୦ଟି ଘରୋଇ ମେଢ଼କୁ ମଧ ବିସର୍ଜନ କରାଯାଇଛି। ତେବେ ଶୁକ୍ରବାର ସକାଳ ୧୦ଟା ଠାରୁ ଏହି ଭଷାଣୀ ପର୍ବ ଆରମ୍ଭ ହୋଇ ଶନିବାର ସକାଳ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜା ମଣ୍ଡପରୁ ସକାଳ ଠାରୁ ଠାକୁର ବହାର କରି ସିନେମାଛକରେ ଗୋଟିଏ ପରେ ଗୋଟିଏ କ୍ରମିକ ନମ୍ବର ଅନୁସାରେ ଲାଇନରେ ଥିଲେ। ପ୍ରଥମେ ଏକ ନମ୍ବର ମେଢ଼ ବାହାରିବା ପରେ ଗୋଟିଏ ପରେ ଗୋଟିଏ ମେଢ଼ ବାଲିଘାଟ ଅଭିମୁଖେ ବାହାରିଥିଲା। ବାଲିଘାଟରେ ମେଢ଼ ବିସର୍ଜନ ପାଇଁ ସିନେମା ଛକ ଏବଂ ନୁଣିଆଯୋଡିରେ ମେଢ଼ ବିସର୍ଜନ ପାଇଁ ଫକୀରମୋହନ ଗୋଲେଇ ଠାରେ ସମସ୍ତ ମେଢ ଏକତ୍ରିତ ହୋଇଥିଲେ। ପରେ ଆରମ୍ଭ ହୋଇଥିଲା ନାଚ, ଗୀତ ସହ ନୃତ୍ୟର ମାହୋଲ। ହେଲେ ଏହି ଭସାଣୀ ପାଇଁ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ସିନେମା ଛକ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ମେଢ଼କୁ ଦିଆଯାଇଥିବା କ୍ରମିକ ନମ୍ବର ଅନୁସାରେ ମେଢ଼ ଗୁଡିକ ଗୋଟିଏ ପରେ ଗୋଟିଏ ବାଲିଘାଟ ଅଭିମୁଖେ ବାହାରିଥିଲେ। ସେହି ସମୟରେ ସିନେମା ଛକ ଫଗୁର ରଙ୍ଗରେ ସମ୍ପୂର୍ଣ୍ଣ ରଙ୍ଗିନ ହୋଇଥିଲା। ଅଭିର ଖେଳ ସାଙ୍ଗକୁ ନାଚ ଗୀତର ମାହଲୋ ଥିଲା ଭିନ୍ନ ପ୍ରକାର। ଅନ୍ୟପଟେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏହି ଭଷାଣୀ ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରିଥିବା ବେଳେ ଭସାଣୀ ସମୟରେ ଏସପି ପ୍ରତ୍ୟୁଷ ଦିବାକରଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହ ଟାଉନ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସିନେମା ଛକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଲଘୁଚାପଜନିତ ଲଗାଣ ବର୍ଷା

## ବଢୁଛି ବାଲେଶ୍ୱର ଜିଲ୍ଲାର ପ୍ରମୁଖ ୩ ନଦୀ



ବାଲେଶ୍ୱର, ୪।୧୦ (ସମିସ): ଲଘୁଚାପଜନିତ ବର୍ଷା ଯୋଗୁ ଗତ ତିନି ଦିନରେ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ହେଉଥିବା ଜଳକା ନଦୀ ସତର୍କ ସଙ୍କେତ ଉପରେ ଥିବା ବେଳେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଉଛି। ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ ମିଟର ରହିଛି। ବର୍ତ୍ତମାନ ସତର୍କ ସଙ୍କେତ ଉପରେ ଅର୍ଥାତ ୬.୩୫ ମିଟରରେ ଜଳକା ପ୍ରବାହିତ ହେଉଛି। ସେହିପରି ରାଜଘାଟଠାରେ ଥିବା ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ବର୍ତ୍ତମାନ ୫.୯୬ମିଟରରେ ଜଳ ପ୍ରବାହିତ ହେଉଛି। ସେହିପରି ଏନଏଚ-୫ଠାରେ ଥିବା ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ବର୍ତ୍ତମାନ ୬.୪୮ ମିଟର ଜଳ ପ୍ରବାହିତ ହେଉଛି।

## ମନ ମୋହିଲା ସିନ୍ଦୁର ଖେଳ

ବାଲେଶ୍ୱର, ୪।୧୦ (ସମିସ): ପବିତ୍ର ବିଜୟା ଦଶମୀ ଅବସରରେ ବାଲେଶ୍ୱରର ମହିଳାମାନେ ସିନ୍ଦୁର ଖେଳି ମା’ଙ୍କୁ ଏଇ ଧରାପୃଷ୍ଠରୁ ବିଦାୟ ଦେଇଛନ୍ତି। ବଙ୍ଗୀୟ ପରମ୍ପରା ଅନୁସାରେ ମା’ଦୁର୍ଗାଙ୍କୁ ଝିଅ ଭାବେ ଆବାହନ କରନ୍ତି। ଯେପରି ଝିଅଟିଏ ବାପ ଘରୁ ଶାଶୁ ଘରକୁ ଯିବା ସମୟରେ ତାକୁ ପାଦରେ ଅଳତା ଓ ମଥାରେ ସିନ୍ଦୁର ଲଗାଇବା ସହ ତାକୁ ସଜେଇ କରି ପଠାଯାଇଥାଏ। ଠିକ ସେହିପରି ମା’ ଦୁର୍ଗାଙ୍କୁ ବିସର୍ଜନ ଦେବା ସମୟରେ ତାଙ୍କୁ ସଧବା ଝିଅ ଭାବେ ସଜାଯାଇ ସିନ୍ଦୁର ପିନ୍ଧା ଯାଇଥାଏ। ଏହି ଅବସରରେ ସିନ୍ଦୁର ଖେଳ ଅନୁଷ୍ଠିତ ହୋଇଥାଏ। ମା’ଙ୍କୁ ବିଦାୟ ବେଳେ ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପରସ୍ପରକୁ ସିନ୍ଦୁର ଲଗାଇ ଖୁସି ମନାଇଥିଲେ।

# ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଚେତନତା ଶିବିର

ବାଲେଶ୍ୱର, ୪।୧୦(ସମିସ): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ବିଚାରଗଞ୍ଜ ଛକ ନିକଟସ୍ଥ ରିକ୍ସାଚାଳକ ସଂଘ ଅଫିସ ନିକଟରେ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଜନସଚେତନତା ଶିବିର ଶେଷ ହୋଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୯ଦଫା ଦାବି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ସରକାରୀ ସ୍ୱାସ୍ଥ୍ୟସେବାର ଉନ୍ନତି ଦାବିରେ ବ୍ୟାପକ ଆନ୍ଦୋଳନ ପାଇଁ ଜନମତ ସଂଗ୍ରହ କରାଯାଇଥିଲା। ଶାରଦୀୟ ଦୁର୍ଗାପୂଜା ଅବସରରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତାମାନେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ବାଲେଶ୍ୱର ଜିଲ୍ଲାରେ ଖୋଲିଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିଯୁକ୍ତି, ଫକୀରମୋହନ ମେଡିକାଲ କଲେଜରେ ଗୁରୁତର ରୋଗ ଗୁଡ଼ିକର ବିଭାଗ ଖୋଲିବା ଓ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏମ୍ସ ସାଟେଲାଇଟ ସେଂଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପ୍ରଭୃତି ଦାବିରେ ଏହି ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘ ଚାରିବର୍ଷ ଧରି ଜିଲ୍ଲାବାସୀ ଦାବି କରିଆସୁଛନ୍ତି। ତୁରନ୍ତ ବାଲେଶ୍ୱର ଜିଲ୍ଲାରେ କୃଷି ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାର ଘୋଷଣା ଦାବିରେ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏହି ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠାର ଆବଶ୍ୟକତା ଓ ଏଥିପାଇଁ ବାଲେଶ୍ୱରରେ ଥିବା ଭିତିଭୂମି ସମ୍ପର୍କରେ ଏକ ପୁସ୍ତିକାକୁ ୫ ଦିନ ଧରି ଦୁର୍ଗାପୂଜା ଦେଖିବାକୁ ସହରକୁ ଆସିଥିବା ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତିର ସମ୍ପାଦକ ଅଭୟଚନ୍ଦ୍ର ମିଶ୍ର, ଉଦଯାପନୀ କାର୍ଯ୍ୟକ୍ରମରେ ଗତ ୫ଦିନ ଧରି ସଚେତନତା ଶିବିରରେ ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ, ସଦସ୍ୟା ଓ ବାଲେଶ୍ୱରବାସୀଙ୍କୁ କୃତଜ୍ଞତା ଜଣାଇବା ସହ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ଏବଂ କୃଷି ସମ୍ପର୍କରେ ଜିଲ୍ଲାବାସୀଙ୍କ ଦାବିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି।

## ଅନଲାଇନ ଠକେଇ, ନେଇଗଲେ ୪୦ ହଜାର

ଖଇରା, ୪।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଇଁତିରା ଗ୍ରାମର ରବିନ୍ଦ୍ର ସ୍ୱାଇଁ ଓ କଳିହା ଗ୍ରାମର କୀର୍ତ୍ତନ ଦାସ ଅନଲାଇନ ଠକେଇର ଶିକାର ହୋଇଛନ୍ତି। ଏକ ଟ୍ରାନ୍ସପୋର୍ଟ କମ୍ପାନୀ ଧାନକଟା ମେସିନ ଖଇରାରୁ ମାଲକାନାଗିରିରେ ପହଞ୍ଚାଇବାକୁ କହି ୪୦ ହଜାର ଟଙ୍କା ଠକି ନେଇଛନ୍ତି। ଉକ୍ତ ଅର୍ଥ ଫେରିପାଇବା ପାଇଁ ରବିନ୍ଦ୍ର ଓ ତାଙ୍କର ସହଯୋଗୀ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପାଠପଢି ଚାକିରି ନ ପାଇବା ପରେ ରବିନ୍ଦ୍ର ଓ ତାଙ୍କ ବନ୍ଧୁ କଳିହା ଗ୍ରାମର କୀର୍ତ୍ତନ ଦାସ ଗୁଜୁରାଣ ମେଣ୍ଟାଇବାକୁ ୨ଟି ଧାନକଟା ମେସିନ କିଣିଥିଲେ। ଏବେ ମାଲକାନାଗିରି ଜିଲାରେ ଧାନକଟା ଆରମ୍ଭ ହୋଇ ଯାଇଥିବାରୁ ସେଠାକୁ ଧାନକଟା ମେସିନ ୨ଟିକୁ ନେଇ ଯିବା ଲକ୍ଷ୍ୟରେ ଏକ ଟ୍ରେଲର ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ବୁକ୍ କରାଇଥିଲେ। ଅନଲାଇନରେ ଅଗ୍ରୀମ ୪୦ହଜାର ଟଙ୍କା ଦେବା ପରେ ଗାଡି ରଇଁତିରାରୁ ବାହାରିଥିଲା। ଭଦ୍ରକ ପହଞ୍ଚିବା ପରେ ଡ୍ରାଇଭର ତେଲ ପକାଇବାକୁ ଟଙ୍କା ମାଗିଥିଲା। ହେଲେ ଅନଲାଇନରେ ପେମେଣ୍ଟ ହୋଇଥିବାରୁ ସେମାନେ ଆଉ କାହିଁକି ପେମେଣ୍ଟ କରିବେ ବୋଲି ରବିନ୍ଦ୍ର କହିବା ପରେ ଟ୍ରକ ମାଲିକ ଗାଡି ନେବାକୁ ମନା କରିଥିଲେ। ସେପଟେ ଅନଲାଇନରେ ଅର୍ଥ ପାଇଥିବା ଏଜେଣ୍ଟ ମୋବାଇଲ ସୁଇଚ ଅଫ କରିଦେଇଥିଲେ। ବାଧ୍ୟ ହୋଇ ରବିନ୍ଦ୍ର ଓ କୀର୍ତ୍ତନ ଟ୍ରେଲର ସହ ନିଜ ଧାନକଟା ମେସିନ ୨ଟିକୁ ଧରି ରଇଁତିରା ପଳାଇ ଆସି ଶୁକ୍ରବାର ରାତିରେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖଇରା ଥାନା ଏସଆଇ ତପନ ଜେନା ଶନିବାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ବନ୍ଧୁମିଳନ



ବାଲେଶ୍ୱର, ୪।୧୦(ସମିସ): ବିଜୟା ଦଶମୀ ଅବସରରେ ମଲ୍ଲିକାଶପୁରସ୍ଥିତ ଅରୁଣ ଦେ ସ୍ମୃତି ପରିଷଦ ଆନୁକୂଲ୍ୟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସାଧାରଣ ସମ୍ପାଦକ ରଂଜନ ବାଗ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ପୌରପାଳିକାର ଭାଇସ ଚେୟାରମ୍ୟାନ କୈଳାସ ସେଠୀ, ବିଜେଡିର ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ଭାଇସ ଚେୟାରମ୍ୟାନ ମନୋଜ ରାଉତ, ସାହିରୁଲ ହକ୍, ଧିରେନ ନାୟକ, କାଉନସିଲର ଶେଖ ଆୟୁବ, କାଉନସିଲର ସନ୍ଧ୍ୟାରାଣୀ ଜେନା, ଶେଖ ଆନସାର, ହାଇଦର ଖାନ, ସୁଦୀପ୍ତ ପିଟର, ଲାଭା ପାଣ୍ଡେ, ରୀତିକ ଜୀ, ଶଶୀକାନ୍ତ ପ୍ରଧାନ ପ୍ରମୁଖ ଅରୁଣ ଦେଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ସ୍ୱର୍ଗତଃ ଦେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଷଦର ଉପସଭାପତି ବିନୋଦ ଜୀ, ଅନସୂୟା ନାୟକ, ତ୍ରିଲୋଚନ ବାରିକ, ଶରତ ଦାସ, ହିମାଂଶୁ ଦାସ, କୋଷାଧ୍ୟକ୍ଷ ଅଭିଜିତ ଦାସ, କୁନ୍ଦନ ଦାସ, ଲକ୍ଷ୍ମୀଧର ସ୍ୱାଇଁ, ସରପଞ୍ଚ ସୁଶାନ୍ତ ଶତପଥୀ, ଆଇନଜୀବୀ ଅଶୋକ ସେନାପତି, ହିମାଂଶୁ ଶେଖର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଫୁଲଚାଙ୍ଗୁଡ଼ି’ର ପୂଜା ସଂଖ୍ୟା ଉନ୍ମୋଚିତ

ବାଲେଶ୍ୱର, ୪।୧୦(ସମିସ): ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୂର୍ଯ୍ୟମଣି ପଣ୍ଡାଙ୍କ ମାନସ ସନ୍ତାନ ଶିଶୁ-କିଶୋର ପତ୍ରିକା “ଫୁଲଚାଙ୍ଗୁଡ଼ି’ର ପୂଜାସଂଖ୍ୟା ଷ୍ଟେସନ୍ ରୋଡ଼ସ୍ଥିତ ବୀଣାପାଣି ପୁସ୍ତକାଳୟ ପରିସରରେ ଆଜି ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉନ୍ମୋଚନ ଉତ୍ସବରେ କବି ଶ୍ରୀଦେବ, ପ୍ରଶାନ୍ତ ଦାସ, ବାକ୍ୟଶିଳ୍ପୀ ସର୍ବେଶ୍ୱର ଦାସ, ସାମ୍ବାଦିକ ସୃଷ୍ଟିଧର ପରିଡ଼ା, ଶିଳ୍ପୀ କେଶୁଦାସ, ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ସାମ୍ବାଦିକ ବଂଶୀଧର ଜେନା, ରାଜେଶ ଗିରି, ଶ୍ୟାମସୁନ୍ଦର ଜେନା, କମଳ ଦାସ ପ୍ରମୁଖ ଯୋଗଦେଇ ଏକତ୍ରଭାବେ ପତ୍ରିକାଟିକୁ ଉନ୍ମୋଚନ କରିବା ସହ ଶିଶୁ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ନବମାତୃକା ଭାବେ ପୂଜା ପାଇଲେ ନଅ ଜଣ ମା’



ବାଲେଶ୍ୱର, ୪।୧୦(ସମିସ): ‘ମୋ ମାଆ ହିଁ ଦୁର୍ଗା ମାଆ’ ନ୍ୟାୟରେ ରେମୁଣା ନବମାତୃକା ପୂଜା କମିଟି ଦ୍ୱାରା ବାଲେଶ୍ୱର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ମହିୟସୀ ଓ ଗରିୟସୀ ସଫଳ ନଅ ଜଣ ମାଆଙ୍କୁ ପ୍ରତୀକାକକ ଭାବେ ପୂଜା ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଉତ୍ତର ଓଡିଶା ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରର ପ୍ରତିଭା ସମ୍ପନ୍ନ ନଅ ଜଣ ମାଆଙ୍କୁ ବାଲେଶ୍ୱର ସହରର ବ୍ରିଟ କଲ୍ୟାଣ ମଣ୍ଡପରେ ମହାନବମୀ ତିଥିର ପୂର୍ବାହ୍ନରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ନବମାତୃକା ପ୍ରେରଣାମୟୀ ମାଆ ସରସ୍ୱତୀ ଦାସ, (ବାଲେଶ୍ୱର) ସୁଗୃହିଣୀ ମାଆ ବସନ୍ତୀ ଦାସ, (ବାଲେଶ୍ୱର) ସଂଗ୍ରାମୀ ମାଆ ବନଲତା ଜେନା, (ଭଦ୍ରକ), ସେବାମୟୀ ମାଆ ସୁବାସିନୀ ବେହେରା (ମୟୂରଭଞ୍ଜ), ସାହିତ୍ୟିକା ମାଆ ଡ. କଳ୍ପନା ମହାନ୍ତି, (କେନ୍ଦୁଝର) ଚିକିତ୍ସିକା ମାଆ ଡା ଭାରତୀ ବେହେରା (କେନ୍ଦୁଝର), ଅଧ୍ୟାପିକା ମାଆ ଡ ରାଧାରାଣୀ ମହାପାତ୍ର (ଭଦ୍ରକ), ଯୋଗଗୁରୁ ମାଆ ଶୈଳବାଳା ପାଣିଗ୍ରାହୀ (ବାଲେଶ୍ୱର) ପ୍ରକୃତି ମାଆ ଗୋଲାପ ମଣି ରାଉତ (ମୟୂରଭଞ୍ଜ)ଙ୍କ ଉପସ୍ଥିତିରେ ମାତୃ ଜାତିର ସର୍ବମଙ୍ଗଳ କାମନା କରି ହୋମ ଯଜ୍ଞ ଆୟୋଜନ କରାଯାଇଥିଲା। ହୋମ କର୍ତ୍ତା କର୍ତ୍ତୀ ଭାବେ ଶିଳ୍ପୀ କେଶୁ ଦାସ ଓ ଧର୍ମପତ୍ନୀ କନକଲତା ଦାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୁରୋହିତ ଭାବେ ଗୀତାରାଣୀ ପୁରୀ କାର୍ଯ୍ୟ ତୁଲାଇଥିଲେ। ପୂଜନର ଆଦ୍ୟରେ ଅନ୍ୟତମ ଆବାହିକା ତଥା ଯୁଗଶ୍ରୀ ଯୁଗନାରୀ ସମ୍ପାଦିକା ମମତା ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କମିଟିର ସଭାପତି ଡ. ଭାଗବତ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିଲେ। କମିଟିର ମୁଖ୍ୟ ଉପଦେଷ୍ଟା ମାନ୍ୟବର ରେମୁଣା ବିଧାୟକ ତଥା ଓଡିଶା ସରକାର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଯେନା, ମହିଳା କମିଶନ ଅଧ୍ୟକ୍ଷା ଶୋଭାନା ମହାନ୍ତି, ମୁନିସିପାଲିଟି ଚେୟାରମ୍ୟାନ ସବିତା ସାହୁ, ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ସାହିତ୍ୟିକା ଝଟଣା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମାଆ ମାନଙ୍କୁ ପ୍ରଣମ୍ୟ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ କର କମଳରେ "ମୋ ମାଆ ହିଁ ଦୁର୍ଗା ମାଆ’ ମୁଖପତ୍ର ଉନ୍ମୋଚିତ ହୋଇଥିଲା।

### ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

ବାଲେଶ୍ୱର, ୪।୧୦(ସମିସ): ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହଳଦୀପଦାଠାରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଳଦୀପଦା ବଜାର ସମେତ ଆଖାପାଖ ଅଂଚଳରେ ସଫେଇ କରାଯାଇଥିଲା। ଏହାଛଡା ରାଇସୁଆଁ ପଂଚାୟତର ରାଇସୁଆଁ ଦୁର୍ଗାମଣ୍ଡପ ପରିସରର ମେଲଣ ପଡିଆକୁ ମଧ ଅନୁଷ୍ଠାନ ପକ୍ଷରୁ ସଫେଇ କରାଯାଇଥିଲା। ଚନ୍ଦନ ବେହେରା, ଗଣେଶ ସାହୁ, ରୁଦ୍ରନାରାୟଣ ସାହୁ, ରାଜ ସାହୁ, ଭାବନୀ ଶଙ୍କର ନାୟକ, ସଭାପତି ମହେନ୍ଦ୍ର ସାହୁ, ସମ୍ପାଦକ ଅନୀଲ କୁମାର ସାହୁ ସହଯୋଗ କରିଥିଲେ।

## ନିଶା ନିବାରଣେ କାର୍ଯ୍ୟକ୍ରମ ‘ନିଶାନ୍ତ’




ବାଲେଶ୍ୱର, ୪।୧୦(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଏବଂ ରୋଟାରି କ୍ଲବ ଶାଶ୍ୱତ ମିଳିତ ଆନୁକୂଲ୍ୟରେ ପବିତ୍ର ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଅବସରରେ ନିଶା ନିବାରଣ କାର୍ଯ୍ୟକ୍ରମ ନିଶାନ୍ତ ଓଡେଶା ଭବନରେ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନଶ୍ରୀର ମୁଖ୍ୟ ସଂପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତ୍ୟିକ କବି ପ୍ରଶାନ୍ତ ଦାସ ମୁଖ୍ୟଅତିଥି, ରୋଟାରୀ ଶାଶ୍ୱତର ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂପାଦକ ରାଜକିଶୋର ମିଶ୍ର, ନ୍ୟୁ ଲାଇଫ ନିଶା ନିବାରଣ କେନ୍ଦ୍ରର ସଂପାଦକ ବିକ୍ରମ ଦାସ, ଯୁବ ଶିଳ୍ପୋଦ୍ୟୋଗୀ ଦେବଜ୍ୟୋତି ଦାସମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଦସ୍ୟ ଭବାନୀ ଶଙ୍କର ନାୟକଙ୍କ ସଂଯୋଜନାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ନିଶା ନିବାରଣ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଲୋଚନାଚକ୍ର ଶେଷରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ସମଗ୍ର ରାଜ୍ୟରେ ନିଶାକୁ ବନ୍ଦ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯିବା ସହିତ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଶେଷରେ ନିଶାସୁରର ଏକ କାଳ୍ପନିକ ପୁତ୍ତଳିକା ଦାହ କରାଯାଇଥିଲା। ଜ୍ଞାନଶ୍ରୀର କାର୍ଯ୍ୟକାରୀ ସଦସ୍ୟ ଗୋପବନ୍ଧୁ ଗିରି ଧନ୍ୟବାଦ ଦେଇଥିଲେ।

### ୨୬ତମ ରାବଣପୋଡ଼ି ଉତ୍ସବ

# ମନମୋହିଲା ଇଲେକ୍ଟ୍ରୋନିକ୍ସ ଫାୟାର ସିଷ୍ଟମ୍

ବାଲେଶ୍ୱର, ୪।୧୦(ସମିସ)



ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବାଲେଶ୍ୱର ରାବଣ ପୋଡ଼ି କମିଟି ପକ୍ଷରୁ ମହାନବମୀ ସନ୍ଧ୍ୟାରେ ହର୍ଷ ଉଲ୍ଲାସର ସହ ୨୬ତମ ବିରାଟ ରାବଣପୋଡ଼ି ସମାରୋହ ପାଳନ କରାଯାଇଛି। ଏହି ଅବସରରେ ସହରର ଆଇଟିଆଇ ପଡ଼ିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ‘ରାବଣ ପୋଡ଼ି ସମାରୋହ କମିଟି’ର ପ୍ରତିଷ୍ଠାତା ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସେଠାରେ ଆୟୋଜିତ ସଭାରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୁର୍ଗାପୂଜା ସମୟରେ ବାଲେଶ୍ୱରର ଅନନ୍ୟ ସଂସ୍କୃତି ଓ ପରମ୍ପରାକୁ ଉଦଜୀବିତ କରିବା ପାଇଁ ୨୬ବର୍ଷ ଧରି ‘ରାବଣ ପୋଡ଼ି କମିଟି’ର ନିରନ୍ତର ପ୍ରୟାସକୁ ସ୍ୱାଗତ କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସପି ପ୍ରତ୍ୟୁଷ ଦିବାକର, ଉପଜିଲ୍ଲାପାଳ ଶିବ ମାଲବୀୟ ଏବଂ ବାଲେଶ୍ୱର ପୌରଅଧ୍ୟକ୍ଷା ସବିତା ସାହୁ, ଆଇନଜୀବୀ ହରେକୃଷ୍ଣ ଦାଶ, ସମ୍ପାଦକ ରାମନାରାୟଣ ଶତପଥିଙ୍କ ସମେତ ବହୁ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇ ଜିଲ୍ଲାବାସୀଙ୍କୁ ଶାରଦୀୟ ଦୁର୍ଗା ପୂଜାର ଶୁଭେଚ୍ଛା ପ୍ରଦାନ ସହ ଅସତ୍ୟ ଉପରେ ସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟ ବୋଲି କହିଥିଲେ। କମିଟିର ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ପୌରୋହିତ୍ୟ କରିବା ସହ ରାବଣପୋଡ଼ି ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କମିଟିର ସାଧାରଣ ସମ୍ପାଦକ କିଶୋର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମିଟିର ଉପସଭାପତି ଭାଗବତ ସାହୁ, ସମ୍ପାଦକ ସତ୍ୟଶିବ ସୁନ୍ଦର ଦାଶ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜେଶ ମହାକୁଡ଼, ରାମନାରାୟଣ ଶତପଥି, ଚିନ୍ମୟ ଦାସ, ପୌର ଅଧ୍ୟକ୍ଷା ସବିତା ସାହୁ, ‘ଆଜିକାଲି’ର ସମ୍ପାଦକ ନିର୍ମାଲ୍ୟ ମହାନ୍ତିଙ୍କୁ ବିସ୍ମୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଶିଷ୍ଟ ମଲ୍ଲଯୋଦ୍ଧା ସ୍ୱର୍ଗତ ଦିଲିପ ଭୂୟାଁଙ୍କ ପରିବାରକୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚିତ ରଞ୍ଜନ ପଣ୍ଡା, ଯୁଗ୍ମ ସମ୍ପାଦିକା ରଞ୍ଜିତା ମହାପାତ୍ର, କୋଷାଧ୍ୟକ୍ଷ ଜ୍ୟୋତିରାଦିତ୍ୟ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଦିବ୍ୟଜ୍ୟୋତି ମହାନ୍ତି, ରାଧାକୃଷ୍ଣ ଦାସ, ଦିବାକର ମହାନ୍ତି, ଅର୍ଦ୍ଧେନ୍ଦୁ ଦାସ, କାର୍ତିକ ରଣା, ଅସିତ ଦାସ, ସନ୍ଧ୍ୟାରାଣୀ ଭୂୟାଁ, ଜୟନ୍ତୀ ଦତ୍ତ, ପ୍ରିତିଲତା ସେଠୀ, ମିନତୀ ସେଠୀ, ଛବିରାଣୀ ମନ୍ତ୍ରୀ ଏବଂ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ପ୍ରକାର ଆତସବାଜି ପ୍ରଦର୍ଶିତ ହୋଇଥିଲା। ଶେଷରେ ଅତିଥିମାନେ ରାବଣରେ ଅଗ୍ନି ସଂଯୋଗ କରିଥିଲେ। ହଜାର ହଜାର ଦର୍ଶକ ଆଇଟିଆଇ ପଡ଼ିଆରେ ଉପସ୍ଥିତ ରହି ରାବଣ ପୋଡ଼ିକୁ ଉପଭୋଗ କରିଥିଲେ। ଦର୍ଶକଙ୍କ ମନମୋହିଥିଲା ଇଲେକ୍ଟ୍ରୋନିକସ ଫାୟାର ସିଷ୍ଟମ୍। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପୁଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ମଧ ଅଗ୍ନିନିର୍ବାପକ ବ୍ୟବସ୍ଥା କରାଯାଇଥିଲା।

# ୪ ପଞ୍ଚାୟତରେ ୧୨ ଘଣ୍ଟା ବିଦ୍ୟୁତ୍ କାଟ୍

## ହନ୍ତସନ୍ତ ହିତାଧିକାରୀ

ଭୋଗରାଇ, ୪।୧୦ (ସମିସ)

ଭୋଗରାଇ ବ୍ଲକରେ ଟିପିଏନଓଡିଏଲ ଖାମଖିଆଲି ନୀତି ପାଇଁ ଗତ ଅକ୍ଟୋବର ୩ ତାରିଖ ଶୁକ୍ରବାର ରାତି ୭ଟା ୩୦ ଠାରୁ ଶନିବାର ସକାଳ ୭ ଟା ୪୫ ମିନିଟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଫଳରେ ୪ ଟି ପଞ୍ଚାୟତର ପ୍ରାୟ ୫ ହଜାରରୁ ଅଧିକ ଉପଭୋକ୍ତା ହନ୍ତସନ୍ତ ହୋଇଛନ୍ତି। ପବନ ନ ଥିବା ଫଳରେ ବିଦ୍ୟୁତ କାଟ କ'ଣ ପାଇଁ ହେଲା ସେଥିପାଇଁ ଉପଭୋକ୍ତା ମାନେ ଟୋଲଫ୍ରି ନମ୍ବର ଫୋନ କରିଥିଲେ ମଧ କୈଣସି ସନ୍ତୋଷ ଜନକ ଉତ୍ତର ପାଇଁ ପାରି ନଥିଲେ। ଟିପିଏନଓଡିଏଲ ଦାୟିତ୍ୱହୀନତା ପାଇଁ ଦୀର୍ଘ ୧୨ ଘଣ୍ଟା ଧରି ଲୋକମାନେ ଅନ୍ଧାରରେ ରହିଥିବାରୁ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା ଏ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ଦାବିକରିଥିବା ଜଣାପଡ଼ିଛି। ସୂଚନା ଏହିକି ଯେ, ରାଜ୍ୟ ସରକାର ୨୪ ଘଣ୍ଟା ବିଦ୍ୟୁତ ଯୋଗାଇ ଦିଆ ଯାଉଛି କହୁଥିବା ବେଳେ ବାସ୍ତବରେ ଗ୍ରାମାଞ୍ଚଳରେ ତାହା ଭିନ୍ନ। ଆକାଶରୁ ବର୍ଷା ନ ଆସୁଣୁ ଭୋଗରାଇରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଗତ ଶୁକ୍ରବାର ରାତି ୭ ଟା ୩୦ ରୁ ଶନିବାର ସକାଳ ୭ ଟା ୪୫ ପର୍ଯ୍ୟନ୍ତ ଆଂଶିକ ଦେଉଳା, ମନ୍ଦାରସାହି, ପାଣିଷଣ୍ଡା ଓ ସୋହରିଆ ପଞ୍ଚାୟତର ଉପଭୋକ୍ତାମାନେ ବିଦ୍ୟୁତ୍ କାଟ ଫଳରେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଲୋକମାନେ କ'ଣ ପାଇଁ ବିଦ୍ୟୁତ୍ ସରବରାହ ବନ୍ଦ ରହିଲା ତାହା ଟୋଲଫ୍ରି ନମ୍ବରରେ କଲ କରିଥିଲେ ମଧ ତାହା ଯୋଗାଯୋଗ ସମ୍ଭବ ହୋଇନଥିଲା। ଏ ବାବଦରେ ଭୋଗରାଇ ଟିପିଏନଓଡିଏଲ ଏସଡିଓ କାନ୍ତି ଭୁଷଣ ଜେନାଙ୍କୁ ପଚାରିବାରୁ ସେ ବିଦ୍ୟୁତ ସରବରାହ ବନ୍ଦ ବାବଦରେ ଜାଣିନଥିବା କହିଥିଲେ। ତେବେ ବିଦ୍ୟୁତ କାଟ ବାବଦରେ ବିଦ୍ୟୁତ ବିଭାଗର ଅଧିକାରୀ ଜାଣିନଥିବା ଏହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏଭଳି ବିଦ୍ୟୁତ୍ କାଟ ହେଲେ ଉପଭୋକ୍ତା ମାନେ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସୋର ଥାନାଧିକାରୀଙ୍କୁ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ସୋର, ୪।୧୦(ସମିସ): ସୋର ପୌରପାଳିକା ଅନ୍ତର୍ଗତ କୋର୍ଟ ସମ୍ମୁଖରେ ଗତ ରବିବାର ରାତିରେ ସୋର ଥାନାଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ସୋର ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ରାତିରେ ଏସିଆ କପ ଫାଇନାଲ ମ୍ୟାଚ ଚାଲିଥିବାବେଳେ କୋର୍ଟ ସମ୍ମୁଖ ତାରିଣୀ ମନ୍ଦିର ସମ୍ମୁଖରେ ରାସ୍ତା ଅବରୋଧ କରି ନିର୍ଦ୍ଦିଷ୍ଟ ଏକ କ୍ଲବର ଯୁବକ ମାନେ ଏଲଇଡି ଲଗାଇ ମ୍ୟାଚର ସିଧା ପ୍ରସାରଣ ଦେଖୁଥିଲେ। ଏହି ସମୟରେ ସୋର ଥାନାଧିକାରୀ ସୁଦୀପ୍ତ କୁମାର ସାହୁ ପାଟ୍ରୋଲିଂ କରୁଥିବାବେଳେ ସେଠାରେ ପହଞ୍ଚି ରାସ୍ତା ଅବରୋଧ ହୋଇଥିବାରୁ ସମ୍ପୃକ୍ତ ଯୁବକ ମାନଙ୍କୁ ପ୍ରଶ୍ନ କରିଥିଲେ ଏବଂ ଥାନାଧିକାରୀ ନିଜ ମୋବାଇଲରେ ଘଟଣାକୁ ରେକର୍ଡିଂ କରିଥିଲେ। ଏହି ସମୟରେ ଖଣ୍ଡାସାହି ଗ୍ରାମର ଜୟନ୍ତ ମହାଳିକ (୫୦) ତାଙ୍କ ମୋବାଇଲକୁ ଆଣି ଥାନାଧିକାରୀଙ୍କ ମୁହଁ ନିକଟରେ ଦେଖାଇବାରୁ ଥାନାଧିକାରୀ ଶ୍ରୀ ସାହୁ ତାଙ୍କ ହାତକୁ ଠେଲି ଦେବା ଫଳରେ ଯୁବକଙ୍କ ହାତରୁ ମୋବାଇଲଟି ଗଳି ପଡିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜୟନ୍ତ ଥାନାଧିକାରୀଙ୍କୁ ମାଡ଼ ମାରିବା ପରେ ଉପସ୍ଥିତ ଥିବା କିଛି ଯୁବକ ଥାନାଧିକାରୀ ଏବଂ ଏଏସଆଇ ସମୀର ବେହେରାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସମୀର ବେହେରା ଗୁରୁତର ଆହତ ହେବା ସହିତ ଥାନାଧିକାରୀ ସୁଦୀପ୍ତ ସାହୁ ଆହତ ହୋଇଥିଲେ। ଏହା ପରେ ପୁଲିସ ଆକ୍ରମଣ କାରି ଯୁବକ ଜୟନ୍ତକୁ ଉଠାଇ ଆଣି ସେ ଅସୁସ୍ଥ ହୋଇ ପଡିବାରୁ ତାକୁ ମେଡିକାଲରେ ଭର୍ତ୍ତି କରିଥିଲେ। ଏବାବଦରେ ପୁଲିସ ଏକ ମାମଲା ରୁଜୁ କରି ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଜୟନ୍ତ ଗତକାଲି ମେଡିକାଲରୁ ଡିସଚାର୍ଜ ହେବା ପରେ ପୁଲିସ ତାକୁ ଗିରଫ କରି ଥାନାକୁ ଆଣିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।



# ଦୁଇ ଲକ୍ଷ ଟଙ୍କାର ବାଣ ଜବତ

ନୀଳଗିରି, ୪।୧୦ (ସମିସ): ନୀଳଗିରି ଏସ ଡି ପି ଓ ପ୍ରମୋଦ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ନିଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିଶେଷ ସୂତ୍ରରୁ ଖବର ପାଇ ରାତି ପ୍ରାୟ ୨ଟା ସମୟରେ କଂସ ଅଙ୍କୁରଖୁଣ୍ଟା ଗ୍ରାମର ଏକ ନିଛାଟିଆ ଜାଗାରେ ଥିବା ଏକ ଘର ଉପରେ ଚଢ଼ାଉ କରି ପାଖା ପାଖି ଦୁଇ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ବାଣ ଜବତ କରିଛନ୍ତି। ପୋଲିସ ଗାଡି ଦେଖି ବାଣ ମାଲିକ ଘର ପଛ ପଟେ ଫେରାର ହୋଇଯାଇଥିଲା।

# ବିପୁଳ ପରିମାଣର ବାଣ ଜବତ, ଜଣେ ଗିରଫ

ସୋର, ୪।୧୦(ସମିସ): ସୋର ପୁଲିସ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ମେଡିକାଲ ପାଖରେ ଥିବା ଏକ ବନ୍ଦ ହୋଟେଲ ଓ ନିକଟସ୍ଥ ଏକ କୁକୁଡ଼ା ଫାର୍ମରେ ମିଳିତ ଚଢ଼ଉ କରି ବିପୁଳ ପରିମାଣର ବାଣ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ବୁଧବାର ରାତିରେ ସଦର ଏସଡିପିଓ ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଏବଂ ଖନ୍ତାପଡ଼ା ଥାନାଧିକାରୀ ପ୍ରଫୁଲ୍ଲ ମଲ୍ଲିକ ମିଳିତ ଚଢ଼ଉ କରି ବିପୁଳ ପରିମାଣରେ ବାଣ ଜବତ କରିବା ସହିତ ବାଣ ବ୍ୟବସାୟରେ ସମ୍ପୃକ୍ତ ଥିବା ଖନ୍ତାପଡ଼ା ଥାନା କୃଷ୍ଣପୁର ଗ୍ରାମର ଧୀରେନ୍ଦ୍ର ଉପାଧ୍ୟାୟଙ୍କୁ ଥାନାରେ ଅଟକ ରଖିଥିଲେ। ଏ ବାବଦରେ ସୋର ଥାନାରେ ଏକ ମାମଲା ରୁଜୁ କରି ଧିରେନ୍ଦ୍ରକୁ ଗିରଫ କରି ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ଡମ୍ପର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ସୋର, ୪।୧୦ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକ ନିକଟରେ ଏକ ଡମ୍ପର ଧକାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ବୁଧବାର ଭୋର ସମୟରେ ବାହାନଗା ବ୍ଲକ ଚିଉଳ ପଞ୍ଚାୟତ ଡିଆଁପାହି ଗ୍ରାମର ଉଦିତ ନାରାୟଣ ନାୟକ (୨୨) ବାଇକରେ ଯାଉଥିବା ବେଳେ ଏହି ସ୍ଥାନରେ ଡାଇଭର୍ସନ ପାର ହେଉଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଡମ୍ପର ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଦିତଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ସୋର ପୁଲିସ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ରଖିଥିଲେ। ଏ ବାବଦରେ ଉଦିତଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଶିକ୍ଷା କର୍ମଚାରୀଙ୍କ ବିୟୋଗ

ଜଳେଶ୍ୱର ବ୍ଲକ, ୪।୧୦ (ସମିସ): ଜଳେଶ୍ୱର ବ୍ଲକ୍ ମାକଡ଼ିଆ ପଞ୍ଚାୟତ କୁଆଁରପୁର ଜଗଦୀଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷା କର୍ମଚାରୀ ଉତ୍ତମ ଘୋଷ (୫୬)ଙ୍କ ଦେହାନ୍ତ ଘଟିଛି। ଗୁରୁବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତମଙ୍କ ମୃତ୍ୟୁ ଖବର ପାଇ ଆଜି ସକାଳେ ଓଷ୍ଟାର ସଭାପତି ସୁକୁମାର ପ୍ରଧାନ, ସମ୍ପାଦକ ହରମୋହନ ମହାନ୍ତ, ପ୍ରଧାନଶିକ୍ଷକ କାଳିପଦ ଖୁଣ୍ଟିଆ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ହୋଇଥିବା ବେଳେ ପୁତ୍ର କିଶାନ ମୁଖାଗ୍ନି ଦେଇଥିଲେ।

# ଖଇରା ସ୍ୱାଭିମାନ ମଞ୍ଚର ଧାରଣା

ଖଇରା,୪।୧୦ (ସମିସ): ବାଲେଶ୍ୱର ଜିଲାର ଖଇରାକୁ ଏନଏସି ଘୋଷଣା ଦାବିରେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଧାରଣା ଶୁକ୍ରବାର ୧୯ ଦିନରେ ପହଞ୍ଚିଛି। ଲଘୁଚାପ ଜନିତ ପ୍ରବଳ ବର୍ଷାକୁ ଖାତିର ନ କରି ସ୍ୱାଭିମାନ ମଞ୍ଚରେ ସାମିଲ ହୋଇଥିବା ବହୁ ବରିଷ୍ଠ ନାଗରିକ ଗଣଧାରଣାରେ ଯୋଗ ଦେଇ ସରକାର ଖଇରାକୁ ଏନଏସି ଘୋଷଣା ନକଲେ ଆଗାମୀ ଦିନରେ ଏହାର କୁପରିଣାମ ନିଶ୍ଚୟ ଭୋଗିବାକୁ ପଡିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ଗଣଧାରଣାରେ ଖଇରା ବିକାଶ ପରିଷଦ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ, ଜନଜାଗରଣ ମଞ୍ଚ, ଖଇରା ସାମ୍ବାଦିକ ସଂଘ, ଖଇରା ସାହିତ୍ୟ ସଂସଦ, କୃଷକ ସାଥୀ, ପ୍ରତିଭା ପରିବାର ସାଙ୍ଗକୁ ବିଭିନ୍ନ କ୍ଲବର ସ୍ୱେଚ୍ଛାସେବୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପୂର୍ବ ସରକାର ସମୟରେ ଓଡିଶାରେ ୫୭ଟି ସହରକୁ ଏନଏସି ମାନ୍ୟତା ମିଳିଥିବା ବେଳେ ଖଇରା ମଧ ସାମିଲ ଥିଲା। ହେଲେ ଭାଜପା ସରକାର ଆସିବା ପରେ ଏନଏସି ଘୋଷଣା ହୋଇଥିବା ୨୮ ଟି ସହର ମଧ୍ୟରେ ଖଇରାକୁ ବାଦ ଦିଆଯାଇଥିବାରୁ ଖଇରା ସମସ୍ତ ସଙ୍ଗଠନ ଏକଜୁଟ ହୋଇ ଗଣଧାରଣାକୁ ଓହ୍ଲାଇଛନ୍ତି।

# ନୀଳଗିରିରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ ବିଦ୍ୟାଳୟ

ନୀଳଗିରି, ୪।୧୦ (ସମିସ): ନୀଳଗିରିରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନୀଳଗିରି ବାସୀଙ୍କର ଦୀର୍ଘ ଦିନ ଧରି ଦାବି ରହି ଆସିଥିଲା। ଗତ କିଛି ଦିନ ତଳେ କେନ୍ଦ୍ରୀୟ ବିଦ୍ୟାଳୟର ଏକ ଟିମ୍ ନୀଳଗିରି ଆସି ସ୍ଥାନୀୟ ପ୍ରଶାସନ ସହିତ ସର୍ଭେ କରି ଯାଇଥିଲେ। ଏବେ ଦେଶରେ ୫୭ ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ମଧ୍ୟରେ ନୀଳଗିରିରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନ ପାଇଅଛି। ଏଥିପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦୀର୍ଘ ଦିନ ହେବ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଦାବି କରିଆସୁଥିଲେ। ବର୍ତ୍ତମାନ ର ଶିକ୍ଷା ମନ୍ତ୍ରୀ ଦାୟିତ୍ୱରେ ଥିବା ଓଡ଼ିଆ ପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଦାବିପତ୍ର ଦେବା ସହିତ ବାରମ୍ବାର ଆଲୋଚନା କରିଥିଲେ। ମନ୍ତ୍ରୀ ମଧ ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସହମତି ପ୍ରକାଶ କରିଥିଲେ। ଏବେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ହେଲା ପରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

# ଧାର ଟଙ୍କା ମାଗିବାରୁ ବାଇକ୍ ପୋଡ଼ିଦେଲେ

ସିମୁଳିଆ, ୪।୧୦ (ସମିସ): ଧାର ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ ସହିତ ବାଇକ ଜାଳିଦେଲେ। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତ ଅଣ୍ଡରାଇ ଗ୍ରାମର ବସନ୍ତ କୁମାର ପାତ୍ର ସେହି ଗ୍ରାମର ମାଧବାନନ୍ଦ ମହାପାତ୍ର ପାଞ୍ଚ ବର୍ଷରୁ ଅଧିକ ହେବ ଧାର ସୂତ୍ରରେ ୧୪ ହଜାର ଟଙ୍କା ନେଇଥିଲେ। ମାଧବାନନ୍ଦ ଧାର ପଇସା ଦେବାକୁ କହି ବସନ୍ତକୁ ଘରକୁ ଡାକିଥିଲେ । ବସନ୍ତ ବାଇକ ଯୋଗେ ଯାଇ ମାଧବାନନ୍ଦକୁ ପଇସା ମାଗିବାରୁ ମାଧବାନନ୍ଦ ଏକ ଧାରୁଆ ଖଣ୍ଡା ସାହାଯ୍ୟରେ ବାମ ଗୋଡ଼କୁ ଚୋଟ ମାରିଥିଲେ ପରେ ମୁଣ୍ଡକୁ ଚୋଟ ମାରିବା ସମୟରେ ରକ୍ତାକ୍ତ ଅବସ୍ଥାରେ ସେହି ସ୍ଥାନ ଛାଡି ଦୌଡ଼ି ପଳାଇ ଆସିଥିଲେ। ଉତ୍ତକ୍ଷିପ୍ତ ହୋଇ ବସନ୍ତ ନେଇଥିବା ବାଇକଟିକୁ ନିଆଁ ଲଗାଇ ପୋଡି ଦେଇଥିଲା । ଗାଁ ଲୋକ ସହାୟତାରେ ବସନ୍ତ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ସହ ସିମୁଳିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ




ସୋର, ୪।୧୦(ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ଏବଂ ଭାରତ ସରକାରଙ୍କ ମାଇଁ ଭାରତ ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସୋର ବ୍ଲକ୍ ଗୁଡସ୍ଥିତ ଶିବ ମୁନି ବୃଦ୍ଧାଶ୍ରମଠାରେ ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବୈଠକ ଯୁବକ ସଂଘର ଉପସଭାପତି ପତିତପାବନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ଗୁଡ୍ ପଞ୍ଚାୟତ ସରପଞ୍ଚ ବାସନ୍ତୀ ପଣ୍ଡାଙ୍କ ସହ ଆଶ୍ରମର ପ୍ରତିଷ୍ଠାତା ଯୋଗୀ ସୁଧାକର ମୁନି, ବରିଷ୍ଠ କବି ହରିହର ଦାସ, ସମାଜସେବୀ କମଳ ଲୋଚନ ସାହୁ ଯୋଗ ଦେଇ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଯୁବକ ସଂଘର ସମ୍ପାଦକ ସରୋଜ କୁମାର ବିଶ୍ୱାଳ। ଯୁବକ ସଂଘର ମୁଖପରିଚାଳକ ଲଳିତ ଦାସ, କୋଷାଧକ୍ଷ ବିଶ୍ୱରଂଜନ ସାହୁ, ରୁଦ୍ରନାରାୟଣ ମହାପାତ୍ର, ପରେଶ ବେହେରା, ସ୍ଲୋଗାନ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ସୋର ପୁଲିସ ପକ୍ଷରୁ ଡିଜେ ଜବତ

ସୋର, ୪।୧୦(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଛତ୍ରପୁର ନିକଟରୁ ମା ଦୁର୍ଗାଙ୍କ ଭସାଣିରେ ନିୟୋଜିତ ଥିବା ଏକ ଡିଜେକୁ ସୋର ପୁଲିସ ଜବତ କରିବା ସହିତ ଥାନାରେ ୩ ଜଣଙ୍କୁ ଅଟକ ରଖିଛି। ଗତକାଲି ଦଶହରା ପର୍ବ ସହ ମାଆ ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେଉଥିଲା। ପ୍ରଶାସନ ତରଫରୁ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ଛତ୍ରପୁର ମାଆ କଞ୍ଚାଖାଇ ଦୁର୍ଗାଙ୍କ ମେଢ଼ ଭସାଣିରେ ଏକ ଡିଜେ ନିୟୋଜିତ ହୋଇଥିଲା। ପୁଲିସ ଏଥିରେ ହସ୍ତକ୍ଷେପ କରିଥିବା ବେଳେ ଶୋଭାଯାତ୍ରାରେ ଆସିଥିବା ଯୁବକ ମାନେ ବିରୋଧ କରିବାରୁ ପୁଲିସ ନିରବ ରହିଥିଲା। ପରେ ବିଳମ୍ବିତ ରାତି ୨. ୩୦ ମିନିଟରେ ଭସାଣି ସରିବା ପରେ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଉକ୍ତ ଡିଜେକୁ ଜବତ କରି ସୋର ଥାନାରେ ରଖିବା ସହିତ ଏହାର ଚାଳକ, ହେଲ୍ପର ଏବଂ ଡିଜେ ମାଲିକଙ୍କୁ ଥାନାରେ ଅଟକ ରଖିଥିଲେ। ଆଜି ଏ ବାବଦରେ ପୁଲିସ ସୋର ଥାନାରେ ଏକ ମାମଲା ରୁଜୁ କରି ଅଟକ ଥିବା ଡିଜେ ମାଲିକ ବାସୁଦେବପୁର ଅଞ୍ଚଳର ଅଶୋକ ପାତ୍ର, ଧନଞ୍ଜୟ ସେଠୀ, ଏସକେ ସିକନ୍ଦରଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାପଡିଛି। ଏଥିସହିତ କଞ୍ଚାଖାଇ ମେଢ଼ ସଭାପତି ମଧୁସୂଦନ ଦେଙ୍କ ନାମରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜଳେଶ୍ୱରରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ

ଜଳେଶ୍ୱର, ୪।୧୦ (ସମିସ): ରାଷ୍ଟ୍ରୀୟ ସ୍ୱୟ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଶତବାର୍ଷିକ ଉପଲକ୍ଷେ ଜଳେଶ୍ୱରରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଯୋଜନା ରହିଛି। ଜିଲ୍ଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶତାଧିକ ସ୍ୱୟଂସେବକମାନେ କ୍ଷେତ୍ରସନବଜାର ଠାରୁ ମଙ୍ଗଳା ମାତାଙ୍କ ମନ୍ଦିର ପର୍ଯ୍ୟନ୍ତ ପଥ ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିନୋଦ ଭଂଜ, ଶିବ ପ୍ରସାଦ ଗିରି, ସୁମିତ୍ ରାଠୀ, ରଂଜିତ ସାହୁ, ଗୋପାଳ ସାହୁ, ସତ୍ୟରଂଜନ ପରିଡା, ଶିବ ପ୍ରସାଦ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଚୁଡାମଣିପୁର ଠାରୁ ନୂଆବଜାର ପର୍ଯ୍ୟନ୍ତ ବହୁ ସ୍ୱୟଂ ସେବକମାନେ ଘୋଷ ବାଦ୍ୟର ତାଳେ ତାଳେ ପଥ ସଂଚାଳନ କରିଥିଲେ। ଇଣ୍ଡୋର ଷ୍ଟାଡିୟମଠାରେ ଶତାବ୍ଦୀବର୍ଷର ଉଦ୍‌ଘାଟନ କରାଯାଇଥିବା ବେଳେ କପିଳେଶ୍ୱର ମହାନ୍ତି, ବିନୟ ଭୂୟାଁ, ରାଧାଶ୍ୟାମ ଦାସ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବନ୍ଧୁ ମିଳନ ପର୍ବରେ ଖଇରାର ସମସ୍ୟା ନେଇ ଆଲୋଚନା

ଖଇରା,୪।୧୦ (ସମିସ): ପବିତ୍ର ଶାରଦୀୟ ଦୁର୍ଗାପୂଜା ପାଳନ ଅବସରରେ ଖଇରା ବ୍ଲକର ବିଭିନ୍ନ ତୁଙ୍ଗ ନେତା ଓ ଲୋକପ୍ରତିନିଧିଙ୍କ ବନ୍ଧୁ ମିଳନ ଆୟୋଜନ ଅବସରରେ ଆଗାମୀ ଦିନରେ ନିଜ କାର୍ଯ୍ୟକ୍ରମର ରୋଡ ମ୍ୟାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଗୋବିନ୍ଦପୁର ସମିତିସଭ୍ୟା ପାର୍ବତୀ ବାରିକ ଓ ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ ବନ୍ଧୁମିଳନ ଆୟୋଜନ ଅବସରରେ ଗୋବିନ୍ଦପୁର ପଞ୍ଚାୟତକୁ ସୁନ୍ଦର ସବୁଜ ପଞ୍ଚାୟତ ଭାବେ ଗଠନ ଏବଂ ତାର ସର୍ବାଙ୍ଗୀନ ବିକାଶ ପାଇଁ ସେ ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ଯିଏ ଯେତେବେଳେ ଯେମିତି ସହାୟତା ଚାହିଁଛନ୍ତି ସେମାନଙ୍କୁ ଦଳୀୟ ଚିନ୍ତାଧାରାରୁ ଉର୍ଦ୍ଧରେ ରହି ସାହାର୍ଯ୍ୟ ସହଯୋଗ କରି ଆସିଛନ୍ତି। ଗୋବିନ୍ଦପୁର ପଞ୍ଚାୟତର ବିକାଶ ପାଇଁ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ କାର୍ଯ୍ୟକରିବେ ବୋଲି ସାମ୍ବାଦିକ ମାନଙ୍କୁ କହିଥିଲେ। ଭାଜପାର ପୂର୍ବତନ ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ପୌରହିତ୍ୟରେ ପାର୍ବତୀପୁର ଠାରେ କନ୍ୟା ପୂଜା ଆୟୋଜନ ପରେ ଖଇରା ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ସମସ୍ତ ସଙ୍ଗଠନ ଖଇରାକୁ ଏନଏସି ଘୋଷଣା,କୋର୍ଟ କୁ କାର୍ଯ୍ୟକ୍ଷମ,ସବ-ଟ୍ରେଜେରୀ ପ୍ରତିଷ୍ଠା, ବିଶ୍ରାମାଗାର ନିର୍ମାଣ ପାଇଁ ଦାବି ରଖିଥିଲେ। ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଆଗାମୀ ଦିନରେ ପଞ୍ଚାୟତ ଓ ବ୍ଲକ ପୁନର୍ଗଠନ, ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ବେଳେ ଖଇରାକୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ ପାଇଁ କଂଗ୍ରେସର ଆଗାମୀ ରଣନୀତୀ ଉପରେ ଆଲୋକପାତ କରିଥିଲେ। ଏତଦ ଭିନ୍ନ ଖଇରା ସାଇ ମନ୍ଦିର ପରିସରରେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁଙ୍କ ଦ୍ୱାରା ସାଇ ପୂଜନ ସାଙ୍ଗକୁ ଅସହାୟ ମହିଳାଙ୍କୁ ଶାଢୀ ବଣ୍ଟନ ପରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଖଇଚି ବସାଇବାକୁ କେନ୍ଦ୍ରକରି ଯୁବକକୁ ହତ୍ୟା ଅଭିଯୋଗ

ନୀଳଗିରି, ୪।୧୦ (ସମିସ): ବିଲରେ ଖଇଚି ବସାଇବାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଆକ୍ରମଣ କରି ଯୁବକଙ୍କୁ ମାରି ଦେଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ନୀଳଗିରି ଥାନା ମହିସାପଟ୍ଟା ପଞ୍ଚାୟତର ସଠିଲ ବଲବଲିଆ ଗ୍ରାମର ଗଜେନ୍ଦ୍ର ଗିରି (୪୮) ଗତ ଦୁଇ ତାରିଖ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଗାଁ ମୁଣ୍ଡରେ ଥିବା ବିଲକୁ ଖଇଚି ବସାଇବାକୁ ଯାଇଥିଲେ। ଆସିବାରେ ବିଳମ୍ବ ହେବାରୁ ପୁଅ ଜୟନ୍ତ, ତାର ବଡ଼ ବାପାଙ୍କୁ ଧରି ବିଲକୁ ଖୋଜିବାକୁ ଯାଇଥିଲେ। ସେଠାରେ ଏକ ହିଡ କଡ଼ରେ ସେ ପଡିଥିବାର ଦେଖିବାକୁ ପାଇଲେ। ଗଜେନ୍ଦ୍ରର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡରୁ ରକ୍ତ ବାହାରୁଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ନୀଳଗିରି ମେଡ଼ିକାଲକୁ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ବିଲରେ ମାଛ ଧରିବାକୁ କେନ୍ଦ୍ରକରି ଜଡ଼ିବାଲି ଡୁମ ସାହି ଗ୍ରାମର ଉଦୟ ଧଣିକ୍, ଜିତେନ୍ଦ୍ର ମିସ୍ତ୍ରୀ, ସିଲୁ ଓରଫ୍ ଛୁଟା ଖଇଚି ନ ବସାଇବା ପାଇଁ ମନା କରିଥିଲେ। ପୂର୍ବ କଥାକୁ ନେଇ ସିଲୁ, ଜିତେନ୍ଦ୍ର, ଉଦୟ ସମେତ ଅନ୍ୟ ୩/୪ଜଣ ବାପାକୁ ପିଟି ପିଟି ମାରି ଦେଇଥିବାର ସନ୍ଦେହକୁ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନୀଳଗିରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏପଟେ ନିଳଗିରି ଥାନାର ଆଇ ଆଇ ସି ଗୋବର୍ଦ୍ଧନ ନାୟକ ସାଇନଟିଫିକ ଟିମ୍ ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୁଲିସ କାହାରିକୁ ଗିରଫ କରିନି।

# ପରଟାରେ ମା' ଦୁର୍ଗା



ସିମୁଳିଆ, ୪।୧୦ (ସମିସ) : ପରଟାରେ ମା' ଦୁର୍ଗା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସିମୁଳିଆ ବ୍ଲକ୍ ମୁରୁଣା ଗ୍ରାମରେ। ଏହି ଗ୍ରାମର ଜୟନ୍ତୀ ସିଂ ଦୁର୍ଗାଷ୍ଟାମୀ ଦିନ ରାତିରେ ପରଟା କରୁଥିବା ସମୟରେ ମା'ଦୁର୍ଗାଙ୍କ ତିନି ନେତ୍ର ଭଳି ଦେଖା ଯାଉଥିବାର ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀଙ୍କୁ ଡ଼ାକି ପୂଜାର୍ଚ୍ଚନା କରିଥିଲେ।

# ଭୋଗରାଇର ବିକାଶ ପାଇଁ ଆହ୍ୱାନ

ଭୋଗରାଇ, ୪।୧୦ (ସମିସ): ଦୁର୍ନୀତିମୁକ୍ତ ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବହୁ ଘାତ ପ୍ରତିଘାତ ମଧ୍ୟରେ ସାମ୍ବାଦିକ ମାନେ ଗତିକରି ନିର୍ଭୀକ ଭାବରେ ସମ୍ବାଦ ସଂଗ୍ରହ କରିବା ସହିତ ପରିବେଷଣ କରିଥାନ୍ତି। ଭୋଗରାଇର ବିକାଶ କାର୍ଯ୍ୟରେ ସାମ୍ବାଦିକ ମାନେ ସହାୟକ ହେଲେ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ଭୋଗରାଇର ଅନନ୍ତ ଦାସ ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଓ ପବିତ୍ର ବିଜୟା ଦଶମୀ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନନ୍ତ ଦାସ ଫାଉଣ୍ଡେସନର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ ଦାସ ଭୋଗରାଇର ସାମୁହିକ ବିକାଶ ଓ ସମାଜ ସେବାରେ ଭୋଗରାଇର ସମସ୍ତ ସାମ୍ବାଦିକଙ୍କ ସହଯୋଗ କାମନା କରିଛନ୍ତି। ବରିଷ୍ଠ ସାମ୍ବାଦିକ ସୁବାଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ଦିଲ୍ଲୀପ ଦାସ, ବିକାଶ ପାଣିଗ୍ରାହୀ, ଅଜିତ ଦାସ, ଅଂଶୁମାନ ରାଉତ, ଅନନ୍ତ ପ୍ରଧାନ,ରାଧାକାନ୍ତ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ପ୍ରେସ କ୍ଲବର ବରିଷ୍ଠ ସାମ୍ବାଦିକ ଗଣେଶ ବେହେରା, ଭଗବାନ ଚନ୍ଦ୍ର ବେହେରା, ପ୍ରଦୀପ ମହାନ୍ତି, ଶମ୍ଭୁନାଥ ଦାସ, ନିମାଇ ପାତ୍ର, ଦିଲ୍ଲୀପ ଦାସ, ବିଶ୍ୱଜିତ୍ ମହାନ୍ତି, ସୌରଭ ରାଉଳ, ସୁଶାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୪।୧୦(ସମିସ)

ଜଳେଶ୍ୱରସ୍ଥିତ ଗାନ୍ଧୀ ସେବାଶ୍ରମରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୭୬ତମ ଜନ୍ମଜୟନ୍ତୀ ଅନୁଷ୍ଠାନର ସଭାପତି ସିତାଂଶୁ ସେନାପତିଙ୍କ ପୌରହିତ୍ୱରେ ପାଳିତ ହୋଇ ଯାଇଛି। ସମ୍ମାନିତ ଅତିଥିଭାବେ ଦିଲ୍ଲିପ କୁମାର ଗିରି, ସଂପାଦକ ଅଶୋକ ଜେନା ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ସକାଳେ ପ୍ରଭାତ ଫେରି, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଅନ୍ତେବାସୀଙ୍କ ମଧ୍ୟରେ ବକ୍ତୃତା, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆଶ୍ରମର ପରିଚାଳକ ସରୋଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମିଳିତ ନିଶା ନିବାରଣ ସଂଗଠନ ପକ୍ଷରୁ ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ସେବାଶ୍ରମରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମନାର ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ସମରେଶ ଦିନ୍ଦା, ଡ. ଲଳିତ ରଂଜନ ସେନାପତି, ଭାସ୍କର ଚନ୍ଦ୍ର ମିଶ୍ର, ଶ୍ରୀମନ୍ତ ଘୋଷ, କାଳିଚରଣ ପୁଷ୍ଟି, ଅନନ୍ତ ଦ , ଜ୍ୟୋତିଷ ଚନ୍ଦ୍ର କର, ଇଂ ରତ୍ନାକର ରାୟ, ସୁଧୀର ସାହୁ, ସରୋଜ ମହାନ୍ତି, ଦେବ କୁମାର ଦେ, ରଶ୍ମିରଂଜନ ସାହୁ, ସତ୍ୟଜିତ୍ ସୁର ପ୍ରମୁଖ ଯୋଗଦେଇ ଅହିଂସା ମାର୍ଗ ଓ ନିଶାମୁକ୍ତ ସମାଜ ଗଠନର ସ୍ୱପ୍ନକୁ ସାକାର କରିବାଲାଗି ସମସ୍ତେ ଆଗେଇ ଆସିବା ଦରକାର ବୋଲି କହିଥିଲେ। ସେହିପରି ଗାନ୍ଧିଜୟନ୍ତୀ ଅବସରରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ରାଜୀବ ପରିଡା, ଗିରିଜା ଶଂକର ଦାସ, ସୁଦାମ ପାତ୍ର, ହରିଶଂକର ଜେନା, ଅଫଶର ଅଲ୍ଲୀ, ଅଂକିତ ପରିଡା ପ୍ରମୁଖ ଗାନ୍ଧୀ ସେବାଶ୍ରମରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜିକେ ଭଟ୍ଟର ହସ୍‌ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଅନୁରୂପଭାବେ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦର ସଂପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରପଂଚ ବିଦ୍ୟାଧର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଦିଗମ୍ବରୀଦେବୀ ଶିକ୍ଷାସମୂହର ଚେୟାରମ୍ୟାନ ଡ. ଅଜିତ୍ କୁମାର ମହାନ୍ତି, ଶରତ ପରିଡା, ସରସ୍ୱତୀ ଓଝା, ଗୌର ଓଝା, ତାପସ ସାମଲ ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଗାନ୍ଧିଜୀଙ୍କ ଉକ୍ତିକୁ ପାଥେୟ କରିବାକୁ ଆହ୍ୱାନ ଦେଇଥିଲେ।

**ନୀଳଗିରି :** ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ନୀଳଗିରି କଂଗ୍ରେସ ନେତା ତପନ ରାଉତଙ୍କ ନେତୃତ୍ୱରେ ନୀଳଗିରି କଂଗ୍ରେସ ଭବନରେ ପାଳନ କରାଯାଇଥିଲା। ଏହି ଅବସରରେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୃକ୍ଷ ରୋପଣ କରାଯାଇଥିଲା। ଏହା ପରେ ନୀଳଗିରି ମେଡିକାଲରେ ଥିବା ୧୭୦ଜଣ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଶେଷରେ ନୀଳଗିରି ଜେଲରେ ଫଳ ବଣ୍ଟନ କରି ଜେଲ ଥିବା ଅନ୍ତେବାସୀ (କଏଦୀ ) ମାନଙ୍କୁ ଗାନ୍ଧୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗେଶ୍ୱର ବେହେରା, ରାମକୃଷ୍ଣ ଜେନା, ଯଶୋଦା ନନ୍ଦନ ସିଂହ, ଉପେନ୍ଦ୍ର ବେହେରା, ସୁରେନ୍ଦ୍ର ଦାସ, ଆସିନି ପାତ୍ର, ରଂଜିତ ପ୍ରଧାନ, ସୁଧାରଞ୍ଜନ ମହାପାତ୍ର,ପତିତପାବନ ଦାସ, ଚନ୍ଦ୍ରକାନ୍ତ ରାଉତ, ଆଦର୍ଶ ଗୌରବ ଦାସ, ପ୍ରଫୁଲ୍ଲ ମହାନ୍ତି, ମଧୁସୂଦନ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

**ଔପଦା:** ବାଲେଶ୍ୱର ଜିଲ୍ଲା ଔପଦା ଆଇନଜୀବୀ ସଂଘ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀରେ ଗାନ୍ଧୀ ବାଦୀ ଆଦର୍ଶର ପ୍ରାସଙ୍ଗିକତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଔପଦା ଜେଏମଏଫସି କୋର୍ଟ ପରିସରରେ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ସମ୍ମାନୀତି ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସମିସ ସଭ୍ୟ ଅଶୋକ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଅନ୍ତର୍ଯ୍ୟାମୀ ନାୟକ, ଶୁଭେନ୍ଦୁ କୁମାର ପଣ୍ଡା, ଆଶା ବୃନ୍ଦାବନ ବାଳିକା ବିଦ୍ୟାଳୟର ପ୍ରାଧନ ଶିକ୍ଷକ ଭଗବାନ ଚରଣ ନାୟକ, ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇ ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶବାଦୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଚିତ୍ତ ରଞ୍ଜନ ବେହେରା, ଶରତ କୁମାର ବେହେରା, ମନୋଜ ଦାଶ, ଜୟଶ୍ରୀ ବେହେରା, ସାମ୍ବାଦିକ ଗୟାଧର ତ୍ରିପାଠୀ, ଧରିତ୍ରୀ ପଣ୍ଡା, ଶଙ୍କର୍ଷଣ ମହାନ୍ତି, ମାନସ ବେଜ ଅବସରପ୍ରାପ୍ତ ଶିକ୍ଷକ ନରହରି ନାୟକ, ନୃତ୍ୟ ଗୁରୁ ସୁରେନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ଖିଲାର, କୈଳାସ ଚନ୍ଦ୍ର ସାମଲ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଅଂଶ ଗ୍ରହଣ କରି ଗାନ୍ଧୀଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସକାଳ THE SAKALA



**ଶ୍ରୀଅନ୍ନ ଅଭିଯାନ କେଳେଙ୍କାରୀ**

# ସୁରକ୍ଷା ପାଇଁ ନେତାଙ୍କ ଶରଣରେ ଏନ୍‌ଜିଓ

**● କାଗଜ କଲମରେ ଜିଲ୍ଲାରେ ମାଣ୍ଡିଆ ଚାଷ**
**● ଭାପୁର ଓ ଓଡ଼ଗାଁରେ ବ୍ୟାପକ କେଳେଙ୍କାରୀ**

ନୟାଗଡ଼,୪।୧୦(ସମିସ)

ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଯୋଜନାରେ ସାଂଘାତିକ କେଳେଙ୍କାରୀ ଉପରେ ଘଣ୍ଟ ଘୋଡ଼ାଇବା ପାଇଁ ଏନ୍‌ଜିଓମାନେ ନେତାଙ୍କ ଶରଣରେ ପହଞ୍ଚିଛନ୍ତି। ଏନ୍‌ଜିଓ ଗୁଡ଼ିକ ଚାଷ ନ କରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରି ସରକାରଙ୍କୁ ଭୁଆଁ ବୁଲାଯାଉଛି। ଗତବର୍ଷ କରାଯାଇଥିବା କେଳେଙ୍କାରୀ ଘଟଣା ରହସ୍ୟ 'ସକାଳ' ସାମ୍ନାକୁ ଆଣିଥିବା ବେଳେ ରାଜ୍ୟ ସରକାର ଏହାର ତଦନ୍ତ କରାଇଥିଲେ। ତଥାପି ଜିଲ୍ଲା କୃଷି ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନଦେଇ ଚଳିତ ବର୍ଷ ପୁଣି ସମାନ ଏନ୍‌ଜିଓକୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛି। ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଶ୍ରୀପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ପ୍ରଥମ ବର୍ଷ ୧୦ ହଜାର ଟଙ୍କା ସହାୟତା ମିଳୁଛି। ପରବର୍ଷଠାରୁ ଏହି ଚାଷୀଙ୍କୁ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଉଛି। ଧାଡ଼ି ଅନୁସାରେ ମାଣ୍ଡିଆ ରୋପଣ କଲେ ଚାଷୀଙ୍କୁ ପ୍ରଥମ ବର୍ଷ ହେକ୍ଟର ପିଛା ୭ ହଜାର ୫ ଶହ ଟଙ୍କା ଏବଂ ପରବର୍ଷଠାରୁ ୫ ହଜାର ଟଙ୍କା ସହାୟତା ମିଳୁଛି। ମାଣ୍ଡିଆ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କରାଯାଇଛି। ନୟାଗଡ଼ ଜିଲ୍ଲାର ୫ଟି ବ୍ଲକରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକାରୀ ହେଉଥିବା ବେଳେ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଗୁଡ଼ିକ କାଗଜପତ୍ର କରି ନକଲି ଚାଷୀ ପ୍ରସ୍ତୁତ କରି ପୁଣି କେଳେଙ୍କାରୀ କରିବାକୁ ଅଣ୍ଟା ଭିଡ଼ିଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉକ୍ତ ବ୍ଲକରେ ଚଳିତ ଖରିଫ୍ ଋତୁରେ ୯ ଶହ ଚାଷୀଙ୍କୁ ସାମିଲ କରି ୩ ଶହ ହେକ୍ଟର ମାଣ୍ଡିଆ ଚାଷ କରାଇବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସେହିଭଳି ଭାବେ ନୂଆଗାଁ ବ୍ଲକରେ ହାମସ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୬ ଶହ ହେକ୍ଟର ଚାଷ ଜମିରେ ୧୨୭୫ ଚାଷୀଙ୍କୁ ସାମିଲ କରିବାକୁ ଟାର୍ଗେଟ ଦିଆଯାଇଛି। ଓଡ଼ଗାଁ ବ୍ଲକରେ ଇ-ଇକୋ ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ଚଳିତ ଖରିଫ୍ ଋତୁରେ ୬ ହେକ୍ଟର ଜମିରେ ୧୫୬୦ ଜଣ ଚାଷୀଙ୍କୁ ସାମିଲ କରିବାକୁ ଟାର୍ଗେଟ ରହିଥିବା ଜଣାପଡ଼ିଛି। ଗଣିଆ ବ୍ଲକରେ ଜିୟୁସି ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ୧୨ ଶହ ଚାଷୀଙ୍କୁ ସାମିଲ କରି ୬ ଶହ ହେକ୍ଟର ଚାଷ କରିବାକୁ ଟାର୍ଗେଟ ରହିଛି। ଦଶପଲ୍ଲା ବ୍ଲକରେ ନିର୍ମାଣ ଏନଜିଓକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୧୭୯୯ ଜଣ ଚାଷୀଙ୍କୁ ନେଇ ୬ ଶହ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ ରଖାଯାଇଛି। ଗତବର୍ଷ ଭଳି କାଗଜପତ୍ରରେ ଚାଷୀଙ୍କ ନାଁ ଯୋଡ଼ି ସରକାରଙ୍କ ଅର୍ଥକୁ ବାଟମାରଣା କରିବାକୁ ଏନଜିଓମାନେ ଯୋଜନା ଚଳାଇଛନ୍ତିଃ। ଏନଜିଓ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନେ ଚାଷୀଙ୍କୁ ଧରି ସରକାରୀ ସବସିଡ୍ ହଡ଼ପ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଥିବା ବେଳେ ମାଣ୍ଡିଆ ଚାଷ ଜିଲ୍ଲାରେ ନଗନ୍ୟ ବୋଲି ଜଣାପଡ଼ିଛି। କୃଷି ବିଭାଗର କିଛି କର୍ମଚାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଏବଂ ଏନଜିଓ ବ୍ଲକ କୋଅର୍ଡିନେଟରଙ୍କ ମଧ୍ୟରେ ଭିତିରିଆ କାରବାର ମାଣ୍ଡିଆ ଚାଷକୁ ବିଲୁପ୍ତ କରିବାରେ ସଫଳ ହେବ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ ଟାର୍ଗେଟ ପୁରଣ କରିବାକୁ ବାହାର ଜିଲ୍ଲାରୁ ମାଣ୍ଡିଆ କିଣି ମଣ୍ଡି ପରିଚାଳନା କରାଯାଉଥିବା ବିଗତ ଦିନରେ ଦେଖାଯାଇଛି। ସେହି ପନ୍ଥା ଆପଣାଇବା ପାଇଁ ଚଳିତ ବର୍ଷ ମଧ୍ୟ ଯୋଜନା ରହିଥିବା ଅନୁମାନ କରାଯାଉଛି। ଜିଲ୍ଲାର ୫ଟି ବ୍ଲକରେ ୬୭୭୪ ଚାଷୀ ଚଳିତ ବର୍ଷ ମାଣ୍ଡିଆ ଚାଷ କରିବାକୁ ଟାର୍ଗେଟ ରଖାଯାଇଥିବା ଏହି ତାଲିକା ପ୍ରଦାନ କରିବାକୁ କୃଷି ବିଭାଗ କୁନ୍ଥୁକୁନ୍ଥୁ ହେଉଛି। ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ଓ ଓଡ଼ଗାଁ ବ୍ଲକରେ ସବୁଠାରୁ ଅଧିକ କେଳେଙ୍କାରୀ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଏନଜିଓ ଗୁ?କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ କିଛି ଏନଜିଓ ଏବେ ନେତାଙ୍କ ଶରଣରେ ସୁରକ୍ଷା ପାଇଁ ପହଞ୍ଚିଛନ୍ତି। ଏହି ନେତାମାନେ ଏନଜିଓଙ୍କ ପାଇଁ ଓକିଲାତି ଆରମ୍ଭ କରିଥିବା ଏବଂ ନିଜସ୍ୱ ସ୍ୱାର୍ଥ ସାଧନ ପାଇଁ ଉଦ୍ୟମ ଚଳାଇଥିବା ସନ୍ଦେହ ହେଉଛି। କେବେ ଏନଜିଓ ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଖେଳପଡ଼ିଆରୁ ଚାରା ଉପୁଡ଼ାକୁ କେନ୍ଦ୍ରକରି ବିବାଦ

ଓଡ଼ଗାଁ,୪।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗୌଡ଼ପୁଟ ପଞ୍ଚାୟତ ନୂଆ ବନ୍ଧସାହି ଗାଁର ବିଦ୍ୟାଳୟ ନିକଟ ଖେଳପଡ଼ିଆ ପାଶ୍ୱର୍ରୁ ଚାରା ଉପୁଡ଼ାଇବାକୁ କେନ୍ଦ୍ର କରି ବିବାଦ ଦେଖାଦେଇଥିବା ବେଳେ ଏ ନେଇ ଗ୍ରାମବାସୀ ମିଳିତ ଭାବେ ଆସି ଶିବରାମ ପାତ୍ରଙ୍କ ନାମରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଓଡ଼ଗାଁ ପୁଲିସ ଶିବରାମକୁ ଡକାଇ ଉଭୟପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ ଶିବରାମ ଗ୍ରାମବାସୀଙ୍କ କଥାକୁ ଅସ୍ୱୀକାର କରିବା ଫଳରେ ବିବାଦ ସମାଧାନ ହୋଇପାରିନଥିଲା। ଫଳରେ ଗ୍ରାମବାସୀ ଗାଁକୁ ଫେରି ଆସି ପଡ଼ିଆ ଚତୁଃପାଶ୍ୱର୍ରେ ତାର ବାଡ଼ ବୁଜିବା ଆରମ୍ଭ କରିଛନ୍ତି। ଘଟଣାରୁ ପ୍ରକାଶ ଶିବରାମ ପଡ଼ିଆର ଅପର ପାଶ୍ୱର୍ ଜମିକୁ ପଡ଼ିଆ ମଝିରେ ଯିବା ଆସିବା କରୁଥିଲେ। ଚାଷ ପାଇଁ ବ୍ୟବହୃତ ଯଥା ପାୱାର ଟ୍ରିଲର, ଟ୍ରାକ୍ଟର ନେବାରୁ ପଡ଼ିଆ ମଧ୍ୟ ନଷ୍ଟ ହେଉଥିଲା। ପଡ଼ିଆକୁ ସୁରକ୍ଷିତ ରଖିବା ପାଇଁ ପଡ଼ିଆ ପାଶ୍ୱର୍ରେ ଦେଇ ଜମିକୁ ଯିବା ପାଇଁ ରାସ୍ତା ଛଡ଼ାଯାଇଥିଲା। ଏଥିରେ ଶିବରାମ ଅରାଜି ହୋଇଥିଲେ। ନିକଟରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସହାୟତାରେ ପଡ଼ିଆର ଚତୁଃପାଶ୍ୱର୍ରେ ଚାରା ରୋପଣ କରାଯାଇଥିଲା। ଚାରା ଗୁଡ଼ିକ ବଢ଼ିଗଲେ ଅସୁଆ ହେବ ଭାବି ଶିବରାମ ପାତ୍ର ଚାରା ଗୁଡ଼ିକ ଉପାଡ଼ି ଫୋପାଡି ଦେଇଥିଲେ। ଗ୍ରାମବାସୀ ଏହାର ବିରୋଧ କରିବାରୁ ଶିବରାମ ଗ୍ରାମବାସୀଙ୍କ ନାମରେ ଓଡ଼ଗାଁ ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ଶନିବାର ଉଭୟ ପକ୍ଷ ଥାନାରେ ବସି ଆଲୋଚନା ପରେ ଶିବରାମ ପଡ଼ିଆ ମଝିରେ ଯିବା ଆସିବା କରିବାକୁ ଜିଦ୍ ଧରି ବସିବାରୁ ଆଜି ଅପରାହ୍ନରେ ଗ୍ରାମବାସୀ ମେଳି ହୋଇ ପଡ଼ିଆ ଚତୁଃପାଶ୍ୱର୍ରେ ତାର ବାଡ଼ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଚାରା ଉପୁଡାଇଥିବା ଶିବରାମଙ୍କ ନାମରେ ଗ୍ରାମବାସୀ ପଞ୍ଚାୟତ ଏବଂ ବନ ବିଭାଗରେ ମଧ୍ୟ ଅଭିଯୋଗ କରିଥିଲେ।

## ଦେବପୀଠ ଦର୍ଶନ କଲେ ହାଇକୋର୍ଟ ବିଚାରପତି



ଭାପୁର/ଓଡଗାଁ,୪।୧୦(ସମିସ): ହାଇକୋର୍ଟର ବିଚାରପତି ସଞ୍ଜୟ କୁମାର ମିଶ୍ର ଦୁଇଦିନିଆ ନୟାଗଡ଼ ଗସ୍ତରେ ଆସି ବିଭିନ୍ନ ଦେବପୀଠ ଦର୍ଶନ କରିଛନ୍ତି। ସେ ଶୁକ୍ରବାର ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିରରେ ଦର୍ଶନ କରିଥିଲେ। ସେଠାରେ ମନ୍ଦିର ତରଫରୁ ମନ୍ଦିର ଟ୍ରଷ୍ଟି ସଭ୍ୟ ଚକ୍ରଧର ପ୍ରଧାନ, ସନ୍ତୋଷ କୁମାର ତ୍ରିପାଠୀ, ନିରଞ୍ଜନ ବେହେରା ଓ ପୂଜକ ସରୋଜ କୁମାର ମହାପାତ୍ର ଠାକୁର ଦର୍ଶନ କରାଇବାରେ ସହଯୋଗ କରିଥିଲେ। ଏହାପରେ ସେଠାରୁ କଣ୍ଟିଲୋ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲେ। ସେ ପ୍ରସିଦ୍ଧ ଶୈବପୀଠ ଓଡ଼ଗାଁ ନିକଟରେ ବାବା ଦୁତୀକେଶ୍ୱର ମହାଦେବ ଏବଂ ଓଡ଼ଗାଁ ଠାରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଦର୍ଶନ କରିଥିବା ବେଳେ ଶନିବାର ସକାଳେ ଶରଣକୁଳ ଠାରେ ଲଡୁବାବା ଏବଂ ଓଡ଼ଗାଁ ବ୍ଲକ ଚୋରଖୋଲ ନିକଟ ଜାମୁକୋଣ ମା'ବୈଷ୍ଣୋଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ବେଢ଼ା ପରିକ୍ରମା କରି ପାଶ୍ୱର୍ ଦେବା ଦେବୀଙ୍କ ଦର୍ଶନ କରିବା ସହିତ ପୀଠର ମହିମା ବିଷୟରେ ପଚାରିଥିଲେ। ଓଡ଼ଗାଁ ଠାରେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ବିଚାରପତିଙ୍କ ସହିତ ଓଡ଼ଗାଁ ଅଦାଲତର ଜୁନିୟର ସିଭିଲ ଜଜ ପ୍ରେରଣାଶ୍ରୀ ଦେଓ ସାଙ୍ଗରେ ଉପସ୍ଥିତ ରହିଥିଲେ।

## ବିଶିଷ୍ଟ ତମ୍ବାପିତ୍ତଳ ଶିଳ୍ପୀଙ୍କ ଦେହାନ୍ତ

କଣ୍ଟିଲୋ,୪।୧୦(ସମିସ): କଣ୍ଟିଲୋ ହାଟମୁଣ୍ଡ ପାଟଣାର ବିଶିଷ୍ଟ ତମ୍ବା ଓ ପିତ୍ତଳ କାରିଗର ମାୟାଧର ସାହୁ (ମୃଷା, ୬୧) ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ବୃକକ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ହାଇଟେକ ମେଡିକାଲରେ ଚିକିତ୍ସିତ ହୋଇଘରକୁ ଫେରିଥିଲେ। ଗତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପୁନର୍ବାର ଭୁବନେଶ୍ୱର ନିଆଯାଇଥିଲା। ସେଠି ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। କଣ୍ଟିଲୋସ୍ଥିତ ଅଲେଖ ଟୁଙ୍ଗୀ ନିକଟରେ ଥିବା ଶ୍ମଶାନ ଠାରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ତାଙ୍କ ବଡ ଭାଇଙ୍କର ପୁଅ ଜିଲୁ ମୁଖାଗ୍ନି ଅର୍ପଣ କରିଥିଲେ।

**ବନମାଳିପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ୍**

## ଫାଇନାଲରେ ପଙ୍ଗାରସିଂହ



ଖଣ୍ଡପଡ଼ା,୪।୧୦(ସମିସ): ଖଣ୍ଡପଡ଼ା ବ୍ଲକ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ଦ୍ୱତୀୟ ସେମିଫାଇନାଲ ମ୍ୟାଚରେ ଟସ୍ ଜିତି ପଙ୍ଗାରସିଂହ କ୍ରିକେଟ କ୍ଲବ ୨୦ ଓଭରରେ ୪ ୱିକେଟ ହରାଇ ୧୯୦ ରନ କରିଥିଲା। ଜବାବରେ ଘରୋଇ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ୮ ୱିକେଟ ହରାଇ ୧୬୪ ରନ କରିବା ସହିତ ପରାସ୍ତ ହୋଇଥିଲା। ଘରୋଇ ଦଳର ଦତ୍ତାତ୍ରେୟ ତ୍ରିପାଠୀ ୫୪ ବଲରେ ୭୪ ରନର ଲଢୁଆ ପାଳି ଖେଳିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରିନଥିଲେ। ବିଜୟୀ ଦଳର ଟୁନୁ ଖଟୁଆ ୬୧ ବଲରେ ୮୧ ରନ ଏବଂ ବୋଲିଂରେ ୪ ୱିକେଟ ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚରେ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ତ୍ରିପାଠୀ ଉପସ୍ଥିତ ରହି ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଖେଳକୁ ଦିଲ୍ଲୀପ କୁମାର ସାହୁ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଏବଂ ସାମ୍ବାଦିକ ଜନ୍ମେଜୟ ଦଳେଇ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧା ପଙ୍ଗାରସିଂହ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

## ଜେମାଦେଇପୁର ଶାସନ ଗ୍ରାମ୍ୟ ଜୟନ୍ତୀ



ନୟାଗଡ଼,୪।୧୦(ସମିସ): ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ଜେମାଦେଇପୁର ଶାସନ ଗ୍ରାମ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ମୁଖ୍ୟବକ୍ତା ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁବାସ କହଁର, ସରପଞ୍ଚ ସଂଯୁକ୍ତା ବିଶ୍ୱାଳ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଯୁବଗୋଷ୍ଠୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବାଦିପାଲା ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

## ପଦ୍ମାବତୀ ଗ୍ରାମରେ ଭସାଣି ଓ ରାବଣ ପୋଡ଼ି ଉତ୍ସବ



ଭାପୁର,୪।୧୦(ସମିସ): ନୟାଗଡ଼ ଜିଲ୍ଲାର ପଦ୍ମାବତୀ ଗ୍ରାମରେ ଜିଲ୍ଲାର ସର୍ବାଧିକ ଦୁର୍ଗା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିପୂଜା ହେବା ଏକ ଅନନ୍ୟ କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ଦ୍ୱିତୀୟ କଟକର ନାମକରଣ କରାଯାଇଛି। ଏଠାରେ ୧୪ଟି ମେଢ଼ ହୋଇଥିଲା। ଶୁକ୍ରବାର ରାତିରେ ଭସାଣି ଉତ୍ସବ ଆୟୋଜିତ ହୋଇଯାଇଛି। ଭସାଣି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାବିତ୍ରୀ ପ୍ରଧାନ, ମୁଖ୍ୟ ବକ୍ତା ଡ. ପବିତ୍ର କୁମାର ସୁବୁଦ୍ଧି, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ଗାଁ ସଭାପତି ରବୀନ୍ଦ୍ର କୁମାର ସାହୁ, ଭସାଣି ଉତ୍ସବର ସ୍ରଷ୍ଟା ଶ୍ରୀକାନ୍ତ କୁମାର ସାହୁ ଓ ପୂଜା କମିଟିର ସଭାପତି ଅଜୟ କୁମାର ସାହୁ, ମଞ୍ଚ ପରିଚାଳନା କରିଥିଲେ ପ୍ରଦୀପ୍ତ କୁମାର ସାହୁ । ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡା, ଏସଆଇ ଶ୍ରୀନିବାସ ପ୍ରଧାନ, ଏଏସଆଇ ଭାବଗ୍ରାହୀ ମଲ୍ଲିକଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଶୃଙ୍ଖଳିତ ଭଷାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଭାପୁର ବଜାରରେ ମଧ୍ୟ ଶୁକ୍ରବାର ମଧ୍ୟାହ୍ନରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ରଣପୁରରେ ବରିଷ୍ଠ ନାଗରିକ ଦିବସ

ରଣପୁର,୪।୧୦(ସମିସ): ରଣପୁର ବ୍ଲକ ମହତପଲ୍ଲା ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର ସ୍ଥିତ ବୃଦ୍ଧାଶ୍ରମଠାରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଣପୁର ଅଦାଲତର ଦେୱାନୀ ବିଚାରପତି ତଥା ରଣପୁର ଟିଏଲ୍‌ଏସ୍‌ସିର ଅଧ୍ୟକ୍ଷା ଅନୁସ୍ମୃତି ଚୌଧୁରୀ ଯୋଗ ଦେଇଥିବା ବେଳେ ସରକାରୀ ଆଇନଜୀବୀ ଗିରିଜାକାନ୍ତ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ଜେନା ଓ କୃପାସିନ୍ଧୁ ବେହେରାଙ୍କ ସମେତ ରାଜେଶ କୁମାର ମଲିକ ଓ ଅଧିକାରୀ ମିତ୍ର ହୃଷିକେଶ ନାୟକ, କୁନି ବାଳା ବିଶ୍ୱାଳ ଉପସ୍ଥିତଥିଲେ। କର୍ମଚାରୀ କୃଷ୍ଣଚନ୍ଦ୍ର ପ୍ରଧାନ,ମନୋଜ ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗଣିଆରେ ପାଳିତ ହେଲା ଦୁର୍ଗାପୂଜା



ଗଣିଆ,୪।୧୦(ସମିସ): ଗଣିଆ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ଗଣିଆରେ ପୀଠେ ପୂଜା ଅନୁଷ୍ଠିତ ହେଉଥିବାରୁ ପାଇକ ମାନେ ଏକ ବିଶାଳ ଶୋଭାଯାତ୍ରାରେ ବଜାର, ଗ୍ରାମ ପରିକ୍ରମା କରି ଦଶହରା ପଡିଆରେ ପହଞ୍ଚିଥିଲେ। ସେଠାରେ ଖଣ୍ଡା ପୂଜା ପରେ ପାଇକ ମାନେ ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ଗଣିଆ ବଜାର, ପାଟଣାସାହି, ବାଲିସାହି, ଶାସନ ସାହି, ଆଡକଟା, ପତୁରିଆ, କିଶୋର ପ୍ରସାଦ, ପାଣ୍ଡରାସିଙ୍ଗା, ମାଳତିପୁଟ ଆଦି ବିଭିନ୍ନ ସ୍ଥାନରେ ୧୦୦ରୁ ଅଧିକ ପୂଜା ମଣ୍ଡପରେ ସୁଉଚ୍ଚ ତୋରଣ ସାଙ୍ଗକୁ ସାଜସଜ୍ଜା ଉଚ୍ଚ କୋଟୀର ଥିଲା। ଗଣିଆ, ଛାମୁଣ୍ଡିଆ, ଆଡକଟା, ମାଳତିପୁଟ ଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣିଆ ପ୍ରେସ୍ କ୍ଲବର ଶାରଦୀୟ ବନ୍ଧୁମିଳନ

ଗଣିଆ,୪।୧୦(ସମିସ): ଗଣିଆ ପ୍ରେସ୍ କ୍ଲବର ଶାରଦୀୟ ବନ୍ଧୁମିଳନ ସ୍ଥାନୀୟ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପରିବାରର ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ଏଥିରେ ଶିବାନୀ ସାହୁ ପ୍ରଥମ, ମିନାରାଣୀ ମିଶ୍ର ଦ୍ୱିତୀୟ, ଜୟନ୍ତୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ଶେଷଦେବ ସ୍ୱାଇଁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଜ୍ଞାନୀପ୍ରକାଶ ସେନାପତି, ସରୋଜ ଦାଶ, ଆନନ୍ଦ ଚନ୍ଦ୍ର ବେହେରା, ଅଜିତଦାଶ, ଚିତ୍ତରଞ୍ଜନମିଶ୍ର, ବ୍ରଜକିଶୋର ସାହୁ, ସୁବ୍ରତ ରାଉତ, ବିଜୟଲକ୍ଷ୍ମୀ ରାଉତ, ବାବୁଲାଲ ମିଶ୍ର, ରମେଶ ମିଶ୍ର, ପଙ୍କଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପାଚିକା, ସହାୟିକା ସଂଘ ସମ୍ମିଳନୀ



ଦଶପଲ୍ଲା,୪।୧୦(ସମିସ): ସିଟୁ ଦ୍ୱାରା ସହବନ୍ଧିତ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା/ ସହାୟିକା ସଂଘ, ଦଶପଲ୍ଲା ସଂଘର ଚତୁର୍ଥ ବ୍ଲକସ୍ତରୀୟ ସମ୍ମିଳନୀ ଦଶପଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭା ଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ନେତା ଆଡଭୋକେଟ ଶରତ ବେହେରା ପତାକା ଉତ୍ତୋଳନ କରିଥିଲେ। ଶ୍ରମିକ ନେତା ଶରତ ବେହେରା, ସଂଘର ଜିଲ୍ଲା ସମ୍ପାଦିକା ଜୟନ୍ତୀ ଦାଶ, ଗଣତାନ୍ତ୍ରିକ ଯୁବ ଫେଡରେଶନ ଜିଲ୍ଲା ସମ୍ପାଦକ ବିପିନ୍ କୁମାର ବାକୁ, ବ୍ଲକ କମିଟି ସମ୍ପାଦକ ସୁଧାଂଶୁ ଶେଖର ନାୟକ, ସୁଶାନ୍ତ ନାୟକ, ଖେତ ମୂଲିଆ ନେତା ବିରଞ୍ଚି ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବ୍ଲକ କମିଟିର ଅଗ୍ରଣୀ ସଭ୍ୟା ରଞ୍ଜିତା ବିଶୋଇ, ଗୋଲାପ ମୁଦୁଲି, କବିତା ନାୟକ, ପ୍ରମୋଦିନି ମହାଖୁଡ, ମମତା ମିଶ୍ର, ସବିତା ବିଶ୍ୱାଳ ଓ ପ୍ରତିମା ଭୁକ୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଗାମୀ ତିନି ବର୍ଷ ପାଇଁ ଶରତ ବେହେରା ସଭାପତି ଓ ପ୍ରତିମଭୁକ୍ତ ସମ୍ପାଦକ ସହ ଏକ ୩୫ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା।

## ନୀଳମାଧବଙ୍କ ରାଧା-ଦାମୋଦର ବେଶ

କଣ୍ଟିଲୋ,୪।୧୦(ସମିସ): ଆଶ୍ୱିନ ଶୁକ୍ଳ ପାପାଙ୍କୁଶ ଏକାଦଶୀ ଅବସରରେ ଶ୍ରୀନୀଳମାଧବଙ୍କ ରାଧା-ଦାମୋଦର ବେଶ ଅନୁଷ୍ଠିତ ହୋଇଛି। ଶ୍ରୀଜୀଉ ଶ୍ରୀରାଧାଙ୍କ ସହିତ ବିଭିନ୍ନ ଅଳଙ୍କାର ଭୂଷିତ ହୋଇ ଦର୍ଶନ ଦେଇଥାନ୍ତି। ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଆସନ୍ତା କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଏହି ବେଶ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ମା' ମଙ୍ଗଳାଙ୍କ ହଜାରେ ଘଟ ମେଳନ

ନୟାଗଡ଼,୪।୧୦(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନବଘନପୁର ଗାଁରେ ଆଜି ମା'ମଙ୍ଗଳାଙ୍କ ହଜାରେ ଘଟ ମେଳନ ହୋଇଛି। ଏହି କାର୍ଯ୍ୟକୁ ସମାଜସେବୀ କବିରାଜ ସାହୁ ସମ୍ପାଦନ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ହୋଇଥିବା ଏହି ଧାର୍ମିକ କାର୍ଯ୍ୟ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ଗାଁରେ ରହିଥିବା ମଙ୍ଗଳାକୋଠିରୁ ଘଟ ଆଜି ନବଘନପୁରକୁ ନିମନ୍ତ୍ରଣ କରି ଅଣାଯାଇଥିଲା। ଗ୍ରାମ ପରିକ୍ରମା କରାଯିବା ସହ ନୀତି ଓ ପରମ୍ପରା ଅନୁସାରେ ଏହି ମେଳନ ଅନୁଷ୍ଠିତ ହୋଇଥିଲା।



## ସାମୂହିକ ବିକାଶ ପାଇଁ ଏକାଠି ହେଲେ ଗ୍ରାମବାସୀ



ଖଣ୍ଡପଡ଼ା,୪।୧୦(ସମିସ)

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ବାହାଡ଼ାର ତ୍ୱରିତ ବିକାଶ ନିମନ୍ତେ ଗ୍ରାମବାସୀ ଏକାଠି ହୋଇଛନ୍ତି। ଏନେଇ ଗ୍ରାମର ଆରାଧ୍ୟ ଦେବୀ ବାହାଡାଶୁଣୀଙ୍କ ପୀଠରେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବାହାଡ଼ା ଗ୍ରାମବାସୀଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଲାଷ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ଯନ୍ତ୍ରୀ ମନୋଜ କୁମାର ବେହେରା, ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ଅଜୟ ଜଗଦେବ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶିକୁ କିଭଳି ଭାବରେ ଆଦର୍ଶ ଗ୍ରାମର ରାସ୍ତା, ବିଦ୍ୟୁତ, ଡ୍ରେନେଜ, ପାନୀୟ ଜଳ, ତୋରଣ, ଶିକ୍ଷା ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯିବ ସେନେଇ ବିଡିଓ ଅଭିଲାଷ ପୁଙ୍ଖାନୁପୁଙ୍ଖ ଭାବେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟ ବ୍ଲକ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ଗ୍ରାମର ୪ଜଣ ୱାର୍ଡ ସଭ୍ୟ, ଅଙ୍ଗନବାଡି ୱାର୍କର, ପ୍ରଧାନଶିକ୍ଷକ ଓ ଆଶା କର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଖୁବଶୀଘ୍ର ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତହସିଲ ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ବାହାଡାଶୁଣୀଙ୍କ ପୀଠ ନିକଟରେ ଜାଗା ଚିହ୍ନଟ କରାଯାଇ ପ୍ରଥମେ ଏହାର ସୁରକ୍ଷା ପ୍ରାଚୀର ନିର୍ମାଣ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ୱାର୍ଡ ସଭ୍ୟଙ୍କ ପ୍ରତିନିଧି ରବୀନ୍ଦ୍ର ବେହେରା, ଜନ୍ମେଜୟ ଦଳେଇ, ଶ୍ରୀନିବାସ ଖଟୁଆ, ୱାର୍ଡ ସଭ୍ୟ ଦୟାନିଧି ଦଳେଇ, ବାଇଗୁଣିଆ ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ମହାରଣା, ବାହାଡ଼ା ଗ୍ରାମ୍ୟ କମିଟି ସଦସ୍ୟ ଅଗାଧୁ ପ୍ରଧାନ, ଦଣ୍ଡଧର ମଲ୍ଲ, ମାନଗୋବିନ୍ଦ ନାୟକ, ମହେଶ୍ୱର ସାହୁ, ନବକିଶୋର ମଲ୍ଲ, ସୁରେନ୍ଦ୍ର ନାୟକ, ପ୍ରଶନ ଖଟୁଆ, ପ୍ରଭାକର ନାୟକ, ଧନୁ ଦଳେଇ, ଅନନ୍ତ ବେହେରା, ରବୀନ୍ଦ୍ର ଦଳେଇ, ହାଡିବନ୍ଧୁ ସ୍ୱାଇଁ, ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିବା ସହ ଗ୍ରାମର ସୁଶାନ୍ତ ଗୁରୁ, ମାଗି ନାୟକ, ପବିତ୍ର ବେହେରା, ହାଲୁରି ଖଟୁଆ ଆଦି ବୈଠକରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ କି ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମକୁ କେନ୍ଦ୍ର ସରକାର ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଛନ୍ତି। ଗ୍ରାମରେ ସମନ୍ୱିତ ବିକାଶ ପାଇଁ ଏହି ପ୍ରକଳ୍ପ ମାର୍ଚ୍ଚ ୨୦୧୦ରେ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିବା ବେଳେ ଯୋଜନାରେ ଗତବର୍ଷ ବାହାଡ଼ା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରାଯାଇଥିଲା।

# ଜଗତସିଂହପୁରରେ ରାବଣ ପୋଡ଼ି ଉତ୍ସବ



ଜଗତସିଂହପୁର, ୪।୧୦(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି । ଶ୍ରୀରାମ କ୍ଲବ ସଭାପତି ରତ୍ନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟା ମାଣେ, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଥାନପତି ମେଢ଼ ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀରାମ କ୍ଲବ ସମ୍ପାଦକ ବିଜୟ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ରାମଲୀଳା ପ୍ରଦର୍ଶିତ ହୋଇଥିଲା । ଶ୍ରୀରାମ କ୍ଲବ୍ କାର୍ଯ୍ୟକର୍ତ୍ତା ସୁଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କାଠଗୋଲା ବଜାରରେ ଭସାଣି



ବାଲିକୁଦା, ୪।୧୦(ସମିସ): ବାଲିକୁଦା କାଠଗୋଲା ବଜାର ମୁକ୍ତେଶ୍ୱର ମହାଦେବ ପୂଜା କମିଟି ପକ୍ଷରୁ ଦଶହରା ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ରାଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭସାଣି ଉତ୍ସବରେ ଦୁଇ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଭାଇ ଉପସ୍ଥିତ ରହି ହର ପାର୍ବତୀଙ୍କୁ ବାଜା ବାଣ ରୋଷଣୀରେ କାଠଗୋଲା ବଜାରରୁ ତହସିଲ ଛକ, ବସଷ୍ଟାଣ୍ଡ, ହାଟଗଡା ବଜାର ପରିକ୍ରମା କରାଇ ମେଲାଣି ଦେଇଥିଲେ । ଏହି ଭସାଣି ଉତ୍ସବକୁ କମିଟିର ସମ୍ପାଦକ, କୋଷାଧ୍ୟକ୍ଷ ପରିଚାଳନା କରିଥିବାବେଳେ ବାଲିକୁଦା ଥାନା ପକ୍ଷରୁ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରାଯାଇଥିଲା ।

# ସିରସ୍ତାରେ ଦୁର୍ଗାପୂଜା ଭସାଣି ଉତ୍ସବ



ପାରାଦୀପ, ୪।୧୦(ସମିସ): ପାରାଦୀପ ନିର୍ବାଚନମଣ୍ଡଳୀ ତିର୍ତ୍ତୋଲ ବ୍ଲକ୍ ସିରସ୍ତା ଗ୍ରାମରେ ମା' ଦୁର୍ଗାଙ୍କର ୧୯ତମ ଭସାଣି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ତିର୍ତ୍ତୋଲ ବ୍ଲକ୍ ଅଧ୍ୟକ୍ଷ ମନୋଜ ବେହେରା, ପ୍ରାକ୍ତନ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ବେହେରା, କଂଗ୍ରେସର ନବନିର୍ବାଚିତ ଜିଲ୍ଲା ସଭାପତି ଦେବପ୍ରସାଦ ନାୟକ ଏହି ଉତ୍ସବରେ ସାମିଲ ଥିଲେ । ଆଦ୍ୟାଶକ୍ତି ଫାଉଣ୍ଡେସନର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପୃଷ୍ଟିଙ୍କ ପୌରୋହିତ୍ୟରେ ଚଳିତ ବର୍ଷ ପୂଜା ଶାନ୍ତିଶୃଙ୍ଖଳାର ସହିତ ସମ୍ପାଦିତ ହୋଇଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ପ୍ରହ୍ଲାଦ ସୂତାର, ବାବାଜୀ ସେଠୀ, ମହେଶ୍ୱର ପ୍ରଧାନ, ସୁରେଶ ସାହୁ ସହଯୋଗ କରିଥିଲେ ।

## ନିଶା ଦ୍ରବ୍ୟ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

କୁଜଙ୍ଗ, ୪।୧୦(ସମିସ): ଗଣ୍ଡକିପୁର ନିକଟ ସାହୁ ବଜାର ନିକଟରେ ଜଣେ ଯୁବକଙ୍କୁ ନିଶା ଦ୍ରବ୍ୟ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ କରାଯାଇଛି । ଏ ନେଇ ଗଣ୍ଡକିପୁରର ନାରାୟଣ ଦାସଙ୍କ ପୁଅ ଆଶିଷ ଦାସ କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି । କୁଜଙ୍ଗ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଆଶିଷ ଦୁଗ୍ଧ ପାଇଁ ବଜାରକୁ ଯାଉଥିବାବେଳେ ତାଙ୍କୁ ଅଟକାଇ ଏ ଅଞ୍ଚଳର ଜଣେ ବ୍ୟକ୍ତି ଓ ତାଙ୍କ ଦୁଇପୁଅ ନିଶାସକ୍ତ ଅବସ୍ଥାରେ ଟଙ୍କା ମାଗି ବିଫଳ ହେବାରୁ ମୁଣ୍ଡକୁ ହତୁଡ଼ିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।

## ତାଳଦଣ୍ଡା କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୁଜଙ୍ଗ, ୪।୧୦(ସମିସ): କୁଜଙ୍ଗ ଥାନାରୁ ମାତ୍ର ୫୦ ମିଟର ଦୂରରେ ଥିବା ତାଳଦଣ୍ଡା କେନାଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଗଡ଼ରୋମିତ ଗ୍ରାମର ସୁମନ୍ତ ବାରିକ ଓରଫ ବୁଲୁ (୪୨) । ସେ କୁଜଙ୍ଗ ବଜାରର ସେଲୁନରେ କାର୍ଯ୍ୟ କରୁଥିଲେ । ତାଳଦଣ୍ଡା କେନାଲକୁ ଶୌଚ ହେବାକୁ ଯିବା ସମୟରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଏରସମା, ୪।୧୦(ସମିସ): ସିହା ଗ୍ରାମର ଅଞ୍ଜଳି ମଲ୍ଲିକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ଅଞ୍ଜଳି ଭୋର ସମୟରେ ଫୁଲ ତୋଳୁଥିବାବେଳେ ସାପ କାମୁଡ଼ି ଦେଇଥିଲା । ତାଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଗୋବରୀରେ ବୁଡ଼ି ନାବାଳକ ମୃତ

ନାଉଗାଁ, ୪।୧୦(ସମିସ): ଅବଦଲପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଅରୁଣ ବେହେରାଙ୍କ ୧୨ ବର୍ଷର ପୁଅ ସତ୍ୟମ ବେହେରା ଗୋବରୀ ନଦୀରେ ବୁଡ଼ି ପ୍ରାଣ ହରାଇଛି । ସତ୍ୟମ ତାଙ୍କ ଘର ନିକଟ ଗୋବରୀ ନଦୀକୁ ଯାଇ ଫେରି ନ ଥିଲା । ପରିବାର ଲୋକେ ବହୁ ଖୋଜିବା ପରେ ନଦୀ ପଠାରେ ଚପଲ ଦେଖି ଖୋଜାଖୋଜି କରିଥିଲେ । ନାଉଗାଁ ଗ୍ରାମର ଯୁବ ସମାଜସେବୀ ତ୍ରିନାଥ ପରିଜା ସତ୍ୟମକୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ସାର ସଂକଟ, ଚାଷୀ ହତାଶ

ମଣିଜଙ୍ଗା, ୪।୧୦(ସମିସ): ତିର୍ତ୍ତୋଲ ଅଞ୍ଚଳରେ ସାରର ଘୋର ସଂକଟ ଦେଖାଦେଇଛି । ଫଳରେ ଚାଷୀ ଖୋଲା ବଜାରରୁ ଅଧିକ ଦରରେ ୟୁରିଆ, ଗ୍ରୋମର, ପଟାସ କ୍ରୟ କରୁଛନ୍ତି । ସମବାୟ ସମିତିକୁ ପର୍ଯ୍ୟାପ୍ତ ପରିମାଣର ସାର ଆସୁ ନ ଥିବାରୁ ଚାଷୀ ନିରାଶ ହୋଇ ଦେଖିବାକୁ ମିଳୁଛି । ଏ ନେଇ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ବୋଧେଇ ସମବାୟ ସମିତି ଅଧୀନରେ ଥିବା ଜଗନ୍ନାଥପୁର, ତୁଳଙ୍ଗ, ଗରାମ, କଟରା, ଦାଇଁଲୋ ଚାଷୀ ସାର ପାଇଁ ସମବାୟ ସମିତିରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଫେରୁଛନ୍ତି । ଏଥିପ୍ରତି ଜଗତସିଂହପୁର ଜିଲ୍ଲାପାଳ, କୃଷି ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ବୋଧେଇ ସମବାୟ ସମିତି ସଭାପତି କେଦାର ସ୍ୱାଇଁ ଦାବି କରିଛନ୍ତି ।

## ଅସହାୟ ବୃଦ୍ଧାଙ୍କୁ ଛତା ବଣ୍ଟନ

ପାରାଦୀପ, ୪।୧୦(ସମିସ): ଆନ୍ତର୍ଜାତିକ ବୟସ୍କ ଦିବସ ଅବସରରେ ବିବେକାନନ୍ଦ ୟୁଥ୍ କ୍ଲବ୍ ପକ୍ଷରୁ ବୟସ୍କ ଅସହାୟ ବୃଦ୍ଧାଙ୍କୁ ଛତା ବଣ୍ଟନ କରାଯାଇଛି । ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ଜଗନ୍ନାଥ ହାଲଦାରଙ୍କ ସମେତ କାର୍ଯ୍ୟକାରୀ ସଭାପତି ଅଜୟ ମିସ୍ତ୍ରୀ, ମନୋଜ ପାତ୍ର, ସଞ୍ଜୟ ମଣ୍ଡଳ, ଶଙ୍କର ମିର୍ଧା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ତିର୍ତ୍ତୋଲ, ୪।୧୦(ସମିସ): ପିତାମ୍ବରପୁର ଗ୍ରାମର ଅଜିତ ମହାନ୍ତିଙ୍କ ପୁଅ ଆରୋଗ୍ରିତ ମହାନ୍ତି (୨୪)ଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି । ସେ ଘର ବାହାରକୁ ଆସିଥିବାବେଳେ ପଡ଼ୋଶୀ ତ୍ରିଲୋଚନ ମହାନ୍ତି, ପ୍ରସନ୍ନ ମହାନ୍ତି ତାଙ୍କୁ ଘୋଷାଡି ଠେଙ୍ଗାରେ ଆକ୍ରମଣ କରିଥିଲେ । ପ୍ରସନ୍ନ ମହାନ୍ତିଙ୍କ ପତ୍ନୀ ବେବିନା ତାଙ୍କ ପିଠିର ବହୁ ସ୍ଥାନରେ କାମୁଡି ଫୁଟାଇ ଦେଇଥିଲେ । ଆରୋଗ୍ରିତକୁ ବଞ୍ଚାଇବାକୁ ଯାଇ ତାଙ୍କ ବାପା ଓ ମାଆ ମଧ୍ୟ ଆହତ ହୋଇଥିଲେ । ଆରୋଗ୍ରିତଙ୍କ ପରିବାର ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରିଛି । ଅନ୍ୟପକ୍ଷରେ ତ୍ରିଲୋଚନଙ୍କ ପରିବାର ପକ୍ଷରୁ ପାଲଟା ଅଭିଯୋଗ ହୋଇଛି ।

## ଅଲ୍ଲୀ ବାବୁଙ୍କ ପରଲୋକ



ପାରାଦୀପ, ୪।୧୦(ସମିସ): ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ଼ (ଓଏସଏଲ)ର ବରିଷ୍ଠ ଅଧିକାରୀ ମିର୍ ଅବଦୁଲ ଖଲିକ (ଅଲ୍ଲୀ ବାବୁ)ଙ୍କ ୬୩ ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି । ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ଓଏସଏଲ ପାରାଦୀପ ଶାଖା କର୍ମଚାରୀଙ୍କ ସମେତ ସାରା ବନ୍ଦରାଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଓଏସଏଲର ପ୍ରତିଷ୍ଠାତା ଶିଳ୍ପପତି ମହିମାନନ୍ଦ ମିଶ୍ର, ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ଶୋକ ବ୍ୟକ୍ତ କରିଛନ୍ତି । ଓଏସଏଲ ପାରାଦୀପ ଶାଖା ଭାଇସ ପ୍ରେସିଡେଣ୍ଟ ବିଜୟ ଓଝା, ସୁବାସ ଆଚାର୍ଯ୍ୟ, ଡିଜିଏମ ସନ୍ତୋଷ ପଟେଲଙ୍କ ସମେତ ଓଏସଏଲର ବହୁ ଅଧିକାରୀ ଓ ଅଲ୍ଲୀ ବାବୁଙ୍କୁ ଭଲ ପାଉଥିବା ଲୋକ ତାଙ୍କ କଟକ ଜିଲ୍ଲା ନେମାଳସ୍ଥ ବରହମପୁର ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କୁ କବର ଦିଆଯାଇଛି ।

## ଅବସରପ୍ରାପ୍ତ ପୁଲିସ ଡିଏସ୍‌ପି ସଞ୍ଜୟ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି

ବାଲିକୁଦା, ୪।୧୦(ସମିସ): ତିତିରା ପଞ୍ଚାୟତର କେଉଟପାଳ ଗ୍ରାମରେ ଜନ୍ମିତ ଅବସରପ୍ରାପ୍ତ ପୁଲିସ ଡିଏସ୍‌ପି ସଞ୍ଜୟ ବିଶ୍ୱାଳଙ୍କୁ ତାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଆଞ୍ଚଳିକ ଜାଗ୍ରତ ଗୌରୀ ଗୀତା ପ୍ରଚାରର ସଭାପତି ପଣ୍ଡିତ ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଡଃ ବିଷ୍ଣୁଚରଣ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଡଃ ବୀରନାରାୟଣ ପାତ୍ର, ଶିକ୍ଷାବିତ ଶରତ ବାରିକ, ଅକ୍ଷୟ ମହାନ୍ତି, ଚକ୍ରଧର ଷଡଙ୍ଗୀ, ରବୀନ୍ଦ୍ର ବେହେରା, ବିଜୟ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପୁଅ ମିଲନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀକୃଷ୍ଣ ଏକାଡେମୀ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଜଗତସିଂହପୁର, ୪।୧୦(ସମିସ): ଶ୍ରୀକୃଷ୍ଣ ଏକାଡେମୀ ୧୯୮୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଚ୍‌ର ଛାତ୍ର ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶୁଭେନ୍ଦୁ ପଟ୍ଟନାୟକ ଓ ଲଲାଟେନ୍ଦୁ ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇ ପଢିବା ସମୟର ସ୍ମୃତିଚାରଣ କରିଥିଲେ । ଏ ଅବସରରେ ଦିବଙ୍ଗତ ସହପାଠୀଙ୍କ ସ୍ମୃତିରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସେହିପରି ପୂର୍ବ ସମୟର ଶିକ୍ଷାଦାନ ଓ ବର୍ତ୍ତମାନର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିବ ସ୍ୱାଇଁ, ସୀତାଂଶୁ ଦାଶ, ରଜନୀ ମିଶ୍ର, ଭାରତକ୍ରିଷ୍ଟ ରାଉତ, ବଳଦେବ ପଳାଉରୀ, ପ୍ରଦୀପ ସ୍ୱାଇଁ, ନବ ଗୋଛାୟତ, ପ୍ରଶାନ୍ତ ଦାସ, କିଶୋର ସ୍ୱାଇଁ ଓ ସୁଜ୍ଞାନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ସରଳା ଦେବୀଙ୍କ ଶ୍ରାଦ୍ଧୋତ୍ସବ



ବାଲିକୁଦା, ୪।୧୦(ସମିସ): ରାଜ୍ୟର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ, କଟକର ପ୍ରଥମ ବିଧାୟିକା ଓ ସାହିତ୍ୟିକା ସରଳା ଦେବୀଙ୍କ ୩୯ତମ ଶ୍ରାଦ୍ଧୋତ୍ସବ ବାଲିକୁଦା ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଓ ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଗୁରୁକଲ୍ୟାଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାନସଭା ସଚିବ ଦାଶରଥି ଶତପଥୀ, ସମ୍ମାନିତ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପ୍ରଫେସର ପୂର୍ଣ୍ଣେନ୍ଦ୍ର ମଲ୍ଲିକ, ବିଶିଷ୍ଟ ସମାଜସେବୀ ମାନସୀ ପ୍ରଧାନ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ଶିବବ୍ରତ ଦାସ ପ୍ରମୁଖ ଯୋଗଦେଇ ସରଳା ଦେବୀଙ୍କ ସ୍ୱାଧୀନତା ପାଇଁ ଅବଦାନ ଅତୁଳନୀୟ ବୋଲି କହିଥିଲେ । କବି ପୂର୍ଣ୍ଣାନନ୍ଦ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ରଞ୍ଜିତ ଦାସ ସ୍ୱାଗତ କରିଥିଲେ । ସୂର୍ଯ୍ୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## କଳ୍ପତରୁ ସଂକୀର୍ତ୍ତନ ମହାମଣ୍ଡଳ କୁଜଙ୍ଗ ବ୍ଲକ ଶାଖା ବାର୍ଷିକ ଉତ୍ସବ




କୁଜଙ୍ଗ, ୪।୧୦(ସମିସ): ବିଜୟା ଦଶମୀରେ ଶ୍ରୀଶ୍ରୀ କଳ୍ପତରୁ ସଂକୀର୍ତ୍ତନ ମହାମଣ୍ଡଳ କୁଜଙ୍ଗ ବ୍ଲକ୍ ଶାଖାର ୧୧ତମ ବାର୍ଷିକ ଉତ୍ସବ ନୃସିଂହ ନାଥ ପୀଠ ତେରମାଣପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ସଭାପତି ମହେଶ ଚୌଧୁରୀ ଓ ବିଭିନ୍ନ ବ୍ଲକ୍‌ର କର୍ମକର୍ତ୍ତା ହୃଷିକେଶ ଖଣ୍ଡୁଆଳ, ଭଗବାନ ଦାସ, ଶରତ ବାରିକ, କେଦାର ରାଉତ, ଏରସମା ବ୍ଲକ କଳା ସଂସ୍କୃତି ବିଭାଗ ଉପସଭାପତି ନାରାୟଣ ସାହୁ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ସଂକୀର୍ତ୍ତନ ଗୁରୁ ବାବାଜୀ ଚରଣ ଦାସ ପ୍ରମୁଖ ଯୋଗଦେଇ ନାମ ସଂକୀର୍ତ୍ତନର ଆଭିମୁଖ୍ୟ ଓ ଗୌରାଙ୍ଗ ମହାପ୍ରଭୁଙ୍କ ଲୀଳା ଉପରେ ଅବତାରଣା କରିଥିଲେ । ମହାମଣ୍ଡଳର ସହସମ୍ପାଦକ ବିଚିତ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋପାଳସାଗର ଛକରେ ଦବା ଇଣ୍ଡିଆ କାଉଣ୍ଟର ଉଦ୍‌ଘାଟିତ

ଜଗତସିଂହପୁର, ୪।୧୦(ସମିସ): ଜଗତସିଂହପୁର ସହରର ଗୋପାଳସାଗର ଛକ ନିକଟରେ ଦବା ଇଣ୍ଡିଆ ମେଡ଼ିସିନ କାଉଣ୍ଟର ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ କଣ୍ଟାବଲ୍ଲଭପୁର ଗ୍ରାମର ଯୁବ ଇଂଜିନିୟର ବସନ୍ତ ବାରିକ ଓ ତାଙ୍କ ପତ୍ନୀଙ୍କ ବୈଜୟନ୍ତୀ ବାରିକଙ୍କ ଉଦ୍ୟମରେ ଖୋଲାଯାଇଥିବା ଏହି ମେଡ଼ିସିନ କାଉଣ୍ଟରକୁ ତାଙ୍କ ମାତା ଶାରୀଲତା ବାରିକ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟ ମହାନ୍ତି, ଦୁର୍ଯ୍ୟୋଧନ ବାରିକ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ରେଣୁବାଳା ବାରିକ, ବୀଣାପାଣି ବାରିକ, ଉଷାରାଣୀ ବାରିକ, ବିମ୍ବାଧର ବିଶ୍ୱାଳ, ଆଲୋକ ବାରିଲ, ଶୈଳେନ୍ଦ୍ର ବାରିକ, ସ୍ମିତା ସାଗରିକା ବାରିକ, ସୁବ୍ରତ ତ୍ରିପାଠୀ, ସୁରେଶ ବାରିକ, ଅଭୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ପାରାଦୀପ କଲେଜ ଏନ୍‌ସିସି କ୍ୟାଡେଟ୍ ବିଶାଳ ସମ୍ମାନିତ



ପାରାଦୀପ, ୪।୧୦(ସମିସ): ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା କଟକ ଏନସିସି ଗ୍ରୁପ୍‌ର ପାଞ୍ଚଜଣ କ୍ୟାଡେଟଙ୍କୁ ସମ୍ମାନିତ କରାଯାଇଛି । ଏମାନଙ୍କ ମଧ୍ୟରେ ଅଛନ୍ତି ପାରାଦୀପ କଲେଜ ଏନସିସି କ୍ୟାଡେଟ୍ ବିଶାଳ ପଲାଇ । କଟକ ଏନସିସି ଗ୍ରୁପ୍ ମୁଖ୍ୟାଳୟରେ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଉତ୍ସବରେ ଉପରୋକ୍ତ କ୍ୟାଡେଟ୍‌ଙ୍କୁ ସମ୍ମାନିତ କରାଯାଇଥିଲା । କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କ୍ୟାଡେଟଙ୍କୁ ସେମାନଙ୍କ ପ୍ରତିବଦ୍ଧତା, ଶୃଙ୍ଖଳା ଓ ଉତ୍ସର୍ଗ ପାଇଁ ପ୍ରଶଂସା କରିଥିଲେ ।

## ରଞ୍ଜିତ ପଣ୍ଡା ଜଗତସିଂହପୁର ଜିଲ୍ଲା ବିଜେଡି ସାମାଜିକ ଗଣମାଧ୍ୟମ ସଂଯୋଜକ ନିଯୁକ୍ତ



କୁଜଙ୍ଗ, ୪।୧୦(ସମିସ): ବିଜୁ ଜନତା ଦଳର ଜଗତସିଂହପୁର ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତ ହୋଇଥିବା ଜଣାପଡ଼ିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଆଜି ଏ ନେଇ ଘୋଷଣା କରିଥିବା ଜଣାପଡିଛି । ଶ୍ରୀ ପଣ୍ଡା ଜଣେ ସାମ୍ବାଦିକ ଭାବେ ଜଗତସିଂହପୁର ଜିଲ୍ଲାରେ ପରିଚିତ ଅଟନ୍ତି । ତାଙ୍କର ଏହି ନୂତନ ନିଯୁକ୍ତି ପାଇଁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ଯୁବ ବ୍ୟାପାର ସାଧାରଣ ସମ୍ପାଦକ ଅମରେଶ ପତ୍ରୀ, ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ଜ୍ୟୋତି ରଂଜନ ଜେନା, ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲି, ଯୁବ ବିଜେଡି ପୂର୍ବତନ ସାଧାରଣ ସମ୍ପାଦକ ଶାନ୍ତିସ୍ୱରୂପ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରମିକ ନେତା ବାପି ସର୍ଖେଲ, ବିଜେଡି ଜିଲ୍ଲା ଉପସଭାପତି ପୀତାମ୍ବର ତରାଇ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ସୁଢଳ ସ୍ୱାଇଁ, ଅରୁଣ ବେହେରା, ବ୍ରଜ ମହାରାଜ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

## ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ପରଲୋକ



ଜଗତସିଂହପୁର, ୪।୧୦(ସମିସ): ଜଗତସିଂହପୁର ସଦରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ ଗତକାଲି ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମଲ୍ଲିକ ଜଣେ ଲୋକପ୍ରିୟ ସଂଗଠକ ଓ ଆଧ୍ୟାତ୍ମିକ ଚେତନାବାଦୀ ବ୍ୟକ୍ତିତ୍ୱ ଥିଲେ । ସେ ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ଜଗତସିଂହପୁର ସଂରକ୍ଷିତ ବିଧାନସଭା ଆସନରୁ କଂଗ୍ରେସ ଦଳରୁ ଓଡ଼ିଶା ବିଧାନସଭାକୁ ପ୍ରତିନିଧିତ୍ୱ କରିଥିଲେ । ତାଙ୍କର ମରଶରୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏ ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ସହାୟକ ଦିବାକର ପାତ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ସ୍ୱର୍ଗତ ମଲ୍ଲିକଙ୍କ ବିୟୋଗରେ ସମଗ୍ର ଜଗତସିଂହପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଜଗତସିଂହପୁର, ୪।୧୦(ସମିସ)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟ ଓ ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ସହଯୋଗରେ ପାଳିତ ହୋଇଯାଇଛି । ସଭାପତି ଗୌରାଙ୍ଗ ହୋତା, ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ସଭାପତି ସୋମନାଥ ମହାରଣା ପ୍ରମୁଖ ଉପସ୍ଥିତିରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରାମଧୁନ ଗାନ କରାଯାଇ ବାପୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।



ଏ ଅବସରରେ ଜଗତସିଂହପୁର ସହରରେ ଏକ ସଦଭାବନା ଯାତ୍ରା ଆୟୋଜିତ ହୋଇଥିଲା । ପ୍ରାତଃ ୮.୩୦ ସମୟରେ ଅଳକା ଆଶ୍ରମ ପରିସରରେ ଜଗତସିଂହପୁର ବ୍ଲକ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ଜଗତସିଂହପୁର ପୌରପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତୀଚୀ ତନୟା ମହାନ୍ତି, ଅଳକା ଆଶ୍ରମ ପରିଚାଳନା କମିଟି ମୁଖ୍ୟ ଉପଦେଷ୍ଟା ବିନାୟକ ପଟ୍ଟନାୟକ, ସଦଭାବନା ଯାତ୍ରାରେ ବିଜୟ ରଥ, ଜ୍ୟୋତି ରଞ୍ଜନ ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ପ୍ରତାପ ଲେଙ୍କା, ସୁଧାଂଶୁ ନାୟକ, ଜଗନ୍ନାଥ ଦାସ, ସୁଭାଷ ରାଉତ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, କେଦାର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ, ଦୁଇ ଅନୁଷ୍ଠାନର ସଦସ୍ୟ ଯୋଗଦେଇ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

**ପାରାଦୀପ:** ପାରାଦୀପ ବନ୍ଦର ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଗହଣରେ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପିଏଲ ହରନାଦ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ବନ୍ଦରର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସେହିଭଳି ପାରାଦୀପ ବନ୍ଦର ପ୍ରାଧିକରଣ ମାର୍ଗଦର୍ଶନରେ ସ୍ଥାନୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ବିଷୟ ବସ୍ତୁ ଉପରେ ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

ସେହିପରି ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଦିବସ ବଡପଡ଼ିଆ କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଭୟ ବରପୁତ୍ରଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମନୋଜ ପ୍ରଧାନ, ପ୍ରେମଲତା ବାରିକ, ତ୍ରିନାଥ ମହାନ୍ତି, ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର, ସୁନାକର ସେଠୀ, ଧରିତ୍ରୀ ସାମଲ, ପ୍ରତରମା ବାରିକ, ପଦ୍ମସମ୍ଭୂତ ମହାନ୍ତି, ଚନ୍ଦ୍ରଶେଖର ମହାପାତ୍ର, ସସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

ପାରାଦୀପ ପୌରପାଳିକା ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଛି । ମଧୁବନ ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମନ୍ତ୍ରୀ ସମ୍ପଦ ସ୍ୱାଇଁ ମାଲ୍ୟାର୍ପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଏଥିରେ ପୌର ପରିଷଦର ବହୁ ପାରିଷଦ, କର୍ମଚାରୀ ଓ ଅନ୍ତେବାସୀ ଯୋଗ ଦେଇଥିଲେ । ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପରିସରରେ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୈଶିକ ବସୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏ ଅବସରରେ ଶ୍ରୀ ବସୁ ଉପସ୍ଥିତ ଅଧିକାରୀ, କର୍ମଚାରୀଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ ।

**ବାଲିକୁଦା:** ବାଲିକୁଦା ବ୍ଲକ ଥାଇଲ ପଞ୍ଚାୟତ ଜଏଗାଁସ୍ଥ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏ ଅବସରରେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ ଶତପଥୀ ଶ୍ରୀଜଗନ୍ନାଥଙ୍କ ବଡ଼ପଣ୍ଡାଙ୍କ ହାତରେ ପୁରାଣ ପୁରୁଷ ଉପାଧି ପାଇଥିବାରୁ ଅଧ୍ୟାପକ ଶ୍ରୀ ଶତପଥୀଙ୍କୁ ଶ୍ରୀକୃଷ୍ଣ ଗୁରୁକୁଳ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟ ମାର୍ଗଦର୍ଶକ ଧର୍ମାନନ୍ଦ ଦାସ, ଅଳାଭର ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଥାଇଲୋ ସମିତିସଭ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ରାମଚନ୍ଦ୍ର ଶତପଥୀ, ସ୍ମିତା ଦାସ, ପ୍ରସନ୍ନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ରବୀନ୍ଦ୍ର କୁମାର ସାହୁ ସଂଯୋଜନା କରିଥିଲେ ।

# ପୁଲିସ ଏସ୍‌ଆଇ ନିଯୁକ୍ତି ଆଶାୟୀଙ୍କ ବିକ୍ଷୋଭ

କଟକ, ୪।୧୦(ସମିସ)

ବହୁ ଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ପ୍ରତିବାଦରେ ଆଜି କଟକ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରରେ ନିଯୁକ୍ତି ଆଶାୟୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଗକୁ ଅନୁଷ୍ଠିତ ହେବାକୁ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ କରିବା, ଭବିଷ୍ୟତରେ ଏଭଳି ଜାଲିଆତି ରୋକିବା ପାଇଁ ପଦକ୍ଷେପ ନେବା, ବାହାରେ ନକରି



ଓଡ଼ିଶାର ସରକାରୀ ଛାପାଖାନା ହିଁ ପ୍ରଶ୍ନପତ୍ର ଛାପା ବ୍ୟବସ୍ଥା କରିବା ପାଇଁ ନିଯୁକ୍ତି ଆଶାୟୀ ମାନେ ଦାବି କରିଛନ୍ତି। ଏହି ଘଟଣାର ମାଷ୍ଟରମାଇଣ୍ଡକୁ ଯଥାଶୀଘ୍ର ଗିରଫ କରି ଘଟଣା ଉପରୁ ସମସ୍ତ ରହସ୍ୟ ଉନ୍ମୋଚନ କରିବା ପାଇଁ ଛାତ୍ରଛାତ୍ରୀ ମାନେ ଦାବି କରିଛନ୍ତି। ଏଭଳି ଜାଲିଆତି ଘଟଣା ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିବା ବେଳେ ନିଯୁକ୍ତି ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ପାଠାଗାରକୁ ଆସୁଥିବା ବେକାର ଯୁବକ ଯୁବତୀମାନଙ୍କ ବିଶ୍ୱାସ ତୁଟୁଛି ବୋଲି କୁହାଯାଇଛି। ଏହି ବିକ୍ଷୋଭରେ ଦେବାଶିଷ ବେହୁରା, ସୁବ୍ରତ ପୃଷ୍ଟି ଓ ବିଶ୍ୱଜିତ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜିଲ୍ଲାସ୍ତରୀୟ ୧୫୬ତମ ଗାନ୍ଧୀ ଜୟନ୍ତୀ ସମାରୋହ





କଟକ, ୪।୧୦(ସମିସ): ଐତିହାସିକ ଗାନ୍ଧି ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠାରେ ଜିଲ୍ଲା ପ୍ରଶାସନ ଏବଂ କଟକ ମହାନଗର ନିଗମ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା କଟକ ଜିଲ୍ଲାସ୍ତରୀୟ ୧୫୬ତମ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱଦେଶୀ ଆହ୍ୱାନର ପ୍ରାସଙ୍ଗିକତା ଏବେ ବୃଦ୍ଧି ପାଇବାରେ ଲାଗୁଥିବା ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଶୁକଦେବ ସ୍ୱାଇଁ ଗୀତା ପାଠ କରିଥିବାବେଳେ ସନ୍ଦୀପ ନାୟକ ବାଇବେଲ ଏବଂ ତାଜ ଉଦ୍ଦିନ ଖାନ କୋରାନ ପାଠ କରିଥିଲେ। ଏହି ଜୟନ୍ତୀ ଉତ୍ସବ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବାନୀ ଶଙ୍କର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନ ଚନ୍ଦ୍ର ମହାନ୍ତି, ୫୯ ନମ୍ବର ୱାର୍ଡ କର୍ପୋରେଟର ମମତା ମହାନ୍ତି, କଟକ ମହାନଗର ନିଗମ ସହକାରୀ ଆୟୁକ୍ତ ତ୍ରିନାଥ ବେହେରା, ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

**ଉତ୍କଳ ଗାନ୍ଧୀ ସ୍ମାରକ ନିଧି:** ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଗାନ୍ଧୀ ଭବନଠାରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜବାଦୀ ନେତା ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସ୍ୱପ୍ନା ମହାପାତ୍ର ସର୍ବ ଧର୍ମ ପ୍ରାର୍ଥନା ଗାନ କରିଥିଲେ। ଏହି ସଭାରେ ଗାନ୍ଧୀ ସ୍ମାରକ ନିଧିର କାର୍ଯ୍ୟକାରୀ ସଭାପତି ଡ ସତ୍ୟ ରାୟ, ସମ୍ପାଦକ ଜୟନ୍ତ କୁମାର ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରଦେଶ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ଡ କ୍ଷିତିଶ ଚନ୍ଦ୍ର ମହାନ୍ତି, ଧ୍ରୁବାନନ୍ଦ ଶରଣ, ଶ୍ରୀତମ ଦାସ, ପ୍ରଫେସର କର୍ମଦେବ ମହାରଣା, ପ୍ରଫେସର ସେକ କଲିମୁଲ୍ଲା, ସୁରଜିତ ସିଂହ, ଅର୍ଚ୍ଚନା ରାଣୀ ଭୂୟାଁ, ପ୍ରସନ୍ନ ମହାପାତ୍ର, ଅକ୍ଷୟ ପଟ୍ଟନାୟକ, ହରିହର ସେନ, ଅନିମା ରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡାକ୍ତର ବିଶ୍ୱଜିତ୍ ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ବାଦପତ୍ର ବିକ୍ରେତା ସଂଘ:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ରାଷ୍ଟ୍ରଭାଷାଠାରେ ଅବସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାସ ପ୍ରଧାନ, ଶ୍ରୀନିବାସ ରେଡ୍ଡୀ, ହେମନ୍ତ ପଟ୍ଟନାୟକ ଓ ରବି ପାଲ ପ୍ରମୁଖ ଯୋଗଦାନ କରିଥିଲେ।

**ସିପିଆଇ:** ସିପିଆଇ ନଗର କମିଟି ପକ୍ଷରୁ ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଲିତପଡ଼ାସ୍ଥିତ ନବଯୁଗ ପ୍ରେସଠାରେ ପାଳିତ ହୋଇଛି। ସେହିପରି ଓଷ୍ଟାର ପୂର୍ବତନ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ଶିକ୍ଷକ ନେତା କ୍ଷୀରୋଦ ବିଶ୍ୱାଳ ଏବଂ ସିପିଆଇ କଟକ ଜିଲ୍ଲା ସମ୍ପାଦକ ବିନୋଦ ବେହେରା। ଭ୍ରମରବର ସାହୁ, ବିଦ୍ୟା ପ୍ରସନ୍ନ ମହାପାତ୍ର, ତପନ ମିଶ୍ର, ସାନନ୍ଦ ସେଠୀ, ମିହିର ବିଶ୍ୱାଳ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍-ଅଟୋ ମୁହାଁମୁହିଁ ଧକ୍କା; ୨ ଗୁରୁତର

ଆଠଗଡ଼, ୪।୧୦ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ କାଇପୁଡିଆ ଗ୍ରାମ ନିକଟରେ ବସ୍ ସହିତ ଅଟୋର ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋରେ ଥିବା ୨ ଜଣ ଗୁରୁତର ଆହତ ହୋଇଛି। ଆହତ ହୋଇ ଥିବା ଦୁଇ ଜଣ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗ୍ରାମର ରାମଚନ୍ଦ୍ର ଦଳେଇ (୨୫) ଏବଂ ଅଟୋ ଡ୍ରାଇଭର ଭୁଆଁ ଓରଫ୍ ଅଜିତ୍ ଜେନା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆ ଯାଇଥିବା ବେଳେ ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିବା ଜଣାପଡ଼ିଛି। ଆଜି ଅପରାହ୍ନରେ ରାମଚନ୍ଦ୍ର ଦଳେଇ ଅଜିତ୍ ଜେନାଙ୍କ ଅଟୋରେ ଆଠଗଡ଼ ଆସୁଥିବା ବେଳେ ଆଠଗଡ଼ ଆଡୁ ଯାଉଥିବା ଜୟ ଜଗନ୍ନାଥ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ ବସ୍‌କୁ ଏ ପର୍ଯ୍ୟନ୍ତ ଠାବ କରାଯାଇ ପାରି ନ ଥିବା ଆଠଗଡ଼ ପୁଲିସ ପକ୍ଷରୁ କୁହାଯାଇଛି।

## ● ବାଲିଯାତ୍ରା ନିମନ୍ତେ ୧୫୦ରୁ ଅଧିକ ପ୍ଲଟ ପାଇଁ ପଞ୍ଜୀକରଣ

# ୧୩ରୁ ଆରମ୍ଭ ହେବ ନିଲାମୀ ପ୍ରକ୍ରିୟା

କଟକ, ୪।୧୦(ସମିସ):ଐତିହାସିକ କଟକ ବାଲିଯାତ୍ରାରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ଆଗେଇ ଚାଲିଛି। ଗତ ୨୬ ତାରିଖଠାରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ସୁଦ୍ଧା ୧୫୦ରୁ ଅଧିକ ପ୍ଲଟ ପାଇଁ ପଞ୍ଜୀକରଣ କରାଯାଇଛି। ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି। ଏହାପରେ ଆସନ୍ତା ୧୩ ତାରିଖରୁ ନିଲାମୀ ପ୍ରକ୍ରିୟା ଆରମ୍ଭ ହେବ। ଅନଲାଇନ ମାଧ୍ୟମରେ ପଞ୍ଜିକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବସାଇଟରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପାଇଁ ଆଉ ଅଳ୍ପ ଦିନ ବାକି ଥିବାରୁ ଶେଷ ସମୟରେ ଭିଡ଼ ଏଡାଇବା ନିମନ୍ତେ ଯଥାଶୀଘ୍ର କରାଇ ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଉପର ବାଲିଯାତ୍ରା ପଡ଼ିଆ ପାଇଁ ଏବେ ବି ସଂଶୟ ଲାଗି ରହିଥିବା ବେଳେ ଆସନ୍ତା ୯ତାରିଖରେ ହାଇକୋର୍ଟରେ ଏ ସମ୍ପର୍କିତ ମାମଲାର ଶୁଣାଣି ହେବ।

# ତ୍ରିମ୍‌ସରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି



କଟକ, ୪।୧୦(ସମିସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ପାଳନ ଅବସରରେ ତ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇ ମହାନ୍ ରାଷ୍ଟ୍ର ନିର୍ମାତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଉପସ୍ଥିତ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ତ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରଶାସନିକ ବରିଷ୍ଠ ନିର୍ଦ୍ଦେଶକ ବଳରାମ କର ଭାରତର ମୁକ୍ତି ସଂଗ୍ରାମରେ ଗାନ୍ଧିଜୀଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା, ଡ. ବିଶ୍ୱଜିତ୍ ତ୍ରିପାଠୀ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ମହାନଦୀ ବିହାରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

କଟକ, ୪।୧୦(ସମିସ): ମହାନଦୀ ବିହାରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସକାଳୁ ବରିଷ୍ଠ ନାଗରିକମାନେ ବାଜା ବଜାଇ ନଗର ପରିକ୍ରମା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ରନାଥ ମହାନ୍ତି, ପ୍ରହଲ୍ଲାଦ ମହାନ୍ତି, ଭଗୀରଥୀ ସାମଲ, ନିକୁଞ୍ଜ ବିହାରୀ ରଥ, ଶରତ ଚନ୍ଦ୍ର ଦାସ, ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ସଞ୍ଜୟ କୁମାର ଜେନା, ସରୋଜ ସ୍ୱାଇଁ, ହିମାଂଶୁ ଷଡ଼ଙ୍ଗୀ, ଜ୍ଞାନ ରଞ୍ଜନ ଦାଶ, ପ୍ରଭାକର ରଣା, କର୍ପୋରେଟର ଇଂ ସୁବ୍ରତ ଘଡେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଅନୁଷ୍ଠାନ ଉପଦେଷ୍ଟା ଇଂ ଗୋପାଳ କୃଷ୍ଣ ବେହେରା, ଇଂ ଯଦୁନାଥ ମହାପାତ୍ର, ଡ. ଗୋବିନ୍ଦ ଭୂୟାଁ, ସଞ୍ଜୟ ସାହାଣୀ, ରବୀନ୍ଦ୍ର ତ୍ରିପାଠୀ, ରତ୍ନାକର ଦାସ, ସୁଶ୍ରୀ ଇନ୍ଦୁ ଦାଶ, ପ୍ରମୋଦ ଦାଶ, ସ୍ଥାନୀୟ ପୁଲିସ ଫାଣ୍ଡି ଅଧିକାରୀ ମହେଶ୍ୱର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା।

# ଓଡ଼ିଶା କୃଷକ ସଭା ସମ୍ମିଳନୀ

ଟାଙ୍ଗୀ, ୪।୧୦(ସମିସ): ଓଡ଼ିଶା କୃଷକ ସଭା ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟିର ୩ୟ ବାର୍ଷିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଶିବିରରେ ୨୪ପଞ୍ଚାୟତ ବିଶିଷ୍ଟ ବ୍ଲକ ଅଞ୍ଚଳର ବହୁ ଚାଷୀ ଯୋଗଦେଇ ନିଜସ୍ୱ ସମସ୍ୟା ସମ୍ପର୍କରେ କହିଥିଲେ। ବରିଷ୍ଠ ନେତା ବଦ୍ରିନାରାୟଣ ଦାଶ ପତାକା ଉତ୍ତୋଳନ କରିବାପରେ କୃଷକ ସଭା ଜିଲ୍ଲା କମିଟି ସମ୍ପାଦକ ଡମ୍ବରୁଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନାରୀନେତ୍ରୀ ପୁଷ୍ପା ଦାଶ, ବ୍ଲକ ସମ୍ପାଦକ ରମେଶ ବେହେରା, ବିଷ୍ଣୁ ବେହେରା ଓ ଶ୍ରମିକ ନେତା ମହେନ୍ଦ୍ର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃଷକମାନଙ୍କ ସମସ୍ତ ଖରିଫ୍ ଓ ରବି ଫସଲର ଉତ୍ପାଦିତ ଦ୍ରବ୍ୟର ବିକ୍ରି ବ୍ୟବସ୍ଥା, କୃଷି ଋଣ ଛାଡ ଓ ଭୂମି ହିନକୁ ଜମି ଯୋଗାଇଦେବା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ସଙ୍ଗଠନ ଓ ଆନ୍ଦୋଳନ ନିମନ୍ତେ ରମେଶ ବେହେରାଙ୍କ ନେତୃତ୍ୱରେ ଏକ ପନ୍ଦର ଜଣିଆ କମିଟି ଗଠନ କରାଯାଇଥିଲା।

# ଫିକା ପଡ଼ିଲା ଦଶହରା ପର୍ବ

ଆଠଗଡ଼, ୪।୧୦(ସମିସ): କୋହଲା ପାଗ ସହିତ ତୁହାକୁ ତୁହା ବର୍ଷାରେ ଆଠଗଡ଼ର ଦଶହରା ପର୍ବ ଫିକା ପଡ଼ିଛି। ଆଠଗଡ଼ ସହରର ଦୁର୍ଗାବଜାର, ରାସରସିକପୁର ଓ ଚାନ୍ଦବାଲି ଛକ ବଜାର ମଣ୍ଡପ ସମେତ କନ୍ଟୋଲର ଦୁର୍ଗା ବଜାର ଓ ହାଟ ସାହି ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇଥିଲେ। ବର୍ଷା ପାଇଁ ଦଶମୀରେ ବିଭିନ୍ନ ପୂଜା କମିଟିର ମନୋରଞ୍ଜନ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଲକ୍ଷ୍ମୀବଜାର ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ଲକ୍ଷ୍ମୀବଜାର କମିଟି ସଭାପତି ବରିଷ୍ଠ ଆଇନଜୀବୀ ଫଣୀ ଭୂଷଣ ରଥ, ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ଅରୁଣ କୁମାର ସାହୁ ଓ ଅନ୍ୟ କର୍ମକର୍ତ୍ତା ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।





















**ଆନନ୍ଦ ଉଲ୍ଲାସରେ ସରିଲା ଦଶହରା**

# ଶାବର ଶ୍ରୀକ୍ଷେତ୍ରରେ ଲାଠିଯାତ୍ରା ସମ୍ପନ୍ନ

କୋରାପୁଟ, ୪।୧୦(ସମିସ)



ଶାରଦୀୟ ଦୁର୍ଗାପୂଜାର ପବିତ୍ର ଦଶହରା ଅବସରରେ ଚଳଚଞ୍ଚଳ ହୋଇ ଉଠିଥିଲା କୋରାପୁଟ ସହର। ଆନନ୍ଦ ଉଲ୍ଲାସରେ ଭକ୍ତିମୟ ପରିସରରେ ଦଶହରା ପର୍ବ ଶେଷ ହୋଇଛି। ମଣ୍ଡପରେ ମା'ଙ୍କର ଦୁର୍ଲଭ ସିଂହବାହିନୀ ଓ ମହିଷାମର୍ଦ୍ଦିନୀ ରୂପ ଦର୍ଶନ ପାଇଁ ସମସ୍ତ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରଙ୍ଗୀନ ଆଲୋକ, ସୁଉଚ୍ଚ ତୋରଣ ଓ ପାର୍ଶ୍ୱ ଦେବଦେବୀଙ୍କୁ ନେଇ ପୂଜାମଣ୍ଡପଗୁଡ଼ିକ ଚମକୁଥିଲା। ଏହି ଅବସରରେ ଶାବର ଶ୍ରୀକ୍ଷେତ୍ରରେ ଲାଠିଯାତ୍ରା ସମ୍ପନ୍ନ ହୋଇଯାଇଛି। ଆଦିବାସୀଙ୍କ ଦଶହରା ସବୁଠୁ ନିଆରା। ଦଶହରା ଆସିଲେ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ଲୋକେ ଅପେକ୍ଷା କରନ୍ତି ଲାଠି ଯାତ୍ରା ଦେଖିବା ପାଇଁ। ପ୍ରବଳ ବର୍ଷା ସତ୍ତ୍ୱେ କୋରାପୁଟର ପାଖଆଖ ୨୦ଟି ଗ୍ରାମରୁ ନିଜ ନିଜ ଗ୍ରାମଦେବୀଙ୍କ ପ୍ରତିନିଧି ସ୍ୱରୂପ ଲାଠି ସହିତ ଜଗନ୍ନାଥ ମନ୍ଦିରରେ ଶହ ଶହ ଆଦିବାସୀ ପରିବାର ପାରମ୍ପରିକ ଯାତ୍ରାରେ ସାମିଲ ହେବା ପାଇଁ ଆସି ପହଞ୍ଚିଥିଲେ। ଗୁରୁମାଇଙ୍କ ଆଦିବାସୀ ଭାଷାରେ ଉଚ୍ଚାରିତ ମନ୍ତ୍ର ସହିତ ପାରମ୍ପରିକ ବାଦ୍ୟର ଝଙ୍କାର ମଧ୍ୟରେ ସମସ୍ତେ ନାଚି ଉଠିଲେ। ବିଭିନ୍ନ ରଙ୍ଗର ପତ୍ର, ଫୁଲରେ ସଜେଇ ହୋଇଥିବା ବାଉଁଶ ଖଣ୍ଡେ ଗାଁ ଠାକୁରାଣୀଙ୍କ ପ୍ରତିନିଧି। ଦଶହରା ଦିନ ଏମିତି ଲାଠି ପ୍ରତିନିଧିଙ୍କ ସମାଗମ ହୁଏ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ। ଆଖପାଖ ଗାଁଗୁଡ଼ିକରୁ ଆସେ ଏହି ଲାଠି। ଲାଠି ଧରନ୍ତି ଗାଁ ଦିଶାରୀ। ସାଥିରେ ଥାଆନ୍ତି ଗାଁର ପୁରୁଷ ଓ ମହିଳା। ପ୍ରଥମେ ମା' ବିମଳାଙ୍କ ପାଖରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିବା ପରେ ଲମ୍ବା ଲାଠିଗୁଡ଼ିକୁ ଧରି ବାଜାବାଜେଣି ସହ ସହର ପରିକ୍ରମା କରିଥା'ନ୍ତି। ଏହାପରେ କୋରାପୁଟର ଗ୍ରାମ ଦେବୀ ନିଶାଣୀ ମୁଣ୍ଡାଙ୍କ ପୀଠରେ ଆସି ଏକତ୍ରିତ ହୁଅନ୍ତି। କୋରାପୁଟର ଏହି ଲାଠି ଯାତ୍ରା ଏକ ଭିନ୍ନ ଯାତ୍ରା। ଯେଉଁଠି ବାଉଁଶଖଣ୍ଡ ହୁଅନ୍ତି ଗ୍ରାମର ପ୍ରତିନିଧି। ଗ୍ରାମଦେବତୀ ଭାବେ ପୂଜା ପାଆନ୍ତି ବାଉଁଶଖଣ୍ଡ। ଗାଁଗୁଡ଼ିକରୁ ଲାଠି ଏକାଠି ନ ହେଲେ ଆରମ୍ଭ ହୁଏନି ଦଶହରା। ଆଦିବାସୀ ସମ୍ପ୍ରଦାୟର ଶନିବାର ବିଜୟା ଦଶମୀରେ ମନ୍ଦିରକୁ ସେମାନଙ୍କର ପବିତ୍ର 'ଲାଠି', ସମୃଦ୍ଧି ଏବଂ ସୁରକ୍ଷାର ପ୍ରତୀକ ଭାବରେ ବିବେଚିତ ବାଉଁଶକୁ ଶାବର ଶ୍ରୀକ୍ଷେତ୍ରକୁ ଆଣିଥିଲେ। ଗ୍ରାମରୁ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ତା'ପରେ ସହରର ନିଶାଣୀ ମୁଣ୍ଡା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆଦିବାସୀ ପରମ୍ପରା ଏବଂ ମନ୍ଦିର ସଂସ୍କୃତି ମଧ୍ୟରେ ନିରନ୍ତର ସମ୍ପର୍କକୁ ପ୍ରତିଫଳିତ କରେ ବୋଲି କୋରାପୁଟର ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଶନିବାର ସକାଳୁ କୋରାପୁଟରେ ପ୍ରବଳ ବର୍ଷା ସତ୍ତ୍ୱେ ବିଭିନ୍ନ ଗ୍ରାମରୁ ପବିତ୍ର ଲାଠି ସହ ଗ୍ରାମବାସୀ ଏହି ଉତ୍ସବରେ ଯୋଗଦେଇଥିଲେ।

# ଦଶହରା ପଡ଼ିଆରେ ରାବଣ ପୋଡ଼ି



ଜୟପୁର, ୪।୧୦(ସମିସ): ଗତ ଦଶମୀ ତିଥି ଗୁରୁବାରରେ ପ୍ରବଳ ବର୍ଷା ଯୋଗୁଁ ଜୟପୁର ସହରର ଦଶହରା ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ରାବଣ ପୋଡ଼ି ଉତ୍ସବ ବାତିଲ୍ କରାଯାଇଥିଲା। କିନ୍ତୁ ଶନିବାର ଦଶହରା ପୂଜା ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏସ୍‌ପି ରୋହିତ ବର୍ମା ନିଜ ପତ୍ନୀଙ୍କ ସହ ଯୋଗଦେଇ କାଗଜ ଏବଂ ବାଉଁଶରେ ନିର୍ମିତ ରାବଣରେ ଅଗ୍ନି ସଂଯୋଗ କରିବା ସହ ରାବଣପୋଡ଼ି ଉତ୍ସବ ହୋଇଥିଲା। ଏହି ଅବସରରେ ବିଭିନ୍ନ ରଙ୍ଗର ଆତସବାଜି ଏବଂ ବିଭିନ୍ନ ରଙ୍ଗର ଆଲୋକ ଆକାଶରେ ଦୃଶ୍ୟମାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦଶହରା ଉତ୍ସବ ବାର୍ଷିକ ପୁସ୍ତକ ଅପରାଜିତାର ଶୁଭ ଉନ୍ମୋଚନ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହିପରି ଗବେଷକ ଡ. ପରେଶ ରଥଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ ମେମୋରି ଅଫ୍ ଜୟପୁର ଦଶହରା ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅପରାଜିତା ପୁସ୍ତକ ପ୍ରକାଶର ସମ୍ପାଦନାମଣ୍ଡଳୀ ଡ. ସୁରେଶ ଦାଶ, ହରିହର କରସୁଧା ପଟ୍ଟନାୟକ, ଡ. ପରେଶ ରଥ ଏବଂ ନବକୃଷ୍ଣ ରଥଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ପୋଣ୍ଡିକୋଟ ଗ୍ରାମବାସୀ

ପାପଡ଼ାହାଣ୍ଡି, ୪।୧୦(ସମିସ): ପାପଡ଼ାହାଣ୍ଡି ବ୍ଲକ ପୋଣ୍ଡିକୋଟ ଗ୍ରାମରେ ଗତ ୫ ଦିନ ହେଲା ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ଲୋକ ବିଭାଗୀୟ କାର୍ଯ୍ୟାଳୟ ଘେରଉ କରିଛନ୍ତି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି କରାଯାଇ ବିଦ୍ୟୁତ୍ ସଂଯୋଗ ନ ହେବା ପର୍ଯ୍ୟନ୍ତ ଘେରଉ ଜାରି ରହିବ ବୋଲି କହିଛନ୍ତି। ପୋଣ୍ଡିକୋଟ ଗ୍ରାମର ହରିଜନ ସାହି, ମୁତୁଲା ସାହି, ବାଲି ସାହି, ମାଝୀ ସାହି, ଗୌଡ଼ ସାହିରେ ୩୦୦ରୁ ଊର୍ଦ୍ଧ୍ୱ



ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ଗତ ୫ ଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ଯୋଗୁଁ ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ରାତି ୯ଟାରେ ଗ୍ରାମବାସୀ କାର୍ଯ୍ୟାଳୟକୁ ଆସି ବିଦ୍ୟୁତ୍ କାର୍ଯ୍ୟାଳୟ ଘେରଉ କରିଛନ୍ତି। ବାରମ୍ବାର ଗ୍ରାମରେ ବିଦ୍ୟୁତ୍ କାଟିବା ସହ ଠିକ୍‌ରେ ବିଦ୍ୟୁତ୍ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଲକ୍ଷ୍ମଣ ସାହୁଙ୍କୁ ଯୋଗାଯୋଗ କରିବାରୁ ପୋଣ୍ଡିକୋଟ ଗ୍ରାମରେ କର୍ମଚାରୀ ପହଞ୍ଚି ଟ୍ରାନ୍ସଫର୍ମର ମରାମତି କରୁଥିଲେ, କିନ୍ତୁ ହୋଇପାରିଲା ନାହିଁ। ତେଣୁ ରବିବାର ପୋଣ୍ଡିକୋଟ ଅଞ୍ଚଳର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

**ବସ୍-ଟ୍ରକ୍ ମୁହାଁମୁହିଁ**

# ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ, ଟ୍ରକ୍ ଡ୍ରାଇଭର ମୃତ

ମୈଦଲପୁର, ୪।୧୦(ସମିସ): ମୈଦଲପୁର ଥାନା ଅଧୀନ ଆମ୍ବପାଣି ଘାଟି ଖଡ଼କା ବୁଲାଣି ମଧ୍ୟରେ ବସ୍ ଓ ଟ୍ରକ୍ ମୁହାଁମୁହିଁ ହେବା ଫଳରେ ଘଟଣାସ୍ଥଳରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଯାତ୍ରୀ ଆହତ ହୋଇଥିବା ଦେଖିବାକୁ ମିଳିଛି।

ସୂଚନାନୁସାରେ, ଏସ୍‌ବିଏମ୍‌ଏସ୍ ନାମକ ଏକ ଘରୋଇ ବସ୍ କଳାହାଣ୍ଡି ଦେଇ ଜୟପୁର ଅଭିମୁଖେ ଆସୁଥିବା ସମୟରେ ବିପରୀତ ଦିଗ ଦେଇ ଯାଉଥିବା ଏକ ମାଲ୍‌ବୋଝେଇ ଟ୍ରକ୍ ସହ ଆମ୍ବପାଣି ଘାଟି ଏକ ବୁଲାଣି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବସ୍‌ରେ ବସିଥିବା ଯାତ୍ରୀ ଆହତ ହୋଇଥିବାବେଳେ ଘଟଣାସ୍ଥଳରେ ହିଁ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନି। ଘଟଣାସ୍ଥଳରେ ମୈଦଲପୁର ପୁଲିସ ଓ କଳାହାଣ୍ଡି କୋକସରା ଓ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ମୃତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ମୈଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଅନ୍ୟପଟେ ମେଡିକାଲରେ ଡାକ୍ତର ନ ଥିବାରୁ ଆହତଙ୍କ ସମ୍ପର୍କୀୟ ହୋ-ହଲ୍ଲା



କରିଥିଲେ। ପରେ ପାପଡ଼ାହାଣ୍ଡିରୁ ଡାକ୍ତର ପହଞ୍ଚି ଚିକିତ୍ସା କରିଥିଲେ। ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ ମଧ୍ୟ ମେଡିକାଲରେ ପହଞ୍ଚି ଆହତଙ୍କ ସହ ଆଲୋଚନା କରିବା ସହ ଘଟଣାସ୍ଥଳକୁ ଯାଇଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଡାବୁଗାଁ, ୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାର ଶିଂସାରୀ ଫାଣ୍ଡି ଅଧୀନ କାରାଗାଁ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁସାରେ, ଡାବୁଗାଁ ଥାନାର ଶିଂସାରୀ ଫାଣ୍ଡି ଅଧୀନ ଧୋଡ୍ରା ଶିଂସାରୀ ମୁଖ୍ୟ ରାସ୍ତାରେ ବି.ଏସ୍.ପଦର ଗ୍ରାମର ତୁଳସୀରାମ ଗଣ୍ଡ (୨୮) ଓ ବୁଦୁରାମ ଶବର (୩୨) ବାଇକ୍‌ରେ କାରାଗାଁକୁ ଯାଉଥିବା ସମୟରେ କାରାଗାଁ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା କରି ଚାଲିଯାଇଥିଲା। ଫଳରେ ୨ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ସଙ୍ଗେ ସଙ୍ଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ରାତିରେ ତୁଳସୀରାମ ଗଣ୍ଡଙ୍କର ମୃତ୍ୟୁ ଘଟିଥିଲା। ବୁଦୁରାମଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମହୁମାଛି ଆକ୍ରମଣରେ ୬ ଗୁରୁତର

ବୈପାରୀଗୁଡ଼ା, ୪।୧୦(ସମିସ): ମହୁମାଛି ଆକ୍ରମଣରେ ଛୋଟ ଛୁଆ ସମେତ ୬ ପଥଚାରୀ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତର ଗୋଟିଏ ପରିବାର ସଦସ୍ୟ। ଗୁରୁତର ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ସହ ୩ ଛୋଟ ଛୁଆ ଅଛନ୍ତି। ସେମାନଙ୍କୁ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୈପାରୀଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତ ଅନ୍ତର୍ଗତ ରତଲିଆଗୁଡ଼ା ଛକରେ ଘଟିଛି ଅଘଟଣ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ପୋଡ଼ାଗଡ଼, ୪।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତ ସଦର ମହକୁମାସ୍ଥିତ କୁମ୍ଭରସାହିର କୁନି ପାଇକଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ଦେଖାଦେଇଛି। ଯାହା ଫଳରେ କୁନି ଅନ୍ୟ ଲୋକଙ୍କ ଘରେ ଆଶ୍ରୟ ନେଇଥିବା ଗ୍ରାମବାସୀ କହିଛନ୍ତି। ଘର ଭାଙ୍ଗି ଦୁଇଦିନ ବିତିଯାଇଥିଲେ ସୁଦ୍ଧା କୌଣସି ସରକାରୀ କର୍ମଚାରୀ କିମ୍ବା ସରପଞ୍ଚ କି ସମିତିସଭ୍ୟ ମଧ୍ୟ କୁନିର ଘରକୁ ଯାଇ ନ ଥିବା ଗ୍ରାମବାସୀ କହିଛନ୍ତି।

# ପୋଖରୀରେ ବୁଡ଼ି ନାବାଳକ ମୃତ

ବୈପାରୀଗୁଡ଼ା, ୪।୧୦(ସମିସ): ପୋଖରୀରେ ଗାଧୋଉଥିବାବେଳେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତକ ହେଲେ ବୈପାରୀଗୁଡ଼ା ବ୍ଲକ ବୋଦାପୁଟ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡ୍ରିଗୁଡ଼ା ଗାଁର ୧୨ ବର୍ଷୀୟ ଅଶୋକ ଦିଶାରୀ। ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ ଗଭୀର ପାଣିରେ ବୁଡ଼ି ଯାଇଥିଲା। ତାଙ୍କୁ ଉଦ୍ଧାର କରି ବୈପାରୀଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ଡାବୁଗାଁ, ୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ରାବଣାଗୁଡ଼ା ଗ୍ରାମରେ ବିଷପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନା ଯେ, ଡାବୁଗାଁ ବ୍ଲକ ଅଧୀନ ଗୋଦାମା ଗ୍ରାମର ଫୁଲମତି ଭତ୍ରା (୪୦) ଗତ ୧୮ ବର୍ଷ ତଳେ ରାବଣାଗୁଡ଼ା ଗ୍ରାମର ବନସିଂ ଭତ୍ରାଙ୍କ ପୁଅ କୁଶ ଭତ୍ରାଙ୍କୁ ବିବାହ କରିଥିଲେ। ତାଙ୍କର ୪ଟି ସନ୍ତାନ ରହିଛି। ସେ ବହୁ ଦିନ ହେଲା ମାନସିକ ବିକୃତ ରୋଗରେ ପୀଡ଼ିତ ଥିଲେ। ଗତ ୩୦ ତାରିଖ ଦିନ ପ୍ରାୟ ୧୧ଟା ସମୟରେ ଫୁଲମତି ବିଷପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ବଡ଼ ଭାଇ ସନଧର ଭତ୍ରା ଶନିବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏସ୍‌ଆଇ ବିକ୍ରମ କିଶୋର ସାହୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବର୍ଷାରେ ଘର ଭାଙ୍ଗି ୪ ଗୁରୁତର

ନନ୍ଦପୁର, ୪।୧୦(ସମିସ): ପାର୍ବଣରେ ଦୁଃଖ। ଲଗାଣ ବର୍ଷାରେ ଘର ଭାଙ୍ଗି ଗୋଟିଏ ପରିବାରର ୪ଜଣ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଗୁରୁତର ଅବସ୍ଥାରେ କୋରାପୁଟ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ୩ ତାରିଖରେ ଲଘୁଚାପ ବର୍ଷାରେ ନନ୍ଦପୁର ବ୍ଲକ ଅନ୍ତର୍ଗତ ରାଇ ସିଂ ଗ୍ରାମ ପଞ୍ଚାୟତର ମାଙ୍ଗେରେଲ ଗ୍ରାମ ସୀସା ପରିବାର ଘର ଭାଙ୍ଗି ଚାରି ଜଣ ଗୁରୁତର ହୋଇଛନ୍ତି।

ସେମାନେ ହେଲେ ରଘୁ ସୀସା, ସନ୍ୟା ସୀସା, ଲଛମା ସ୍ୱାମୀ, ପ୍ରିୟଙ୍କା ସୀସା ଗୁରୁତର ହୋଇ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହୋଇଛନ୍ତି। ଦୁଇ ବର୍ଷର ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ନେଇ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।





















# ମେଢ଼ାର ନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ




ସିନାପାଲି,୪ ।୧୦(ସମିସ)

ଘୁଚାପ ଜନିତ ଲଗାଣ ବର୍ଷା ରେ ସିନାପାଲି ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ବିଭିନ୍ନ ଛୋଟ ବଡ଼ ନଦୀ ନାଳରେ ବନ୍ୟା ଜଳ ପ୍ରଭାହିତ ହେଉଛି । କିଛି ନାଳରେ ବନ୍ୟା ଜଳ ପୋଲ ଉପରେ ପ୍ରବାହିତ ହେବାରୁ ଯୋଗାଯୋଗ ବିଛିନ୍ନ ହୋଇ ପଡ଼ିଛି । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ କେନ୍ଦୁମୁଣ୍ଡା ପଞ୍ଚାୟତର ଧିଙ୍ଗିଆମୁଣ୍ଡା ନିକଟସ୍ଥ ମେଢ଼ାର ନାଳ ପୋଲ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି ।ଏହି ରାସ୍ତାକୁ କୁଲିଆପାତର, ମହୁଲପଡ଼ା, ଜାମପାଣି, ନୁଆମାଳପଡ଼ା ଗାଁ ତଥା ଅଞ୍ଚଳର ପ୍ରାୟ ୧୫୦୦ ଲୋକ ନିର୍ଭର କରନ୍ତି ।ଧିଙ୍ଗିଆମୁଣ୍ଡା ଗ୍ରାମକୁ ଆସିବାକୁ ହେଲେ ମେଢ଼ାର ନାଳ ପାରି ହୋଇ ଆସିବାକୁ ପଡ଼ିଥାଏ । ପାଞ୍ଚଟି ଗାଁର ମଧ ଭାଗରେ ନାଳ ରହିଛି । ଧିଙ୍ଗିଆମୁଣ୍ଡା ଗ୍ରାମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଙ୍ଗକୁ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ।ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ ପ୍ରତିଦିନ ନାଳ ପାରି ହୋଇ ଯିବା ଆସିବା କରୁଛନ୍ତି । ବର୍ଷା ଋତୁ ସମୟରେ ଶିଶୁ ତଥା ଛାତ୍ରଛାତ୍ରୀଙ୍କୁ ମୁଣ୍ଡରେ ବୋହି ଭରା ନାଳ ପାରି କରାଇ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇଥାନ୍ତି । ଯାହା ଫଳରେ ବିପଦ ଭାରେଇ ଯିବାକୁ ପଡୁଛି ବୋଲି ଗ୍ରମବସୀ ଅଭିଯୋଗ କରିଛନ୍ତି । ଗାଁକୁ ଏହି ନାଳା ବାଧକ ସାଜିଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ ଯାଇ ପାରେ ନାହିଁ । ଫଳରେ ଅନେକ ରୋଗୀ ତଥା ପ୍ରସୂତି ମହିଳାଙ୍କୁ ବହୁ କଷ୍ଟରେ ଭାର କରି ପାରି କରିବାକୁ ପଡ଼ିଥାଏ । ଏହି ନାଳରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେବା ସହ ବର୍ଷା ଋତୁର ଅଧିକାଂଶ ସମୟରେ ପାଣି ପ୍ରବାହିତ ହେଇଥାଏ । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ନାଳରେ ସେତୁ ନିର୍ମାଣ କରିବା ପାଇଁ ଗ୍ରାମର ଜନସାଧାରଣ ଅନେକ ଥର ପ୍ରଶାସନିକ ଅଧିକାରୀ,ରାଜନୈତିକ ନେତୃବୃନ୍ଦ ସମେତ ଅନେକ ଥର ନୂଆପଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମର ଅଭିଯୋଗ କରିଛନ୍ତି । ଏଦିଗରେ ସରକାର ତଥା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏ ବିଷୟରେ ସ୍ଥାନୀୟ ବିଡିଓ କାର୍ମି ଓରାମଙ୍କୁ ପଚାରିବାରୁ ମୁଁ ଉପର ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଇବି ଓ ଯେତେ ଶୀଘ୍ର ହେବ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ବର୍ଷାରେ ଭାଙ୍ଗିଲା ଘର

ନୂଆପଡା/କୋମନା,୪ ।୧୦(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଲଗାଣ ବର୍ଷା ଯୋଗୁଁ ଅନେକ ମାଟି ଘର ଭାଙ୍ଗି ଯାଇଛି । କୋମନା ବ୍ଲକ୍ର ଝଗ୍ରାହି ପଞ୍ଚାୟତର ଖମବାହି ଗାଁର ତାତୁରାମ ଠେଲା,ଧନମତୀଠେଲା,ଇନ୍ଦ୍ରଠେଲା,ଖିରମନ ଠେଲା, ରୁଦ୍ର ଥପା, ଯଶୋବନ୍ତ ଥପା,ଗଜରାଜ ବାଗ,ଘନ ପରାଭୁଏ, କିଶୋର ଠେଲା,ଯୁଗ ଠେଲା ପ୍ରମୁଖଙ୍କ ମାଟି କାନ୍ଥ ଘର ଭାଙ୍ଗି ଯାଇଛି । କିଛି ପରିବାର ସ୍କୁଲ ଓ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ସରକାରୀ ସହାୟତା ପାଇଁ ଅନୁରୋଧ କରିଛନ୍ତି । ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି, ସମ୍ପୂର୍ଣ୍ଣ ତଥ୍ୟ ଆସିଲେ ସରକାରଙ୍କୁ ରିପୋର୍ଟ ଦିଆ ଯିବ ବୋଲି କୋମନା ବିଡ଼ିଓ ସର୍ବେଶ୍ୱର ଜାଲ କହିଛନ୍ତି ।

## ବାରହା ଉପଦ୍ରବରେ ମକାଚାଷ ନଷ୍ଟ

କୋମନା,୪ ।୧୦(ସମିସ):ନୂଆପଡା ଜିଲ୍ଲା କୋମନା ରେଞ୍ଜ ଅଧିନସ୍ଥ ମହୁଲଭଟା ଗ୍ରାମରେ ବାର୍ହା ଉପଦ୍ରବରେମକା ଚାଷ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଗ୍ରାମର ମକାଚାଷୀ ହିମାଂଶୁ ଭୋଇ ଓ ହେମସଗାର ଭୋଇ ଦୁଇଭାଇ ନିଜ ୧ ହେକ୍ଟର ଜମିରେ ଉନ୍ନତମାନର ମକାଚାଷ କରିଛନ୍ତି ।ଉଭୟେ ଦୁଇଭାଇ ଅଧିକ ଲାଭ ଆଶାରେ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଟଙ୍କା ଧାରକରଜ କରି ଚାଷ କରିଛନ୍ତି। ହେଲେ ମକା ଅମଳ ହେବା ସମୟରେ ଜଙ୍ଗଲୀ ବାରହା ପଲ ଚାଷ ମଧରେ ପ୍ରବେଶ କରି ସମୂଳେ ଉପଦ୍ରବ କରୁଥିବାରୁ ଚାଷୀମାନେ କ୍ଷତି ହେବା ଆଶଙ୍କାରେ ଭାଙ୍ଗି ପଡିଛନ୍ତି । ଚାଷରୁ ମିଳୁଥିବା ଆୟରୁ ପରିବାର ପୋଷଣ ସହ ପିଲାଛୁଆଙ୍କ ପାଠ ପଢା ଖର୍ଚ୍ଚ ବହନ କରିଥାନ୍ତି । ବନ ବିଭାଗକୁ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ଦାବି ଜଣାଇଛନ୍ତି ।

## ଲାଞ୍ଜିଗଡ଼ରୋଡ଼ ଚଣ୍ଡୀପୀଠରେ ଶାରଦୀୟ ପୂଜା ସମ୍ପନ୍ନ

ଲାଞ୍ଜିଗଡ଼,୪ ।୧୦(ସମିସ):ଲାଞ୍ଜିଗଡ଼ରୋଡ଼ ବାବା ସପ୍ନେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେଥିବା ଚଣ୍ଡୀ ପୀଠରେ ଶାରଦୀୟ ନବରାତ୍ର ପୂଜା ସମ୍ପନ୍ନ ହୋଇଛି । ଲାଞ୍ଜିଗଡ଼ରୋଡ଼ ମହାପାତ୍ର ପରିବାରଙ୍କ ପକ୍ଷରୁ ଆୟୋଜିତ ନବରାତ୍ର ପୂଜାରେ ଦୈନନ୍ଦିନ ପୂଜା, ପାଶ୍ୱର୍ ଦେବଦେବୀଙ୍କ ପୂଜା, ଚଣ୍ଡିପାଠ, ଅପରାଜିତା ହୋମ, ଆଳତୀ ଓ ପୂର୍ଣ୍ଣାହୁତି ପୂଜା ଅନୁଷ୍ଠିତ ହୋଇଥିଲା ।କର୍ତ୍ତାଭାବେ ଚନ୍ଦ୍ର ଶେଖର ମହାପାତ୍ର ଓ ପତ୍ନୀ ରାଜଲକ୍ଷ୍ମୀ ମହାପାତ୍ର ଦାୟିତ୍? ନିର୍ବାହ କରିଥିଲେ ।ମୁଖ୍ୟପୂଜକ ନିରଞ୍ଜନ ପାଢୀ ଚଣ୍ଡିପାଠ କରିଥିବା ବେଳେ ହରିଶ୍ଚନ୍ଦ୍ର ପାଢ଼ୀ, ହରେକୃଷ୍ଣ ପାଢ଼ୀ, ବିବେକ ରଥ, ସାଗର ତ୍ରିପାଠୀ, କାଶୀନାଥ ଗଉଡ଼ ପୂଜାର୍ଚ୍ଚନା ସହଯୋଗ କରିଥିଲେ । ଏଥିରେ ଅଖଣ୍ଡ ମାନସିକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ହନୁମାନ ମନ୍ଦିର ପୂଜା କମିଟି ଓ ସଂକ୍ରାନ୍ତି ପୂଜା କମିଟିର ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା ସହ ସହଯୋଗ କରିଥିଲେ ।

## ସୁକଲପୁରରେ ବଜ୍ରପାତ: ୧୩ ଗୋରୁ ମୃତ

**ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବ୍ୟବଚ୍ଛେଦ ହେଲା**

ନୂଆପଡା,୩ ।୧୦(ସମିସ):ନୂଆପଡା ଜିଲ୍ଲା ବୋଡେନ ବ୍ଲକ ସୁକଲପୁର ଗାଁରେ ବଜ୍ରପାତରେ ୧୦ଜଣ ଚାଷୀଙ୍କ ୧୩ଗୋରୁ ଗାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ମୃତ୍ୟୁର ଚବିଶ ଘଣ୍ଟା ପରେ ପ୍ରାଣୀ ଚିକିତ୍ସା ବିଭାଗ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରିଛନ୍ତି । ପ୍ରକାଶ ଯେ ବୁଧବାର ମଧାହ୍ନରେ ସୁକଲପୁର ଗାଁରେ ହଠାତ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା । ଏଥିରେ ଏକ ଗଛତଳେ ଆଶ୍ରୟ ନେଇଥିବା ଗୋରୁ ଗାଇଙ୍କ ଉପରେ ବଜ୍ରପାତ ହେବାରୁ ୧୩ ଗୋରୁ ମରି ପଡିଥିଲେ ।ଦୀର୍ଘ ସମୟରେ ପରେ ବର୍ଷା ଛାଡିଲାପରେ ଗାଁ ଲୋକେ ଖବର ପାଇଥିଲେ ।ଏଥିରେ ଗାଁର ଭକ୍ତ ମାଝୀ, ଡ଼ଗ୍ରେଶ୍ୱର ମାଝୀ, ତୁଳାରାମ ମାଝୀ, ରାଇଧର ମାଝୀ,ହରି ମାଝୀ, ଦୁର୍ଯ୍ୟୋଧନ ମାଝୀ, ମିନିକେତନ ମାଝୀ, ସଦନ ମାଝୀଙ୍କର ଗୋଟିଏ ଲେଖାଏଁ ବଳଦ, ରୁପଧର ମାଝୀଙ୍କର ଗୋଟିଏ ବଳଦ ଏବଂ ଦୁଇଗୋଟି ଗାଇ, ଘାସିରାମ ମାଝୀଙ୍କର ଦୁଇଟି ବଳଦ ମରି ପଡିଥିଲେ । ଏହି ଗୋରୁ ଗାଇଙ୍କର ମୃତ୍ୟୁ ପରେ ମଧ ଗୁରୁବାର ମଧାହ୍ନ ପର୍ଯ୍ୟନ୍ତ ଗାଁକୁ କୌଣସି ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ପହଞ୍ଚିନଥିଲେ । ଏହାକୁ ନେଇ ଗ୍ରାମବାସୀଙ୍କ ଅନୁରୋଧ ପରେ 'ସକାଳ' ପ୍ରତିନିଧି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧାହ୍ନରେ ତୁରନ୍ତ ଦାୟୀତ୍ୱରେ ଥିବା ଖଡିଆଳ ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ସଂଗ୍ରାମ କେଶରୀ ବେହେରାଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରିଥିଲେ । ଏହା ପରେ ଚାଷୀମାନେ ମୃତ ଗୋରୁଙ୍କୁ ମାଟିରେ ପୋତି ଦେଇଥିଲେ । ଗରିବ ଚାଷୀମାନେ ଗୃହ ପାଳିତ ପ୍ରାଣୀଙ୍କୁ ହରାଇ ମର୍ମାହତ ହୋଇପଡିଛନ୍ତି । ତେଣୁ କରି ଏହା ଉପରେ ସରକାର ତୁରନ୍ତ ବିଚାର କରି କ୍ଷତିପୁରଣ ରାଶି ଯୋଗାଇଦେବାକୁ ଦାବି କରିଛନ୍ତି । ଏହା ଉପରେ ପ୍ରାଣୀ ଚିକିତ୍ସକ ବେହେରାଙ୍କୁ ଯୋଗାଯୋଗ କରିବାରେ ବଳଦ ପିଛା ୨୫ହଜାର ଏବଂ ଗାଇଙ୍କୁ ୩୦ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି । ରିପୋର୍ଟକୁ ଭିତ୍ତିକରି ରାଜ୍ୟ ରିଲିଫ କମିଶନର ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି ।

## ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରି; ନୂଆପଡା ଜିଲ୍ଲାରୁ ୨ ଗିରଫ




ସିନାପାଲି,୪ ।୧୦(ସମିସ): ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡ ଏସ୍ଆଇ ପରୀକ୍ଷାରେ ଜାଲିଆତି କରିବାକୁ ଚେଷ୍ଟା କରୁଥିବା ୧୧୭ ପ୍ରାର୍ଥୀଙ୍କୁ ଗିରଫ କରାଯାଇଥିବା ବେଳେ ଏଥି ମଧ୍ୟରୁ ନୂଆପଡା ଜିଲ୍ଲାର ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଜଣେ କୋମନା ବ୍ଲକ୍ ଭେଲା ଗ୍ରାମର ଶ୍ରୀବକ୍ଷ ଶବରଙ୍କ ପୁଅ ଲିଙ୍ଗରାଜ ଶବର ଓ ସଦର ସିନାପାଲିର ଈଶ୍ୱର ପ୍ରସାଦ ମେହେରଙ୍କ ପୁଅ ପ୍ରଭାତ ମେହେର (୨୭) ବୋଲି ଜଣାପଡିଛି । ସମସ୍ତଙ୍କୁ ଗିରଫ କରାଯିବା ସହିତ ଓଡିଶାରେ ଏସଆଇ ନିଯୁକ୍ତି ଦୁର୍ନୀତିର ଏକ ବଡ ପର୍ଦ୍ଦାଫାସ ହୋଇଛି ।ପୁଲିସର ସୂଚନା ଅନୁଯାୟୀ ଦାୟିତ୍ୱରେ ଥିବା ବୋର୍ଡ ସଂସ୍ଥା ପିଲା ମାନଙ୍କୁ ପରୀକ୍ଷା ଅଭ୍ୟାସ ବାହାନରେ ହାଇଦ୍ରାବାଦ ନେଇ ଯାଉଥିଲା । ଯେଉଁଠାରେ ପରୀକ୍ଷା ପରିଚାଳନା ସମେତ ପ୍ରଶ୍ନପତ୍ର ଆଗତୁରା ଦେବାର ଯୋଜନା କରାଯାଇଥିଲା ।ଏପରିକି ହାଇଦ୍ରାବାଦରେ ଏକ କୋଠା ମଧ ଭଡାରେ ନିଆଯାଇଥିଲା । ଏକ ଗୁପ୍ତ ସୂଚନା ଆଧାରରେ ଅପବ୍ୟବହାର କରିଥିବା ନେଟୱାର୍କର ପର୍ଦ୍ଦାଫାସ କରିଥିଲା । ଗୁପ୍ତ ସୂଚନା ଆଧାରରେ କାର୍ଯ୍ୟ କରି ବ୍ରହ୍ମପୁର ପୋଲିସ ଗୋଲନ୍ଥରାରେ ଆନ୍ଧ୍ର ସୀମା ନିକଟରେ ତିନୋଟି ଏସି ସ୍ଲିପର ବସ୍ ଅଟକାଇଥିଲା । ସମସ୍ତ ବସ୍‌ରେ ଭୁବନେଶ୍ୱର ଏବଂ ବରମୁଣ୍ଡାରୁ ଆସିଥିବା ପ୍ରାର୍ଥୀମାନେ ଥିଲେ ଏବଂ ତିନି ଜଣ ମଧ୍ୟସ୍ଥି (ଏଜେଣ୍ଟ/ଦଲାଲ) ସେମାନଙ୍କୁ ବିଜୟନଗରମ୍ ନେଇଯାଉଥିଲେ । ଯୋଜନା ଥିଲା ବିଜୟନଗରମରେଗୋପନୀୟପ୍ରଶ୍ନପତ୍ରବେଆଇନ ଭାବରେ ହାସଲ କରି ଭୁବନେଶ୍ୱର ଫେରିଯିବା, ଯେଉଁଠାରେ ପ୍ରାର୍ଥୀଙ୍କୁ ପରୀକ୍ଷାରେ ସହାୟତା କରାଯିବ । ପ୍ରତ୍ୟେକ ଆଶାୟୀ ପୂର୍ବରୁ୧୦ ଲକ୍ଷ ଦେବାକୁ ରାଜି ହୋଇଥିଲେ ଏବଂ ଚାକିରି ପାଇବା ପରେ ଅତିରିକ୍ତ ୧୫ ଲକ୍ଷ ଦେବାକୁ ରାଜି ହୋଇଥିଲେ ବୋଲି ଅଭିଯୋଗ ହୋଇଛି । ପରୀକ୍ଷା ପରିଚାଳନା ଅଧିନିୟମ ୧୯୮୭ ଅନୁସାରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁଯାୟୀ ଧାରା ୧୧୧/୩(୫), ୩/୮(୪), ୩୧୯/(୨),୩୩୬(୩),୩୩୮/୩୪୦(୨),୬୧(୨) ଅନୁସାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



ନୂଆପଡା,୪ ।୧୦(ସମିସ):ନୂଆପଡ଼ା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୋଟ ୧୩ଟି ଅଭିଯୋଗ ମଧ୍ୟରୁ ୧୨ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ଥିଲା । ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ । ନୂଆପଡା ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର ସହଯୋଗ କରିଥିଲେ । ଏଠାରେ ସମସ୍ତ ଜିଲ୍ଲାସ୍ତରୀୟଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା । ବର୍ଦ୍ଧିତ ଜନଶୁଣାଣି ହୋଇଥିବା ବେଲଟୁକୁରି ଗାଁରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା ।

## ବିଜେଡିର ଜନସମ୍ପର୍କ ଅଭିଯାନ




ନୂଆପଡା,୪ ।୧୦(ସମିସ):ପବିତ୍ର ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା ଆରମ୍ଭ ହୋଇଯାଇଛି । ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲ୍ଲା ବିଜେଡିର ଶତାଧିକ ବଳିଷ୍ଠ ବିଜେଡି କର୍ମକର୍ତ୍ତାମାନେ ଠୁଳ ହୋଇଥିଲେ । ସେଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବାପରେ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ପହଞ୍ଚିଥିଲେ । ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ,ପୂର୍ବତନ ମନ୍ତ୍ରୀ ତଥା ନିକଟରେ ପରଲୋକ ଘଟିଥିବା ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କାର୍ତ୍ତିକ ଦୀପ,ରାଜେଶ କୁମାର ନିଗମ, ଧନୀରାମ ସାହୁ, ଦିଲିପ ନିର୍ମଳକର,ନିଶାନ୍ତ ଡାଗା ପ୍ରମୁଖ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ଢୋଲକିଆ ଯେଉଁ ଏକ ନୂତନ ଏବଂ ନୂଆପଡା ନବ ନିର୍ମାଣର ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ପୂରଣ କରିବା ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବବୋଲି କହିଥିଲେ । ଏହା ପରେ ରାଲିରେ ଯାଇ ଏକତା ଛକ ନିକଟରେ ସ୍ୱର୍ଗତ ମନ୍ତ୍ରୀ ଘାସିରାମ ମାଝୀଙ୍କ ମଧ ପୂଜାର୍ଚ୍ଚନା କରାଯାଇଥିଲା । ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକ, ମହାତ୍ମାଗାନ୍ଧୀ, ଘାସିରାମ ମାଝୀଙ୍କ ନାଁରେ ଜୟ ଜୟକାରରେ ନୂଆପଡା ସହର ପ୍ରକମ୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରବି ବାଗ, ରମାକାନ୍ତ ଠାକୁର, ରାମଲାଲ ହଂସ,କ୍ଷମାସି ନିଆଲ,ମହେନ୍ଦ୍ର ନିଆଲ, ଚନ୍ଦ୍ରକାନ୍ତ ଠାକୁର, ଚନ୍ଦନ ସାହୁ, ଗୁଡୁ ଖାନ, ଟୁନା ନାଗ ପ୍ରମୁଖ ସାମିଲ ଥିଲେ ।




















## ଗାଡ଼ି ସାଇଡ୍ ମାରିବାକୁ ନେଇ ଗଣ୍ଡଗୋଳ; ୪ ଗୁରୁତର

# ଅଭିଯୁକ୍ତକୁ ଗିରଫ ଦାବିରେ ଫାଣ୍ଡି ଘେରଉ

ଦାନଗଦି,୪।୧୦(ସମିସ)



ଦାନଗଦିର ତ୍ରିଜଙ୍ଗା କଲୋନୀ ପ୍ରବେଶପଥ ନିକଟରେ ଏକ ବାଇକ୍ ଓ ଅନ୍ୟ ଏକ କାର୍ ମଧ୍ୟରେ ସାଇଡ୍ ମରାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣା ପରେ ଦାନଗଦି ଫାଣ୍ଡିରେ ଉଭୟ ପକ୍ଷ ଅଭିଯୋଗ କରିଛନ୍ତି। ଘଟଣାରେ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ତ୍ରିଜଙ୍ଗା (ନିୟୁ ସିଆରିଆ) କଲୋନୀର ସେକ୍ ଗ୍ୟାଶୁଦ୍ଦିନଙ୍କ ପୁଅ ଅବୁ ଆକ୍ୟୁବ (୨୩)। ପୁଲିସ କେସ ନମ୍ବର ୫୮୨/୨୦୨୫ରେ ମାମଲା ରୁଜୁକରି ଦତନ୍ତ ଜାରିରଖିଛି। ସୂଚନା ମୁତାବକ ତ୍ରିଜଙ୍ଗା କଲୋନୀରେ ରହୁଥିବା ସେକ ଅବୁ ଆକ୍ୟୁବ ନିଜ ପରିବାରକୁ ନେଇ ଏକ କାର୍‌ରେ କଲୋନୀ ଆଡକୁ ଯାଉଥିଲେ। ଏହି ସମୟରେ ପଛପଟୁ ଦୁଇଜଣ ଯୁବକ ତ୍ରିଜଙ୍ଗା କଲୋନୀର ମାଣିକ ବାନରା ଓ ସୁନୀଲ ଜାମୁଦା ଏକ ବାଇକ୍‌ରେ କଲୋନୀ ଆଡକୁ ଯାଉଥିବା ବେଳେ ଉକ୍ତ କାର୍‌କୁ ସାଇଡ୍ ମାରି ଅଟକାଇଥିଲେ। କାହିଁକି ସାଇଡ୍ ମାରିଲୁ କହିଁ କାର ଚାଳକ ଅବୁ ଆକ୍ୟୁବକୁ ନିସ୍ଥୁକ ମାଡ଼ ମାରି ମୁଣ୍ଡ ଫଟେଇ ଦେଇଥିଲେ। ଯାହାଫଳରେ ଅବୁ ଆକ୍ୟୁବ ଉପାୟ ନ ପାଇ ପାଖରେ ଥିବା ଏକ ଗଦି ଦୋକାନ ଭିତରକୁ ପଶିଯାଇ ଏକ କିଳା ଆଣି ଉଭୟଙ୍କୁ ମାଡ଼ ମାରିଥିଲା। ଫଳରେ ଉଭୟ ୩ ଜଣ ଆହତ ହୋଇଥିଲେ। ଖବର ପାଇ ପରିବାର ଲୋକେ ଅବୁ ଆକ୍ୟୁବକୁ ଦାନଗଦି ଓ ପରେ କଟକ ବଡମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ମାଣିକ ଏବଂ ସୁନୀଲ ଟାଟା ମେଡିକାରେ ଭର୍ତ୍ତି ହୋଇଥିଲେ। ଘଟଣା ପରେ ଅଭିଯୁକ୍ତକୁ ଗିରଫ କରିବା ଦାବିରେ ଶତାଧିକ ଆଦିବାସୀ ଲୋକେ ଦାନଗଦି ଫାଣ୍ଡି ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। କିଛି ସମୟ ପରେ ଫାଣ୍ଡି ଅଧିକାରୀ ଅମୁଲ୍ୟ କୁମାର ମିଶ୍ର ପହଞ୍ଚି ପ୍ରତିଶୃତି ଦେବାପରେ ସେମାନେ ପ୍ରଶମିତ ହୋଇଥିଲେ। ଘଟଣା ପର ଠାରୁ ଅଭିଯୁକ୍ତ ଯୁବକ ଅବୁ ଆକ୍ୟୁବ ଫେରାର ହୋଇଥିଲା। କାଲି ରାତିରେ ସେ ଘରକୁ ଆସିଥିବାର ଖବର ପାଇ ପୁଲିସ ତ୍ରିଜଙ୍ଗା କଲୋନୀରେ ରହୁଥିବା ତା' ଘରୁ ତାକୁ ଗିରଫ କରିଥିଲା। ଆଜି ସମ୍ପୃକ୍ତ ଯୁବକକୁ କୋର୍ଟଚାଲାଣ କରାଯାଇଛି। ଘଟଣାକୁ ନେଇ ତ୍ରିଜଙ୍ଗା କଲୋନୀରେ ଚାପା ଉତ୍ତେଜନା ଦେଖାଦେଇଛି।

# ପୂର୍ବ ଶତ୍ରୁତାରୁ ଆକ୍ରମଣ; ନାବାଳକ ଗୁରୁତର



**କୁଆଖିଆ,୪।୧୦(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ଗ୍ରାମରେ ଜମିବାଡିକୁ କେନ୍ଦ୍ରକରି ରହିଆସୁଥିବା ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସଂପର୍କୀୟ ମାମୁ ନିଶିକାନ୍ତ ପ୍ରଧାନଙ୍କ ଫାର୍ସା ଚୋଟରେ ନାବାଳକ ଭଣଜା ଓମ୍‌ପ୍ରକାଶ ମଲ୍ଲିକ(୧୪) ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାଯାଇଛି। ଏ ସଂପର୍କରେ ଶଶିକାନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିବାରୁ ପୋଲିସ ପକ୍ଷରୁ ଥାନାରେ କେସ୍ ନମ୍ବର-୩୯୧/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନେ ଘଟଣା ଘଟିବା ଦିନଠାରୁ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଭ୍ୟାନ ଗାଁରେ ପଇଁତରା ମାରୁଛି।

ଘଟଣାରୁ ପ୍ରକାଶ ଯେ ଅଭିଯୋଗକାରୀ ଦାଦାପୁଅ ଶଶିକାନ୍ତ ପ୍ରଧାନ ଓ ବଡ଼ବାପା ପୁଅ ନିଶିକାନ୍ତ ପ୍ରଧାନଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଦୀର୍ଘଦିନ ହେଲା ଗଣ୍ଡଗୋଳ ଉପୁଜିଆସୁଥିଲା। ପୂର୍ବରୁ ଏ ନେଇ ଥାନାରେ ଏକାଧିକ ଥର ଅଭିଯୋଗ ହୋଇ ମାମଲାକୁ ଆପୋଷ ସାମଧାନ କରାଯାଉଥିଲା। ହେଲେ ଶୁକ୍ରବାର ରାତି ୧୦.୧୫ମିନିଟ୍ ସମୟରେ ଶଶିକାନ୍ତ ପ୍ରଧାନ ଭଣଜାକୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ। ଯୋଜନା ମୁତାବକ ନିଶିକାନ୍ତ ପ୍ରଧାନ, ବାପା ଭାସ୍କର ପ୍ରଧାନ, ଭାଇ ଶୁଭକାନ୍ତ ପ୍ରଧାନ ସଂଘବଦ୍ଧ ଭାବରେ ଗାଁ ମୁଣ୍ଡରେ ଥିବା ବାଉଁଶବାଡି ପାଖରେ ମାରଣାସ୍ତ୍ର ଧରି ଲୁଚି ରହିଥିଲେ। ଘଟଣା ସ୍ଥଳରେ ଆକ୍ରମଣକାରୀମାନେ ଶଶିକାନ୍ତଙ୍କ ମଟର ସାଇକଲ ସମ୍ମୁଖକୁ ଆସି ଅଟକାଇ ଥିଲେ। ସେ ସେଠାରୁ ଖସି ପଳାଇ ଆସିବାକୁ ଉଦ୍ୟମ କରିଥିଲେ। ନିଶିକାନ୍ତ ହାତରେ ଧରିଥିବା ଏକ ଫାର୍ସାରେ ତାଙ୍କ ମୁଣ୍ଡକୁ ପ୍ରହାର କରିବାକୁ ପ୍ରୟାସ କରିଥିଲେ। ଫାର୍ସାଚୋଟ ତାଙ୍କ ଦେହରେ ନବାଜି ପଛରେ ବସିଥିବା ଭଣଜା ଓମ୍‌ପ୍ରକାଶର ମୁଣ୍ଡରେ ବାଜି ଗଭୀର ଆଘାତ ଲାଗିଥିଲା। ଭଣଜା ଚେତାଶୂନ୍ୟ ହୋଇ ରାସ୍ତା ଉପରେ ପଡି ରହିଥିଲେ। ଶଶିକାନ୍ତ ଘଟଣା ସ୍ଥଳରୁ ଦୌଡି ପଳାଇ ଚିତ୍କାରକରି ଲୋକମାନଙ୍କୁ ଡାକିଥିଲେ। ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ଲୋକେ ଆହତ ଓମ୍ ପ୍ରକାଶକୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ୨ଦିନ ହେଲା ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟବସ୍ଥାରେ ବିଶେଷ ସୁଧାର ଆସିପାରି ନାହିଁ ବୋଲି ମାମୁଁ ଶଶିକାନ୍ତଙ୍କ ସୂତ୍ରରୁ ଜଣାଯାଇଛି।

# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଓ ଯାତ୍ରୀ ପ୍ରତୀକ୍ଷାଳୟ ଦାବି ତେଜିଲା



**ଧର୍ମଶାଳା,୪।୧୦(ସମିସ):** ଧର୍ମଶାଳା ବ୍ଲକ ଜାରକା ସନ୍ନିକଟ ବ୍ରାହ୍ମଣୀ ନଦୀ କୂଳରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ଓ ଜାରକା ଫ୍ଲାଏଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ଅର୍ଥମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁଇଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଯଥାଶିଘ୍ର ଉକ୍ତ ଦୁଇଗୋଟି କାର୍ଯ୍ୟକୁ ଆରମ୍ଭ କରିବାକୁ ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ଶୁକ୍ରବାର ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଅନୁରୋଧ କରିଥିବା ଜଣାପଡିଛି।

ସ୍ୱର୍ଗତ ଲାବଣ୍ୟ ୨୦୨୧ରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପାଇଁ ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ଦାବି କରିଥିଲେ। ଧର୍ମଶାଳା ତହସିଲଦାର ଏଥିପାଇଁ ଅଢେଇ ଏକର ଜମି ଯୋଗାଇ ଦେଇଛନ୍ତି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ୧୦ ଲକ୍ଷଟଙ୍କା ଓ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସେହିପରି ଜାରକା ବସ୍‌ଷ୍ଟପ ଠାରେ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଥିବାରୁ ବସ୍‌ଯାତ୍ରୀମାନଙ୍କ ନିମନ୍ତେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ସ୍ୱର୍ଗତ ଲାବଣ୍ୟ ୨୦୨୩ ରେ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଥିଲେ। ତଦନୁଯାୟୀ ତତ୍କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ଜମି ଅଧିଗ୍ରହଣ ହୋଇ ପାରିନଥିବାରୁ ଏହି ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ତେବେ ତିରନ୍ତ ସ୍ୱର୍ଗଦ୍ୱାର ନିର୍ମାଣ କରିବା ସହିତ ଜାରକା ଛକରେ ଯାତ୍ରୀ ପ୍ରତିକ୍ଷାଳୟ ପାଇଁ ଜମି ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା | ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ତାରିଖ ଘୁଞ୍ଚିଲା

**ଯାଜପୁର,୪।୧୦(ସମିସ):** ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚ ବିରୋଧରେ ଅନାସ୍ଥା ଆଣିଥିବା ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ପ୍ରକ୍ରିୟାର ତାରିଖ ଶନିବାର ଦିନ ଶୁଣାଣି ଥିବା ବେଳେ ଏହାକୁ ଅନ୍ୟ ଏକ ଦିନରେ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଗତ ମାସେ ତଳେ ପଞ୍ଚାୟତର ୧୧ଜଣ ୱାଡର୍ ସଭ୍ୟ/ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଣିବା ସହ ଉପଜିଲାପାଳଙ୍କ ନିକଟରେ ଏହି ୧୧ଜଣ ସଦସ୍ୟ ଦସ୍ତଖତ କରିଥିଲେ। ଏହି ୱାଡର୍ ସଭ୍ୟଙ୍କର କହିବାନୁଯାୟୀ ରଣପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ଜେନା ଦୀର୍ଘ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହାଁନ୍ତି କି କାହାରି କଥା ଶୁଣୁ ନାହାଁନ୍ତି। ଏପରିକି ପଞ୍ଚାୟତର ଏକ ଭଲ ରାସ୍ତା ମଧ୍ୟ ନିର୍ମାଣ କରୁନାହାଁନ୍ତି। କେବଳ ନିଜ ମନ ମୁତାବକ କାର୍ଯ୍ୟ କରୁଛନ୍ତି। ବେଳେ ବେଳେ ୱାଡର୍ ସଭ୍ୟଙ୍କ ଠାରୁ ସାଧା କାଗଜରେ ଦସ୍ତଖତ କରାଇ ନେଉଛନ୍ତି। ପଞ୍ଚାୟତର ଉନ୍ନତି କାମ ନାଁ ରେ ଅର୍ଥ ହଡ଼ପ କରି ନେଇଥିବା ରଣପୁର ପଞ୍ଚାୟତର ୱାଡର୍ ସଭ୍ୟ ସିଧାସଳଖ ଅଭିଯୋଗ କରିଥିଲେ। ଶନିବାର ଦିନ ଅନାସ୍ଥା ନିମନ୍ତେ ତାରିଖ ଘୋଷଣା ହେବାକୁ ଥିବା ବେଳେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଅନ୍ୟ ଏକ ଦିନରେ ତାରିଖ ଶୁଣାଣି କରାଯିବ ବୋଲି ସୂଚନା ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଦିବସ

**ପାଣିକୋଇଲି,୪।୧୦(ସମିସ):** ପାଣିକୋଇଲିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ କୋରାଇ ଉନ୍ନୟନ ପରିଷଦ ଓ ବରିଷ୍ଠ ନାଗରିକ ମଞ୍ଚର ଯୁଗ୍ମ ସହଭାଗିତାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକମରେ ମୂଖ୍ୟ ଅତିଥି ଭାବେ କୋରାଇ ଉନ୍ନୟନ ପରିଷଦର ପ୍ରତିଷ୍ଠାତା ମନୋଜ ଜେନା ଯୋଗ ଦେଇଥିବା ବେଳେ ପରିଷଦର ସଭାପତି ଶ୍ରୀଧର ଦାସ, ସମ୍ପାଦକ ଆଲୋକ କୁମାର ଦାସ, ଉପଦେଷ୍ଟା ମଦନ ମୋହନ କର, ଡ. ଦୁଷ୍ମନ୍ତ ନାୟକ ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉପଦେଷ୍ଟା ଉମାକାନ୍ତ ଖଣ୍ଡାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଇତ୍ୟବସରରେ ୮୦ ବର୍ଷରେ ପଦାର୍ପଣ କରିଥିବା ୫ ଜଣ ଅବସରପ୍ରାପ୍ତ ଶିକ୍ଷକ କରଦା ପଞ୍ଚାୟତର ଚିନ୍ତାମଣୀ ବେହେରା, ପଥରପଦା ପଞ୍ଚାୟତର ବୈଷ୍ଣବ ଚରଣ ସାହୁ, କୋରାବନ୍ଦୀ ଗ୍ରାମର ସୁନୀଲ କୁମାର ରାଉତ, ବଡ଼ବିରୁହାଁ ପଞ୍ଚାୟତର ପଞ୍ଚାନନ ପଣ୍ଡା, ରସୁଲପୁର ବ୍ଲକ ବରାଂଶ ଗ୍ରାମର ଧନେଶ୍ୱର ରଥଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚର ଅଦୈତ୍ୟ ଚରଣ ଦାସ, ରାମଚନ୍ଦ୍ର ବେହେରା, ଗୋକୁଳାନନ୍ଦ ମହାରଣା ଓ ପରିଷଦର ଜୟନ୍ତୀ ଜେନା, ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ସୁକିନ୍ଦା,୪।୧୦(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ପୋବଳ ଛକ ନିକଟରେ ଏକ ଦୁର୍ଘଟଣାରେ ବୁଦ୍ଧୁରାମ ମୁଣ୍ଡା (୪୫)ଙ୍କର ମୃତ୍ୟୁ ଘଟିବା ପରେ ଉତ୍ତେଜିତ ଲୋକଙ୍କ ଦ୍ୱାରା ରାଜପଥ ଅବରୋଧ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ପୋବଳ ଗ୍ରାମ ଗଙ୍ଗା ମୁଣ୍ଡାଙ୍କ ପୁଅ ବୁଦ୍ଧୁରାମ ଶୁକ୍ରବାର ସନ୍ଧ୍ୟାରେ ରାଜପଥ ଅତିକ୍ରମ କରି ଘରକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ଗାଡ଼ି ପଛପଟୁ ଦୁର୍ଘଟଣା ଘଟାଇ ପାର ହୋଇଯାଇଥିଲା। ନିକଟରେ ଥିବା ସ୍ଥାନୀୟ ଲୋକେ ତୁରନ୍ତ ବୁଦ୍ଧୁକୁ ଉଦ୍ଧାର କରିଥିଲେ। ବୁଦ୍ଧୁର ମୃତ୍ୟୁ ଘଟିଥିବା ଜାଣିବା ପରେ ଉତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବାରୋଧ କାରୀଙ୍କ ସହ ଆଲୋଚନା ଜାରୀ ରଖିଛି। ମୃତକ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଉତ୍ୟକ୍ତ ଲୋକେ।

## ଖଣି ଅଞ୍ଚଳରେ ଦୁର୍ଘଟଣାରେ ଯୁବକ ମୃତ

**ସୁକିନ୍ଦା/କାଳିଆପାଣି,୪।୧୦(ସମିସ):** ମଙ୍ଗଳପୁର ଟମକା ରାସ୍ତାର ଭୀମଟାଙ୍ଗର ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଦୁର୍ଘଟଣାରେ ଯୋଗେନ୍ଦ୍ର ମୁଣ୍ଡା (୨୭) ନାମକ ଯୁବକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ କାଙ୍କଡ଼ପାଳ ପଞ୍ଚାୟତ ଅଧୀନସ୍ଥ ନୂଆ ପୁରୁଣାପାଣି ଗ୍ରାମ ଲିଙ୍ଗା ମୁଣ୍ଡାଙ୍କ ପୁଅ ଯୋଗେନ୍ଦ୍ର ଶୁକ୍ରବାର ବିଳମ୍ବିତ ରାତିରେ ଟାଟା ଟାଉନସିପ୍ ନିକଟରେ ହେଉଥିବା ଦଶହରା କାର୍ଯ୍ୟକ୍ରମ ଦେଖି ବାଇକ୍ ଯୋଗେ ଫେରିବା ସମୟରେ ଭୀମଟାଙ୍ଗର ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ସୂଚନା ପାଇ ଯୋଗେନ୍ଦ୍ରଙ୍କ ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଯୋଗେନ୍ଦ୍ରକୁ ଉଦ୍ଧାର କରି ଶୁକ୍ରବାର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯୋଗେନ୍ଦ୍ରକୁ ମୃତ ଘୋଷଣା କରିବା ସହ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକଙ୍କର ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ସାପ କାମୁଡ଼ାରେ ଜଣେ ଗୁରୁତର

**ସୁକିନ୍ଦା,୪।୧୦(ସମିସ):** ଶନିବାର ଖରଡ଼ି ଗ୍ରାମର ଯଦୁମଣି ସାହୁଙ୍କୁ ସାପ କାମୁଡ଼ି ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଖରଡ଼ି ଛକରେ ଦୋକାନ କରିଥିବା ଯଦୁମଣି ସାହୁ ଶନିବାର ଅପରାହ୍ନରେ ଦୋକାନ ଖୋଲିବା ସମୟରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଦେଉଥିଲା। ତୁରନ୍ତ ସ୍ଥାନୀୟ ଲୋକେ ଯଦୁମଣିକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

## ବରିଷ୍ଠ ନାଗରିକ ଦିବସ

**ଯାଜପୁର,୪।୧୦(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଛନ୍ଦଡିହ ଗ୍ରାପ ଜୟନ୍ତୀ ପାଠାଗାର ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ଗୃହ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ସହିତ ଏକ ଆଲୋଚନା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, ରସୁଲପୁର ବ୍ଲକ୍ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ମହାନ୍ତି ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅନ୍ୟତମ ଅଧିକାରୀ ଶୁଭାଶିଷ ମିଶ୍ର ଯୋଗଦେଇଥିଲେ। ଜୟନ୍ତୀ ପାଠାଗାର ଯୁଗ୍ମ ସମ୍ପାଦକ ଶରତ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ସତ୍ୟସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନ ସମ୍ପାଦିକା ସରୋଜିନୀ ସାହୁ ଅନ୍ୟାନ୍ୟ ସହଯୋଗୀଙ୍କ ସମେତ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

# ଜାରକା ଅଞ୍ଚଳରେ ସିରିଜ ଚୋରି; ପୁଲିସର ତଦନ୍ତ



**ଧର୍ମଶାଳା,୪।୧୦(ସମିସ):** ଧର୍ମଶାଳା ଥାନା ଜାରକା ନିକଟସ୍ଥ ଜାମୁବଣିଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ତାଲା ଓ ଝରକା ଗ୍ରୀଲ୍ କାଟି ସିରିଜ ଚୋରି କରିଛନ୍ତି। ସୂଚନା ମୁତାବକ ଜାମୁବଣିଆ ଗ୍ରାମରେ ଦୁଇମହାଲା କୋଠା ଘରେ ରହୁଥିବା ଭାନୁଦେବ ପତି ଦୁର୍ଗା ପୂଜା ପାଳନ ପାଇଁ ସପରିବାର ନିଜ ପୈତୃକ ଘର ରାମଚନ୍ଦ୍ରପୁର ଯାଇଥିବା ବେଳେ ତାଙ୍କ ତଳମାହାଲାରେ ଭଡ଼ା ସୂତ୍ରରେ ରହୁଥିବା ବାଙ୍କ ସାହି ଗ୍ରାମର ପ୍ରଦ୍ୟୁମ୍ନ ନାୟକ ଶ୍ରାଦ୍ଧ କାମରେ ସପରିବାର ଗାଁକୁ ଯାଇଥିଲେ। ଉଭୟ ତଳମହଲା ଓ ଉପରମହଲାରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଗେଟ୍ ତାଲା ଭାଙ୍ଗି ଘର ପରିସରକୁ ଯାଇ ଭାନୁ ଦେବଙ୍କ ଘରୁ ୧୩ ଭରି ସୁନା ଅଳଙ୍କାର ଓ ପ୍ରଦ୍ୟୁମ୍ନଙ୍କ ଘରୁ ୫ ଭରି ସୁନା ଅଳଙ୍କାର ସହ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସେହିପରି ସେଠାରେ ଥିବା ଅବସରପ୍ରାପ୍ତ ପ୍ରଧାପକ ଚନ୍ଦ୍ରମଣି ନାୟକଙ୍କ ଘରେ ପଶି ୨୦ ଭରିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ଚୋରି କରିନେଇଛନ୍ତି। ପାଖ ପଡୋଶୀଙ୍କ ଠାରୁ ଘରର ତାଲା ଭାଙ୍ଗିଥିବା ଖବର ପାଇ ଘର ମାଲିକ ଭନୁଦେବ ପହଞ୍ଚି ଚୋରି ହୋଇଥିବା ଜାଣିବା ପରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଚନ୍ଦ୍ରମଣି ନାୟକ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ୬୨୧/୨୫ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ୪ଜଣ ଦୁର୍ବୃତ ଏହି ଲୁଟ ଘଟଣାରେ ସମ୍ପୃକ୍ତ ଥିବାର ଦୃଶ୍ୟ କଏଦ ହୋଇଛି।

## ଭାଗବତ କଥାମୃତ ଓ ବୋଇତବନ୍ଦାଣର ପ୍ରସ୍ତୁତି

**ଯାଜପୁର,୪।୧୦(ସମିସ):** ଗୀତାଜାରଣ ପରିଷଦ ଆନୁକୂଲ୍ୟରେ ବୋଇତ ବନ୍ଦାଣ ତଥା ଭାଗବତ କଥାମୃତର ପ୍ରାରମ୍ଭିକ ବୈଠକ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ମାସ ୩୦ ତାରିଖ ଗୁରୁବାର ଅଁଳାନବମୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ଅର୍ଥାତ୍ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦିନମାନଙ୍କରେ ଆକାଶଦ୍ୱୀପ ପ୍ରଜ୍ୱଳନ, ବୈତରଣୀ ବନ୍ଦାପନା ଏବଂ ୬ଷ୍ଠ ଦିନ ବ୍ୟାପୀ ଭାଗବତ କଥାମୃତ ବିଶିଷ୍ଟ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ପ୍ରତ୍ୟେକ ଦିନ ଓଡ଼ିଶୀ ନୃତ୍ୟ, ଭଜନ କାର୍ଯ୍ୟକ୍ରମ, ପାଲା, ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ଉପଲକ୍ଷେ ସାଧବ ପୁଅମାନଙ୍କର ବୋଇତଯାତ୍ରା ଆଦି କରାଯିବ। ଉକ୍ତ ବୈଠକରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ବିଶିଷ୍ଟ ପଣ୍ଡିତ ବିନୋଦ ବିହାରୀ ନାୟକ, ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ, ସମାଜସେବୀ ଶାନ୍ତନୁ କୁମାର ଧଳ, ଡ. ହରିଶ୍ ପଣ୍ଡା, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ସମାଜସେବୀ ହରେକୃଷ୍ଣ ପରିଡ଼ା, ଅନୁସୟା ମିଶ୍ର, ଅର୍ଚ୍ଚନା ମିଶ୍ର, ଭାବଗ୍ରାହି ମିଶ୍ର, ଧନଞ୍ଜୟ ନାୟକ ନିଜର ବକ୍ତବ୍ୟ ରଖିବା ସହିତ ଉକ୍ତ ବୈଠକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଜିଲ୍ଲା ବିଜେଡିର ସୋସିଆଲ ମିଡିଆ ସଂଯୋଜକ ଘୋଷଣା



**ବଡ଼ଚଣା,୪।୧୦(ସମିସ):** ବଡ଼ଚଣା ନିର୍ବାଚନ ମଣ୍ଡଳୀର କୁନ୍ଦଳ ପଞ୍ଚାୟତର ସତ୍ୟବ୍ରତ ସାମଲଙ୍କୁ ଯାଜପୁର ଜିଲ୍ଲାର ବିଜେଡିର ସୋସିଆଲ୍ ମିଡିଆ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ଏହି ଘୋଷଣା ପରେ ବଡ଼ଚଣାର ସୋସିଆଲ ମିଡିଆର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେ ଏହି ନିଯୁକ୍ତି ପାଇଁ ଜିଲ୍ଲାର ବରିଷ୍ଠ ନେତୃତ୍ୱ ଏବଂ ରାଜ୍ୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି। ସତ୍ୟବ୍ରତଙ୍କ ନିଯୁକ୍ତି ପାଇଁ ବଡ଼ଚଣାର ବହୁ ବିଜେଡି ନେତା ଓ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

**କୋରେଇ,୪।୧୦(ସମିସ):** କୋରେଇସ୍ଥିତ କାହ୍ନୁଚରଣ ଜୁନିଅର ମହାବିଦ୍ୟାଳୟ ସାତଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସ୍ମୃତି ରଞ୍ଜନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଧନେଶ୍ୱର ଗ୍ରାମପଞ୍ଚାୟତ ସରପଞ୍ଚ ଶାମ ସୁନ୍ଦର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅଧାପକ କୈଳାସ ଚନ୍ଦ୍ର ରାଉତ, ଅଜୟ କୁମାର ସାହୁ, ମାୟାଧର ଜେନା ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧପକ ସନ୍ୟାସୀ ପ୍ରସାଦ ବାରିକ ଯୋଗ ଦେଇଥିଲେ। ବ୍ୟକ୍ତିତ୍ୱର ବିକାଶ ସହ ସମାଜ ସେବାରେ ନିଜକୁ ନିୟୋଜିତ କରିଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ଅତିଥିମାନେ ଭୁୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ପାଠ ପଢା ସହିତ ଜାରି ରହୁ ବୋଲି ପରାମର୍ଶ ଦେଇଥିଲେ। ସାତଦିନ ଧରି ଚାଲିଥିବା ଏହି ଶିବିରର ପ୍ଲାଷ୍ଟିକ ମୁକ୍ତ ପରିବେଶ, ସ୍ୱଚ୍ଛତା, ଜଙ୍ଗଲ ରକ୍ଷା, ଜୈବିକ ଖତ, ଜୈବିକ ଚାଷ ଇତ୍ୟାଦି ବିଷୟବସ୍ତୁ ଉପରେ କର୍ମଶାଳା କରାଯିବା ସହ ପରିବେଶର ସୁରକ୍ଷା ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଇଥିଲା। ଶିବିରାର୍ଥୀ ମାନଙ୍କୁ ଅତିଥିମାନେ ପ୍ରମାଣପାତ୍ର ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରିଣୀ ତଥା ଅଧାପିକା ଅନସୂୟା ପାତ୍ର ସ୍ୱେଚ୍ଛାସେବୀ ମାନଙ୍କୁ ଓ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିବାହିତ ମହିଳାଙ୍କୁ ନିର୍ଯାତନା

# ସ୍ତ୍ରୀକୁ ବାପ ଘର ପାଖରେ ଛାଡ଼ି ସ୍ୱାମୀ ଚମ୍ପଟ

ଦଶରଥପୁର, ୪।୧୦(ସମିସ)

ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡା ପଞ୍ଚାୟତ ଦିହୁଡିସାହିରେ ମହିଳାଙ୍କୁ ଶାଶୂଘରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ସ୍ତ୍ରୀକୁ ବାପ ଘର ନିକଟ ରାସ୍ତାରେ ଛାଡ଼ି ସ୍ୱାମୀ ଫେରାର ହେବା ଘଟଣାକୁ ନେଇ ହିଳାଙ୍କ ବାପ ଘର ପରିବାର ତରଫରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା ଅଧୀନ ଦିହୁଡ଼ିସାହିର ଅରୁଣ ଦାସଙ୍କ ଝିଅ ପ୍ରଣତି ଦାସ (୩୦) ୯ ବର୍ଷ ପୂର୍ବେ ଧାମନଗର ଥାନା କଲ୍ୟାଣୀ ଗ୍ରାମର ବ୍ରିଟିଶ ଦାସଙ୍କ ପୁଅ ଜଗନ୍ନାଥ ଦାସ (୩୫)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପର୍ଯ୍ୟନ୍ତ ପ୍ରଣତି ଓ ଜଗନ୍ନାଥଙ୍କ ମଧ୍ୟରେ ସବୁକିଛି ଠିକଠାକ ଥିଲାବେଳେ ଉଭୟଙ୍କର ୬ବର୍ଷର ଝିଅ ମଧ୍ୟ ରହିଛି। ତେବେ ବାପ ଘରୁ ଅଧିକ ଯୌତୁକ ଦାବି ରଖି ସ୍ତ୍ରୀ ପ୍ରଣତିଙ୍କୁ ସ୍ୱାମୀ ଜଗନ୍ନାଥ ଏବଂ ଶାଶୁ ଛବି ଦାସ କ୍ରମଶଃ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଝିଅ ପ୍ରଣତି ଠାରୁ ଦିନକୁ ଦିନ ନିର୍ଯାତନା ଅସହ୍ୟ ହେଉଥିବା ଖବର ଶୁଣି ବାପା ଅରୁଣ ଏକାଧିକ ଥର ପ୍ରଣତିଙ୍କ ଶାଶୁ ଘରେ ପହଞ୍ଚି ଶାଶୁ ଘର ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ନିର୍ଯ୍ୟାତନା ନଥମିବାରୁ ଗତ ୨ମାସ ତଳେ କଥା ଧାମନଗର ଥାନା ପର୍ଯ୍ୟନ୍ତ ଯାଇଥିଲା। ପୁଲିସ ଚାପରେ ସ୍ୱାମୀ ଜଗନ୍ନାଥ ଆଉ ସ୍ତ୍ରୀ ପ୍ରଣତିଙ୍କୁ ନିର୍ଯ୍ୟାତନା ଦେବେ ନାହିଁ ବୋଲି ପ୍ରତିଶୃତି ଦେଇ ପ୍ରଣତିଙ୍କୁ ଘରକୁ ନେଇଥିଲେ। ମାତ୍ର ଆଜି ପୂର୍ବାହ୍ନ ପ୍ରାୟ ୧୧ ଘଟିକାରେ ସ୍ୱାମୀ ଜଗନ୍ନାଥ ଏବଂ ଶାଶୂ ଛବି ଦାସ ପ୍ରଣତିଙ୍କୁ ପ୍ରବଳ ମାଡ଼ ମାରିବା ସହିତ ଏକ ଅଟୋରେ ତାଙ୍କ ଦିହୁଡିସାହି ସ୍ଥିତ ବାପ ଘର ନିକଟ ରାସ୍ତାରେ ଛାଡି ଚମ୍ପଟ ମାରିଥିଲେ। ରାସ୍ତାରେ ପ୍ରଣତି ଗୁରୁତର ଅବସ୍ଥାରେ କାନ୍ଦୁଥିବାର କିଛି ସ୍ଥାନୀୟ ଲୋକ ଦେଖିବା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାପା ଅରୁଣ ଏବଂ ମାଆ ଜୋସ୍ନାରାଣୀ ପ୍ରଣତିଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ପ୍ରଣତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି। ଘଟଣାକୁ ନେଇ ମାଆ ଜୋସ୍ନାରାଣୀ ମଙ୍ଗଳପୁର ଥାନାରେ ଜ୍ୱାଇଁ, ଶାଶୂଙ୍କ ସମେତ ପରିବାର ଲୋକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି।